

ଅହିଲ୍ୟାବାଈଙ୍କ ଅବଦାନ ଅବିସ୍ମରଣୀୟ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



'ଚ୍ୟାଲେଞ୍ଜ୍' ସହ ଫେରିଲେ ଏଲିନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୩ Vol. 22 No-73 13 JUNE 2025 FRIDAY, BHUBANESWAR ଶୁକ୍ରବାର, ୧୩ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କଳା ଦିବସ

# ବିମାନ ଦୁର୍ଘଟଣାରେ ୨୪୧ ମୃତ





- ବିମାନରେ ଥିଲେ ୨୩୦ ଯାତ୍ରୀ, ୧୨ କ୍ରିୟୁ ମେମ୍ବର
- ଆକସ୍ମିକ ଭାବେ ନିଆଁଲାଗି ଜଳିଗଲା
- ଆବାସିକ ଅଞ୍ଚଳରେ ହେଲା କ୍ରାସ
- ୧୬୯ ଭାରତୀୟ, ୫୩ ବ୍ରିଟିଶ ନାଗରିକ କରୁଥିଲେ ଯାତ୍ରା
- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମୃତ
- ଅହମ୍ମଦାବାଦ ପୋଲିସ କମିଶନରଙ୍କ ସୂଚନା
- ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କର ମୃତ୍ୟୁ
- ମେଡ଼ିକାଲ କଲେଜ ହଷ୍ଟେଲରେ ପିଟିହେଲା, ୫ ଛାତ୍ର ମୃତ
- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ କଥା ହେଲେ ମୋଦୀ
- ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ଶାହ,ଗୁଜରାଟ ମୁଖ୍ୟମନ୍ତ୍ରୀ
- ଟାଟା ଗ୍ରୁପ୍‌ର ୧ କୋଟି ଲେଖାଏଁ ସହାୟତା ଘୋଷଣା
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତିଙ୍କ ଗଭୀର ଶୋକ
- ଆବାସିକ ଅଞ୍ଚଳରେ ହୋଇଥିବାରୁ ମୃତକଙ୍କ ସଂଖ୍ୟା ବୃଦ୍ଧି ଆଶଙ୍କା

ଅହମ୍ମଦାବାଦ/ନୂଆଦିଲ୍ଲୀ,୧୨।୬: ଗୁରୁବାର ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାରଇଣ୍ଡିଆ ଏଆଇ-୧୭୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅହମ୍ମଦାବାଦ ବିମାନବନ୍ଦରରୁ ଉଡାଣ ଭରିବାର ୫ ମିନିଟ୍ ପରେ ବିମାନଟି ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ଦିଆଯାଇଛି। ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କୁ ଛାଡ଼ିଦେଲେ ଅନ୍ୟ ୨୪୧ଜଣ ମୃତ୍ୟୁବରଣ କରିଥିବା ନେଇ ଅହମ୍ମଦାବାଦ ପୋଲିସ କମିଶନର ଜି.ଏସ.ମଲ୍ଲିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗୁରୁତର ଥିବା ଯାତ୍ରୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିମାନଟିରେ ୨୩୦ଜଣ ଯାତ୍ରୀ ରହିଥିବାବେଳେ ୧୨ଜଣ କ୍ରିୟୁ ମେମ୍ବର ରହିଥିଲେ। ଯାତ୍ରୀଙ୍କ ମଧ୍ୟରେ ୧୬୯ ଭାରତୀୟ ରହିଥିବାବେଳେ ୫୩ଜଣ ବ୍ରିଟିଶ ନାଗରିକ, ୭ଜଣ ପର୍ତ୍ତୁଗିଜ ନାଗରିକ ଓ ଜଣେ କାନାଡ଼ା ନାଗରିକ ଥିବା ସୂଚନା ଦିଆଯାଇଛି। ଏହି ହୃଦୟ ବିଦାରକ ଘଟଣା ଏତେ ଭୟଙ୍କର ଥିଲା ଯେ ଏହାକୁ ଭାଷାରେ ପ୍ରକାଶ କରିବା ସମ୍ଭବପର ନୁହେଁ ବୋଲି କୁହାଯାଇପାରେ। ମିଳିଥିବା ସୂଚନା ଅନୁଯାୟୀ ଏହି ବିମାନଟି ଗୁରୁବାର ଅପରାହ୍ନ ୧.୩୯ରେ ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଉଡାଣ ଆରମ୍ଭ କରିଥିଲା। ତେବେ ଉଡାଣର ୫ମିନିଟ ପରେ ଅହମ୍ମଦାବାଦର ମେଘାନିନଗର ଅଞ୍ଚଳରେ ଏହା କ୍ରାସ ହୋଇଥିଲା। ସେଠାରେ କିଛି ସମୟ ପାଇଁ ନିଆଁର ପିଣ୍ଡୁଳା ଦେଖିବାକୁ ମିଳିଥିଲା। ପରେ ନିଆଁରୁ ବାହାରୁଥିବା ଧୂଆଁ ସମଗ୍ର ଅଞ୍ଚଳକୁ ବ୍ୟାପି ଯାଇଥିଲା। ଏହା ଆବାସିକ ଅଞ୍ଚଳରେ ଥିବା ଏକ ମେଡ଼ିକାଲ କଲେଜ ହଷ୍ଟେଲରେ ପିଟି ହୋଇଥିଲା। ଫଳରେ ସେଠାରେ ମଧ୍ୟାହ୍ନ ଭୋଜନ କରୁଥିବା ୫ ମେଡ଼ିକାଲ ଛାତ୍ରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୋଲିସ କମିଶନର କହିଛନ୍ତି ଯେ ସଠିକ୍ ତଥ୍ୟ ମିଳିନଥିବାରୁ ଏହି ମୃତ୍ୟୁସଂଖ୍ୟା ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିମାନରେ ଲଣ୍ଡନ ଯାଉଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ମୃତ୍ୟୁବରଣ କରିଛନ୍ତି। ଏ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଖବର ମିଳିବା ପରେ ଏସଡିଆରଏଫ ଓ ଏନଡିଆରଏଫ ଟିମ୍ ସହ ଅନ୍ୟ ଉଦ୍ଧାରକାରୀ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣା ସଂପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଆଲୋଚନା କରିବା ପରେ ଶାହ ଅହମ୍ମଦାବାଦ ଗସ୍ତରେ ଯାଇ ସେଠାରେ ସ୍ଥିତିର ସମୀକ୍ଷା କରିଛନ୍ତି। ହସ୍ପିଟାଲରେ ମୃତକମାନଙ୍କୁ ଚିହ୍ନଟ ପାଇଁ ସେମାନଙ୍କ ସଂପର୍କୀୟଙ୍କ ଡିଏନଏ ଦେବାକୁ ଅନୁରୋଧ କରାଯାଇଛି। ଯାତ୍ରୀଙ୍କ ସଂପର୍କୀୟମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିବା ସହ ହସ୍ପିଟାଲରେ ଭିଡ଼ ଜମାଇଛନ୍ତି। ସେଠାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହା ଅତ୍ୟନ୍ତ ହୃଦୟ ବିଦାରକ ବିପର୍ଯ୍ୟୟ। ଏହି ଦୁର୍ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରି ଦେଇଛି। ସେ ପୀଡ଼ିତମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଦେଶ ତାଙ୍କ ପଛରେ ଛିଡ଼ା ହୋଇଛି ବୋଲି କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ଅହମ୍ମଦାବାଦ ଘଟଣା ମୋତେ ଦୁଃଖିତ ଓ ସ୍ତବ୍ଧ କରି ଦେଇଛି। ଏହି ହୃଦୟ ବିଦାରକ ଘଟଣା ପାଇଁ ଶବ୍ଦ କମ୍ ପଡ଼ିଯାଉଛି। ପୀଡ଼ିତମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ଓ କହିଛନ୍ତି, ଉଦ୍ଧାର ଓ ସହାୟତା କାର୍ଯ୍ୟରେ ନିୟୋଜିତ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ସେ ନିୟମିତ ଯୋଗାଯୋଗରେ ରହିଛନ୍ତି। ସେହିପରି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଓ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ବିମାନଟି ମେଡ଼ିକାଲ କଲେଜ ହଷ୍ଟେଲରେ ମାଡ଼ ହେବା ପରେ ସେଠାରେ ଖାଉଥିବା ମେଡ଼ିକାଲ ଛାତ୍ରଙ୍କ ଖାଇବା ପ୍ଲେଟ୍ କେଉଁଠି ପଡ଼ିଛି ତ ରୋଷେଇ ସାମଗ୍ରୀ ଆଉ କେଉଁଠି ପଡ଼ିଥିବାର ଦେଖିବାକୁ ମିଳିଛି। ସେହିଭଳି ଆବାସିକ ଅଞ୍ଚଳରେ ବିମାନଟି ପଡ଼ିଥିବାରୁ ବହୁ ଲୋକଙ୍କର ମୃତ୍ୟୁ ହୋଇଥିବା ସହ ଅନେକ ଆହତ ହୋଇଥିବା କୁହାଯାଉଛି। ଏହି ଘଟଣାରେ ଟାଟା ଗ୍ରୁପ୍ ପକ୍ଷରୁ ମୃତକଙ୍କ ପରିବାର ପିଛା ୧ କୋଟି ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯିବା ସହ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି କୁହାଯାଇଛି। ସେହିପରି କ୍ଷତିଗ୍ରସ୍ତ ମେଡ଼ିକାଲ କଲେଜର ପୁନଃନିର୍ମାଣ ଟାଟା କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହି ବିମାନଟି ୧୧ବର୍ଷର ପୁରୁଣା ବୋଲି • ପୃଷ୍ଠା ୫ ଦେଖନ୍ତୁ

### ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର,୧୨।୬(ଭାସ୍କର ନ୍ୟୁଜ): ଗୁଜରାଟର ଅହମ୍ମଦାବାଦରେ ଗୁରୁବାର ଅପରାହ୍ନରେ ଘଟିଥିବା ଭୟଙ୍କର ଦୁର୍ଘଟଣାକୁ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି କହିଛନ୍ତି ଯେ ଏହି ଦୁର୍ଘଟଣା ନେଇ ମୁଁ ଗଭୀର ଦୁଃଖ ପ୍ରକାଶ କରୁଛି। ଏଭଳି ଏକ ଖରାପ ସମୟରେ ଗୁଜରାଟର ଲୋକଙ୍କ ସହ ଓଡ଼ିଶା ଛିଡ଼ା ହୋଇଥିବାର ସେ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଅହମ୍ମଦାବାଦର ମେଘାନୀନଗରଠାରେ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ଓ ଶୋକ ପ୍ରକାଶ କରୁଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଏହି ଘଟଣା ମୋତେ ବ୍ୟଥିତ କରିଛି। ସେହିପରି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଦୁଃଖ ପ୍ରକାଶ କରିବା ସହ ପ୍ରଭାବିତ ପରିବାର ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିବା କହିଛନ୍ତି।

### ଭଦ୍ରକରେ ଇଣ୍ଟରନେଟ୍ ସେବା ବନ୍ଦ

ଭଦ୍ରକ,୧୨।୬(ଭାସ୍କର ନ୍ୟୁଜ): ଗତ କିଛିଦିନ ତଳେ ଭଦ୍ରକ ଜିଲ୍ଲା ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ଘଟି ଗୁରୁତର ହୋଇଥିବା ଯୁବକ ସନ୍ତୋଷ ପରିଡ଼ାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ଆଇନଶୃଙ୍ଖଳା ସ୍ଥିତିକୁ ନଜରରେ ରଖି ଭଦ୍ରକ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଛି। ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ସେବା ବନ୍ଦ ରହିଛି। ମିଳିଥିବା ସୂଚନା ଅନୁଯାୟୀ ତିହିଡ଼ି ବ୍ଲକ କଷଟି ଗ୍ରାମର ସନ୍ତୋଷ ପରିଡ଼ା ଗୋ-ମାଫିଆଙ୍କ ଆକ୍ରମଣର ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସମେତ ୧୨ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଆହୁରି ଅଧିକ ଲୋକଙ୍କ ସଂପୃକ୍ତି ରହିଥିବା ନେଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇ ସେମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଭଦ୍ରକର ନୂତନ ଏସ୍‌ପି ମନୋଜ ରାଉତ ଘଟଣାର ଅନୁଧ୍ୟାନ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ୨୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଇଣ୍ଟରନେଟ ସେବା ବନ୍ଦ ଭଦ୍ରକ ପୌରାଞ୍ଚଳ, ଭଦ୍ରକ ବ୍ଲକ ଅଞ୍ଚଳ, ତିହିଡ଼ି ବ୍ଲକ ଅଞ୍ଚଳ, ଧାମନଗର ବ୍ଲକ ଓ ପୌରପାଳିକା ଅଞ୍ଚଳରେ ଲାଗୁ ହୋଇଛି। ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ଘଟଣାର ଅନୁଧ୍ୟାନ କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି।

### ଯାଜପୁରରେ ଝାଡ଼ାବାନ୍ତି ଅଣାୟତ୍ତ

## ହସ୍ପିଟାଲରେ ୨୦୦ ବେଡ୍ ବୃଦ୍ଧି



ଯାଜପୁର/କୋରେଇ,୧୨।୬(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇଛି। ଦୁଇଟି ହସ୍ପିଟାଲରେ ରୋଗୀଙ୍କ ପାଇଁ ୨୦୦ ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଧର୍ମଶାଳା ଓ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୧୦୦ ସିଟ୍ ଲେଖାଏଁ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି। ଏସ୍‌ସିବି ଓ ଯାଜପୁର ମେଡ଼ିକାଲରୁ ଡାକ୍ତର ଓ ନର୍ସିଂ ଷ୍ଟାଫଙ୍କୁ ବିଭିନ୍ନ ଡାକ୍ତରଖାନାରେ ମୁତୟନ କରାଯାଇଛି। ଗୁରୁବାର ଆଇସିଏମ୍‌ଆର, ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେନ୍ଦ୍ରର ସିନିୟର ରିଜିଓନାଲ ନିର୍ଦ୍ଦେଶକଙ୍କ ସ୍ୱାସ୍ଥ୍ୟବିଭାଗ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ରୋଗରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୦ଜଣ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ତେବେ ଏପର୍ଯ୍ୟନ୍ତ ଭୋଜି ଖାଦ୍ୟ ନମୁନା ମିଳିନଥିବାବେଳେ ପାଣି ଓ ରାସ୍ତାକଡ଼ର ଖାଦ୍ୟ ପରୀକ୍ଷା ପାଇଁ ପଠାଯାଇଛି। ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ପାଣି ବିଶୋଧନ କରୁଛନ୍ତି। ଗୁରୁତରମାନଙ୍କୁ ହସ୍ପିଟାଲକୁ ଅଣାଯାଉଛି। ରୋଗର ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ଟିମ୍, ରାଜ୍ୟସ୍ତରୀୟ ଟିମ୍, ଜନସ୍ୱାସ୍ଥ୍ୟ ବିଭାଗ ଟିମ୍, କେନ୍ଦ୍ରୀୟ ଟିମ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆଇସିଏମ୍‌ଆର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ମୃତକମାନଙ୍କ ଚୂଡ଼ାନ୍ତ ରିପୋର୍ଟ ମିଳିନାହିଁ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ କୁହାଯାଇପାରିବ। ସବୁ ରୋଗୀଙ୍କ ଲକ୍ଷଣ ସମାନ ହୋଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣରେ ରହିଛି। ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା କମୁଛି। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦଙ୍କ ସହ ସଂପର୍କରେ ରହିଛନ୍ତି ମନ୍ତ୍ରୀ। ଗତ ୩ ଦିନରେ ବ୍ୟାସନଗର, ଯାଜପୁର ସଦର, ଧର୍ମଶାଳା, ରସୁଲପୁର, କୋରେଇ, ଦାନଗଦି ଆଦି ଅଞ୍ଚଳକୁ ଏହି ରୋଗ ବ୍ୟାପିଛି। ଯାଜପୁରରୋଡ ମେଡ଼ିକାଲରେ ୧୮୬ଜଣ ଆକ୍ରାନ୍ତ ଭର୍ତ୍ତି ହୋଇଥିବାବେଳେ ଦାନଗଦି ମେଡ଼ିକାଲରେ ୫୫ଜଣ ଓ ଆନନ୍ଦପୁର ମେଡ଼ିକାଲରେ ୪୦ଜଣ ଚିକିତ୍ସିତ ହେଉଛନ୍ତି। ଯାଜପୁର ଜିଲ୍ଲାପାଳ ଓ ସିଡିଏମ୍‌ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅନ୍ୟପକ୍ଷରେ ଝାଡ଼ାବାନ୍ତି ରୋଗର କାରଣ ଖୋଜା ଚାଲିଛି ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଏବେ ଯାଜପୁରର ସବୁ ଅଞ୍ଚଳରେ ଉଠା ଦୋକାନୀଙ୍କଠାରୁ କୌଣସି ଖାଦ୍ୟ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

**୨୪୫ରୁ ଅଧିକ ଆକ୍ରାନ୍ତ ଚିକିତ୍ସାଧୀନ**

**ସ୍ଥିତି ନିୟନ୍ତ୍ରଣରେ ରହିଛି: ସ୍ୱାସ୍ଥ୍ୟମନ୍ତ୍ରୀ**

**ଯାଞ୍ଚ ପରେ ଜଣାପଡ଼ିବ ମୃତ୍ୟୁର କାରଣ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

### ବିକାଶ ବାହନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟରେ ବିକାଶର ନୂତନ ସୂର୍ଯ୍ୟୋଦୟ

**୨୧ ତାରିଖ ଯାଏ ଗଡ଼ିବ ବିକାଶ ବାହନ**

**୫ ମହାନଗରନିଗମ, ୧୧୫ ପୌରାଞ୍ଚଳରେ ବି ଗଡ଼ିବ**

**ଜନତା-ସରକାରଙ୍କ ମଧ୍ୟରେ ବ୍ୟବଧାନ ହ୍ରାସ**



ଭୁବନେଶ୍ୱର,୧୨।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୩୧୪ଟି ବ୍ଲକରେ ଗୁରୁବାରଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ବିକାଶ ବାହନ ଗଡ଼ିବ। ୫ ମହାନଗର ନିଗମ ଏବଂ ୧୧୫ ପୌରାଞ୍ଚଳରେ ମଧ୍ୟ ଗଡ଼ିବ। ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ସରକାରୀ ଜନକଲ୍ୟାଣକାରୀ ଯୋଜନା ନେଇ ଲୋକଙ୍କୁ ଏହି ରଥ ସଚେତନ କରିବ। ଲୋକଙ୍କ ସେବାରେ ସମର୍ପିତ ଏକବର୍ଷରେ ନାରୀଶକ୍ତି, ଯୁବଶକ୍ତି, ଅନ୍ନଦାତା, ସାମାଜିକ ପ୍ରତିବଦ୍ଧତାର ବାର୍ତ୍ତା ମଧ୍ୟ ବଣ୍ଟାଯିବ। ସୁଭଦ୍ରା ଯୋଜନା, ପଛୁଆବର୍ଗ ସଂରକ୍ଷଣ ଭଳି ବିଭିନ୍ନ ବାର୍ତ୍ତା ଏହି ବିକାଶ ବାହନ ବାଣ୍ଟିବ। ବିକାଶ ବାହନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରେ। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ପୂରଣ କରିଛୁ। ଲୋକଙ୍କ ସହ ଉତ୍ତମ ସଂପର୍କ ରଖି ସେମାନଙ୍କୁ ପ୍ରାଥମିକତା ଦେଇଛୁ। ବିରୋଧୀଦଳ ଅପପ୍ରଚାର କରୁଥିଲା। ସରକାର ଦାୟିତ୍ୱ ନେବାର ଏକଘଣ୍ଟା ମଧ୍ୟରେ କ୍ୟାବିନେଟ୍ ଡାକି ୪ଟି ମୁଖ୍ୟ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ଚାରିଦ୍ୱାର ଫିଟା ନିଷ୍ପତ୍ତି ହେଉ କିମ୍ବା ସୁଭଦ୍ରା ଯୋଜନା, ଲୋକଙ୍କ କଥା ଶୁଣି ଆମେ ନିଷ୍ପତ୍ତି ନେଇଥିଲୁ। ସେବେଠାରୁ ସରକାର ଆଉ ପଛକୁ ଫେରିନାହାନ୍ତି ବୋଲି ଶ୍ରୀ ମାଝୀ କହିଥିଲେ। ସେ ପୁଣି କହିଥିଲେ, ଆଧୁନିକ ଓଡ଼ିଶା କ୍ୟାଲେଣ୍ଡରରେ ଆଜିର ଦିନଟି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାବାସୀ ଐତିହାସିକ ନିଷ୍ପତ୍ତି ନେଇଥିଲେ। ୨୪ବର୍ଷର ଇଭେଣ୍ଟ ମ୍ୟାନେଜମେଣ୍ଟ ସରକାରକୁ ବଦଳାଇ ନୂତନ ସୂର୍ଯ୍ୟୋଦୟ ଆଣିଥିଲେ। ମୋଦୀଙ୍କ ସଫଳ ମଡେଲ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ୧୦ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ବିଳମ୍ବ ହେଲେ ବି ଓଡ଼ିଶାବାସୀ ଡବଲ ଇଞ୍ଜିନ ସରକାରର ସୁଫଳ ଦେଖିବାକୁ ପାଇଲେ। ନୂଆ ରୂପରେ, ନୂଆ ବିକାଶର ଆଶାରେ ଲୋକେ ସରକାରଙ୍କୁ ଏବେ ଦେଖିବା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ମାଝୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ମୁଁ ଗରିବ ଆଦିବାସୀ ପରିବାରରୁ ଆସିଛି। ସେହି ଅଭିଜ୍ଞତାକୁ ଆଧାର କରି ଲୋକଙ୍କ ସହ ମିଶିଛି ଓ ସେମାନଙ୍କ ଅଭିଯୋଗ ଶୁଣିଛି। ସବୁ ଜିଲ୍ଲାକୁ ମଧ୍ୟ ଯାଇଛି। ସବୁ ଜିଲ୍ଲାର ଚିତ୍ର ମୋ ସାମ୍ନାରେ ଦୃଶ୍ୟମାନ ହେଉଛି। ଅଭିଯୋଗ ଶୁଣାଣି ସମୟରେ ସିଙ୍ଗଲ ୱିଣ୍ଡୋ ଜରିଆରେ ଅନ୍ ଦ ସ୍ପଟ୍ ଫଇସଲା ହେଉଛି। ତୃତୀୟ ମହଲା ଓ ଜନତାଙ୍କ ମଧ୍ୟରେ ବ୍ୟବଧାନ ଦୂର ହୋଇଛି। ସୁଭଦ୍ରା, ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା, ପ୍ରତି ଗାଁକୁ ବିକାଶ ପାଇଁ ବିକଶିତ ଗାଁ ଓ ବିକଶିତ ଓଡ଼ିଶା • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ୧୫୧ ଗାଁର ଲୋକ ଏକଜୁଟ ହୋଇଛନ୍ତି। ବୁଡ଼ି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ଗଠନ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓ, ତହସିଲଦାର ଓ ମାଟିବନ୍ଧ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବାଲିମେଳା ଜଳଭଣ୍ଡାର ନିର୍ମାଣ ସମୟରେ ସେମାନଙ୍କ ଜମି ଏବଂ ଘର ପାଣିରେ ଲୀନ ହୋଇଗଲା। ହଜାର ହଜାର ଲୋକ ବିସ୍ଥାପିତ ହୋଇଥିଲା ବେଳେ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ୬୦ବର୍ଷ ହେଲା ବିସ୍ଥାପିତ କ୍ଷତିପୂରଣ ପାଇଲେ ନାହିଁ ଏପରିକି ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଅନ୍ୟପଟେ ସରକାର ବିଦ୍ୟୁତ୍ ଉତ୍ପାଦନ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ନିଜ ଜମି ଏବଂ ଘର ଦେଇଥିବା ବିସ୍ଥାପିତଙ୍କ ଠାରୁ ବର୍ତ୍ତମାନ ଜୋରଜବରଦସ୍ତି ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଛି। ଅନ୍ୟପଟେ ଆନ୍ଧ୍ର ସରକାର ବିସ୍ଥାପିତ ପରିବାରଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ବୈମାତୃକ ମନୋଭାବକୁ ଆଉ ଅଧିକ ଦିନ ସହ୍ୟ କରିପାରିବେନି ବୋଲି ବୁଡ଼ି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ସଭାପତି ଭୀମସେନ ଖିଲ, ଉପସଭାପତି ମହାଦେବ ଶିଶା, ସମ୍ପାଦକ ଅନନ୍ତ ଶିଶା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଖରା, ସମସ୍ତ ୧୩ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରକାଶ କରିଛନ୍ତି। ତୁରନ୍ତ ସରକାର ଦାବି ଗୁଡ଼ିକୁ ପୂରଣ କରନ୍ତୁ ।



## ନେତାଙ୍କ ଟାର୍ଗେଟରେ ବାଲିଘାଟ

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ତହସିଲ ଅଧୀନରେ ଥିବା ବାଲିଘାଟ ଗୁଡିକୁ ଟାର୍ଗେଟ କରୁଛନ୍ତି ଲୋକ ପ୍ରତିନିଧି।ଭାଗ ନଛିଡ଼ିଲେ ନେଉଛନ୍ତି ପ୍ରତିଶୋଧ। ନେତାଙ୍କ ମୁହଁରେ ବାଲିଘାଟ ପଇସା ଲାଗିଥିବାରୁ ପ୍ରତ୍ୟେକ ଘାଟ ଉପରେ କରୁଛନ୍ତି ଟାର୍ଗେଟ। ଯେଉଁ ଘାଟ ଭାଗ ନଦେଲା ନେତାଙ୍କ କୋପଦୃଷ୍ଟି ଘାଟ ଉପରେ ପଡିଲା। ନିର୍ଦ୍ଦିଷ୍ଟ କେତୋଟି ବାଲିଘାଟ ପଇସା ନ ଦେବାରୁ ଉକ୍ତ ଗାଡି ଗୁଡିକୁ ପ୍ରଶାସନିକ ଅଧିକାରୀ ଲଗାଇ ଗାଡି ଗୁଡିକୁ ଜବତ କରୁଛନ୍ତି ନେତା। ଭୟରେ ଘାଟ ମାଲିକ ଓ ଗାଡି ମାଲିକ ନେତାଙ୍କ ପାଖରେ ମୁଣ୍ଡ ନୂଆଉଛନ୍ତି। ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଗାଡି ମାଲିକ। ଜୋରିମାନା ଦେଇ ସର୍ବସ୍ୱାନ୍ତ ହେଲେଣି ଗାଡି ମାଲିକମାନେ। ଗତକାଲି ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରିଛନ୍ତି ନିଆଳି ତହସିଲଦାର। ଜବତ କରିଥିବା ଗାଡି ହେଲା ଓଡି-୦୨ ସିଏ-୬୫୭୧, ଓଡି-୦୫ବିୱାଇ - ୩୫୦୫ ନେତାଙ୍କ ଏଭଳି ଜୁଲମ ଗିରିରେ ଭୟରେ ଘାଟ ମାଲିକ ଓ ଗାଡି ମାଲିକ।

## ଅସହାୟଙ୍କୁ ପକ୍କା ଗୃହ ପ୍ରଦାନ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ମାହାଙ୍ଗା ଅଞ୍ଚଳର ଗରିବ ଅସହାୟ ପରିବାରକୁ ଉପାସନା ଟ୍ରଷ୍ଟ ତରଫରୁ ପକ୍କା ଗୃହ ପ୍ରଦାନ କରାଯାଇଛି। ଏହି ଟ୍ରଷ୍ଟ ବିଗତ ୫ବର୍ଷ ହେଲା ମାହାଙ୍ଗା ବ୍ଲକ ଅଞ୍ଚଳର ଗରିବ ଅସହାୟ ଲୋକଙ୍କୁ ପ୍ରତିବର୍ଷ ୨ଟି ଲେଖାଏଁ ପକ୍କାଘର ମାଗଣାରେ ପ୍ରଦାନ କରୁଅଛି। ଚଳିତ ବର୍ଷ ଅନୁଷ୍ଠାନ ତରଫରୁ ଉମର ପଂଚାୟତର ଓସ୍ତପୁର ଗ୍ରାମର ବିଧବା ମହିଳା ଶେତ ଦେଇଙ୍କୁ ଏକ ପକ୍କାଘର ପ୍ରଦାନ କରାଯାଇଛି । ସୂଚନା ଥାଉକି ସମ୍ପୃକ୍ତ ମହିଳା ଜଣଙ୍କ ଦୀର୍ଘ ଦିନ ହେଲା ଏକ ଭଙ୍ଗା ଚାଳଘରେ ଜରି ପାଲ ପକାଇ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଥିଲେ। ସେହିପରି ଭାବେ ଅନୁଷ୍ଠାନ ତରଫରୁ ହଳଦିଆ ପଂଚାୟତର ନାରିଜଙ୍ଗ ଗ୍ରାମର ବିଧବା ରେଖା ମଳିକଙ୍କୁ ଏକ ପକ୍କାଘର ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ଇଂ ସହଦେବ ଖଟୁଆ ଏହି ଉତ୍ସବରେ ଯୋଗଦାନ କରି ଗୃହ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଖଟୁଆଙ୍କ ଧର୍ମପତ୍ନୀ ନିବେଦିତା ଖଟୁଆ, ଶିକ୍ଷାବିତ ବିଦ୍ୟାଧର ଖଟୁଆ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାହିତ୍ୟିକ ଏକାଦଶୀ ପ୍ରଧାନ,ଶିକ୍ଷାବିତ ଡ. ଯୁଧିଷ୍ଠିତ ଖଟୁଆ, ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ପରିଡା, ରବିନ୍ଦ୍ରନାଥ ପଣ୍ଡା, ଜୟରାମ ସ୍ୱାଇଁ, ମାହାଙ୍ଗା ସାରସ୍ୱତ ସେବା ମଂଚର ସଭାପତି ଭାବଗ୍ରାହି ରାଉତ,ସାମ୍ବାଦିକ ଧନେଶ୍ୱର ସେଠୀ, ମାହାଙ୍ଗା କୃଷକ ବିକାଶ ମଂଚର ସଭାପତି ରାମଚନ୍ଦ୍ର ସ୍ୱାଇଁ,ଚନ୍ଦ୍ରଶେଖର ପ୍ରଧାନ, ଅନିତା ମହାପାତ୍ର, ରାଜକିଶୋର ଜେନା,ରାଧାକାନ୍ତ ଖଟୁଆ, ସୁଶାନ୍ତ କୁମାର ନାୟକ, ଚିତରଞ୍ଜନ ନାୟକ, ପ୍ରଶାନ୍ତ କୁମାର ସାହୁ, ସୁରେନ୍ଦ୍ରନାଥ ଖଟୁଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଟ୍ରଷ୍ଟ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଅଧିକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯିବା ସତ୍ତ୍ୱେ ସୁଧୁରୁନି ମୁଖ୍ୟ ଡାକଘର ଅବସ୍ଥା



ଯାଜପୁର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାପାଳଙ୍କ ଅଫିସ ନିକଟରେ ରହିଛି ଅର୍ଦ୍ଧଶତାବ୍ଦୀର ମୁଖ୍ୟ ଡାକଘର । ଜିଲ୍ଲାରେ ଡାକ ବିଭାଗର କାର୍ଯ୍ୟଭାର ଅଧିକ ବୃଦ୍ଧି ପାଇବା ଏବଂ ଡାକସେବାରେ ଏହି ଜିଲ୍ଲା ୩ୟ ସ୍ଥାନରେ ପହଞ୍ଚିଥିବା ଯୋଗୁ ୨୦୨୧ ରେ ଏଠାରେ ଡାକ ବିଭାଗ ସୁପରିଟେଣ୍ଡେଣ୍ଟ (ଅଧିକ୍ଷକ)ଙ୍କ କାର୍ଯ୍ୟାଳୟ ଖୋଲାଯାଇଥିଲା। ଉଦ୍ଦେଶ୍ୟ ଥିଲା ଜିଲ୍ଲା ସଦର ମହକୁମାରେ ଥିବା ମୁଖ୍ୟ ଡାକଘର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ପ୍ରଧାନ ଡାକଘର, ଉପଡାକଘର ଗୁଡିକର ଅବସ୍ଥା ସୁଧୁରିବ । କିନ୍ତୁ ଗ୍ରାମାଞ୍ଚଳର ଛୋଟ ଛୋଟ ଡାକ କାର୍ଯ୍ୟାଳୟ କଥା ଛାଡନ୍ତୁ, ମୁଖ୍ୟ ଡାକଘରେ ଏବେ ନାହିଁନଥିବା ଅବସ୍ଥା ସୃଷ୍ଟି ହୋଇଛି । ସାଧାରଣ ଗ୍ରାହକଙ୍କ ଠାରୁ ଆରମ୍ଭ କରି କର୍ମଚାରୀ, ଅଧିକାରୀ, କ୍ଷୁଦ୍ର ସଂଚୟ ସଂଗ୍ରହକାରୀ ଏଜେଣ୍ଟ ମାନେ ଏଠାର ସଂକୀର୍ଣ୍ଣ କାର୍ଯ୍ୟାଳୟ, ପାର୍କିଂ ବ୍ୟବସ୍ଥା ନଥିବା, ଅପେକ୍ଷା ଗୃହର ଅଭାବ, ପାନୀୟ ଜଳର ଅବ୍ୟବସ୍ଥା, ଷ୍ଟାଫ କ୍ୱାର୍ଟର ଅଭାବ, ଗଣଶୌଚାଳୟ ନରହିବା ଇତ୍ୟାଦି କାରଣରୁ ଜନଅସନ୍ତୋଷ ତୀବ୍ର ଭାବେ ବୃଦ୍ଧି ପାଇଛି । ଗୋଟିଏ ସ୍ଥାନରେ ମୁଖ୍ୟ ଡାକଘର ଏବଂ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଚାଲିଛି । ୨୯୩ଟି ଛୋଟ ବଡ ଡାକଘରକୁ ପରିଚାଳନା କରିବା ପାଇଁ ରହିଥିବା ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଧିକ୍ଷକଙ୍କୁ ମିଶାଇ ସମୁଦାୟ ୧୪ ଜଣ କର୍ମଚାରୀ ରହିଥିବା ବେଳେ ମୁଖ୍ୟ ଡାକଘରେ ହେଡ୍ ପୋଷ୍ଟମାଷ୍ଟରଙ୍କୁ ମିଶାଇ ୨୪ ଜଣ କର୍ମଚାରୀ ରହିଛନ୍ତି ଏକ ସଂକୀର୍ଣ୍ଣ ଗୃହରେ ନିଜେ ମୁଖ୍ୟ ଡାକ ଅଧିକାରୀ ତାଙ୍କର କାର୍ଯ୍ୟାଳୟ କରୁଥିବା ବେଳେ ଷ୍ଟାମ୍ପ ବିକ୍ରୀ ଠାରୁ ଆରମ୍ଭ କରି ରେଜିଷ୍ଟ୍ରୀ ଡାକ, ସ୍ପିଡ୍ ପୋଷ୍ଟ, ସଂଚୟ କାଉଂଟର, ପାର୍ସଲ କାଉଣ୍ଟର ସବୁ ଅତି ସଂକୀର୍ଣ୍ଣ ସ୍ଥାନରେ ରହିଛି । ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନଥିବା ଏହି ସବୁ ସ୍ଥାନରେ କାର୍ଯ୍ୟାଳୟ ସମୟରେ ଏତେ ଭିଡ ହେଉଛି ଯେ ଜଣେ ସାଧାରଣ ସୁସ୍ଥ ମଣିଷ ମଧ ଅଣନିଶ୍ୱାସୀ ହୋଇପଡୁଛି । ଦିବ୍ୟାଙ୍ଗ, ମହିଳା ଓ ବୃଦ୍ଧବୃଦ୍ଧାଙ୍କ ଅବସ୍ଥା କହିଲେ ନସରେ । ରାଜସ୍ୱ ସଂଗ୍ରହରେ ପ୍ରମୁଖ ଭୂମିକା ସଂପାଦନ କରୁଥିବା ପୋଷ୍ଟାଲ ଏଜେଣ୍ଟ ସଂଖ୍ୟା ୫୦ରୁ ଅଧିକ ହୋଇଥିବା ବେଳେ ଏମାନଙ୍କୁ ସ୍ଥାନାଭାବ ପାଇଁ ମଧାହ୍ନ ୧୨ଟାରୁ ୨.୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଥିବାରୁ ଏହି ସୀମିତ ସମୟ ମଧ୍ୟରେ ସେମାନେ କାର୍ଯ୍ୟ ତୁଲାଇବାକୁ ଅସମର୍ଥ ହେଉଥିବା କେତେକ ଏଜେଣ୍ଟ ଏବଂ ମହିଳା ପ୍ରଧାନ କ୍ଷେତ୍ରୀୟ ସଂଚୟ ଏଜେଣ୍ଟ କହିଛନ୍ତି । ଏମାନଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ଗୃହ ସମେତ ଯଥାଶୀଘ୍ର ଏକ ନୂତନ ମୁଖ୍ୟ ଡାକଘର ଏବଂ ଅଧିକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣର ଆବଶ୍ୟକତା ରହିଛି । ଦୀର୍ଘବର୍ଷ ତଳୁ ଏଠାର ଅଧିକାରୀ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ରାଜ୍ୟ ମୁଖ୍ୟଙ୍କୁ ସମସ୍ୟା ସଂପର୍କରେ ଜଣାଇ ଆସିଥିଲେ ବି ଏହାର ସମାଧାନ କରାଯାଉନାହିଁ । ରାଜସ୍ୱ ସଂଗ୍ରହରେ ଏହି କାର୍ଯ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଉତ୍ତମ ଡାକସେବା ପାଇଁ ଏହି କାର୍ଯ୍ୟାଳୟଟିରେ ସର୍ବଦା ଭିଡ ଲାଗିରହୁଥିବା ଦେଖାଯାଉଛି । ପାର୍କିଂ ସ୍ଥାନ ନଥିବାରୁ ମୁଖ୍ୟରାସ୍ତା ଏବଂ ପରିସରରେ ପାର୍କିଂ ଯୋଗୁ ସମସ୍ୟା ସୃଷ୍ଟି ହେବା ସହିତ ରାସ୍ତା ଉପରେ ରହୁଥିବା ବାଇକ, ସ୍କୁଟି ଗୁଡିକ ଅନେକ ସମୟରେ ଚୋରି ହେଉଥିବା ଦେଖାଯାଉଛି । ଯାଜପୁର ସାଂସଦ ରବିନାରାୟଣ ବେହେରା ନିଜେ କେନ୍ଦ୍ରୀୟ ଡାକ ବୋର୍ଡର ସଭ୍ୟ ରହିଥିବା ବେଳେ ଏହି ସମସ୍ୟାର ସମାଧାନ ସେ ଶୀଘ୍ର କରିବେ ବୋଲି କିଛିଦିନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । ୩୮ରୁ ଅଧିକ ଅଧିକାରୀ ଓ କର୍ମଚାରୀ ରହିଥିବା ସତ୍ତ୍ୱେ ମାତ୍ର ୨ଟି ଷ୍ଟାଫ କ୍ୱାର୍ଟର ସମଗ୍ରଙ୍କୁ ଶଙ୍ଖେ ହୋଇଛି । ଏ ସମସ୍ତ ସମସ୍ୟାର ସମାଧାନ କେବଳ କାର୍ଯ୍ୟାଳୟକୁ ସରକାରୀ ସ୍ଥାନ ଥିବା ମୋଟରଙ୍ଗାପାଳ ଅଞ୍ଚଳକୁ ସ୍ଥାନାନ୍ତର କରାଗଲେ ତାହା ହିଁ ସମାଧାନ ହୋଇପାରିବ । ତେବେ ଏତେ ସବୁ ସମସ୍ୟାର ସମାଧାନ ପୂର୍ବରୁ ଛୋଟ ଛୋଟ ସମସ୍ୟାର ସମାଧାନ ପାଇଁ ଏଠାରେ ରହିଥିବା ଅଧିକ୍ଷକ ଯତ୍ନବାନ ହେବା ଉଚିତ୍ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ମିଲରଙ୍କ ମନମାନୀ; ଆଶା ଆଶଙ୍କାରେ ଚାଷୀ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଚାଷୀଙ୍କ ଉପାର୍ଜିତ ଶସ୍ୟକୁ ସହଜ ଓ ସରଳ ଭାବରେ ସରକାରୀ ମଣ୍ଡିରେ ବିକ୍ରୟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ସରକାର କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତ ଜୋତିଜଙ୍ଗମ ସମବାୟ ସମିତି ସରକାରୀ ଧାନ ମଣ୍ଡିରେ। ଏହି ସମିତି ଅଧୀନରେ ମୋଟ ୭୭୧ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବା ବେଳେ ଚାଷୀଙ୍କ ନିକଟରୁ ମୋଟ ୨୯ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି । ତେବେ ଅଦ୍ୟାବଧି ପ୍ରାୟ ୧୦୦ ଜଣ ଚାଷୀଙ୍କ ଠାରୁ ୪୬୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଅବଶିଷ୍ଟ ୬୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ୨୫ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି ।କିନ୍ତୁ ମିଲରଙ୍କ ମନମାନି କାର୍ଯ୍ୟ ଯୋଗୁଁ ଏବେ ଚାଷୀମାନେ ଆଶା ଆଶଙ୍କାରେ ରହିଛନ୍ତି। ଅଦ୍ୟାବଧି ୧୮/୫ ରେ ଦିଆଯାଇଥିବା ଟୋକନର ଧାନଚାଷୀଙ୍କ ଠାରୁ ସଂଗ୍ରହ କରାଯାଇ ପାରିନାହିଁ। ତେଣୁ ଚାଷୀଙ୍କ ଟୋକନ ଅବଧି ସମ୍ପୂର୍ଣ୍ଣ ହେବା ପୂର୍ବରୁ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଧାନ ସଂଗ୍ରହ କରିବାକୁ ଉଜ୍ଜଳ କୁମାର ଦାସ, ତପନ ମହାପାତ୍ର, ରାଜେଶ ସେନ, ଗୌରୀଶଙ୍କର ମହାନ୍ତି, ଜଗଦୀଶ ପ୍ରଧାନ, ଅଶୋକ କୁମାର ଦାସ, ପ୍ରଦୀପ ମହାପାତ୍ର ଓ ମମତା ପାତ୍ର ପ୍ରମୁଖ ଚାଷୀ ଦାବୀ କରିଛନ୍ତି।

## ବିକାଶ ବାହନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ତଥା ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟବାସୀ ଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ଏକ କାର୍ଯ୍ୟକ୍ରମ କରଞ୍ଜିଆ ବିଜ୍ଞାପିତ ଅଂଚଳ ପରିଷଦ ହାତକୁ ନେଇଛି।



ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ବୁଧବାର ଦିନ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏନ୍ ଏ ସି ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜାଙ୍କ ଅଧ୍ୟକ୍ଷତାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ, ଏମଆଇ ଯମୁନା ମୁର୍ମୁ, ଏନ୍‌ଏସିର ସମସ୍ତ କାଉନସିଲାର ଓ ଅନ୍ୟାନ୍ୟ କର୍ମଚାରୀ ସହିତ ଜଳ ସାଥି, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ । ଏହି ସଚେତନ ରଥ ଆସନ୍ତା ୧୭ତାରିଖ ଠାରୁ ୨୧ତାରିଖ ପର୍ଯ୍ୟନ୍ତ ବୁଲିବାର ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ୧୯ବିଭାଗର ୩୭ଟି ଯୋଜନା ସଂକ୍ରାନ୍ତରେ ପ୍ରଚାର କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ ସୂଚନା ଦେଉଛନ୍ତି।

## ଅସରାଏ ବର୍ଷାରେ ଗାଁରେ କୃତ୍ରିମ ବନ୍ୟା



କଣାସ(ଭାସ୍କର ନ୍ୟୁଜ୍): ସରକାର ଗ୍ରାମାଞ୍ଚଳର ରାସ୍ତା ଘାଟ ନିମନ୍ତେ ସୁଧାର ଆଣିବା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ମାଧ୍ୟମରେ କଂକ୍ରିଟ ରାସ୍ତା ତିଆରି କରିଚାଲିଥିବା ବେଳେ ଏହି ଯୋଜନା ସଂପୂର୍ଣ୍ଣ ଦିଗହରା ହୋଇ ପଡ଼ିଛି । ସେ ପୁଣି କୋଉ ଆଦିବାସୀ ଜିଲ୍ଲା କି ବ୍ଲକ୍ ଅଞ୍ଚଳରେ ନୁହେଁ, ପୁରୀ ଜିଲ୍ଲା କଣାସ ବ୍ଲକ ସିରେଇ ପଂଚାୟତର ଖୋଦ୍ ସିରେଇ ଗାଁରେ। କଣାସ ବାଲିଘାଇ ଛକରୁ ଜଂଘାରକୁ ସଂଯୋଗ କରୁଥିବା ଖୋଦ ସିରେଇର ମୁଖ୍ୟ ରାସ୍ତା ଯାହା ଉପରେ ହଜାର ହଜାର ଲୋକେ ନିର୍ଭର କରନ୍ତି ସେ ଏବେ ଅସରାଏ ବର୍ଷାରେ ବେହାଲ ହୋଇଯାଉଛି। ବର୍ଷା ହେଲେ ଆଁଠୁଏ ଉଚ୍ଚର ପାଣି ରାସ୍ତା ଉପରେ ଲହଡ଼ା ମାରୁଛି, ସବୁ ଦେଖି ଏବଂ ସବୁ ଜାଣି ମଧ ବ୍ଲକ ପ୍ରଶାସନ ଏବଂ ଜନପ୍ରତିନିଧି ମାନେ ଆଖିବୁଜି ବସିବା ଯୋଗୁଁ ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡରେ ଏକ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଏହି ପାଣି ଜମା ହୋଇ ରହିବା ଯୋଗୁଁ ଗାଁରେ ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକାର ସଂକ୍ରମଣ ରୋଗ ବ୍ୟାପୁଥିବା ଗାଁଲୋକମାନେ ଅଭିଯୋଗ ଆଣିଛନ୍ତି। ଏହାର ସମାଧାନ ନିମନ୍ତେ ଗ୍ରାମବାସୀ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରିନଥିବା ଅଭିଯୋଗ କରିଛନ୍ତି। ଏଭଳି ସମ୍ବେଦନଶୀଳ ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚଙ୍କ ମତାମତ ଲୋଡିଥିଲେ ମଧ ପ୍ରତିକ୍ରିୟା ମିଳିନଥିଲା। ଏନେଇ କଣାସ ବିଡ଼ିଓଙ୍କ ପ୍ରତିକ୍ରିୟା ଲୋଡ଼ିଥିବାବେଳେ ରିପୋର୍ଟ ଲେଖାଯିବା ବେଳକୁ ତାଙ୍କ ପ୍ରତିକ୍ରିୟା ମିଳିନଥିଲା। ତେଣୁ ଏଦିଗରେ ପଞ୍ଚାୟତିରାଜମନ୍ତ୍ରୀ ନଜର ଦେବାକୁ ଗାଁ ଲୋକମାନେ ଦାବି କରିଛନ୍ତି ।

## କାୟାବିସ୍ତାର କରୁଛି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମହିଳାଙ୍କୁ ଲୋଭନୀୟ କଥା କହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଅର୍ଥ ନେଣଦେଣ କରୁଛନ୍ତି। ଏହା ସହ ଅର୍ଥ ଲଗାଣକାରୀ ସଂସ୍ଥା ଖୋଲିବାରେ ଲାଗିଛି। ବିଭିନ୍ନ ଗ୍ରାମରେ ସେମାନଙ୍କ କାର୍ଯ୍ୟାଳୟ ଖୋଲି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରୁଛନ୍ତି। ଅନେକ ସମୟରେ ସଂସ୍ଥା ଗୋଷ୍ଠୀ ଗୁଡିକୁ ଋଣ ଦେଇ ଅଧିକ ସୁଧ ଆଦାୟ କରୁଥିବା ମଧ ଅଭିଯୋଗ ହେଉଛି। ସେହିପରି ବିଭିନ୍ନ ସମୟରେ ଅନେକ ସଂସ୍ଥାର କର୍ମଚାରୀମାନେ ଅନେକ ଗୋଷ୍ଠୀର ସଦସ୍ୟମାନଙ୍କୁ ବ୍ୟବସାୟ କରାଇବା ନାଁରେ ମେସିନ ଓ ଅନ୍ୟାନ୍ୟ ଉପକରଣ କିଣିବାକୁ ଋଣ କରାଇ ଦେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ବାହାନା କରି ସେମାନଙ୍କ ଠାରୁ ଉକ୍ତ ଋଣ ଟଙ୍କା ହାତେଇ ଫେରାର ହୋଇଯାଉଛନ୍ତି। ଆଉ କେତେକ କ୍ଷେତ୍ରରେ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଗୋଷ୍ଠୀ ଗୁଡିକୁ ଋଣ, ସୁଧ ଟଙ୍କା ଅସୁଲ କରି କାର୍ଯ୍ୟାଳୟରେ ଜମା ନକରି ଫେରାର ହେଉଛନ୍ତି। ଫଳରେ ଗୋଷ୍ଠୀର ସଦସ୍ୟାମାନେ ଅନେକ ଥର ଅସ୍ତରଙ୍ଗ ଥାନା ଆସିବା ପୂର୍ବରୁ ନଜିର ରହିଛି। ବର୍ତ୍ତମାନ ଅସ୍ତରଙ୍ଗ ଅଂଚଳରେ କିଛି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କାର୍ଯ୍ୟ କରୁଥିବା ଆକଳନରୁ ଜଣାଯାଇଛି। ସେଥି ମଧ୍ୟରୁ ଅନେକ ସଂସ୍ଥା ଆରବିଆଇ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ମଧ ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବାରୁ କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି ଅର୍ଥ ଲଗାଣକାରୀ ସଂସ୍ଥା ସେମାନଙ୍କ କାୟା ବିସ୍ତାର କରି ଚାଲିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବର୍ତ୍ତମାନ ସରକାର ଲକ୍ଷପତି ଦିଦିଙ୍କୁ ଋଣ ପ୍ରଦାନ ସହିତ ଅନେକ ସୁବିଧା ସୁଯୋଗ ଦେଉଛନ୍ତି। ସେହିପରି ସରକାର ମହିଳାଙ୍କୁ ସ୍ୱାବଲମ୍ବୀ ତଥା ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବିନା ସୁଧରେ ଋଣ ପ୍ରଦାନ କରୁଛନ୍ତି। ହେଲେ ସରକାର ମହିଳାଙ୍କୁ ଏତେ ସୁବିଧା ଦେବା ସତ୍ତ୍ୱେ ପ୍ରଶାସନିକ ସ୍ତରରେ ସଚେତନତା ଅଭାବ ଯୋଗୁଁ ଅନେକ ମହିଳା ଗୋଷ୍ଠୀ ଯୋଜନା ସମ୍ପର୍କରେ ଜାଣିପାରୁନାହାନ୍ତି। ସେହିପରି ସରକାରୀ ଯୋଜନାରେ ଋଣ ଆଣିବାକୁ ହେଲେ ଅନେକ ନିୟମ ଓ ପ୍ରତିବନ୍ଧକ ଥିବା ବେଳେ ଘରୋଇ ସଂସ୍ଥାରେ ସେ ସବୁ ଝାମେଲା ନାହିଁ। ତେଣୁ ଅନେକ ମହିଳା ଗୋଷ୍ଠୀ ଘରୋଇ ସଂସ୍ଥା ଉପରେ ଭରସା କରି ଠକାମୀର ଶିକାର ହେଉଛନ୍ତି। ଏଣୁ ଋଣ ନାମରେ ଶୋଷଣ କରୁଥିବା ଓ ସରକାରୀ ନିୟମର ଉଲ୍ଲଙ୍ଘନ କରୁଥିବା ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

## ଜ୍ଞାନଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ




କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ):ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ୩୫ମୌଜା ପଣାପାଡ଼ିଆ ଠାରେ ଜ୍ଞାନଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଆବାସିକ )ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଅଭିମନ୍ୟୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛ। ଏଥିରେ ୩୫ମୌଜା ସଭାପତି ସୁରେନ୍ଦ୍ର ମାଝୀ ସମ୍ପାଦକ ଦିଲ୍ଲୀପ ଦାସ କନ୍ଧାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଗଙ୍ଗାଧର ଦାସ, କୃଷ୍ଣପ୍ରଶାଦ ବ୍ଲକ ଅଧ୍ୟକ୍ଷା ଙ୍କ ପ୍ରତିନିଧି ବିଜୟ କୁମାର ତରାଇଙ୍କ ସମେତ ବିଦ୍ୟାଳୟ ରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ଅଭିଭାବକ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ବ୍ୟକ୍ତି ଉପସ୍ଥିତ ଥିଲେ। ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ଜେନା କିପରି ପରିସ୍ଥିତିରେ ଏ ଅଞ୍ଚଳରେ ପ୍ରତିଷ୍ଠିତ ପ୍ରଥମ ରୁକ୍ମଣୀ ଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ପରିତ୍ୟାଗ କରି ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରେ ପ୍ରତିଷ୍ଠା କରି ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁନାମ ଅର୍ଜନ କରିଛନ୍ତି। ଏହା ଓଡିଶାର ସମସ୍ତ ଗରିବ ମେଧାବୀ ଛାତ୍ରଛାତ୍ରୀ ସ୍ୱଳ୍ପ ଅର୍ଥ ରେ ଏହି ଆବାସିକ ଜ୍ଞାନଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ିପାରିବେ ବୋଲି ପ୍ରତିଷ୍ଠାତା ଶ୍ରୀ ଜେନା ପ୍ରତିଷ୍ଠା ଉତ୍ସବ ସଭାରେ ଘୋଷଣା କରିଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠର ଅବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍):ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠରେ ଦେବସ୍ନାନ ପୂର୍ଣ୍ଣିମାରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଯାତ୍ରାରେ ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ପ୍ରଶାସନର ଦାୟିତ୍ୱହୀନତା ସର୍ବୋପରି କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଚଳିତ ବର୍ଷ ଏହି ଉତ୍ସବରେ ନା ନା ପ୍ରକାର ବିଭ୍ରାଟ ଓ ଅଘଟଣ ଘଟିଥିବାର ଦେଖିବାକୁ ମିଳିଥିଲା । ଯାହାକୁ ନେଇ ଭକ୍ତ ମହଲରେ ଗଭୀର ଅସନ୍ତୋଷ ଓ ନୈରାଶ୍ୟଭାବ ସୃଷ୍ଟି ହୋଇଥିଲା। ପ୍ରଶାସନର ସର୍ବୋପରି ଟ୍ରଷ୍ଟ କାର୍ଯ୍ୟକର୍ତ୍ତାଙ୍କ ମନମୁଖି କାର୍ଯ୍ୟ ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ପୀଠ ଉପରେ ଥିବା ଦୀପଷ୍ଟାଣ୍ଡରୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। କାର୍ଯ୍ୟରତ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ପବିତ୍ର ଦିବସରେ ମହାପୁରୁଷଙ୍କ ପୀଠରେ ଅଗ୍ନିକାଣ୍ଡକୁ ନେଇ ନାନା କଥା ଆଲୋଚନା ହେଉଛି । ଅପରପକ୍ଷରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଦିଆଯାଇଥିବା ସାଇକେଲ ଷ୍ଟାଣ୍ଡ, ଭୋଗ ଦୋକାନ, ଫୁଲ ଦୋକାନ ଓ ଦୀପ ଦୋକାନୀମାନେ ମନଇଚ୍ଛା ଦର ଲାଗୁକରି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆର୍ଥୀକ ଶୋଷଣ କରିବାକୁ ପଛାଇନଥିଲେ। ଯାହାକୁ ନେଇ ଭକ୍ତମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ବହୁ ଶ୍ରଦ୍ଧାଳୁ ଭକ୍ତମାନେ ମାସୁଲ ଓ ଭୋଗ ଦେଇନପାରି ପ୍ରଭୁଙ୍କୁ ମୁଣ୍ଡିଆ ମାରି ନିରାଶରେ ଫେରିବାକୁ ବାଧ ହୋଇଥିଲେ। ଅପରପକ୍ଷରେ ଜନ ସମାଗମକୁ ଆଖିଆଗରେ ରଖି ପୋଲିସ ପ୍ରଶାସନ ତରଫରୁ ବ୍ୟାରିକେଡ୍ କରାଯାଇଥିଲା। କିନ୍ତୁ ଭକ୍ତମାନେ ପୋଲିସ ପ୍ରଶାସନର ଏହି ବ୍ୟାରିକେଡ୍ ମଧ୍ୟରେ ଠେଲାପେଲା ହୋଇଥିବାର ଦେଖିବାକୁ ମିଳିଥିଲା। ଏପରିକି ମହିଳା ଓ ଯୁବତୀ ଭକ୍ତମାନେ ଘୋର ଅସୁବିଧାର ସମ୍ମୁଖିନ ହୋଇଥିଲେ। ସମାଧି ଉପରକୁ ଯିବାକୁ ଚାହୁଁଥିବା ଭକ୍ତମାନଙ୍କ ଠାରୁ ଜୋର ଜୁଲମ କରି ୧୦୦ ଟଙ୍କା ଲେଖାଏଁ ଆଦାୟ କରାଯାଇଥିଲା। ତେବେ ୧୦୦ ଟଙ୍କା ଦେଉଥିବା ବ୍ୟକ୍ତିଙ୍କୁ ସମାଧି ଉପରକୁ ଛଡାଯାଇଥିଲା ବେଳେ ଗରିବ ଶ୍ରେଣୀୟ ଭକ୍ତମାନଙ୍କୁ ଉପରକୁ ଛଡାନଯିବା କାରଣରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ପୋଲିସ ପ୍ରଶାସନର କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଶତାଧିକ ବ୍ୟକ୍ତିଙ୍କର ଦାମୀ ମୋବାଇଲ ,ମନିପର୍ସ ଓ ନଗଦ ଟଙ୍କା ଚୋରି ହୋଇଥିବାର ଅଭିଯୋଗ ହୋଇଛି। ଲୁଟପାଟ ସାଙ୍ଗକୁ ଠେଲାପେଲା ନିୟନ୍ତ୍ରଣ ବାହାରେ ହୋଇଥିଲା। ଜନ ଗହଳି ହେତୁ ଲୁଟେରାମାନଙ୍କ ଚରାଭୂଇଁ ପାଲଟିଛି ନେମାଳ ପଦ୍ମବନ ପୀଠ। ଅପରପକ୍ଷରେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପାରମ୍ପରିକ ରୀତି ନୀତି ଅନୁଯାୟୀ ପ୍ରଭାତରୁ ମହାପୁରୁଷଙ୍କ ସ୍ନାନ ଆଦି ନୀତି ସମାପନ ପରେ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ମଧାହ୍ନରେ କୋଠ ଭୋଗ ଓ ସନ୍ଧ୍ୟାରେ ମହାଆଳତୀ ସମ୍ପନ୍ନ କରାଯାଇଛି। ସେହିଭଳି ଭାବେ ଗୋପିନାଥଙ୍କର ପୂଜାର୍ଚ୍ଚନା କରଯିବା ସହ ସ୍ନାନ ବେଦୀରେ ସ୍ନାନ ଯାତ୍ରା ସମାପନ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ପୀଠରେ ପହଞ୍ଚି ପ୍ରଭୁଙ୍କର ଆଶ୍ରୀବାଦ ନେଇଥିଲେ। ସନ୍ଧ୍ୟାରେ ଚିତ୍ରୋତ୍ପଳା ନଦୀ ତଟରେ ରାସକୀର୍ତ୍ତନ, ମାଳିକା ଆଲୋଚନା, ପ୍ରବଚନ ଓ ପାରମ୍ପରିକ ନୃତ୍ୟ ଗୀତର ସମ୍ଭାର ଦେଖିବାକୁ ମିଳିଥିଲା। ଚିତ୍ରୋତ୍ପଳା ନଦୀ ପଠା ରାସକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା। ବର୍ଷା ସତ୍ତ୍ୱେ ପୀଠରେ ଓ ନଦୀ ପଠାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ବହୁ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମାଗଣାରେ ଅନ୍ନପ୍ରସାଦ ଓ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତ ବର୍ଷ ପ୍ରଶାସନର ପ୍ରକୃତ ପାରିବା ପଣିଆ ପଦାରେ ପଡିଥିବା କାରଣରୁ ପ୍ରଶାସନ ତରଫରୁ ଆସ୍ଥା ବିଶ୍ୱାସ ତୁଟିଯାଇଛି।

## ପୋଲିସ ଓ ସାମ୍ବାଦିକଙ୍କୁ ମାଡ଼ ମାରି ୪ ଗିରଫ



ବାଙ୍କୀ (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ ଖଇରପଙ୍ଗା ଗ୍ରାମରେ ଚୋର ଧରିବା ପାଇଁ ଖଟ ବୁଲାଉଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରହିବା ପାଇଁ ବୁଝାଇଥିଲା। ଲୋକମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ଫଳରେ ପୋଲିସ ସେମାନଙ୍କୁ ବାରଣ କରିବାରୁ ଲୋକମାନେ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଆକ୍ରମଣ କରିଥିଲେ। ଫଳରେ ପୋଲିସ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଖାଲି ସେତିକି ନୁହେଁ ଖବରର ସତ୍ୟାସତ୍ୟ ଜାଣିବା ପାଇଁ ଉପସ୍ଥିତ ଥିବା ସମ୍ବାଦିକଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିଲେ। ଗଣତନ୍ତ୍ରର ତିନୋଟି ସ୍ତମ୍ଭକୁ ସଦାସର୍ବଦା ସତର୍କ କରାଉଥିବା ଚତୁର୍ଥ ସ୍ତମ୍ଭରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିବା ପାଇଁ ପଛାଇନଥିଲେ ସେମାନେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକ ସଂଘ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ବୈଦେଶ୍ୱର ପୋଲିସ ଏହି ଘଟଣାରେ ସଂପୃକ୍ତ ୦୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବୈଦେଶ୍ୱର ଥାନା କେସ ନମ୍ବର-୧୦୧ , ତା-୦୫/୦୬/୨୦୨୫ ଅନୁଯାୟୀ କେସ ରୁଜୁ କରି ତଦନ୍ତ ଜାରି ରଖିଥିଲେ । ଆଜି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ଗ୍ରାମର ବଂଶୀଧର ବିଶ୍ୱାଳ, ଶରତ ମହାନ୍ତି, ଅରୁ ଓରଫ ଅରୁଣ ମହାନ୍ତି ଓ ସନ୍ତୋଷ ମହାନ୍ତିଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ନଂ- ୧୨୬(୨)/୩୨୪(୪)(୫)/୨୯୬/୧୧୫(୨)/ ୧୦୯/୩୦୩(୨)/୩୫୧(୨)/୩୧୮(୨)/୩(୫) ଅନୁସାରେ ଗିରଫ କରି ବାଙ୍କୀ ମାନ୍ୟବର ଏସଡିଜେଏମ ଙ୍କ କୋର୍ଟକୁ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ଆସାମୀ ୦୪ ଜଣଙ୍କୁ ଜେଲକୁ ପଠାଇଛନ୍ତି । ଯଥାଶୀଘ୍ର ଅନ୍ୟ ଆସାମୀମାନଙ୍କୁ ଗିରଫ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି ।

## ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନରେ ସ୍ଥାନୀୟ କାଳୀପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ସଙ୍ଗୀତ ମଣିଷ ଜୀବନକୁ ପୁଲକିତ କରିଥାଏ। ପିଲାମାନଙ୍କ କଳାତ୍ମକ ପ୍ରତିଭାର ବିକାଶ ପାଇଁ ସଙ୍ଗୀତ ମହାବିଦ୍ୟାଳୟ ସୁଯୋଗ ସୃଷ୍ଟି କରେ ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ତିହିଡ଼ି ବରିଷ୍ଠ ନାଗରିକ ସଂଘ ସଭାପତି ସୋମନାଥ ପାଢ଼ୀ, ବିଜେଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ତିହିଡି ସଙ୍ଗୀତ ମହାବିଦ୍ୟାଳୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଯୁବ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ଓ ସମ୍ପାଦକ ମନୋଜ କୁମାର ଗୁଇଁ ବିବରଣୀ ପାଠ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ରେଣୁବାଳା ନାଥ, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ, ଅମୀୟ ଦାସ, ଗୌତମ ସେଠୀ, ସୌରଭ ଦାସ, କୃତ୍ତିବାସ ଜେନା, ଉମାକାନ୍ତ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ଶିକ୍ଷା ବିଭାଗର ଶିଶୁ ମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକା ଅତୁଳନୀୟ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଦଶମ ବୋର୍ଡ଼ ପରୀକ୍ଷା ସହ ବିଭିନ୍ନ ବୃତ୍ତି ଓ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଗତିରାଉତପାଟଣାର କେଶବଧାମସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ 'ପ୍ରାଦେଶିକ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ- ୨୦୨୫'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟିବି ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ୍ଚ କରିବାର ଏକ ପ୍ରକ୍ରିୟା ଥିଲା ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବର ପ୍ରାନ୍ତ କାର୍ଯ୍ୟବାହ ଡକ୍ଟର ଅନିଲ କୁମାର ମିଶ୍ର, ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କାହ୍ନେରେ,ଶିକ୍ଷା ବିକାଶ ସମିତି ଓଡ଼ିଶା ସଭାପତି ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି ସମ୍ମିଳନୀରେ ଯୋଗ ଦେଇଥିଲେ।

ଯୁକ୍ତ ତିନି ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

# ୧ ଲକ୍ଷ ୭୫ ହଜାର ବିଦ୍ୟାର୍ଥୀ ମନୋନୀତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ନାତକ ତଥା ଯୁକ୍ତ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ଗୁରୁବାର ପ୍ରକାଶ ପାଇଛି। ସାମ୍ସ ମାଧ୍ୟମରେ ହେଉଥିବା ଏହି ନାମଲେଖା ପ୍ରକ୍ରିୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟ କଟ୍ ଅଫ୍ ମାର୍କ ରେକର୍ଡ ସୃଷ୍ଟି କରିଛି। ଅଧିକାଂଶ ବିଷୟରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରେଭେନ୍ସା ପଛରେ ପକାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ରେଭେନ୍ସା ଶୀର୍ଷରେ ରହିଥିବା ବେଳେ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ବିଜେବି, ସଂସ୍କୃତ ବିଭାଗରେ ରାଜଗାଙ୍ଗପୁରସ୍ଥିତ ଓମ୍ ମା' ସରସ୍ୱତୀ ଡିଗ୍ରି କଲେଜ, ଆଇନ ବିଭାଗରେ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ଶୀର୍ଷରେ ରହିଛି। ୨୦୨୫-୨୬ ଶିକ୍ଷାବର୍ଷରେ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍‌ରେ ନାମଲେଖା ପାଇଁ ୨ଲକ୍ଷ ୬୫ହଜାର ୫୯୦ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ନାମଲେଖା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭୦ହଜାର ୭୪୫ଜଣ ଛାତ୍ର, ୧ ଲକ୍ଷ ୪ହଜାର ୯୬୭ଜଣ ଛାତ୍ରୀ ଓ ୧୦ଜଣ କିନ୍ନର ରହିଛନ୍ତି। କଳାରେ ୧ ଲକ୍ଷ ୭ ହଜାର ୬୯, ବିଜ୍ଞାନରେ ୪୫ ହଜାର ୮୫୫, ବାଣିଜ୍ୟରେ ୧୬ହଜାର ୨୦୫, ସଂସ୍କୃତରେ ୩,୩୭୧, ସେଲ୍ଫ ଫାଇନାନ୍ସିଂରେ ୩,୦୫୧ ଓ ଆଇନ ବିଭାଗରେ ୧୭୧ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଯେଉଁ ଛାତ୍ରଛାତ୍ରୀ ମନୋନୀତ ହୋଇଥିବେ ସେମାନେ ଆସନ୍ତାକାଲି ୧୨ଟାରୁ ୧୭ତାରିଖ ଅପରାହ୍ନ ୩ଟା ମଧ୍ୟରେ ନାମଲେଖା ଫି' ପୈଠ କରିପାରିବେ। ମନୋନୀତ ଛାତ୍ରଛାତ୍ରୀଙ୍କ ନାମଲେଖା ଜୁନ୍ ୧୩, ୧୬ ଓ ୧୭ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁନ ୨୨ ପୂର୍ବାହ୍ଣ ୧୧ଟାରେ ପକାଶ ପାଇବ ଏବଂ ୨୩ରୁ ୨୫ ତାରିଖ ମଧ୍ୟରେ ନାମଲେଖା କରାଯିବ। ଶେଷ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧ରେ ପ୍ରକାଶ ପାଇବା ସହ ୨ରୁ ୪ ତାରିଖ ପର୍ଯ୍ୟନ୍ତ ନାମଲେଖା ଚାଲିବ। କଳା ବିଭାଗ ସାଧାରଣ ବର୍ଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ସର୍ବାଧିକ ୯୨.୮୦% ରହିଛି। ଫିଜିକାଲ ସାଇନ୍ସରେ ରେଭେନ୍ସାର ପଦାର୍ଥ ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ୯୩.୬୭%, ବାୟୋଲୋଜି ସାଇନ୍ସରେ ରେଭେନ୍ସା ପ୍ରାଣୀ ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ୯୪%, ବାଣିଜ୍ୟରେ ୯୦.୫୦% ହୋଇଛି। ସଂସ୍କୃତ ବିଭାଗ ଶାସ୍ତ୍ରୀ ବିଷୟରେ ଶ୍ରୀ ରାଧାମାଧବ ସଂସ୍କୃତ ଡିଗ୍ରି କଲେଜର କଟ୍ ଅଫ୍ ମାର୍କ ସର୍ବାଧିକ ୬୮.୬୭%, ସେଲ୍ଫ ଫାଇନାନ୍ସିଂ ବିଭାଗରେ କମ୍ପ୍ୟୁଟର ସାଇନ୍ସ ବିଷୟରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ସର୍ବାଧିକ ୮୮.୮୩% ଓ ବିଶ୍ୱବିଦ୍ୟାଳୟ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଏଲ୍‌ଏଲ୍‌ବି ପାଠ୍ୟକ୍ରମର କଟ୍ ଅଫ୍ ମାର୍କ ୮୭.୮୦% ରହିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭୁବନେଶ୍ୱର-ଆବୁଧାବି ବିମାନ ଚଳାଚଳର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରୁ ଆବୁଧାବିକୁ ଏହି ବିମାନ ସେବା ଇଣ୍ଡିଗୋ ଏୟାର ଲାଇନ୍ସ ଜରିଆରେ ଆରମ୍ଭ କରାଯାଇଛି। ଏହା ସିଧାସଳଖ ଆବୁଧାବିକୁ ଯାତ୍ରା କରିବ। ସୂଚନାଯୋଗ୍ୟ ଯେ, ସପ୍ତାହରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଉପଲବ୍ଧ ହେବ। ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏହି ବିମାନ ଚଳାଚଳ ଆରମ୍ଭ ଦ୍ୱାରା ଓଡିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ, ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏଥି ସହିତ ଆଜି ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ଯାତ୍ରୀଙ୍କୁ ବୋର୍ଡିଙ୍ଗ୍ ପାସ୍ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ବିମାନସେବା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନିଉ ଡେଷ୍ଟିନେସନ୍ ପଲିସି ଅଧିନରେ ଏହି ସେବା ଆରମ୍ଭ କରାଯାଇଛି । ଏହି ସେବା ଦ୍ୱାରା ମିଡିଲ୍ ଇଷ୍ଟ୍ ଦେଶଗୁଡିକ ସହିତ ଓଡିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ୍ୟ ଆମର ସମ୍ପର୍କ ଆହୁରି ସୁଦୃଢ ହେବ। ଏହି ବିମାନର କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହିତ ୫୦ ଟନ ଆମ୍ରପଲ୍ଲି ଆମ୍ବ ରପ୍ତାନୀ କରାଯାଇଛି। ସେ ପୁଣି କହିଥଲେ ଆମ ସରକାର ସଡକ ପଥ ଓ ରେଳ ପଥ ସହିତ ଆକାଶ ପଥରେ ମଧ୍ୟ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ, ଝାରସୁଗୁଡାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ୍ୟ ବିମାନ ସଂଯୋଗ କରାଯାଇଛି।

## ୨୫ତମ ବାର୍ଷିକ ନୃତ୍ୟ ଓ ରଜ ପ୍ରତିଭା ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ୨୫ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବ ୨୦୨୫ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଦିନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଚପଳା ମିଶ୍ର, ପୁଷ୍ପରଞ୍ଜନ ମଙ୍ଗରାଜ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ସୋନାଲୀ ମହାପାତ୍ର ଏବଂ ଡ଼ିଷ୍ଟିକ୍ ଆଇଏସ୍‌ଓ ଆରତୀ ବଡ଼ପଣ୍ଡା । ଏହି ଅଧିବେଶନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରି ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସଂଧ୍ୟାର ଅତିଥି ଭାବେ ପୂର୍ବତନ ସାଂସଦ ଡ଼କ୍ଟର ପ୍ରସନ୍ନ ପାଟଶାଣୀ, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ବିଶିଷ୍ଟ ଲେଖିକା ଡ଼କ୍ଟର ରୀନା ରାଉତରାୟ, ରୋଟାରିୟାନ୍ ନିହାରିକା ମିଶ୍ର, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ, ନୃତ୍ୟ ପ୍ରତିଭାର ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ରଜ ପ୍ରତିଭା ସମ୍ମାନ ୨୦୨୫ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଦିପ୍ତୀ ରାଉତରାୟଙ୍କୁ ସଂଧ୍ୟାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଗୁରୁ ଦୀପ୍ତି ରାଉତରାୟ, ଟି. ଦୀପ୍ତି, ଅରିଦିତା ଚକ୍ରବର୍ତ୍ତୀ (ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା) ଓ ଦେବଦତ୍ତ ଦାଶ । ସାଇ କିରଣ ବେହେରା (ମୁକ ଓ ବଧିର) ଓ ଆକାକ୍ଷ୍ୟା ଆରାଧନାଙ୍କ ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ପରେ ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଜଗନ୍ନାଥଷ୍ଟକମ୍ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଦିନ ଅଧିବେଶନରେ ପରିଚାଳନା କରିଥିଲେ ରଜନୀଗନ୍ଧା ଓ ଜାଗ୍‌ଭୀ ଏବଂ ସନ୍ଧ୍ୟା ଅଧିବେଶନରେ ପରିଚାଳନା କରିଥିଲେ ଋତୁପର୍ଣ୍ଣା ମହାପାତ୍ର ଏବଂ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଗୁରୁ ପ୍ରତିଭା ପଣ୍ଡା ।

## କଂଗ୍ରେସ ନିଜକୁ ନିଜେ ପ୍ରଶ୍ନ ପଚାରିବା ଦରକାର: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସର ସାମ୍ବାଦିକ ସମ୍ମିଳନୀକୁ କଡ଼ା କାଉଂଟର କରିଛି ବିଜେପି। ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି କଂଗ୍ରେସ ନିଜକୁ ନିଜେ ପ୍ରଶ୍ନ ପଚାରିବା ଦରକାର । କଂଗ୍ରେସ ବି ରାଜ୍ୟରେ ଦୀର୍ଘ ବର୍ଷ ଧରି କ୍ଷମତାରେ ଥିଲା। ଲୋକଙ୍କ ପାଇଁ ସେମାନେ କଣ କରିଥିଲେ ରାଜ୍ୟବାସୀ ଜାଣିଛନ୍ତି । ସେ କଥା ସେମାନେ ଆଗ ରାଜ୍ୟବାସୀଙ୍କୁ ଜଣାଇବାର ଆବଶ୍ୟକତା ଅଛି । ଓଡ଼ିଶାରେ ମୋହନ ସରକାର ଓ କେନ୍ଦ୍ରରେ ମୋଦି ସରକାର ଦୁର୍ନୀତି ମୁକ୍ତ ସରକାର ଦେବାରେ ବିଜେପି ସଫଳ ହୋଇଛି। ଯାହାକୁ ନେଇ ଓଡ଼ିଶା ଏବଂ ଭାରତ ଦୃତ ଗତିରେ ଆଗକୁ ବଢୁଛି ।

## ବିଜେଡିର ବିକ୍ଷୋଭ ପ୍ରଦର୍ଶନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏକ ବର୍ଷ ପୂରଣ ହୋଇଥିବା ବେଳେ ବିଜୁ ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ ଛକରେ ଏକ ଅଭିନବ ଉପାୟରେ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଫଳତାକୁ ପ୍ରଦର୍ଶନ କରାଯାଇଥିଲା । ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତ ଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହାଛଡା ଗତ ଏକ ବର୍ଷରେ, ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇ ପଡିଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଥିଲା । ଗତ ଏକ ବର୍ଷର ସରକାର ଏହି ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କେବଳ ନବୀନ ସରକାରଙ୍କ ଅମଳର କିଛି ନାମ ଓ ରଙ୍ଗ ପରିବର୍ତ୍ତନ ସରକାର ସାଜିଛନ୍ତି ବୋଲି ପ୍ଲାକାର୍ଡରେ ଦର୍ଶାଯାଇଥିଲା । ସ୍ଥାନୀୟ ଲୋକେ ଭିଡ଼ ଜମାଇବାରୁ ପୋଲିସ ଧାରଣାରେ ଥିବା ବିଜେଡି ନେତାଙ୍କୁ ହଟାଇବାକୁ ଚେଷ୍ଟା କରିଥିଲା, ଫଳରେ କିଛି ସମୟ ପାଇଁ ଘଟଣା ସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା । ଧାରଣାରେ ଦଳର ବରିଷ୍ଠ ନେତୃବୃନ୍ଦ ଯଥା ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ଼ଃ ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ସୁବାଶିଷ ଖୁଣ୍ଟିଆ, ସୁଲତା ଦେଓ, ସୁଶାନ୍ତ ରାଉତ, ସୁଦାମ ମାରାଣ୍ଡି,ରମେଶ ବେହେରା, ଧ୍ରୁବ ସାହୁ, ସର୍ମିଷ୍ଠା ସେଠୀ ଗୌତମବୁଦ୍ଧ ଦାସ, ସାରଦା ଜେନା, ଚନ୍ଦ୍ରଶେଖର ସାହୁ, ପ୍ରୀତିରଞ୍ଜନ ଘଡାଇ, ଭୃଗୁ ବକ୍ସିପାତ୍ର, ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର, ରୁଦ୍ର ମହାରଥୀ, ମନ୍ମଥ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଦିବ୍ୟାଙ୍ଗ ପ୍ରଫୁଲ୍ଲଙ୍କୁ ତୁରନ୍ତ ଘର ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତ ପ୍ରତିଶତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ଖବର ପାଇ ତାଙ୍କୁ ଘର ଯୋଗାଇଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ । ଏହାସହ ତାଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ। ସୂଚନା ଅନୁଯାୟୀ ଶ୍ରୀ ଦାସଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ ଯିବାଆସିବା ପାଇଁ ଏକ ଧଳା ବାଡି ଦିଆଯାଇଛି।

ଭଦ୍ରକ ଗୋଷ୍ଠୀ ସଂଘର୍ଷରେ ସନ୍ତୋଷ ପରିଡାଙ୍କ ମୃତ୍ୟୁ ଘଟଣା

## ପିଲାଙ୍କ ପାଠପଢା ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠପଢା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଘୋଷଣା କରିଛନ୍ତି । ଗତକାଲି ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

## ବିମାନ ଦୁର୍ଘଟଣା ନେଇ ନବୀନଙ୍କ ଚିନ୍ତା ପ୍ରକଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ବାର୍ତ୍ତାରେ ନବୀନ କହିଛନ୍ତି ଯେ, ଅହମଦାବାଦ-ଲଣ୍ଡନ୍ ଏୟାର୍ ଇଣ୍ଡିଆ ଫ୍ଲାଇଟ୍‌ର ଦୁର୍ଘଟଣା ଓ ଶତାଧିକ ଲୋକ ଥିବା ସଂପର୍କରେ ଶୁଣି ଗଭୀର ଦୁଃଖିତ । ବିମାନ ଦୁର୍ଘଟଣାରେ ପ୍ରଭାବିତ ପରିବାର ପାଇଁ ମୁଁ ଚିନ୍ତାବ୍ୟକ୍ତ କରିବା ସହ ପ୍ରାର୍ଥନା କରୁଛି ।

ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ଦୁର୍ନୀତିରେ ଭର୍ତ୍ତି: କଂଗ୍ରେସ

## ଅସ୍ମିତା ନୁହେଁ ଆସ୍ଫାଳନ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ୨୪ ବର୍ଷର ବିଜେଡ଼ି ସରକାରର ପତନ ହୋଇଛି, ମୋହନ ସରକାର ୧ ବର୍ଷ ପୂରଣ କରିଛି କିନ୍ତୁ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇନାହିଁ । ପ୍ରତିଶ୍ରୁତିରେ ପୋତି ପକାଇଥିବା ରାଜ୍ୟରେ ମୋହନ ସରକାରଙ୍କ ବର୍ଷପୂର୍ତି ପାଳନ କରୁଛନ୍ତି । ପ୍ରତିଶ୍ରୁତି ନାଁରେ ପ୍ରତାରଣାର ପ୍ରତିଛବି ରାଜ୍ୟ ଶାସନରେ ପ୍ରତିଫଳିତ ହୋଇଛି । ସମନ୍ୱୟ ଅଭାବ ଓ ଅହମିକା ଶାସନ ବ୍ୟବସ୍ଥାକୁ ଦିଗହରା କରିଛି । ପ୍ରଚାର ସର୍ବସ୍ୱ ଢ଼ଙ୍ଗରେ ବିଜେପି ସରକାର ବର୍ଷପୂର୍ତି ପାଳନ କରୁଥିବା ବେଳେ ତଳରୁ ଉପରସ୍ତର ଯାଏ ଦୁର୍ନୀତି ଭରି ରହିଛି । ଲୋକଙ୍କ କୋଟି କୋଟି ଟଙ୍କାରେ ଏକ ବର୍ଷର ପୂର୍ତ୍ତି ପାଳନ ଉତ୍ସବ ଏକ ପ୍ରହସନ । ଅସ୍ମିତା ନାଁରେ ଆସ୍ଫାଳନ ଦେଖାଇ ଶାସନ ଗାଦିରେ ବସିଥିବା ମୋହନ ସରକାର ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ବିଜେପିର ପ୍ରତିଶ୍ରୁତିର ପ୍ରତାରଣାକୁ ପଦାରେ ପକାଇବା ପାଇଁ 'ବର୍ଷ-୧, ପ୍ରତାରଣା ଅନେକ' ସମ୍ପର୍କରେ ରାଜ୍ୟରେ ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଅସଲମୁଖା ଖୋଲିବେ ବୋଲି ଶ୍ରୀ ଦାସ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ସେ କହିଛନ୍ତି ଯେ ବିଜେପି ସରକାରର ଛଳନାର ସ୍ୱରୂପ ସମ୍ପର୍କରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବଲାଙ୍ଗୀର, ନିରଞ୍ଜନ ପଟ୍ଟନାୟକ ଖୋର୍ଦ୍ଧା, ଜୟଦେବ ଜେନା ପୁରୀ, ପ୍ରସାଦ ହରିଚନ୍ଦନ ବ୍ରହ୍ମପୁର, ବାଲେଶ୍ୱର-ତାରାପ୍ରସାଦ ବାହିନୀପତି, ଜଗନ୍ନାଥ ପଟ୍ଟନାୟକ ସମ୍ବଲପୁର, ଅନନ୍ତ ପ୍ରସାଦ ସେଠୀ କେନ୍ଦ୍ରାପଡ଼ା, ସିଏସ ରାଜନ ଏକ୍କା ରାୟଗଡ଼ା ଆଦି ପ୍ରମୁଖ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରି ଛଳନା ଓ ପ୍ରତାରଣାପୂର୍ଣ୍ଣ ସ୍ୱରୂପର ମୁଖା ଖୋଲିବେ । ଅନ୍ୟମାନଙ୍କ ମଧ୍ୟରେ ଡ୍ରାଫ୍ଟିଂ କମିଟି ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

With Best Complime-ts from :

A Well Wisher



ଆସୁଛି ରଜ

## ରାସ୍ତାପାର୍ଶ୍ୱରେ ବଢୁଛି ଦୋଳି ବେପାର



କଟକ(ଭାସ୍କର ନ୍ୟୁଜ): ଆଗକୁ ଆସୁଛି ଗଣପର୍ବ ରଜ। ଓଡିଶାବାସୀ ଧୂମଧାମରେ ରଜ ପାଳନ କରିବାକୁ ଯାଉଛନ୍ତି । ଗାଁ ଗହଳିର ରଜର ମହକ ସହରିଆଙ୍କୁ ଆକର୍ଷିତ କରିଥାଏ । ବର୍ଷକ ମଧ୍ୟରୁ ରଜ ତିନିଦିନ ଲୋକେ ମଉଜ ମଜଲିସରେ ମଜ୍ଜି ଯାଇଥାନ୍ତି। ପୋଡପିଠା, ପାଳଖୁଆ, ତାସ୍ ଖେଳ ସାଙ୍ଗକୁ ରଜ ଦୋଳିରେ ପିଲା ହେଉ କି ବୁଢ଼ା, ନରୀ ହେଉ ବା ପୁରୁଷ ସମସ୍ତେ ନିଜକୁ ହଜାଇ ଦିଅନ୍ତି । ସେଥିପାଇଁ ଗାଁରୁ ଆସି ସହରରେ ଚାକିରି କରିଥିବା ଲୋକେ ନିଜ ମନକୁ ହାଲକା କରିବା ଆଳରେ ଗାଁ ପରିବେଶରେ କିଛି ଦିନ କଟାଇ ଆସନ୍ତି। ଭଲ ବନ୍ଧୁ ମାନଙ୍କ ସହିତ ସମ୍ପର୍କ ବି ଦୃଢ଼ ହୋଇଥାଏ । ଗାଁଇ ଆମ୍ବ ତୋଟାରେ ପଟା ଦୋଳି ଖେଳର ମଜା କିନ୍ତୁ ନିଆରା। ବିରାଟ ବିରାଟ ଗଛରେ ଲମ୍ବା ଲମ୍ବା ବାଉଁଶ ଓ ଚଉଡା ପଟାରେ ବୋଳିର ବ୍ୟବସ୍ଥା କରାଯାଇଥାଏ । ତୋଟା ମଧ୍ୟରେ ଗଛ ଛାଇରେ ଦୋଳି ଖେଳ ସାଙ୍ଗକୁ ରଜଗୀତର ମହକ ପରିବେଶକୁ ଆଳକମୟ କରିଦିଏ। ଏବେ କିନ୍ତୁ ସମୟ ବଦଳିଛି। କଂକ୍ରିଟମୟ ସହରର ଗ୍ରୀଷ୍ମ ତାପରୁ ଟିକେ ରକ୍ଷା ପାଇବା ପାଇଁ ସହରିଆ ଗାଁକୁ ଗଲାବେଳେ ସେଠାକାର ଅବସ୍ଥା ଦେଖୁ ତାକୁ ଦୟା ଲାଗୁଛି । ଚାରିଆଡେ ଅବାଧରେ ଗଛ କଟା ଚାଲିଛି । ପୁରୁଣାକାଳିଆ ଗଛ ଦେଖିବାକୁ ମିଳୁନଥିବା ବେଳେ ସତେକି ବାଉଁଶ ବୁଦା ସବୁ କୁଆଡେ ଉଭାନ୍ ହୋଇଯାଇଛି । ଗାଁକୁ ଛାଡି ଲୋକେ ସହରାଭିମୁଖୀ ହେଉଛନ୍ତି। ରଜ ପର୍ବର ସେ ମହକ ଧୀରେ ଧୀରେ କମି ଯାଇଛି । ଏପରି ସ୍ଥଳେ ରଜରେ ଦୋଳି ଖେଳର ପରମ୍ପରା କିନ୍ତୁ ଲୋକେ ଛାଡ଼ିବାକୁ ନାରାଜ । ଏହାକୁ ଦୃଷ୍ଟିରେ ରଖି ଅଣଓଡିଆ ବେପାରୀମାନେ ରଜ ଦୋଳିର ନୂଆ ସମ୍ଭାର ନେଇଆସନ୍ତି। ଜଗତପୁରରୁ ସାଲେପୁର ଯିବା ରାସ୍ତାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ପ୍ଲାଷ୍ଟିକ ଦଉଡ଼ିରେ ନିର୍ମିତ ରଙ୍ଗ ବେରଙ୍ଗର ନୂଆ ପ୍ରକାରର ରଜ ଦୋଳି ଗଛରେ ଟଙ୍ଗା ହୋଇ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ୨୦ ଟଙ୍କାରୁ ନେଇ ୫୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ଲୋକେ ଏହାକୁ କିଣୁଛନ୍ତି। ଲୋକଙ୍କ ବିଭିନ୍ନ ପ୍ରକରର ଓଜନକୁ ନେଇ ଏହି ଦୋଳି ତିଆରି କରାଯାଇଥାଏ । ଘରଗୁଡିକରେ ଲାଗିଥିବା ଦୁଇପଟ ଲୁହା କଡିରେ ରଣି ଲଗାଇ ମଝିରେ ଏହି ଦୋଳିକୁ ବାନ୍ଧି ଦିଆଯାଏ । ଆଉ ତା'ପରେ ଆରମ୍ଭ ହୁଏ ଦୋଳି ଖେଳ । ଏହିପରି କିଛି ଦୋଳି ବେପାରୀଙ୍କୁ ଭେଟିବାରୁ ଜାଣିବାକୁ ମିଳିଲା ଯେ, ସାଂପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି ଓଡ଼ିଆଙ୍କ ମାନସିକତାକୁ ପରଖି ଆମେ ଛୋଟ ଦୋଳିର ସମ୍ଭାର ହେଇଆସିଛୁ । ଏଥିରେ ସଫଳ ହେଲେ ଆଗକୁ ଆହୁରି ନୂଆ ନୂଆ ଦୋଳି ବିଷୟରେ ଚିନ୍ତା କରିବୁ। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ବିଜୟନଗରମ, ବିଶାଖାପାଟଣା, ରାଜମହେନ୍ଦ୍ରି ଆଦି ଅ ଳରୁ ଶହଶହ ଅଓଡିଆ ବେପାରୀ ରଜ ଉପଲକ୍ଷେ ମଇ ମାସ ଶେଷ ସପ୍ତାହରୁ ଆସି ଭୁବନେଶ୍ୱରରେ ଡେରା ପକାଇଥାନ୍ତି । ରାଜଧାନୀରୁ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ଯାଇ ଦୋଳି ବେପାର କରିଥାନ୍ତି । ଗାଁ ହେଉ କି ସହର ରଜ ପରମ୍ପରାକୁ କେହି ଭୁଲିବାକୁ ଚାହୁଁ ନାହାନ୍ତି। ବଦଳୁଥିବା ପରିସ୍ଥିତିରେ ଏହା ମଧ୍ୟ ଧୀରେ ଧୀରେ ଆଦୃତ ହେଉଥିବା ଦେଖାଯାଉଛି।

ଓଡ଼ିଶା
ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ




## 'ଲୋକଙ୍କ ସରକାର'ର ବର୍ଷପୂର୍ତ୍ତି

# ସଫଳତା ଅନେକ, ତଥାପି...

ଓଡ଼ିଶାରେ ଆଦିବାସୀ ନେତା ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବାର ଗୋଟିଏ ବର୍ଷ ପୂରି ଯାଇଛି। ଏଥିପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ଉତ୍ସବାନୁଷ୍ଠାନ ଆୟୋଜିତ ହେବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ସରକାରଙ୍କ ବର୍ଷକର ସଫଳତାର ଚିତ୍ର ପ୍ରଦାନ କରୁଛନ୍ତି। ଏହି ବର୍ଷକ ମଧ୍ୟରେ ମୁଖ୍ୟମନ୍ତ୍ରୀ ବହୁ ସମୟରେ ଲୋକଙ୍କ ନିକଟତର ହେବା ସହିତ ସେମାନଙ୍କ ସମସ୍ୟାଗୁଡ଼ିକୁ ସିଧାସଳଖ ଶୁଣିବା ଓ ସେସବୁର ସମାଧାନ କରିବା ନିମନ୍ତେ ପଦକ୍ଷେପ ନେବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ମନେହେଉଛି। ଏଥିପାଇଁ ନିଜେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରକୁ 'ଲୋକଙ୍କ ସରକାର' ରୂପେ ଅଭିହିତ କରିଛନ୍ତି। ରାଜ୍ୟରେ ବିଗତ ୨୪ବର୍ଷ ଧରି ଶାସନ ଦାୟିତ୍ୱରେ ଥିବା ସରକାର ଥରେ ହେଲେ ବିଧିବଦ୍ଧ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିନଥିଲେ କିମ୍ବା ମୁଖ୍ୟମନ୍ତ୍ରୀ ସିଧାସଳଖ ଅଭିଯୋଗ ପ୍ରକୋଷ୍ଠକୁ ଆସି ଲୋକଙ୍କ ଦୁଃଖଦୁର୍ଦ୍ଦଶା ଶୁଣିନଥିଲେ। ମାତ୍ର ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମ କରି ଆନୁଷ୍ଠାନିକ ଭାବରେ ସାମ୍ବାଦିକ ସମ୍ମିଳନୀ ଡକାଇ ଗଣମାଧ୍ୟମ ସହ ଭାବର ଆଦାନପ୍ରଦାନ କରିଛନ୍ତି। ଗତବର୍ଷ ଜୁନ୍ ୧୨ ତାରିଖରେ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବା ପରେ କେତେକ କ୍ଷେତ୍ରରେ ଯେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ଅସ୍ୱୀକାର କରିହେବ ନାହିଁ। ଚଳିତ ଖରିଫ୍ ଓ ରବିଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କାକୁ ବୃଦ୍ଧି କରାଯିବା ଫଳରେ ଚାଷୀମାନେ ଉପକୃତ ହୋଇପାରିଛନ୍ତି। ଏ କ୍ଷେତ୍ରରେ ସରକାରଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ସବ୍‌ସିଡି ପ୍ରଦାନ କରିବାକୁ ପଡୁଛି। ସେହିପରି ବହୁ ପ୍ରଚାରିତ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହାଫଳରେ ଏକକୋଟିରୁ ଅଧିକ ହିତାଧିକାରୀ (ମହିଳା) ଉପକୃତ ହୋଇଥିବାର ଜଣାପଡିଛି। ମୋହନ ସରକାର ଶପଥ ଗ୍ରହଣ କରିବାର ପ୍ରଥମ ଦିନରେ ହିଁ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଶ୍ରୀମନ୍ଦିରର ଚାରିଦ୍ୱାରକୁ ଭକ୍ତଙ୍କ ପ୍ରବେଶ ନିମନ୍ତେ ଖୋଲି ଦେଇଥିଲେ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ଶିଳ୍ପ ଏବଂ ସର୍ବୋପରି ଓଡ଼ିଆ ଅସ୍ମିତା କ୍ଷେତ୍ରରେ କେତେକ ନୂତନ ଯୋଜନାର 'ରୂପରେଖ' ପ୍ରସ୍ତୁତ କରାଯାଇ ସେ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ବୟାନ୍ ଅନୁଯାୟୀ ବିଜେପି ସଂକଳ୍ପପତ୍ରରେ ଉଲ୍ଲେଖ କରିଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ପୂରଣ ହୋଇଥିବା ସ୍ଥଳେ ଅନ୍ୟଗୁଡ଼ିକ ପୂରଣ ପାଇଁ ଉଦ୍ୟମ ହେଉଛି। ତେବେ ନୂତନ ସରକାରର କାର୍ଯ୍ୟକାଳ ଆଉ ୪ବର୍ଷ ବାକି ଥିବା ସ୍ଥଳେ ଏହା ସମ୍ମୁଖରେ ଅନେକ ଆହ୍ୱାନ ରହିଛି। ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ସହ ଆମ ରାଜ୍ୟର ବିବାଦ ଉଗ୍ରରୂପ ନେଇଥିବା ବେଳେ ଆନ୍ଧ୍ରପ୍ରଦେଶର ପୋଲାଭରମ୍ ପ୍ରକଳ୍ପ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ଦୁଇରାଜ୍ୟରେ ଏନ୍‌ଡିଏ ଶାସନ ଦାୟିତ୍ୱରେ ଥିବାରୁ ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ଏସବୁର ସମାଧାନ ନିମନ୍ତେ ଯତ୍ନଶୀଳ ହେବାକୁ ପଡିବ। ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ରର ଦାଦାଗିରି ଏବଂ ଓଡ଼ିଆ ସ୍ୱାର୍ଥବିରୋଧୀ ପଦକ୍ଷେପର ଦୃଢ଼ ମୁକାବିଲା ମଧ୍ୟ ରାଜ୍ୟ ସରକାରଙ୍କ ଆଗରେ ଏକ ଆହ୍ୱାନ ରୂପେ ଦେଖାଦେଇଛି। ନିଜର ପ୍ରତିଶ୍ରୁତି ରକ୍ଷା କରି ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ, ଲୋକାୟୁକ୍ତ ନିଯୁକ୍ତି, ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା, ଚାଷୀଙ୍କ ଠାରୁ ଧାନ କିଣିବା ସମୟରେ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ମନ୍ତ୍ରୀ ନବଦାସ ହତ୍ୟା ରହସ୍ୟ ଉନ୍ମୋଚନ କରିବା ଭଳି ଅନେକ ପଦକ୍ଷେପ ସରକାରଙ୍କୁ ଗ୍ରହଣ କରିବାକୁ ପଡ଼ିବ। ଅମଲାତନ୍ତ୍ରର ପ୍ରଭାବରୁ ପ୍ରଶାସନକୁ ଯଥା ସମ୍ଭବ ଦୂରେଇ ରଖିବା ସହିତ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ମୋହନ ସରକାରଙ୍କ ପାଇଁ ବିଜ୍ଞତାର କାର୍ଯ୍ୟ ହେବ।

## ନୀତିବାଣୀ



ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ବିଶ୍ୱ ଜନସଂଖ୍ୟାରେ ଭାରତ ନମ୍ବର ୱାନ୍



ହିମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଭାରତର ଜନସଂଖ୍ୟା ୨୦୨୫ରେ ୧୪୬ କୋଟିରେ ପହଞ୍ଚିବାକୁ ଯାଉଥିବା ଆକଳନ କରାଯାଉଛି। ୭୮ ବର୍ଷରେ ଦୁଇଗୁଣା ହୋଇଛି ଜନସଂଖ୍ୟା। ଜାତିସଙ୍ଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡିଛି। ୨୦୧୧ ଜନଗଣନା ବେଳେ ଭାରତର ଜନସଂଖ୍ୟା ୧୨୧କୋଟି ରେକର୍ଡ କରାଯାଇଥିଲା। ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ୦-୧୪ବର୍ଷ ପର୍ଯ୍ୟନ୍ତ ବୟସର ଜନସଂଖ୍ୟା ୩୫କୋଟି ହୋଇଛି, ଯାହାକି ମୋଟ ଜନସଂଖ୍ୟାର ୨୪ପ୍ରତିଶତ। ସେହିଭଳି ୧୦ରୁ ୧୯ ଆୟୁବର୍ଗର ଜନସଂଖ୍ୟା ୧୭ ପ୍ରତିଶତ। ମୋଟ ଜନସଂଖ୍ୟାରେ ୧୦ରୁ ୨୪ ଆୟୁବର୍ଗଙ୍କ ସଂଖ୍ୟା ୨୬ ପ୍ରତିଶତ। ୧୫ରୁ ୬୪ ଆୟୁବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୮ ପ୍ରତିଶତ। ସେହିଭଳି ୬୫ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମୋଟ ଜନସଂଖ୍ୟାର ୭ ପ୍ରତିଶତ। ଦେଶର ପୁରୁଷଙ୍କର ହାରାହାରି ପରମାୟୁ ୭୧ବର୍ଷ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୪ ବର୍ଷ ରହିଛି। ଜାତିସଂଘ ଆକଳନ ଅନୁସାରେ ଭାରତର ବର୍ତ୍ତମାନ ଜନସଂଖ୍ୟା ୧୪୬.୩୯ କୋଟି ହୋଇଥିବା ବେଳେ ଏହା ଆଗାମୀ ୪୦ବର୍ଷ ମଧ୍ୟରେ ୧୭୦କୋଟିରେ ପହଞ୍ଚିବ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।

କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରିସମ୍ପତ୍ତି। କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ। କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ତାହା ପରିସମ୍ପତ୍ତି ହେବା ପରିବର୍ତ୍ତେ ଦେଶ ପାଇଁ ବୋଝ ହୋଇଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ନିକଟରେ ୧୪୨.୮୫ କୋଟିରେ ହୋଇଥିବା ବେଳେ ଚୀନର ଜନସଂଖ୍ୟା ୧୪୨.୫୭ କୋଟିରେ ଥିଲା। ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି। ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ, ୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି। ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି। ଏଥିସହିତ ସର୍ବନିମ୍ନ ଜନସଂଖ୍ୟ ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ, ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜାର, ୧୩ ଲକ୍ଷ ୮୨ ହଜାର, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ ହଜାର ରହିଛି । ସେହିପରି ଆମ ରାଜ୍ୟ ଓଡ଼ିଶା କଥା ଚିନ୍ତାକଲେ ସଂପ୍ରତି ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୭୦ କୋଟି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱ ବିଶେଷ କରି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି। ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି। ଆମ ଦେଶର ଜନସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନସଂଖ୍ୟାର ଆକାର ବଢ଼ିବାରେ ଲାଗିଛି।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ। ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନଧରଣର। ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ। ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ। ୧୯୫୦-୧୯୫୧ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ। ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି। ଏସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ। ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି। ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି। ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ। ଏସବୁ ମାନବ ସମ୍ବଳ ବିକାଶ ନିମିତ୍ତ ଆବଶ୍ୟକ। ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ। ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧-୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର। ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ। ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ। ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି। ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି। ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି। ପରିବେଶ ଦୂଷିତ ହେଉଛି। ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ। ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡ଼ି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି।

ଜନସଂଖ୍ୟା ବୃଦ୍ଧି ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ। ପରିବାର ନିୟୋଜନ, ନିରାପଦ ମାତୃତ୍ୱ, ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ। ଯଦିଓ ଜାତିସଂଘ ରିପୋର୍ଟରେ ଭାରତର ମହିଳାଙ୍କ ମୋଟ ପ୍ରଜନନ ହାର ୧.୯କୁ ହ୍ରାସ ପାଇଛି ତଥାପି ଏହି ପ୍ରଜନନ ହାର ଲକ୍ଷ୍ୟ ପୂରଣ ପାଇଁ ସମର୍ଥ ନୁହେଁ। ଏ ଦିଗରେ ସାମୂହିକ ଉଦ୍ୟମ ଲୋଡା। ଏ କଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍।

# ମନୁଆ ମୌସୁମୀ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଭାରତର ଜୀବନରେଖା କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ମାସରୁ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୭୦ ଭାଗ ବୃଷ୍ଟିପାତ କରାଇଥାଏ। ଦେଶର ଅର୍ଥନୀତି ଓ ଚାଷବାସ ଏହି ମୌସୁମୀ ବାୟୁ ଉପରେ ନିର୍ଭର କରିଥାଏ। ଭାରତରେ ସାଧାରଣତଃ ବାର୍ଷିକ ହାରହାରି ୧୦୮ ସେ.ମି ବର୍ଷା ହୋଇଥାଏ। ଜୁନ୍ ପ୍ରଥମ ସପ୍ତାହରେ ଭାରତର ଦକ୍ଷିଣ ଭୂ-ଭାଗରେ ପ୍ରବେଶ କରି ଜୁଲାଇ ୮ ତାରିଖ ସୁଦ୍ଧା ସମଗ୍ର ଦେଶରେ ପରିବ୍ୟାପ୍ତ ହେଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅବଦାନ ମୋଟ ବର୍ଷାର ୮୫ ଶତାଂଶ। ପ୍ରତିବର୍ଷ ମେ ୨୦ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ ଓ ମେ ୩୦ ବା ୩୧ ତାରିଖରେ କେରଳ ଉପକୂଳ ଛୁଇଁଥାଏ। କେରଳ ଉପକୂଳ ଛୁଇଁବାର ପ୍ରାୟ ଦଶରୁ ବାର ଦିନ ମଧ୍ୟରେ ଏହା ଓଡ଼ିଶାକୁ ଛୁଇଁଥାଏ। ଯଦି କୌଣସି କାରଣରୁ ମୌସୁମୀ ବାୟୁ ଓଡ଼ିଶା ଆସିବାରେ ବିଳମ୍ବ ହୁଏ ତେବେ ଜୁନ ୧୬ରୁ ୧୮ ତାରିଖ ମଧ୍ୟରେ ନିଶ୍ଚିତ ଆସିଥାଏ। ତେବେ ୧୬ ବର୍ଷ ପରେ ସ୍ୱାଭାବିକ ତାରିଖ ଠାରୁ ଆଠଦିନ ଆଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୩ ତାରିଖରେ କେରଳ ଛୁଇଁଥିଲା। ଓଡ଼ିଶାରେ ବି ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିଲା। ମେ ୨୮ କିମ୍ବା ୨୯ ତାରିଖ ବେଳକୁ ରାଜ୍ୟକୁ ମୌସୁମୀ ପ୍ରବେଶ କରିପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଥିଲେ। ମୌସୁମୀରେ ଭଲ ବର୍ଷା ହେବ ବୋଲି ଭାରତୀୟ ପଣିପାଗ ବିଭାଗ ଆଶା ରଖିଥିଲା। ସେଇଆ ହିଁ ହେଲା। ମେ ୨୮ରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିଲା। ମୌସୁମୀ ଆଗମନରେ ପୂରା ରାଜ୍ୟରେ ମେଘ ବର୍ଷିଥିଲା। ମୌସୁମୀ ଲୋକଙ୍କ ମୁହଁରେ ଗ୍ରୀଷ୍ମରୁ ଆଶ୍ୱସ୍ତିର ହସ ଫୁଟାଇଲା। ତେବେ ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନକୁ ଛୁଇଁ ଗତ ୨୯ ତାରିଖ ଠାରୁ ମୌସୁମୀ ବିରାମ ନେଇଛି। ମୌସୁମୀ ଆଗୁଆ ଆସିଲା କିନ୍ତୁ ପୁଣି ଲୁଚିଗଲା। ସାଧାରଣତଃ ମୌସୁମୀ ସହିତ ଜଡିତ ନିମ୍ନ ଚାପ ରେଖା ଉତ୍ତର ମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନ ଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ ହିମାଳୟ ପାଦ ଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ଗତ କିଛିଦିନ ରାଜ୍ୟକୁ ପଶ୍ଚିମା ପବନ ବହିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି କରି ପାରିଲା ନାହିଁ । କାରଣ ମୌସୁମୀ ବିରତି ସମୟରେ ପଶ୍ଚିମା ଝଡ଼ର ପ୍ରଭାବ ରହିଲେ ମୌସୁମୀ ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ମୌସୁମୀର ଅନିୟମିତତା ଭାରତ ପାଇଁ ପ୍ରଥମ ଘଟଣା ନୁହେଁ। ୧୯୯୯ ମସିହାରେ ମଧ୍ୟ ମେ ୨୮ ତାରିଖରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ୨୦୦୯ ମସିହାରେ ସ୍ୱାଭାବିକ ତାରିଖ ଜୁନ ୧ର ଏକ ସପ୍ତାହ ପୂର୍ବରୁ ମେ ୨୩ରେ କେରଳ ଛୁଇଁଥିଲା। କିନ୍ତୁ ପରେ ଜୁନ ୮ରୁ ୨୦ ପର୍ଯ୍ୟନ୍ତ ଦୁର୍ବଳ ରହିଥିଲା। ଏହା ପରେ ସ୍ୱାଭାବିକ ତାରିଖ ଜୁଲାଇ ୩ ତାରିଖ ପରିବର୍ତ୍ତେ ଜୁଲାଇ ୧୫ ତାରିଖ ସୁଦ୍ଧା ଏହା ସମଗ୍ର ଦେଶକୁ ବ୍ୟାପିଥିଲା। ସେହି ବର୍ଷ ମୌସୁମୀ ମେ ୨୫ରେ ଦକ୍ଷିଣ ଓଡ଼ିଶା ପରିବର୍ତ୍ତେ ଉପକୂଳକୁ ଅଗ୍ରସର ହୋଇଥିଲା ଓ ପ୍ରଥମ କରି ପାରାଦୀପ ଓ ବାଲେଶ୍ୱରକୁ ଛୁଇଁଥିଲା। ପରେ ମେ ୨୬ରୁ ଜୁନ ୨୦ ଯାଏଁ ମୌସୁମୀ ବିରାମ ନେଇଥିଲା । ଗତ ୧୫୦ ବର୍ଷ ମଧ୍ୟରେ କେରଳରେ ମୌସୁମୀ ପହଞ୍ଚିବାର ତାରିଖ ଭିନ୍ନଭିନ୍ନ ରହି ଆସିଛି। ୧୯୧୮ ମସିହାରେ ମୌସୁମୀ ମେ ୧୧ ରେ କେରଳ ପହଞ୍ଚିଥିଲା। ଯାହାକି ସର୍ବକାଳୀନ ରେକର୍ଡ । ସେହିପରି ୧୯୭୨ରେ ଜୁନ ୧୮ରେ କେରଳ ଛୁଇଁଥିଲା, ଯାହାକି ସବୁଠାରୁ ବିଳମ୍ବିତ ତାରିଖ।

ଜୁନ ମାସରେ ମୌସୁମୀ ଅଗ୍ରଗତି ବିଳମ୍ବ ହେଲେ ଗ୍ରୀଷ୍ମ ପ୍ରବାହ ବଢିଥାଏ ଓ ଏହାର ପ୍ରଭାବ ଖରିଫ ଫସଲ ଉତ୍ପାଦନ ଉପରେ ପଡିଥାଏ। ମେ ୨୯ ତାରିଖ ଠାରୁ ବିରତି ନେଇଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ରଜ୍ୟକୁ ଫେରିଛି। ମୌସୁମୀର ଆଗମନ ସହିତ ଆକାଶରୁ ଝରି ପଡୁଛି ଟିପ୍ ଟିପ୍ ବର୍ଷା। ଗ୍ରୀଷ୍ମରେ ଧୂସର ପାଲଟି ଯାଇଥିବା ପରିବେଶ ପୁଣି ସବୁଜ ହୋଇଉଠିଛି। ସବୁଜିମାକୁ ଆହୁରି ସୁନ୍ଦର କରି ଦେଉଛି ଲାଲ ଟୁକୁ ଟୁକୁ ସାଧବ ବୋହୂ। ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ ରଜ ପାଇଁ ସବୁଠି ଚାଲିଛି ପ୍ରସ୍ତୁତି। ତେବେ ଦେଶରେ ହାରାହାରି ଅପେକ୍ଷା ଚଳିତ ବର୍ଷ ଅଧିକ ମୌସୁମୀ ବର୍ଷା ହେବ ଓ ଖରିଫ କୃଷି ଅନୁକୂଳ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ, ଘରୋଇ ପାଣିପାଗ ବିଭାଗ ସ୍କାଏମେଟ ପୂର୍ବାନୁମାନ କରିଛନ୍ତି। ମୌସୁମୀ ଋତୁର ପ୍ରଥମ ଭାଗରେ ବର୍ଷା ଅପେକ୍ଷାକୃତ କମ୍ ହେବ ଓ ପରେ ଏହା ବଢିବ। ଗତ ବର୍ଷ ମୌସୁମୀ ବର୍ଷା ସାରା ଦେଶରେ ୬.୮ ଶତକଡା ଅଧିକ ରହିଥିଲା । ଜୁନ ମାସରେ ୨୭ ଶତକଡା କମ୍ ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ୨ ଶତକଡା, ଅଗଷ୍ଟ ମାସରେ ୮ ଶତକଡା ନିଅଣ୍ଟିଆ ବର୍ଷା ହୋଇଥିଲା। ତେବେ ସେପ୍ଟେମ୍ବରରେ ସ୍ୱାଭାବିକ ଠାରୁ ୧୩ ଶତକଡା ଅଧିକ ବର୍ଷା ହୋଇଥିଲା। ଏଲ୍‌ନିନୋ ପ୍ରଭାବ ଭାରତର ମୌସୁମୀ ବାୟୁକୁ ୫୦ରୁ ୬୦ଶତକଡ଼ା ପ୍ରଭାବିତ କରିଥାଏ। ପ୍ରଶାନ୍ତ ମହାସାଗରର ଜଳର ଉପରିଭାଗରେ ଉଷ୍ଣତା ବୃଦ୍ଧି ଦକ୍ଷିଣ ପଶ୍ଚିମ ମୌସୁମୀକୁ ପ୍ରଭାବିତ କରିଥାଏ। ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଦୁଇରୁ ସାତ ବର୍ଷ ବ୍ୟବଧାନରେ ଏହା ସୃଷ୍ଟି ହୋଇଥାଏ। ଏଲ୍‌ନିନୋ ଯୋଗୁଁ ବିଶ୍ୱ ଜଳବାୟୁ ଗୁରୁତର ଭାବେ ପ୍ରଭାବିତ ହେବା ସହ ଭାରତୀୟ ମୌସୁମୀ ବିଫଳ ହେବାର ନଜିର ଅତୀତରେ ଦେଖାଯାଇଛି। କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଦକ୍ଷିଣ ଆମେରିକା ଉପକୂଳରେ ସମୁଦ୍ର ଜଳର ଉତ୍ତାପ ବୃଦ୍ଧି ସହ ଉତ୍ତପ୍ତ ସ୍ରୋତ ପ୍ରବାହିତ ହେଇଥାଏ। ଏହି ଉତ୍ତପ୍ତ ସ୍ରୋତକୁ ଏଲ୍‌ନିନୋ କହନ୍ତି । ଏଲ୍‌ନିନୋ ଫଳରେ ପ୍ରଶାନ୍ତ ମହାସାଗରରୁ ଯଥେଷ୍ଟ ଜଳୀୟବାଷ୍ପ ଆଣି ଭରତୀୟ ଉପମହାଦେଶରେ ଭଲ ବର୍ଷା କରାଇବାରେ ସକ୍ଷମ ହୁଏନାହିଁ। ଫଳରେ ଏଲ୍‌ନିନୋ ଯୋଗୁ ଭାରତରେ ସ୍ୱଳ୍ପ ବୃଷ୍ଟି ବା ମରୁଡି ପରିସ୍ଥିତି ସୃଷ୍ଟି ହୁଏ। ତେବେ ଚଳିତ ବର୍ଷ ଦେଶ ପାଇଁ ଏଲ୍‌ନିନୋର ଆଶଙ୍କା ନାହିଁ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି।

# ମଲ୍ଲୀ ଫୁଲ ପରି ବାସିଲା



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ଏକ, ଦୁଇ, ତିନି କରି ଫଗୁଣ, ବସନ୍ତ, ଶୀତ, ବର୍ଷା, ବୈଶାଖ ଆସିଛି, ଯାଇଛି। କାଳ ବୈଶାଖୀ ମାଡିଛି, କୁଆପଥର ପଡିଛି, ଛାତି କମ୍ପିଛି, ହାତଗୋଡ ଥରିଛି, ଅଚାନକ ଭୟରେ ହୃଦୟ ଆନ୍ଦୋଳିତ ହୋଇଛି, ହଂସା ଉଡିଛି, ବେସାହାରା ଲାଗିଛି କିନ୍ତୁ ଜୀବନର ସୂତ୍ରଧର ଖିଅଟାଣ କରି ସାହାରା ଦେଇଛନ୍ତି। ଏହା ହିଁ ତ ଜୀବନର ବୈଚିତ୍ର୍ୟତା।

କଥା ହେଇଛୁ। କଥା ଦେଇଛୁ। କଥା ରଖି ପାରିନୁ। କଥା କଟାକଟି ହେଇଛି। ନିଜ କଥା ରହୁ। ମୁଁ ବଡ଼। ମୋ କଥା ରହୁ। ଝଡ ଆସିଛି। ଝଡ ଥମିଛି। ଝରଣା ପରି ବହିଯାଇଛି ଲୁହ। ଫ୍ରିଜ ହେଇଛି ଲୁହ। ଅଂଶଜ ପାଇଁ ଅନ୍ଧାରରେ ବାଡି ବୁଲାଇଛୁ। ଆଲୋକରେ ରାହା ଖୋଜିଛୁ। ମନସ୍ତାପ କରିଛୁ। ମନଘର ଧରିଛି। ପୁଣି ମୁଣ୍ଡ ଟେକିଛୁ। ଅଂଶଜ ଆସିଛି ଅଂଶୁପା ସାଜି। ମାନସିକ, ପ୍ରାର୍ଥନା, ଗୁହାରୀ ଶୁଣିଛନ୍ତି ମଉଡମଣି। ପୂର୍ବରୁ ପ୍ରଶଂସା, ପଶ୍ଚିମରୁ ପ୍ରଶଂସା।

ନିଜ ଲୋକଙ୍କୁ ପ୍ରଶଂସା କରନ୍ତି ନାହିଁ ବୋଲି କହନ୍ତି। କିନ୍ତୁ ମିଳିଛି ଅପାର। ଅଯାଚିତ ଭାବରେ। ଅଭିମାନ ଲମ୍ବା ରହିନି। ଅଭି ଯାଇଛି ମାନ ଅଛି। ସ୍ୱାଭିମାନ ରହୁ। ଏଥିପାଇଁ କପଟ କରିଛୁ। କପଟ କିନ୍ତୁ ନିଷ୍କପଟ ଭିତରେ ଅନ୍ତର୍ଦ୍ଧାନ ହେଇଛି। ପ୍ରେମ ଦିଶିଛି ଅଚାନକ। ନପାଇବା ବୋଲି ପାଇଛୁ। ଶାନ୍ତି ଆସିଛି, ଯାଇଛି, ରହିଛି। ଆନନ୍ଦ ରସରେ ଓଦା ହେଇଛୁ। ଦଲକାଏ ହେମାଳ ପବନରେ ଭାସି ଯାଇଛୁ। ବ୍ୟସ୍ତ ହେଇଚୁ। ବ୍ୟତିବ୍ୟସ୍ତ ହେବାରୁ ବଞ୍ଚିତ କରିଛନ୍ତି ମହାନାୟକ।

ଦେହ ସୁଖ ଦେଇଛି, ଦେହ ଦୁଃଖ ଦେଇଛି। ମନ ସୁଖ ପାଇଛି, ମନ ଦୁଃଖ ପାଇଛି। ଭୋକରେ ଖାଇଛୁ। ବିନା ଭୋକରେ ଖାଇଛୁ। ଖାଇବା ଥାଇ ଉପବାସ ରହିଛୁ। ମନ ଭଲ ନଥିଲେ ପେଟରେ ଭୋକ ରହେନି। ବାସନାରେ ହଜିଛୁ। ବ୍ୟସନରେ ମାତିଛୁ। କିନ୍ତୁ ବିଳାସ ବ୍ୟସନରେ ଡୁବିନୁ। ପଇସା ଆସିଛି, ପଇସା ଯାଇଛି। ଅଭାବ ରହିଛି। ଭାବ ମଧ୍ୟ ଅଛି। ତେଣୁ ଜଣାପଡିନି ଜଞ୍ଜାଳ। ସଂସାର ଅଛି, ସମସ୍ୟା ଅଛି। ସମସ୍ୟା ଅଛି ତ ସମାଧାନ ମଧ୍ୟ ରହିଛି। ଏଣୁ ଧରିଥିବା ହାତକୁ ହାତଛଡ଼ା କରନ୍ତୁ ନାହିଁ। ଧରିଥିଲେ ଧରଣୀ ରକ୍ଷା କରିବ। ଛାଡିଦେଲେ କେହି ରଖିବେ ନାହିଁ। ଯେଉଁଠି ଜାଗା ଅଛି ରଖନ୍ତୁ। କୁଣ୍ଢାଇ ଧରନ୍ତୁ କି କୋଳେଇ, ଆଗ୍ରହ ଥାଉ। ଉତ୍ସାହ ଥାଉ। କେଉଟର ପାଦତଳ ମାଛ ଜାଲରେ ପଡେନାହିଁ। ପାଦରେ ପାଦ ମିଶାଇ ଚାଲିଲେ ମାଟି ଛାଡ଼ିବ ନାହିଁ। ସଂସାର ଭଲ ଲାଗିବ। ନହେଲେ ସଂସାରକୁ ଗାଳି କରିବାକୁ ଭଲ ଲାଗିବ। ନିଜ ଜନ୍ମକୁ, ମାତାପିତାଙ୍କୁ, ଜାତି ଗୋତ୍ର, ସଂପ୍ରଦାୟକୁ ଧିକ୍କାର କରିବ। ତ୍ୟାଗ ଓ ସଂଯମପୂର୍ଣ୍ଣ ଆଚରଣ ଦ୍ୱାରା ସମସ୍ତଙ୍କୁ ନିଜର କରିହୁଏ। ସମସ୍ତଙ୍କ ପ୍ରତି ସମଦର୍ଶିତା ଭାବ ରହିଲେ ଭଲ ପାଇବାର ଆପଣା ଛାଏଁ ପ୍ରକଟିତ ହୋଇଥାଏ। ଏକଥା ମାତାପିତା ଓ ଗୁରୁଜନ ଜୀବନର ପ୍ରତି ମୁହୂର୍ତ୍ତରେ କହିଆସିଛନ୍ତି। ଯାହା ଉଚ୍ଚାରଣ କରିବା ତାହା ଯଦି ଆଚରଣରେ ପ୍ରତିଫଳନ ହେବ। ଆମେ ଯେମିତି ଅଛେ ତାହା ହିଁ ଦେଖାଇବା। ଅଯଥା ବାହାସ୍ଫୋଟ, ଅଯଥା ରଙ୍ଗମରା କଥା ଯଦି ଧରାପଡିଯିବ ତା'ହେଲେ ଦୁଇ ଜୀବନରେ ଦୁର୍ଦ୍ଦିନ ଆସିବ। ନଈ ଦୁଇ କୂଳ ପରି ବହିବ, ରେଳ ଦୁଇ ଧାରଣା ପରି ଗତିଶୀଳ ହେବ ଜୀବନ। ତେଣୁ ତ ପ୍ରିୟତମା ଓ ପ୍ରିୟବର ଯାହା କହିବେ ହୃଦୟରୁ କହିବେ। ସାମୟିକ ଭାବେ ପ୍ରଶଂସା ପାଇବା ଅପେକ୍ଷା ନ ପାଇବା ଭଲ। ଏହି କ୍ଷଣସ୍ଥାୟୀ ପ୍ରଶଂସା ପରବର୍ତ୍ତୀ ସମୟରେ ଅନେକ କଷଣ ଦେଇଥାଏ। ମନକୁ ମଳିନ କରେ। ମିଳନରେ ପରିତୃପ୍ତି ଆସେ ନାହିଁ। ପତିପତ୍ନୀର ନୈସର୍ଗିକ ସଂପର୍କରେ କଳାବାଦଲ ଢାଙ୍କି ହେଇଥାଏ। ପରେ ପଶ୍ଚାତାପ କରିବା ଅପେକ୍ଷା ନିଜ ନିଜ କଥାକୁ ଖୋଲା ବହି କରି ଦିଅନ୍ତୁ। ପରସ୍ପର ପ୍ରତିଟି ଫର୍ଦ୍ଦକୁ ଓଲଟାଇ ଓଲଟାଇ ଦେଖନ୍ତୁ। ଅକ୍ଷର କେମିତି, ରଙ୍ଗ କେମିତି, ଛବି କେମିତି, କାହାଣୀ କେମିତି, ଭାବ କେମିତି, ଭୋକ କେତେ, ତୃଷ୍ଣା କେତେ, ସୁଖ କେତେ, ଦୁଃଖ କେତେ, ସରାଗ କେତେ, ପ୍ରେମ କେତେ, ନିନ୍ଦା କେତେ, ପ୍ରଶଂସା କେତେ, ଏମିତି କେତେ କେତେ ?

ପତିପତ୍ନୀର ସଂପର୍କ ଜନ୍ମଜନ୍ମର ସଂପର୍କ। ସେମାନେ ଅନନ୍ତ ଜୀବନର ଗଭୀରତା ଉପଲବ୍ଧି କରନ୍ତି। ଦୁଇ ପ୍ରାଣୀଙ୍କ ମଧ୍ୟରେ ଏକାତ୍ମତାର ଭାବ ଜାଗରଣ ହୋଇଥାଏ। ପରସ୍ପର ମଧ୍ୟରେ ଭୋଗୁଥିବା ସୁଖ, ଦୁଃଖ, ନିନ୍ଦା, ପ୍ରଶଂସା ନିଜର ଲାଗେ। ଅଧା ଅଧା ଭାଗ ଉଭୟଙ୍କର ହୋଇଥାଏ। ଏହି ଭାବ ହିଁ ଦି'ଜଣଙ୍କୁ ଏକ କରିଥାଏ।

ଏମିତି ହୁଏ ସମସ୍ତଙ୍କର ହାତ ଧରିବା ପୂର୍ବରୁ, କେତେବେଳେ ରାତି ପାହି ଯାଉଥିଲା ଜାଣି ହେଉନଥିଲା, ଏଇନେ ଏଇନେ କଥା ଆରମ୍ଭ କଲା ପରି ଲାଗୁଥିଲା। ଏବେ କଥାରେ ମିଠା କମିଗଲା ଏମିତି ଭାବିବା କାହିଁକି? ସେହି କଥା ଅଛି ସେହି ମିଠା ଅଛି, ଖାଲି ଅନୁଭବର ଅଭାବ ରହିଛି। ପୂର୍ବରୁ ଯାହା କହୁଥିଲେ, ଅବିଳମ୍ବେ ଆସି ଯାଉଥିଲା। ଏବେ ଆସୁନାହିଁ ବୋଲି ଦୁଃଖି ହେଉଛନ୍ତି କି ? ଏମିତି କାହିଁକି ଚିନ୍ତା କରୁଛନ୍ତି ? ସବୁ କଥା ଆପଣଙ୍କ ଚିନ୍ତାମଣି(ସ୍ୱାମୀ)ଙ୍କୁ ସମର୍ପିତ କରିଦିଅନ୍ତୁ। ପତ୍ନୀ କଥା ପରେ ପଥର ଗାର। ନିଶ୍ଚିତ ହୁଅନ୍ତୁ ପତ୍ନୀ କଥା ଯଦି ସ୍ୱାମୀ କରୁନାହିଁ ତା'ହେଲେ ନିଜ ଆଭ୍ୟନ୍ତରୀଣକୁ ଅବଲୋକନ କରନ୍ତୁ, ସବୁକିଛି ସହଜ ହେଇଯିବ। ଜୀବନ ତ ସହଜ, ସରଳ। ଆମେ ହିଁ ଜଟିଳ କରୁଛେ। ସମସ୍ୟାକୁ ନିମନ୍ତ୍ରଣ କରୁଛେ। ସ୍ୱାଭାବିକ ହୁଅନ୍ତୁ ସବୁ ସୁନ୍ଦର ହେଇଯିବ।

ଏମିତି ଚାଲିବ ରାସ୍ତା, ଆଗକୁ ଆଗକୁ ଅଂଶଜ ଅଂଶୀଦାର ହେବେ। ବଂଶଜ ତାଳି ପିଟିବେ। ରକ୍ଷାଫୁଲା କେତେ ସମୟ କି? ରାତି ପାହିଲେ ସେହି ଗେହ୍ଲା। ସେହି ଆଦର। ଫି ଦିନ ପରି ରୋଷେଇ ହେବ। ପରିବା ଆସିବ। ତରକାରୀ ଅଳଣା, ଆମ୍ବିଳରେ ଗୁଡ଼ ପଡିବ, ବିରି ବଡ଼ି ସହ ଚାଉଳ ବଡି ଭଜା ହେବ। ଖାଇବା ଜମିବ। ଚିଡାଚିଡା ହେବ। ସେତିକି ସମୟ ଯାଏ। ଘଡ଼ିଏ ନୁହେଁ ଦଣ୍ଡେ ମାତ୍ର। ଅଫିସ ଯିବେ କି ବିଲକୁ ଆସିଲେ ଖାଇବେ ବୋଲି ଅପେକ୍ଷାରେ ସମସ୍ତେ ଥିବେ। କିନ୍ତୁ କହିଦେଇଥିଲେ ଖାଇ ନେଇଯିବ ମୋର ଡେରି ହେବ। ଏକାଠି ଖାଇବାର ଆନନ୍ଦ କେବେ କେବେ ପଡେ। ଆଃ କି ଆତ୍ମତୃପ୍ତି ?

ପରସ୍ପରର ପ୍ରତି ବିଶ୍ୱାସ, ଆସ୍ଥା, ସହଯୋଗରେ ସଂସାର ରଥ ଚାଲେ। ହାତ ଧରିବା ଯେମିତି ସହଜ ମନ ଧରିବା ସେତିକି ସହଜ ନୁହେଁ। ମନ ମିଶିବାର ବାଟ ଖୋଜିବାକୁ ପଡେ। ମନ ପୋଡ଼ିଗଲେ କେହି ଦେଖନ୍ତି ନାହିଁ ତେଣୁ କହିବା ଆଗରୁ ଜଗିବା। କଥା ଭାରି କଷ୍ଟ ଦେଇଥାଏ। ଏ ଟିକେ ଜଗାଜଗି ହେଲେ ବୁଝିବା ସହଜ ହୁଏ। ଜଣକୁ ତ ସହିବାକୁ ହେବ। ଜଣକୁ ସହି ସହି ହସିବାକୁ ପଡିବ। ଏକ ମନ ହୋଇଗଲେ ଅନୁଭବ ହୁଏ - "ଯାଠାରେ ଯିଏ ରସିଲା ମଲ୍ଲୀ ଫୁଲ ପରି ବାସିଲା"। ମନ ସହ ମନ ମିଶିଲେ ଜୀବନ ହସିଥାଏ ଓ ସୁଖର ସଂସାର ଚାଲିଥାଏ।

# ବୃନ୍ଦାବନ ନିଧୁବନ

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ: ୮୬୩୭୨୪୪୧୧୫

ପବିତ୍ର ଉତ୍ତର ପ୍ରଦେଶ ରାଜ୍ୟର ମଥୁରା ଜିଲ୍ଲା ଅନ୍ତର୍ଗତ ବୃନ୍ଦାବନ ମଧ୍ୟସ୍ଥ ନିଧୁବନ ହେଉଛି ପରମାତ୍ମା ପରମେଶ୍ୱର ଓ ପରମେଶ୍ୱରୀ ଶ୍ରୀକୃଷ୍ଣ ଓ ଶ୍ରୀରାଧାରାଣୀଙ୍କ ନିତ୍ୟ ରାହାସ ସ୍ଥଳୀ। ମଥୁରା ରେଳ ଷ୍ଟେସନ ଠାରୁ ନିଧୁବନ ପ୍ରାୟ ୧୩ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ୫ ପ୍ରକାରର ତୁଳସୀ ଗଛ, ଯଥା- ରାମ ତୁଳସୀ, ଶ୍ୟାମ ତୁଳସୀ, କୃଷ୍ଣ ତୁଳସୀ, କର୍ପୂର ତୁଳସୀ ଓ ବନ ତୁଳସୀ ମଧ୍ୟରୁ ଅସଂଖ୍ୟ ବନ ତୁଳସୀ ଗଛ ରହିଅଛି ଏବଂ ଏହି ବନ ତୁଳସୀ ଗଛ ମଧ୍ୟରୁ ପ୍ରାୟ ୧୬୧୦୮ ଗଛ ପ୍ରତିଦିନ ମଧ୍ୟରାତ୍ରରେ ଦ୍ୱାପର ଯୁଗର ସେହି ଗୋପିକା ହୋଇ ଯାଆନ୍ତି ଓ ନିତ୍ୟ ରାହାସ ଲୀଳା ଆରମ୍ଭ ହୋଇଥାଏ। ସୁତରାଂ, ସୂର୍ଯ୍ୟାସ୍ତ ପରେ ଏହି ବନ ମଧ୍ୟରୁ ସମସ୍ତ ଶ୍ରଦ୍ଧାଳୁ ଭକ୍ତଗଣ ସ୍ୱତଃ ନିଧୁବନ ଛାଡି ଚାଲିଯାଆନ୍ତି। ଏପରିକି ଦିନବେଳେ ଏଠାରେ ଦୃଶ୍ୟମାନ ମାଙ୍କଡ, ମୟୂର ଓ ଅନ୍ୟାନ୍ୟ ପକ୍ଷୀ ତଥା ଜୀବଜନ୍ତୁଗଣ ମଧ୍ୟ ସ୍ୱୟଂ ଏହି ରାହାସ ସ୍ଥଳୀ ତ୍ୟାଗ କରି ଅନ୍ୟତ୍ର ଚାଲିଯାଆନ୍ତି। ଏହାପରେ ନିଧୁବନର ପୂଜକ ଓ ଅନ୍ୟାନ୍ୟ କର୍ମଚାରୀ ଟର୍ଚ୍ଚ ଆଲୁଅରେ କାଳେ କେହି ଜିଜ୍ଞାସୁ ଭକ୍ତ ରହିଯାଇଥିବ ବୋଲି ସେମାନଙ୍କୁ ତନ୍ନ ତନ୍ନ କରି ଖୋଜି ନିଧୁବନରୁ ବାହାର କରିଦିଅନ୍ତି। ଏହି ବନ ପରିସର ମଧ୍ୟରେ ଏକ ମନ୍ଦିର ରହିଛି ଯାହାର ନାମ ହେଉଛି ରଙ୍ଗମହଲ ଓ ଏଠାରେ ନିତ୍ୟ ରାସଲୀଳା ପରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାରାଣି ସୁସଜ୍ଜିତ ପଲଙ୍କ ଉପରେ ବିଶ୍ରାମ କରିଥା'ନ୍ତି। ଏମାନଙ୍କ ପାଇଁ ରଖା ଯାଇଥିବା ମାଖନ ଓ ମିଶ୍ରୀ, ଲଡୁ ଓ ଅନ୍ୟାନ୍ୟ ଭୋଗକୁ ଶ୍ରୀରାଧାକୃଷ୍ଣ ସେବନ କରି କିଛି ଛାଡି ଦେଇଥା'ନ୍ତି ଯାହାକୁ ଭକ୍ତଗଣଙ୍କ ମଧ୍ୟରେ ବ୍ରାହ୍ମ ମୁହୂର୍ତ୍ତ ସମୟରେ ବଣ୍ଟନ କରାଯାଇଥାଏ। ଏଠାରେ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ଶ୍ରୀ ଶ୍ରୀ ହରିଦାସ ଠାକୁରଙ୍କୁ ଗୋବିନ୍ଦଙ୍କ ବାଙ୍କେବିହାରୀ ଜୀବନ୍ତ ଶାଳଗ୍ରାମ ମୂର୍ତ୍ତି ପ୍ରାପ୍ତ ହୋଇଥିଲା। ଏଠାରେ ମଧ୍ୟ ରହିଛି ଶ୍ରୀରାଧାଙ୍କ ସଖୀ ଲଳିତା କୁଣ୍ଡ ଯାହାର ପବିତ୍ର ଜଳକୁ ପାନ କଲେ ମନୁଷ୍ୟର ଅନେକ ପ୍ରକାରର ରୋଗବ୍ୟାଧିର ଉପଶମ ହୋଇଥାଏ। ଏହି ରାହାସ ସ୍ଥଳୀର ଧୂଳିକୁ ଭକ୍ତଗଣ ନିଜ ନିଜ ଶରୀରରେ ଲେପନ କରିଥାନ୍ତି। ଏଠାରେ ଭକ୍ତ କବି ସାଲବେଗଙ୍କ ଭଜନର କେତେକ ପଦ ଉଲ୍ଲେଖନୀୟ, - 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ। ଦର୍ଶନ କରିବି ଯାଇ ଶ୍ରୀମଧୁସୂଦନ ॥ ରାହାସର ଧୂଳି ଅଙ୍ଗେ କରିବି ଲେପନ। କୁଞ୍ଜେ କୁଞ୍ଜେ ତରୁ ମୂଳେ କରିବି ଶୟନ ॥ ରାଧାକୃଷ୍ଣ ବେନି ଭିନ୍ନ ନୁହେଁ କୁଞ୍ଜବନ। କହେ ସାଲବେଗ ହୀନ ଜାତିରେ ଜବନ ॥ ଏଠାରେ ନିତ୍ୟ ରାହାସକୁ ଦେଖିବା ପାଇଁ ଲୁଚି ରହୁଥିବା ଭକ୍ତ ଜଣକ ନିଶ୍ଚିତ ମୂକ ଓ ବଧିର କିମ୍ବା ପାଗଳ ହୋଇଯାଇ ଥାଏ କାରଣ ସେହି ମୋକ୍ଷ ଲାଭ କରିଥିବା ଭକ୍ତ ଜଣକ ନିଜ ନିଜର ଦିବ୍ୟ ଅଲୌକିକ ରାସଲୀଳାକୁ ବାହାରେ ବ୍ୟକ୍ତ କରିପାରିବ ନାହିଁ। ଅତଃ, ପ୍ରତ୍ୟେକ ମନୁଷ୍ୟ ନିଜର ଜୀବନ କାଳ ମଧ୍ୟରେ ଅନ୍ତତଃ ଥରେ ମାତ୍ର ନିଧୁବନର ପରମ ପବିତ୍ର ଧୂଳିକୁ ନିଜ ସର୍ବାଙ୍ଗରେ ଲେପନ କରିବା ଉଚିତ୍।



ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକରେ ବିକାଶ ବାହନ ସଚେତନତା ରଥର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ସଙ୍ଗିତ ପାଢ଼ୀ ଯୋଗଦେଇ ଉନ୍ନୟନ ଅଧିକାରୀ ଲିପିନା ଦାଶ, ଚହଲିଆଳିର ସଙ୍ଗୀତା ସେନ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତାକୁ ନେଇ ବିକାଶ ବାହନ ରଥ ସମସ୍ତ ଗ୍ରାମ ପରିକ୍ରମା କରି ଭିଡିଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାର୍ତ୍ତା ପ୍ରଦାନ କରିଥିଲେ । ବିକାଶ ବାହନ ରଥକୁ ପାରମ୍ପରିକ ପୂର୍ଣ୍ଣ କୁମ୍ଭ ସ୍ଥାପନ ଘଣ୍ଟ ମୃଦଙ୍ଗ ଓ ହୁଳହୁଳି ଦେଇ ମହିଳା ମାନେ ସ୍ୱାଗତ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଜାତି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୃଷକ, ବୟସ୍କ ସ୍ୱାସ୍ଥ୍ୟ କାର୍ଡ, ପଟ୍ଟା ବଣ୍ଟନ କରାଯାଇଥିଲା । ଅନ୍ୟ ଉପାଧ୍ୟକ୍ଷ ରେଶ୍ମା ଦୋରା, ଜିଲ୍ଲା ପରିଷଦ ଅନିମା ପରିଡ଼ା, ସିଡିପିଓ, ଯୋଗାଣ ଅଧିକାରୀ, ବହୁ ସରପଞ୍ଚ, ସମିତି ସଭ୍ୟ ଯୋଗାଣ ଅଧିକାରୀ ଜିପିଓ, ବିପିଏମ, ବିଏଲଏସ, ରାଜସ୍ୱ ନିରୀକ୍ଷକ, ପିଇଓ ସମେତ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।



# ବାତ୍ୟା ଆଶ୍ରୟସ୍ଥଳୀ ବିଲ୍ଡିଂ ନିର୍ମାଣରେ ଅନିୟମିତତା ଅଭିଯୋଗ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମା ଏସ୍ ଏନ୍ ଏମ୍ଇ ବିଦ୍ୟାଳୟ ପରିସରରେ ବାତ୍ୟାଶ୍ରୟସ୍ଥଳୀ ନିର୍ମାଣ ହୋଇଛି । ବାତ୍ୟା ବନ୍ୟାରେ ଲୋକମାନେ ସେଠାରେ ଆଶ୍ରୟ ନେଇଥାନ୍ତି । ସେହି ଆଶ୍ରୟ ସ୍ଥଳୀର ରକ୍ଷଣବେକ୍ଷଣ ପାଇଁ ଏକ କମିଟି ଗଠନ ହୋଇଛି ଏବଂ ଏହି ଆଶ୍ରୟସ୍ଥଳୀ ରିପ୍ୟାରିଂ ପାଇଁ ଯେଉଁ ଅର୍ଥ ଆସୁଥିଲା ତାହା କମିଟି ଜରିଆରେ କରାଯାଉଥିଲା । ବ୍ଲକର ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଭଲଥିବା ଅଞ୍ଚଳବାସୀଙ୍କ ଠାରୁ ଶୁଣିବାକୁ ମିଳୁଥିଲେ ମଧ୍ୟ ଯେଉଁ କମିଟି ସରକାର ଯୋଗାଇଥିବା ଅର୍ଥକୁ କାଗଜ କଲମରେ ଦର୍ଶାଇ ଚଳୁ କରିଛନ୍ତି । ସେମାନଙ୍କ ଆଶ୍ରୟସ୍ଥଳୀ ଟିକେ ଖରାପ ଥିବା ଚର୍ଚ୍ଚା ଚାଲୁଛି । ହେଲେ ଚଳିତ ବର୍ଷ ବିଜେପି ସରକାର ଏହି ବାତ୍ୟାଶ୍ରୟସ୍ଥଳୀ ବିଲଡିଂର ମରାମତି ପାଇଁ ପ୍ରାୟ ବିନା ଟେଣ୍ଡରରେ ଗୋଟିଏ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ହେଲେ ଏହି ଟଙ୍କାକୁ ଦେଖି ଅତିବେଶିରେ ଦୁଇଲକ୍ଷ ଖର୍ଚ୍ଚ କରି ବଳକା ଅର୍ଥ ଠିକାଦାର, ଜେଇ ମାଲେମାଲ କରିବା ଲକ୍ଷ୍ୟରେ ରାତାରାତି ଜେଇଙ୍କ ନାମରେ କାର୍ଯ୍ୟାଦେଶ ଥାଇ ତାଙ୍କର ଅନୁଗତ ମାନଙ୍କୁ କାର୍ଯ୍ୟ କରିବାକୁ କହିଥିବା ଶୁଣିବାକୁ ମିଳୁଛି । ଏମିତି ପରିସ୍ଥିତି ସୃଷ୍ଟି ହେଲା ଜେଇ କମିଟିର ବିନା ଅନୁମତି ଓ ପରାମର୍ଶରେ ଚୁନ ମାରିବାକୁ ଅନୁମତି ଦେବାରୁ କମିଟି ଏବଂ ଜେଇଙ୍କ ଅନୁଗତ ମଧ୍ୟରେ କାମ କରିବାକୁ ପିଟାମରା ହୋଇ ଥାନାରେ ମାମଲା ଓ ଧାରଣା ପର୍ଯ୍ୟନ୍ତ ଘଟଣା ଯାଇ ଶେଷରେ କମିଟି ପୂର୍ବଭଳି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଚିଠି କଲେ । କାହା ନିର୍ଦ୍ଦେଶରେ କିଏ ଠିକାଦାର କିଏ ଜେଇ, କାର୍ଯ୍ୟାଦେଶ କାହା ନାମରେ ଏବଂ କି କାର୍ଯ୍ୟ କରାଯିବ ସେ ବିଷୟରେ କମିଟିକୁ କିଛି ସୂଚନା ନାହିଁ ବୋଲି ବାତ୍ୟା ଆଶ୍ରୟସ୍ଥଳୀ ବିଲ୍ଡିଂର କମିଟିର ସମ୍ପାଦକ ତଥା ପ୍ରାକ୍ତନ ସରପଞ୍ଚ ପ୍ରଭାତ କୁମାର ମିଶ୍ର କହିଛନ୍ତି ଆହୁରି ମଧ୍ୟ କହିଛନ୍ତି ମୋ ପାଖରେ ଚାବି ଅଛି, ମୁଁ କାହାକୁ ଦେଇନାହିଁ, କିଏ ଘର ଖୋଲିଲା, ହେଲେ କିଏ କାହିଁକି ର ଠ କରି ବିଲ୍ଡିଂରେ ଭଲ ଥିବା ପୁରୁଣା ରଙ୍ଗ ଉପରେ ନିମ୍ନମାନର ଗୋଟିଏ କୋଟେଡ ରଙ୍ଗ ମାରାଯାଉଛି, ଯାହାକି ବାଟରେ ଯାଉଥିବା ଶହ ଶହ ଲୋକମାନେ ଦେଖୁଛନ୍ତି । କାମପାଖରେ ଜେଇ ନାହିଁ କି ଠିକାଦାର ନାହିଁ, ଲେବରକୁ ଯେମିତି କୁହାଯାଇଛି ସେମିତି ସେ କାର୍ଯ୍ୟ କରୁଛି ବୋଲି ଲେବର କହିଛନ୍ତି । ଏମାନେ ବିଜେଡି ସମୟରେ ଏହି ଜେଇଙ୍କ ସହାୟତାରେ ଅନିୟମିତ ତଥା ନିମ୍ନମାନର ୫-ଟି ଠାରୁ ଆରମ୍ଭକରି ବିଭିନ୍ନ ଯୋଜନାର କୋଟି କୋଟି ଟଙ୍କାର କାର୍ଯ୍ୟ କରି ନିର୍ବାଚନରେ ବିନିଯୋଗ କରି ବିଜେପି ନେତାକୁ ହରାଇଛନ୍ତି । ଏବେ ବିଜେଡିରୁ ଡଡା ଖାଇ ବିଜେପି ସରକାର ଆସିବାରୁ ବିଜେଡି ସମୟର ବିଲ୍ ହାତେଇବା ଏବଂ ଆଉ କିଛି ନୂଆ କାମ କରିବା ଉଦ୍ଦେଶ୍ୟରେ ବିଜେପିରେ ମିଶି ବିଜେଡି କର୍ମୀ ସହିତ ଭିତିରି ସମ୍ପର୍କ ରଖି ବାହାରକୁ ଜଣା ନପଡିଲେ ମଧ୍ୟ ପଞ୍ଚାୟତ ସମିତିର ମଶାଣି ପାଖ ଓ ଅନ୍ୟାନ୍ୟ କାର୍ଯ୍ୟ ସାଜିରେ କରୁଥିବା ସାଧାରଣରେ ଆଲୋଚନା ହେଉଛି । ତେଣୁ ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ଭିଜିଲାନ୍ସ ବିଭାଗ ଏହାର ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ପରିବେଶ ସୁରକ୍ଷା ଉତ୍କର୍ଷତା ପାଇଁ ଇଫ୍‌କୋକୁ ଗ୍ରୀନ୍‌ଟେକ୍ ଏନ୍‌ଭାର୍ନମେଣ୍ଟ ଆୱାର୍ଡ




ପାରାଦୀପ(ଭାସ୍କର ନ୍ୟୁଜ): ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଉତ୍କର୍ଷତା ପାଇଁ ଇଫକୋ ପାରାଦୀପ ୟୁନିଟକୁ ମିଳିଛି ସମ୍ମାନଜନକ ଗ୍ରୀନଟେକ ଏନଭାଇରନମେଣ୍ଟ ଆୱାର୍ଡ ୨୦୨୫ । ମୁମ୍ବାଇଠାରେ ଜୁନ ୧୧ ତାରିଖରେ ଆୟୋଜିତ ୨୪ତମ ବିଶ୍ୱ ପରିବେଶ ସମ୍ମିଳନୀରେ ଆସାମର ପୂର୍ବତନ ରାଜ୍ୟପାଳ ପ୍ରଫେସର ଜଗଦୀଶ ମୁଖୀଙ୍କଠାରୁ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପି.କେ.ମହାପାତ୍ରଙ୍କ ପକ୍ଷରୁ ଇପିସି ମ୍ୟାନେଜର ଡ଼ି.ମହାନ୍ତି ଏହି ଆୱାର୍ଡ ଗ୍ରହଣ କରିଥିଲେ । ଇଫକୋ ପରିବେଶ ସୁରକ୍ଷା ଓ ସନ୍ତୁଳନ ଉପରେ ସର୍ବଦା ଯତ୍ନବାନ ଥିବାରୁ ପ୍ରଦୂଷଣ ନିୟନ୍ତ୍ରଣରେ ରହିଛି । ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପି.କେ.ମହାପାତ୍ର ଓ ପରିବେଶ ସୁରକ୍ଷା ବିଭାଗ ଅଧିକାରୀ ଆର.କେ.ସ୍ୱାଇଁଙ୍କ ପ୍ରଚେଷ୍ଟା ଯୋଗୁଁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣରେ ରହିଛି । ଏହି ପୁରସ୍କାର ସମସ୍ତ ଇଫକୋ ପରିବାର ମଧ୍ୟରେ ନୈତିକ ବଳ ଓ ଉତ୍ସାହ ସୃଷ୍ଟି କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ଡ଼ଃ.ୟୁ.ଏସ.ଅୱସ୍ଥିଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ୬୦ ବର୍ଷ ଧରି ଇଫକୋ ଦେଶରେ ସେବା ଯୋଗାଇବା ସହ ବିଶ୍ୱର ବୃହତ୍ତମ ସମବାୟ ସଂସ୍ଥା ଭାବେ ଉଭା ହୋଇପାରିଛି ।

# ମା' ମଙ୍ଗଳାଙ୍କ ମନ୍ଦିରରେ ଭାଗବତ ସପ୍ତାହ ଉଦ୍‌ଘାଟିତ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ବର୍ଷର ବିଭିନ୍ନ ସମୟରେ ପାରାୟଣ, ପ୍ରବଚନ, ରାମ ଚରିତ ମାନସ ଓ ଗୀତା ଜ୍ଞାନ ଯଜ୍ଞ ଆଦି ହୋଇଥାଏ । ଆଷାଢ଼ ପ୍ରଥମ ସପ୍ତାହ ବା ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଭାଗବତ ସପ୍ତାହ ଭାଗବତ ପ୍ରଚାର ସମିତି ଓ ଗୀତା ଜ୍ଞାନଯଜ୍ଞ କମିଟି ଆନୁକୂଲ୍ୟରେ ଉଦଘାଟିତ ହୋଇଯାଇଛି । ଦିନତମାମ ଭାଗବତ ଓ ଗୀତା ପଠନ ସହିତ ରାତ୍ରରେ ଧାରାବାହିକ ପ୍ରବକ୍ତା ବାବା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କରାଯାଉଛି ଚାଲୁଛି । ଅବାନ୍ତରେ ଚାଲୁଥିବା ମଣିଷଙ୍କୁ ଭାଗବତ ଆଧାରିତରେ ଦିଶା ପ୍ରଦର୍ଶନ କରିଥାଏ ବୋଲି ବାବା ସତ୍ୟାନନ୍ଦ ଦାସ ପ୍ରକାଶ କରିବା ସହ ସର୍ବଦା ସତ୍ କର୍ମ କରିବା, ସଦାଚାରୀ ହେବା ଓ ଦୟା ପ୍ରେମ କ୍ଷମା ଓ ସ୍ନେହ କରିବା ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ଗୀତା ଜ୍ଞାନାମୃତ ପାନ ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ନିମାପଡାରୁ କୋଟି କୋଟି ଟଙ୍କାର ଲଘୁଖଣିଜ ଦ୍ରବ୍ୟ ଲୁଟ୍

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରୁ ପ୍ରତ୍ୟେକ ଦିନ ଲଘୁଖଣିଜ ଦ୍ରବ୍ୟ ଲୁଣ୍ଠନ କରାଯାଉଛି । ଯାହାକୁ ନେଇ ସରକାରଙ୍କ ଲକ୍ଷ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଥିବା ବେଳେ ପ୍ରଶାସନ ନିରବ ସାଜିଛି । ଏପରି ଘଟଣା ବେଳକୁ ବେଳ ବଢିଚାଲିଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ହାଇୱା ଟ୍ରାକ୍ଟର ସାହାଯ୍ୟରେ ବାଲି ମାଟି ଚୋରା ଚାଲାଣ ହେଉଛି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ ପୁରି ଜିଲ୍ଲା ନିମାପଡାରୁ ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ ନିରବ ସାଜିଛି । ଭାର୍ଗବୀ ନଦୀରୁ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ବାଲି ଚୋରାଚାଲାଣ କରାଯାଉଛି । ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ପଛରେ ବଡ଼ଧରଣର ଡିଲ ହୋଇଥିବା ଲୋକମାନେ କହୁଛନ୍ତି । ଏହି ଘଟଣା ନିମାପଡାର ଗଳିକନ୍ଦିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସେହିଭଳି କୁଶଭଦ୍ରା ନଦୀରୁ ପ୍ରତ୍ୟେକ ଦିନ ଜେସିବି ମେସିନ ସାହାଯ୍ୟରେ ବାଲି ଖୋଳାଯାଇ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ଚୋରା ଚାଲାଣ କରାଯାଉଛି । ଡେଙ୍ଗୁଆଁ, ଦିଘାଳୋ, ମୁରାରୀପୁର, ବେଲଙ୍ଗ ଆଦି ଘାଟରେ ରାତ୍ର ମଧ୍ୟରେ ବାଲି ଚୋରା ଚାଲାଣ କରାଯାଉଛି । ଯାହାଦ୍ୱାରା ନଦୀ ଭିତର ଗର୍ତ୍ତ ସୃଷ୍ଟି ହୋଇ ଆଗାମୀ ଦିନରେ ବିପଦ ସୃଷ୍ଟି କରିବ ବୋଲି ପୁରୁଖା ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ଖଣି ବିଭାଗର ଦେଖା ମିଳୁନଥିବା ବେଳେ ଚୋରାଚାଲାଣକାରୀଙ୍କ ପୁଷମାସ ପାଲଟିଛି ।

# ନିମାପଡାରେ ସାଂସଦଙ୍କୁ ଯୁବ କଂଗ୍ରେସର କଳାପତାକା ପ୍ରଦର୍ଶନ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଉତ୍କର୍ଷ ନିମାପଡା ଚାଲିଥିବା ବେଳେ ସାଂସଦ ସମ୍ବିତ୍ ପାତ୍ରଙ୍କୁ ଯୁବ କଂଗ୍ରେସ କର୍ମୀ କଳାପତାକା ପ୍ରଦର୍ଶନ କରିବା ଘଟଣାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି । କଂଗ୍ରେସ ଓ ବିଜେପି କର୍ମୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିବା ବେଳେ ସାଂସଦଙ୍କ ବିରୁଦ୍ଧରେ ବିଜେପି ୨ସପ୍ତାହ ତଳେ ଥାନାରେ ଅଭିଯୋଗ କରିଥିଲା । କଂଗ୍ରେସ ପକ୍ଷରୁ ପ୍ରତିବାଦ କରି ଶତାଧିକ କର୍ମୀ ଧାରଣା ଦେବା ସହ ପ୍ରଶାସନ ବିରୁଦ୍ଧରେ ନାରାବାଜୀ କରିଥିଲେ । ପୋଲିସ୍ ଉପଖଣ୍ଡ ଅଧିକାରୀ ଓ ଥାନା ଅଧିକାରୀ ସଠିକ୍ ତଦନ୍ତ ହେବ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ସୂଚନା ଅନୁଯାୟୀ ନିମାପଡାରେ ଗତ ୪ ଓ ୫ ତାରିଖରେ ଉତ୍କର୍ଷ ନିମାପଡା କାର୍ଯ୍ୟକ୍ରମ ଚାଲିଥିବା ବେଳେ ପୁରୀ ସାଂସଦ କାର୍ଯ୍ୟକ୍ରମକୁ ଆସିଥିବା ସମୟରେ ଯୁବ କଂଗ୍ରେସ କର୍ମୀ କଳାପତାକା ପ୍ରଦର୍ଶନ କରିଥିଲେ । ଏହାକୁ ନେଇ ବିଜେପି ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ୍ ସଂଗୀନ ଦଫାରେ ମାମଲା ରୁଜୁ କରି ଜଣେ ଯୁବକକୁ କୋର୍ଟଚାଲାଣ କରିଛି । ପ୍ରତିବାଦ କରି କଂଗ୍ରେସ କର୍ମୀ ଗୁରୁବାର ପୂର୍ବାହ୍ନରେ ନିମାପଡା ହାଟଛକ ପୂର୍ଣ୍ଣେଶ୍ୱର ଦେବଙ୍କ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ନିମାପଡାରେ ଚାଲିଥିବା ଉତ୍କର୍ଷ ସଭାମଂଚରେ ସାଂସଦ ସମ୍ବିତ୍ ପାତ୍ର ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଅପମାନସୂଚକ ବକ୍ତବ୍ୟ ଦେବା ସାଂସଦଙ୍କ ବିରୁଦ୍ଧରେ କ'ଣ ପାଇଁ ମାମଲା ହେବ ନାହିଁ ବୋଲି କହିଥିଲେ । ଥାନାରେ ଯେଉଁ ମାମଲା ହୋଇଛି, ତାହାକୁ ପ୍ରତ୍ୟାହର କରିବା ପାଇଁ ଦାବୀ କରିଥିଲେ । ଧାରଣାରେ ନିମାପଡା ବ୍ଲକ ସଂଯୋଜକ ବାଳକୀ ଚରଣ ବାରିକ, ପୁରୀ ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର, ନରେନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ମଲିକ୍, ଅକ୍ଷୟ ବିଶ୍ୱାଳ, ପ୍ରଭାକର ପାଟଶାହାଣୀ, ଦେବେନ୍ଦ୍ର ପ୍ରଧାନ, ନବ ମଲିକ, ପ୍ରଦୀପ ମହାନ୍ତି, ଅର୍ଜୁନ ସ୍ୱାଇଁ, ଅର୍ତତ୍ରାଣ ଦାସ ପ୍ରମୁଖ ଧାରଣା ଦେଇଥିଲେ । ଘଟଣାସ୍ଥଳରେ ନିମାପଡା ପୋଲିସ୍, ଉପଖଣ୍ଡ ଅଧିକାରୀ ଜାନର୍ଦ୍ଦନ ପାଢୀ, ଥାନା ଅଧିକାରୀ ବାମଦେବ ସ୍ୱାଇଁ କର୍ମୀଙ୍କୁ ବୁଝାଶୁଝା କରିବା ସହ ଘଟଣାର ସଠିକ୍ ତଦନ୍ତ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

# ଜଳେଶ୍ୱର ବ୍ଲକ୍‌ରେ ଗଡ଼ିଲା ବିକାଶ ବାହନ ରଥ



ଜଳେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୋହନ ମାଝୀ ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ଶୁଭାରମ୍ଭ ହୋଇ ଗଡ଼ିଲା ବିକାଶ ବାହନ ରଥ ।ଏହାକୁ ଫିତା କାଟି ସବୁଜ ପତାକା ହଲାଇ ସ୍ୱାଗତ କଲେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ବିଜେପି ନେତା ବ୍ରଜମୋହନ ପ୍ରଧାନ। ବ୍ଲକର ସମସ୍ତ ଅଧିକାରୀ ତଥା ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତରେ ପତକା ହଲାଇ ବିକାଶ ବାହନ ରଥକୁ ଉଦଘାଟନ କରିଥିଲେ ।ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବର୍ଷକ ଭିତରେ ବିଭିନ୍ନ ଉନ୍ନତିମୂଳକ କାମ ଲୋକଲୋଚନକୁ ଆଣିବା ପାଇଁ ସରକାର ବିକାଶ ବାହନ ରଥ ମାଧ୍ୟମରେ ପ୍ରଚାର ପ୍ରଶାର କରୁଥିଲା ବେଳେ ଆଜି ଠାରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ବ୍ରଜ ମୋହନ ପ୍ରଧାନ ବକ୍ତବ୍ୟରେ କହିଥିଲେ । ତେବେ ଜଳେଶ୍ୱର ବ୍ଲକର ୩୫ ପଞ୍ଚାୟତ ତଥା ଜଳେଶ୍ୱର ମ୍ୟୁନିସିପାଲଟିରେ ଏହି ଗାଡ଼ି ସରକାରଙ୍କର ଏକ ବର୍ଷ ମଧ୍ୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ପ୍ରଚାର ପ୍ରଶାର କରିବ ବୋଲି ବିଡିଓ ଗୌରାଙ୍ଗ ଚରଣ ଘୋଷ କହିଛନ୍ତି।

# ମୂକ-ବଧିର ବ୍ୟକ୍ତିଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତର କେଶପୁରା ଗ୍ରାମର ସୁବୋଧ କୁମାର ଭୂୟାଁ ବୟସ ୪୧ ବର୍ଷ ।ଜନ୍ମରୁ ସେ ମୁକ ଓ ବଧିର ଥାଇ କାନକୁ ଆଦୌ ଶୁଭୁ ନ ଥିବାରୁ ସେ ତାଙ୍କ ସ୍ତ୍ରୀକୁ ସାଙ୍ଗରେ ଧରି ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଶ୍ରବଣଯନ୍ତ୍ର ପାଇଁ ନିବେଦନ କରିଥିଲେ। ବିଡିଓ ଉକ୍ତ ଭିନ୍ନକ୍ଷମ ବିଷୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ଶ୍ରବଣଯନ୍ତ୍ର ତୁରନ୍ତ ଯୋଗାଇ ଦେବାକୁ ପରାମର୍ଶ କରିଥିଲେ। ସଙ୍ଗେ ସଙ୍ଗେ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସୁବୋଧଙ୍କୁ ଏକ ଶ୍ରବଣ ଯନ୍ତ୍ର ଯୋଗାଇ ଦେଇଥିଲେ ଓ ତାଙ୍କର ୧୦୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଥିବାରୁ ତାଙ୍କୁ ୩ ହଜାର ୫ ଶହ ଟଙ୍କା ବିକଳାଙ୍ଗ ଭତ୍ତା ଆଗ ମାସରେ ଯୋଗାଇ ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏଥିପାଇଁ ତାଙ୍କର ସ୍ତ୍ରୀ ଗୀତାରାଣୀ ଭୂୟାଁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ସଲିମା ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଛାତ୍ରଛାତ୍ରୀଙ୍କୁ ବସ୍ ଭଡ଼ାରେ ରିହାତି ଦାବି



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଜିଲ୍ଲା ଛାତ୍ର କଂଗ୍ରେସ୍ ସଂଗଠନ ଏନଏସ୍‌ୟୁଆଇ ତରଫରୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଯାତାୟାତ କରିବା ସମୟରେ ସରକାରୀ ଏବଂ ବେସରକାରୀ ବସ୍‌ରେ ମାଗଣା ଯାତ୍ରା କରିବା ସୁବିଧା ଯୋଗାଇଦେବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଛି । ଗାଁ ଗଣ୍ଡାରୁ ଗରିବ, ନିମ୍ନ ମଧ୍ୟବିତ ପରିବାରରୁ ଛାତ୍ରଛାତ୍ରୀ ସହରାଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନକୁ ଯାତ୍ରା କରିବା ସମୟରେ ବସ୍ ଭଡା ବାଧକ ସାଜୁଛି । ଏତଦ୍ ବ୍ୟତୀତ ଅନ୍ୟ ସମୟରେ ଛାତ୍ରଛାତ୍ରୀ ବସ୍ ଯାତ୍ରା କରୁଥିବା ବେଳେ ଉଭୟ ସରକାରୀ ଏବଂ ବେସରକାରୀ ଯାନରେ ଭଡ଼ାରେ ୫୦% ରିହାତି ଦାବି କରିଛନ୍ତି । ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ସକ୍ରିୟ ସଭ୍ୟ ହାପି କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଏକ ବିରାଟ ପଟୁଆରରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରୁ ଆସି ଆଂଚଳିକ ପରିବହନ ଅଧିକାରୀଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ନିକଟକୁ ଦାବି ପତ୍ର ପଠାଇଛନ୍ତି । କଂଗ୍ରେସ ଶାସନ କାଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଉଭୟ ସରକାରୀ ଏବଂ ବେସରକାରୀ ଯାନରେ ଯାତ୍ରା କରିବା ସମୟରେ ଭଡ଼ା ଉପରେ ୫୦% ରିହାତି ସୁବିଧା କରିଥିଲେ । ଦାବି ପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶ, ପିସିସି ସମ୍ପାଦିକା ଶିଳ୍ପୀ ଶ୍ରୀ ହରିଚନ୍ଦନ, ପ୍ରିୟବ୍ରତ ସାସ୍‌ମଲ୍, ବିଶ୍ୱ ଭୂଷଣ ନାୟକ, ସୌମ୍ୟ ରନ ନାୟକ, ଆୟୁଷ୍ମାନ୍ ପଟ୍ଟନାୟକ, ଆଦିତ୍ୟ ରାଉଳ, ନୃସିଂହ ନନ୍ଦ, ପ୍ରୀତି କୁମାର ବାରିକ, ଅଭିଷେକ୍ ରାଉଳ, ସତ୍ୟବ୍ରତ ମିତ୍ର, ଦେବରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ପାଇଁ ନେତୃତ୍ୱ ନେଇଥିବା ହାପି ଚେତାବନୀ ଦେଇଥିଲେ ।

# ନିମାପଡାରେ ଗୋରୁଗାଡିକୁ ଧରିଲା ପୋଲିସ୍

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରୁ ଗୋରୁଚାଲାଣ ଏକ ସମସ୍ୟା ପାଲଟିଥିବା ବେଳେ ପ୍ରତ୍ୟେକ ଦିନ ପିକ୍ ଅପ୍ ବୋଲେରୋ ଓ କଣ୍ଟେନର ସାହାଯ୍ୟରେ ଗୋରୁ ଚାଲାଣ କରାଯାଉଛି । କୁସୁମାଠେଙ୍ଗ ବସ୍ତି, ଦିଘାଳୋ, ରେଂଘାଳୋ, ବଳଙ୍ଗା ବସ୍ତିମାନଙ୍କରୁ ଗୋରୁ ଓ ଗୋମାଂସ ଚାଲାଣ କରାଯାଉଛି । ଦୀର୍ଘଦିନ ହେବ ଏହି ଘଟଣା ଉପରେ ରୋକ ଲଗାଇବା ପାଇଁ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ଦାବୀ କରୁଛନ୍ତି । ଗୁରୁବାର ଅପରାହ୍ନରେ ଏକ ପିକ୍ ଅପ ବୋଲେରୋରେ କେତେଜଣ କଂସେଇ ଗୋରୁ ଚାଲାଣ କରୁଥିବା ଖବର ପାଇ ନିମାପଡା ଓ ବଳଙ୍ଗା ଥାନା ପୋଲିସ୍ ଦୁଇପଟୁ ଘେରୁଯାଇଥିଲେ । ଖେଳାର ନିକଟରେ ଗାଡିକୁ ଜବତ କରିଥିବା ବେଳେ ଗାଡିଚାଳକ ଜୀବନ ବିକଳରେ ଗାଡି ଛାଡି ଫେରାର ହୋଇଯାଇଥିଲା । ହରିଶପୁର ନିକଟରେ ଥିବା ଏକ ଗୋଶାଳାରେ ପୋଲିସ୍ ଗୋରମାନଙ୍କୁ ଛାଡିଥିବା ବେଳେ ଚାଲାଣ ହେଉଥିବା ଗାଡିକୁ ଜବତ କରି ଥାନାରେ ଅଟକ ରଖିଛି । ଏପରି ପ୍ରତ୍ୟେକ ଦିନ ଘଟୁଛି । ବିଶେଷ କରି ତୁଳସୀପୁର ପଂଚାୟତ କୁସୁମାଠେଙ୍ଗ ଓ କଳାପାଂଚଣ ବସ୍ତିରୁ କଂଟେନର ସାହାଯ୍ୟରେ ଗୋ ଚାଲାଣ କରାଯାଉଛି ।

# ମା' ବିଶାଳକ୍ଷୀ ମହିଳା ସମିତିର ତୃତୀୟ ସ୍ୱନକ୍ଷତ୍ର ଦିବସ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନର୍ଗତ ନାମ୍ପୋ ଗ୍ରାମ ପଞ୍ଚାୟତର ନାମ୍ପୋ ଗ୍ରାମରେ ଅବସ୍ଥିତ ମା' ବିଶାଲକ୍ଷୀ ମହିଳା ସମିତିର ତୃତୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ଗୁରୁବାର ପ୍ରଥମେ ଗ୍ରାମର ଇଷ୍ଟ ଦେବୀ ମା' ବିଶାଲକ୍ଷୀଙ୍କ ବିଧି ପୂର୍ବକ ବିଶେଷ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ଶ୍ରୀ ଶ୍ରୀ ନାଗା ଗୋସେଇଁଙ୍କ ମଣ୍ଡପରେ ବିରାଜ ମାନ ପୂର୍ବକ ବିଶେଷ ପୂଜାର୍ଚ୍ଚନା ସହିତ ଚାରି ପ୍ରହର ହରିନାମ ସଂକୀର୍ତ୍ତନ ଓ ମଧ୍ୟାହ୍ନରେ ସାମୁହିକ ପ୍ରସାଦ ସେବନ ର ବ୍ୟବସ୍ଥା କରା ଯାଇଥିଲା। ପରେ ପରେ ସମିତିର ସଦସ୍ୟା ମାନେ ତମାଖୁ ସେବନର ଭୟାବହତା ସମ୍ପର୍କରେ ଯୁବପିଢିଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି ମେନକା ପତି, ଉପସଭାପତି ବୀଣାପାଣି କମିଳା, ସମ୍ପାଦିକା ସ୍ନେହଲତା ପଣ୍ଡା, ସହ ସମ୍ପାଦିକା ରଶ୍ମିତା ଦାସ ମହାପାତ୍ର, ଯୁଗ୍ମ ସମ୍ପାଦିକା ଜ୍ୟୋସ୍ନାରାଣୀ କମିଳା, କୋଷାଧକ୍ଷା ସବିତାରାଣୀ ସିଂହ, ସଭ୍ୟା କମଳା ପ୍ରମାଣିକ, ନିୟତି ଘୋସାଲ, ଗୀତାଞ୍ଜଳି ପ୍ରମାଣିକ, ଶାନ୍ତିଲତା ପ୍ରଧାନ, ଲିଳିମା ପତି, ବନଲତା ପାତ୍ର, ସୁଭଦ୍ରା ପ୍ରମାଣିକ ପ୍ରମୁଖ ପରିଚାଳନା କରିଥିଲେ ।ନାମ୍ପୋ ପଞ୍ଚାୟତର ସରପଞ୍ଚ ଲୋପାମୁଦ୍ରା ରାଉଳ, ଚନ୍ଦ୍ରଶେଖର ଚନ୍ଦ, ସୁକୁମାର ରଣା, ସର୍ବଜୟା ପତି, ସୀତାକାନ୍ତ ଜେନା, ଅନ୍ନପୂର୍ଣ୍ଣା ଦାସ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ହୋଇ ସମାଜରେ ଦଳିତ ଓ ଅବହେଳିତଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ନିଷ୍ଠାପର ଭାବେ ସମସ୍ତ ସଦସ୍ୟା କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେବା ସହ ସମିତିର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ବିଧାୟକଙ୍କ ଦ୍ୱାରା ହାଇମାକ୍ସ ଲାଇଟ୍ ଉଦ୍‌ଘାଟିତ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବଜାରରେ ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ୫ଟି ହାଇମାକ୍ସ ଲାଇଟ ଲଗାଯାଇଛି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଆଳି ବିଧାୟକ ଛବି ମଲିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁବାର ସନ୍ଧ୍ୟାରେ ହାଇମାକ୍ସ ଲାଇଟ୍‌କୁ ଉଦ୍‌ଘାଟନ କରିଥିଲେ । ଯାହା ଫଳରେ ନିଆଳି ଅଞ୍ଚଳରେ ଆଲୋକୀ କରଣ ହୋଇଥିଲା । ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଯୋଗ ଦେଇ ନିଆଳିବାସୀ ଏକବର୍ଷରେ ବିକାଶର ଟ୍ରେଲର ଦେଖିଲେ ଆଗକୁ ଫିଲ୍ମ ବାକି ଅଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଂଜନ ମହାନ୍ତି, ବିଡ଼ିଓ ଧର୍ମ ରଂଜନ ପଣ୍ଡା, ତ୍ରିଲୋଚନ ବେହେରା, ଗଣେଶ୍ୱର ମିଶ୍ର, ସନ୍ତୋଷ ବିଶ୍ୱାଳ, ପ୍ରଶାନ୍ତ ସିଂ, ପ୍ରଭାତ ଭୁଇଁଆ, ବିଦ୍ୟୁତ ବିଭାଗ କର୍ମଚାରୀ ବିଚିତ୍ରା ନନ୍ଦ ଭଟ, ଶତାଧିକ କର୍ମୀ ଓ ବଜାରର ଲୋକମାନେ ଉପସ୍ଥିତ ଥିଲେ ।

# ମତ୍ସ୍ୟ ଉତ୍ପାଦନରେ ନୂଆ ମାଇଲଷ୍ଟୋନ୍, ହଜାରେ ହିତାଧିକାରୀ ଲାଭାନ୍ୱିତ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ବିଭାଗ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ମାଧ୍ୟମରେ ଦେଶବ୍ୟାପୀ ମତ୍ସ୍ୟ ଉତ୍ପାଦନରେ ଜିଲ୍ଲା ନିଜ ସ୍ଥାନକୁ ମଜବୁତ କରିଛି । ଏହି ବର୍ଷରେ ମୋଟ ୪୩,୫୩୦ ମେଟ୍ରିକ ଟନ ମତ୍ସ୍ୟ ଉତ୍ପାଦନ ସହିତ ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି କରାଯାଇଛି । ସରକାରୀ ମତ୍ସ୍ୟ ଯାଆଁଳ କେନ୍ଦ୍ରରୁ ୮୨.୦୪୬ ଲକ୍ଷ ମାଛ ଯାଆଁଳ ଉତ୍ପାଦନ ହୋଇ ମତ୍ସ୍ୟଚାଷୀଙ୍କୁ ଯଥାସମୟରେ ଯୋଗାଣ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୨୭.୪୦ ହେକ୍ଟର ନୂତନ ପୋଖରୀ ଖୋଳାଯାଇ ୭୭ ଜଣ ହିତାଧିକାରୀ ଲାଭବାନ ହୋଇଛନ୍ତି । ପଂଚାୟତ ପୋଖରୀରେ ମହିଳା ସଂଘମାନଙ୍କ ଅଭିନବ ଅଂଶଗ୍ରହଣ ସହିତ ୬୧୩ ଟି ସଂଘ ମାଛ ଚାଷରେ ନିୟୁଜିତ ହୋଇଛନ୍ତି । ଏହି ବର୍ଷ ମଧ୍ୟରେ କେବଳ କ୍ଷେତ୍ର ପୋଖରୀ ମାଧ୍ୟମରେ ୫୪୦ ଜଣ ମତ୍ସ୍ୟଚାଷୀ ଇନପୁଟ ସହାୟତା ଲାଭ କରିଛନ୍ତି । ତଦୁପରି, ୪୩୨ ଟି ଜୈବପୁଞ୍ଜି କୁଣ୍ଡ ନିର୍ମାଣ ମାଧ୍ୟମରେ ୭୮ ଜଣ ମତ୍ସ୍ୟଚାଷୀ ସ୍ୱାବଲମ୍ବୀ ହୋଇଛନ୍ତି । ମତ୍ସ୍ୟ ଯନ୍ତ୍ରପାତି, ଅବର୍ତ୍ତି ପୁଞ୍ଜି, ଛାତ୍ରବୃତି ଭଳି ବିଭିନ୍ନ ଉଦ୍ୟୋଗରେ ଏହି ଯୋଜନା ୧୦୨ ମତ୍ସ୍ୟଚାଷୀ, ୧୪୯ ମହିଳା ସଂଘ ଓ ୪୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାଭ ଦେଇଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏହି ବର୍ଷ ୫.୨୫ ହେକ୍ଟର ନୂତନ ପୋଖରୀ ତିଆରି, ହ୍ୟାଚେରୀ ଓ ମାଛ ରୋଗ ପରୀକ୍ଷା କେନ୍ଦ୍ର ନିର୍ମାଣ ସହିତ ୧୬ ଜଣ ହିତାଧିକାରୀଙ୍କୁ ସୁଯୋଗ ଦିଆଯାଇଛି ।

# ସଚେତନତା ଧର୍ମୀ ୪ ବିକାଶ ବାହନ ପରିକ୍ରମଣ ଶୁଭାରମ୍ଭ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ସରକାର ଗଠନର ବର୍ଷପୂର୍ତ୍ତି ଉପଲକ୍ଷେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଏଥିରେ ହିତାଧିକାରୀମାନଙ୍କ ସହଯୋଗ ଓ ଭାଗୀଦାରୀ ପାଇଁ ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ପକ୍ଷରୁ ସାରା ରାଜ୍ୟରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କୀତ ବିକାଶ ବାହନ ପରିକ୍ରମଣର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପୂର୍ବାହ୍ନରେ ଜିଲ୍ଲାକାର୍ଯ୍ୟାଳୟ ଠାରେ ପୂଜାର୍ଚ୍ଚନା ପରେ ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର ବିକାଶ ବାହାନ ଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉତ୍ସବରେ ପୌର ପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ ମଧ୍ୟ ଏଲଇଡ଼ି. ଭ୍ୟାନ୍ ଗୁଡ଼ିକୁ ଶୁଭାରମ୍ଭ କରିଥିଲେ । କର୍ମ ଯୋଗାଣ, ଜଳସେଚନ, ଗୃହ ନିର୍ମାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ, ଯୁବଶକ୍ତି ଉତ୍ଥାନ, ସାମାଜିକ ପ୍ରତିବଦ୍ଧତା, ଅନ୍ନ ଯୋଜନା ଆଦିରେ ଥିବା ସୁବିଧା ସୁଯୋଗକୁ ହିତାଧିକାରୀ ଉପଲବ୍ଧ ହେବା ପାଇଁ ଏହି ୪ଟି ବିକାଶ ବାହାନ ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ପୌରାଞ୍ଚଳରେ ଆସନ୍ତା ୧୮ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନ କରାଇବ । ଫଳରେ ଅଧିକରୁ ଅଧିକ ହିତାଧିକାରୀ ବିଭିନ୍ନ ଯୋଜନାରେ ସାମିଲ ହୋଇ ରାଜ୍ୟର ଦ୍ରୁତ ବିକାଶରେ ଅଂଶଗ୍ରହଣ କରି ସହଯୋଗ କରିପାରିବେ । ସ୍ଥାନୀୟ ମହିଷାପାଟ ସ୍ଥିତ ପଲ୍ଲିଶ୍ରୀ ମେଳା ପଡିଆରେ ଜିଲ୍ଲାସ୍ତରୀୟ ବିକାଶ ମେଳାର ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର ପାଇଁ ଓଡ଼ିଆ ପରାମ୍ପରିକ ଖାଦ୍ୟ ଷ୍ଟଲ, ଓରମାସ ଷ୍ଟଲ ଓ ବିଭାଗୀୟ ଷ୍ଟଲର ଶୁଭାରମ୍ଭ କରିଥିଲେ । ଏହାପରେ ଜିଲ୍ଲାପାଳ ବିଭିନ୍ନ ଷ୍ଟଲ ବୁଲି ବିଭିନ୍ନ ପ୍ରକାର ସାମଗ୍ରୀ ଦେଖିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ଓରମାସର ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, ମା'ଭଉଣୀ, ଜନସାଧାରଣ ଓ ସାମ୍ବାଦିକ ବନ୍ଧୁଗଣ ଯୋଗଦେଇଥିଲେ ।

# ବିପଦ ସଙ୍କୁଳ ଅବସ୍ଥାରେ ବହୁ ସରକାରୀ ବାସଭବନ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସରକାରୀ ମୁଖ୍ୟାଳୟରେ ବହୁ ସରକାରୀ କ୍ୱାର୍ଟର ବହୁ ବର୍ଷ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଛି । ପ୍ରଶାସନ ପକ୍ଷରୁ ଏହି ଘର ଗୁଡିକୁ ପୂର୍ତ୍ତ ବିଭାଗ ପକ୍ଷରୁ ଯାଂଚ କରାଯାଇ ବିପଦସଙ୍କୁଳ ଘୋଷଣା କରାଯାଇଛି । ବିପଦସଙ୍କୁଳ ଘୋଷଣା ପରେ ସରକାରୀ କାର୍ଟର ଖାଲି ପଡିଛି । ଏବେ ଏହି ଘର ଜବରଦଖଲକାରୀଙ୍କ କବ୍ଜାରେ । ବହୁ ସରକାରୀ କ୍ୱାର୍ଟର ଭଙ୍ଗା ଅବସ୍ଥାରେ ରହିଥିବାବେଳେ ଏହାକୁ ଉଚ୍ଛେଦ କରିବାରେ ପ୍ରଶାସନିକ କର୍ମକର୍ତ୍ତାମାନେ ଆଗ୍ରହ ପ୍ରଦର୍ଶନ କରୁନାହାଁନ୍ତି । ଫଳରେ ବର୍ଷ ବର୍ଷ ଧରି ବହୁ ସରକାରୀ କ୍ୱାର୍ଟର ଏବେ ବିପଦସଙ୍କୁଳ ଭାବେ ରହିଛି । ଅନେକ ସ୍ଥାନରେ ବହୁ ସରକାରୀ କ୍ୱାର୍ଟରକୁ ବାହାର ଲୋକ ଦଖଲକୁ ନେଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ସେଠାରେ ଅବାଧ ନିଶା ସେବନ ଚାଲୁଛି । ଏଲଆଇସି କଲୋନୀରେ ୨ଟି ସରକାରୀ କ୍ୱାର୍ଟରକୁ ବେସରକାରୀ ଲୋକ ମାଡି ବସିଥିବା ବେଳେ ପ୍ରଶାସନ ଉଚ୍ଛେଦ ବଦଳରେ ଚୁପ ବସିଛି । କେତେକ ସ୍ଥାନରେ ଅବସରପ୍ରାପ୍ତ କର୍ମଚାରୀମାନେ ସରକାରୀ କ୍ୱାର୍ଟର ପରିସରରେ ବେଆଇନ ଭାବରେ ନବଗଠିତ ଗୃହ ନିର୍ମାଣ କରି ଅବାଧରେ ରହି ଆସୁଛନ୍ତି । ବିଭାଗର ଉଚ୍ଚ ପଦାଧିକାରୀଙ୍କ ଜ୍ଞାତସାରରେ ଏବଂ ପୌର ପ୍ରଶାସନର ବିନା ଅନୁମୋଦନରେ ଏହି ନିର୍ମାଣ ଓ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ସମସ୍ତେ ଏହାକୁ ନେଇ ନୀରବଦ୍ରଷ୍ଟା ପାଲଟିବା ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେନ୍ଦୁଝର ସହରରେ ବିପଦସଙ୍କୁଳ ସରକାରୀ କ୍ୱାର୍ଟର, ଅଫିସ କୋଠରୀ, ଗୋଦାମ ଘର ବହୁ ବର୍ଷ ଧରି ଭଙ୍ଗା ନ ହୋଇ ରହିଛି । ଗତ ୫ ବର୍ଷ ତଳେ ବିପଦସଙ୍କୁଳ ଘର ସର୍ଭେ ହୋଇ ଚିହ୍ନଟ ହୋଇଥିଲା । ଚିହ୍ନଟ ହୋଇଥିବା ସରକାରୀ କ୍ୱାର୍ଟର ଭଙ୍ଗା ହୋଇନଥିବାରୁ ଏବେ ବି ଅସୁରକ୍ଷିତ ଭାବେ ଦଣ୍ଡାୟମାନ ରହିଛି । ଗୋଟିଏ ପଟେ ସରକାରୀ କ୍ୱାର୍ଟରଗୁଡିକ ଜବରଦଖଲ ରହୁଥିବା ବେଳେ ଅନ୍ୟପଟେ ଆଉ କେତେ ଗୋଟିଏ କ୍ୱାର୍ଟର ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠୀରେ ପରିଣତ ହୋଇଛି । ଭୂତକୋଠୀରେ ପରିଣତ ହୋଇଥିବା ଏହି ଘର ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । ଏଠାରେ ସୂଚନା ପ୍ରଦାନ କରାଯାଇପାରେ ଯେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ କବିତ୍ରା ନିକଟରେ ଷ୍ଟାଫ କ୍ୱାର୍ଟର ନିର୍ମାଣ ହୋଇଥିଲେ ମଧ୍ୟ ଜନୈକ ବ୍ୟକ୍ତି ଏହି କ୍ୱାର୍ଟରଗୁଡିକୁ ଭଡା ଦେଇ ଅର୍ଥ ଆଦାୟ କରୁଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ଏବଂ ଏସ୍ପିଙ୍କ ଚଢାଉ ଫଳରେ ଧରା ପଡିଥିଲେ । କେନ୍ଦୁଝର ପାର୍କ ଲାଇନ୍ସରେ ଥିବା ରାଜସ୍ୱ ବିଭାଗ, ଏଲଆଇସି କଲୋନୀ, ଡିଏନ୍ ହାଇସ୍କୁଲର କ୍ୱାର୍ଟର, କାଶିପୁରଠାରେ ଥିବା ଜିଓଲୋଜିକାଲ୍ କଲୋନୀର କ୍ୱାର୍ଟର, ରାମମନ୍ଦିର ନିକଟସ୍ଥ ମ୍ୟୁନିସିପାଲିଟି କଲୋନୀର କ୍ୱାର୍ଟରଗୁଡିକ ଅତ୍ୟନ୍ତ ବିପଦଶଙ୍କୁଳ ଭାବରେ ପଡି ରହିଛି । ଏହି କ୍ୱାର୍ଟର ଗୁଡିକୁ ଭାଙ୍ଗି ନୂତନ କ୍ୱାର୍ଟର ନିର୍ମାଣ କରାଯାଉନାହିଁ । ବିପଦସଙ୍କୁଳ ଅବସ୍ଥାରେ ବହୁ ସରକାରୀ କ୍ୱାର୍ଟରଗୁଡିକ ସହରର କେନ୍ଦ୍ରସ୍ଥଳୀରେ ଥିବାବେଳେ ରହିବା ଅନୁପଯୋଗୀ କାରଣରୁ ବାଧ ହୋଇ ସରକାରୀ କର୍ମଚାରୀ ଭଡାରେ ରହୁଛନ୍ତି । କେନ୍ଦୁଝର ଷ୍ଟାଡିୟମ ନିକଟରେ ରାଜସ୍ୱ ବିଭାଗର ଥିବା କ୍ୱାର୍ଟର ଏବେ ପରିତ୍ୟକ୍ତ ଅବସ୍ଥାରେ ଦୁଇ ମହଲା ଘର ଥିବାବେଳେ ଏଠାରେ ମଧ୍ୟ ରାତ୍ରୀରେ ବହୁ ବେଆଇନ କାର୍ଯ୍ୟକଳାପ ହେଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ସଦର ମହକୁମାଠାରେ ସରକାରୀ କ୍ୱାର୍ଟରଗୁଡିକ ଏପରି ଅବସ୍ଥାରେ ପଡି ରହିଥିବା ବେଳେ ପ୍ରଶାସନ ତୁରନ୍ତ ଜବରଦଖଲ ମୁକ୍ତ କରିବା ସହ ବିପଦସଙ୍କୁଳ ଘରଗୁଡିକୁ ଭାଙ୍ଗି ଦେବାକୁ ଯୁବ ଓ ଶ୍ରମ ବିକାଶ ମଂଚ କେନ୍ଦୁଝର ପକ୍ଷରୁ ଦାବିହେଉଛି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଖଇରପୁଟ, (ଭାସ୍କର ନ୍ୟୁଜ) : ମାଲକାନାଗିରି ଜିଲ୍ଲା ଅନ୍ତର୍ଗତ ମାଥିଲି ବ୍ଲକ ଠାରେ ଅବକାରୀ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାଲକାନଗିରିର ମିଳିତ ଆନୁକୁଲ୍ୟରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଳୟ ମାଥିଲିର ମେଡିକାଲ ଅଫିସର ଉଦ୍ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଉପଖଣ୍ଡ ଚିକିତ୍ସାଳୟରୁ ଆରମ୍ଭ ହୋଇ ମାଥିଲି ସହର ପରିଭ୍ରମଣ କରିଥିଲା। ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ସେବନ ନ କରିବା ପାଇଁ ଲୋକ ମାନଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ସେଚତନତା ଅଭିଯାନ ଅବସରରେ ଏକ 'ସଂକଳ୍ପ ରଥ' ନିଶା ନୁହେଁ ଜୀବନ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକ ମାନଙ୍କୁ ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ସଚେତନ କରାଉଛି। ରାଜ୍ୟ ସ୍ତରରେ ଏହି କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଇ ୩୧ ତାରିଖରେ ଉଦ୍ଘାଟନ କରିଥିଲେ ଏବଂ ଏହା ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗ ତରଫରୁ ଟଙ୍କଧର ଭୋଇ, ଅବକାରୀ ଉପ ଅଧିକ୍ଷକ, ସନ୍ତୋଷ କୁମାର ବଳ, ଅବକାରୀ ନିରୀକ୍ଷକ, ଅବକାରୀ ଉପ ନିରୀକ୍ଷକ, ଅବକାରୀ ସହାୟକ ଉପ ନିରୀକ୍ଷକ ଓ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲା। ଏହି କାର୍ଯ୍ୟକ୍ରମରେ ମାଥିଲି ଅଞ୍ଚଳର ସମସ୍ତ ଆଶାକର୍ମୀ ମାନେ ଯୋଗ ଦେଇଥିଲେ।



# ଡାଇରିଆରେ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ, ୨ ମୃତ

## ■ ମିଳୁନାହିଁ ବେଡ୍ ■ ତଳେ ପଡ଼ିଛନ୍ତି ରୋଗୀ

ବଡ଼ଚଣା, (ଭାସ୍କର ନ୍ୟୁଜ): ଯାଜପୁର ପରେ ଏବେ ବଡ଼ଚଣାରେ ଡାଇରିଆରେ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ସୂଚନା ଅନୁସାରେ ବଡ଼ଚଣା ବ୍ଲକର ସମିଆଁ ପଂଚାୟତ କଳକଳା ଗ୍ରାମର ନଙ୍ଗୁଳି ନାୟକଙ୍କ ପୁଅ ମଦନମୋହନ ନାୟକ(୨୮) ଏବଂ ଶାଳପଡା ପଂଚାୟତ ତିଳପଦା ଗାଁର ଭାସ୍କର ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ(୨୬)ଙ୍କର ମୃତ୍ୟୁ ଘଟିଥିବା ବେଳେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦ରୁ ଉର୍ଦ୍ଧ୍ୱ ରୋଗି ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ମୃତ ଯୁବକ ଦ୍ୱୟ ଡାରିଆରେ ଆକ୍ରାନ୍ତ ହୋଇ କଟକ ବଡ ଡାକ୍ତରଖାନା ଯାଇଥିଲେ ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ରୋଗି ହେଲେ ବଡ଼ଚଣା ବ୍ଲକ ଖଇରା ଗାଁର ସତ୍ୟଭାମା ସାହୁ(୬୦), ଗୋପାଳପୁର ଗ୍ରାମର ପାଣ୍ଡୁ ଆଲଦା(୩୬), ବ୍ରହ୍ମପୁର ଗାଁର ଜଗନ୍ନାଥ ମଲ୍ଲିକ(୩୯), ଗୋପାଳପୁର ଗାଁର ମିଟୁ ମୁଣ୍ଡା(୨୫), ଛତିଆ ବିଦ୍ୟାଧରପୁର ଗାଁର ଲିଜା ବେହେରା(୨୮), ଖଡ଼ିଅଙ୍ଗ ଗାଁର ପଦନ କୁମାର ମହାପାତ୍ର(୫୨), ବାଲିଚନ୍ଦ୍ରପୁର ଗ୍ରାମର ନନ୍ଦ କିଶୋର ଘଡ଼ାଇ(୮୨), ସପଶନପୁର ଗାଁର ଇଛା ସ୍ୱାଇଁ(୭୫) ଏବଂ ବାରବାଟି ଗ୍ରାମର ଲିପସାରାଣୀ ସାହୁ(୩୨) ଏହିପରି ବଡ଼ଚଣା ବିଭିନ୍ନ ଗ୍ରାମର ଲୋକମାନେ ଆକ୍ରାନ୍ତ ହୋଇଛନ୍ତି। ଆଜି ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିବା ସହିତ କିଛି ଆକ୍ରାନ୍ତ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିଛନ୍ତି। ତେବେ ପାଗର ପରିବର୍ତ୍ତନ ଏବଂ ବିଶେଷ କରି ଭୋଜି ଓ ଅଧିକ ଆମ୍ବ ଖାଇବା ଦ୍ୱାରା ଏପରି ଅବସ୍ଥା ହୋଇଥିବା ଡାକ୍ତର ଶ୍ରୀକାନ୍ତ ଜେନା କହିଛନ୍ତି। ଡାକ୍ତର ଖାନାରେ ରୋଗୀଙ୍କ ପାଇଁ ଆବଶ୍ୟକୀୟ ବେଡ୍ ନଥିବାରୁ ରୋଗୀମାନେ ତଳେ ଚିକିତ୍ସା ହେଉଥିବା ଦେଖାଯାଇଛି।

## ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ପଦଯାତ୍ରା

# 'ଶ୍ରମ ନୁହେଁ ଶିକ୍ଷା' ସ୍ଲୋଗାନ ଦେଲେ ଯୁବ ସମାଜ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ଏକ ପଦଯାତ୍ରା ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ଶ୍ରମ ବିରୋଧୀ ମଞ୍ଚ ଓଡିଶା ଶାଖା, ଆଇଏସଆରଡ଼ି, କୈବଲ୍ୟ ଜନକଲ୍ୟାଣ କେନ୍ଦ୍ର, କ୍ରାନ୍ତି, ୱାନ ସ୍ଟପ ସେଣ୍ଟର(ସକ୍ଷୀ), ଶକ୍ତି ସଦନ ମିଳିତ ଭାବେ "ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ" ଅବସରରେ ବିଶାଳ ଯୁବ ପଦଯାତ୍ରା ବ୍ରହ୍ମପୁର ରେଳ ଷ୍ଟେସନ ଠାରୁ ଶିଶୁ ଶ୍ରମ ବନ୍ଦ କରିବା ସ୍ଲୋଗାନ ଦେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମାଜିକ ନ୍ୟାୟର ଆବଶ୍ୟକତା ସହ ବ୍ୟବସାୟିକ ମନୋଭାବ ନେଇ କାର୍ଯ୍ୟରତ ବ୍ୟକ୍ତି ମାନେ ଶିଶୁମାନଙ୍କୁ ଶ୍ରମିକ ଭାବେ କାର୍ଯ୍ୟରତରୁ ଦୂରେଇ ରୁହନ୍ତୁ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବେଶ ସାମନ୍ତରାୟ ଅଧ୍ୟକ୍ଷ ସାମନ୍ତରାୟ ଏକାଡେମୀ, ଡ. ଦେବାନନ୍ଦ ଦାଶ ଅଧ୍ୟକ୍ଷ କ୍ରାନ୍ତି, ସୁଶାନ୍ତ



ସାବତ ସଭାପତି ମହାନ ସଂଘ, ସୁବାସ ଚନ୍ଦ୍ର ମହାରଣା ପୂର୍ବତନ ଅଧ୍ୟକ୍ଷ, ବିଡିଏ, ବ୍ରହ୍ମପୁର, ଦୁର୍ଗା ପ୍ରସାଦ ବ୍ରହ୍ମା ରେଳ ଷ୍ଟେସନ ପ୍ରବନ୍ଧକ, ବ୍ରହ୍ମପୁର, ଦିଲ୍ଲୀପ ତ୍ରିପାଠୀ ଅଧ୍ୟକ୍ଷ ଶିଶୁ ମଙ୍ଗଳ ସମିତି, ବ୍ରହ୍ମପୁର ଲୀନା ଚାନ୍ଦ ସଭ୍ୟା ଶିଶୁ ମଙ୍ଗଳ ସମିତି, ବ୍ରହ୍ମପୁର, ଶାନ୍ତି ପଟ୍ଟନାୟକ ମହିଳା ଓ ଶିଶୁ ବିକାଶ ପ୍ରୋଗ୍ରାମ ଅଧିକାରିଣୀ, ବ୍ରହ୍ମପୁର, ଗୀତାଞ୍ଜଳି ମହାରଣା, ମହିଳା ସଶକ୍ତିକରଣ ଜିଲ୍ଲା ସଂଯୋଜିକା, ମହେଶ୍ୱର ପାତ୍ରୀ ୱାନ ସ୍ଟପ ସେଣ୍ଟର (ସକ୍ଷୀ) କେନ୍ଦ୍ର ପରିଚାଳିକା, କାର୍ଯ୍ୟ କ୍ରମରେ ଅତିଥି ଭାବେ ଯୋଗଦେଇ ଶିଶୁଟି ଶ୍ରମିକ ଭାବେ କାମକରିବା ଯୋଗୁଁ ତାଙ୍କର ଶାରୀରିକ, ମାନସିକ ଓ ଭୌତିକ ବିକାଶର ବାଧା ପ୍ରାପ୍ତ ହେଉଛି ତେଣୁ ସମସ୍ତ ବ୍ୟକ୍ତି ମାନସିକ ପରିବର୍ତ୍ତନ କରି ସମସ୍ତ ଶିଶୁଙ୍କୁ ମୁଖ୍ୟ ସ୍ରୋତକୁ ଆଣି ବାଧ୍ୟତାମୂଳକ ଭାବେ ଶିକ୍ଷାର ବ୍ୟବସ୍ଥାକୁ ସଦୁପଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଶତାଧିକ ଯୁବ ଯୋଗ ଦେଇଥିଲେ । ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ସହ ପଥ ପ୍ରାନ୍ତ ସଭା ହୋଇଥିଲା । ଏହି ସଭାକୁ ଗଞ୍ଜାମ ଜିଲ୍ଲା ଆବାହକ ମହେଶ୍ୱର ବରାଡ଼ଙ୍କ ସଂଯୋଜନା କ୍ରମେ ସଭା ପରିଚାଳନା କରିଥିଲେ। ଶିଶୁ ମନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ପାଇଁ ମାତା, ପିତା ଓ ଅଭିଭାବକ ମାନଙ୍କ ସହିତ ଜନସାଧାରଣଙ୍କୁ ସଚେତନତା କରିବା ଦରକାର ସହ ଶିଶୁ ଶ୍ରମିକ ମାନଙ୍କୁ ଚିହ୍ନଟ ଓ ଥଇଥାନ କରିବା ଆବଶ୍ୟକତା ରହିଛି। ଶିଶୁ ଶ୍ରମିକ ଗଣନା କରାଗଲେ ନୂତନ ଶିକ୍ଷା ପୋଲିସ ସଫଳତା ହୋଇପାରିବ ବୋଲି ବୁଦ୍ଧିଜୀବୀ ମତାମତ ପ୍ରକାଶ କରିଥିଲେ । ୧୦ମ ଶ୍ରେଣୀରେ ପଢୁଥିବା ପିଲାମାନେ ଏଚଏସସି ପରୀକ୍ଷାରେ ଅନୁପସ୍ଥିତ ପିଲାମାନେ ବର୍ତ୍ତମାନ କେଉଁଠାରେ ଏଚ୍ଏସସି ପରୀକ୍ଷାରେ ଫେଲ ପିଲାଙ୍କ ଅବସ୍ଥା ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଉ। ଏହି କାର୍ଯ୍ୟକ୍ରମକୁ ସୁଧାର ସାବତ ନିର୍ଦ୍ଦେଶକ ଆଇଏସଆରଡ଼ି, ସଂଯୋଜନା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ଗ୍ରାମ୍ୟ ସ୍ତରରୁ ସର୍ଭେ ଆରମ୍ଭ କରିବା ଦରକାର ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସାମନ୍ତରାୟ ଏକାଡେମୀର ଛାତ୍ର, ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଲଳିତ ମୋହନ ସେଠୀ, ସମାଜ ସେବୀ, ବ୍ରହ୍ମପୁର, ଆଇଏସଆରଡ଼ି, କର୍ମକର୍ତ୍ତା ବଳରାମ ମଲ୍ଲିକ, ବିପିନ ଚନ୍ଦ୍ର ନାୟକ, ଶକ୍ତି ସଦନ କର୍ମକର୍ତ୍ତା ସୁସ୍ମିତା କାର୍ଜୀ, ଶୟନୀ ମଲ୍ଲିକ, ଅନିତା ମଲ୍ଲିକ ଓ ସଖୀ ୱାନ ସ୍ଟପ ସେଣ୍ଟର ସ୍ନେହାମୟୀ ପାଢୀ, ସୌଦାମିନୀ ସାହୁ, ଆସ୍ଲିକା ରାଇକା ଓ ଅନ୍ୟାନ୍ୟ ବ୍ୟକ୍ତିଗଣ ଯୋଗଦେଇଥିଲେ। ପ୍ରଭାତ କୁମାର ପାଢୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ଖୋଲିଲା ଓମ୍‌ଫେଡର ବିତରଣ କେନ୍ଦ୍ର



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସରରେ ଓମ୍‌ଫେଡର ଏକ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓମ୍‌ଫେଡ ବିତରଣ କେନ୍ଦ୍ର ଶୁଭାରମ୍ଭ କରିଥିଲେ। ଭକ୍ତମାନେ ଶୁଦ୍ଧ କ୍ଷୀର, ଦହି, ଘିଅ ସମେତ ଓମ୍‌ଫେଡ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପାଇପାରିବେ ବୋଲି ବିଧାୟକ କହିଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜୟପୁରସ୍ଥିତ ଓମଫେଡ୍ ଡାଏରି ପ୍ଲାଣ୍ଟ ମ୍ୟାନେଜର ଅଜିତ କୁମାର ଏକ୍କେସ, ମନ୍ଦିର ପରିଚାଳନା କମିଟି ଭାରପ୍ରାପ୍ତ ସମ୍ପାଦକ ଭବାନୀ ଆଚାର୍ଯ୍ୟ, ପୂର୍ବତନ ସମ୍ପାଦକ ଡ. ଜଗବନ୍ଧୁ ସାମଲଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ ।

# ଭିନ୍ନ ନାମ ଯୋଗୁଁ ବୃଦ୍ଧାଙ୍କୁ ମିଳିପାରୁନି ଭତ୍ତା

କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ପଂଚାୟତ ବାଇରୋଇ ଗ୍ରାମର ଜଣେ ବୃଦ୍ଧା ବର୍ଷ ବର୍ଷ ବିତିଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଂଚିତ ହେଉଛନ୍ତି। ଏହାର କାରଣ ମିଳିଥିବା ସୂଚନା ମୁତାବକ ବାଇରୋଇ ଗ୍ରାମର ଶଶିବାଳା ସିଂଙ୍କ ବୟସ ଆଧାର ଓ ଭୋଟର ପରିଚୟ ପତ୍ରରେ ଭତ୍ତା ପାଇବା ପାଇଁ ବୟସ ସମୟ ସୀମା ଠିକ୍ ଥିଲେ ମଧ୍ୟ ଭୋଟ ପରିଚୟ ପତ୍ର ଓ ଆଧାର କାର୍ଡ ଓ ବ୍ୟାଙ୍କ ପାସ ବୁକରେ



ଭିନ୍ନ ଭିନ୍ନ ନାମ ସହିତ ଭତ୍ତା ପାଇବା ପାଇଁ ର୍କାର ଙ୍କ ନିୟମ ବାର୍ଷିକ ଆୟ ର ପରିଚୟ ପତ୍ର,ରାଜସ୍ୱ ବିଭାଗ ଭୁଲ ଦେଇଥିବାରୁ ବାରମ୍ବାର ଭତ୍ତା ପାଇଁ ଆବେଦନ କରି ନିରାଶ ହେଉଛନ୍ତି ଶଶିବାଳା ସିଂ। ଏହି ସବୁ କାରଣ ଯୋଗୁ ବର୍ଷ ବର୍ଷ କାଳଭତ୍ତା ରୁ ବଂଚିତ ରହିଛନ୍ତି ଶଶୀବାଳା ବୋଲି ସରପଞ୍ଚ ନିର୍ମଳ ସାହୁ ଓ ବ୍ଲକ ଦିଲୀପ କୁମାର ପ୍ରଧାନ ଭତ୍ତା ଅଧିକାରୀ ସୂଚନା ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଆଧାର କାର୍ଡ ସଂଶୋଧନ କାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ଙ୍କ ଯୋଗୁ ଶଶିବାଳା ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି।

# ଆରମ୍ଭ ହେବ ବିକାଶ ମେଳା

ଆଳି, (ଭାସ୍କର ନ୍ୟୁଜ), ରାଜ୍ୟରେ ନୂଆ ସରକାର ଗଠନରେ ଏକ ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଓ ସଫଳତାର ଏକ ବର୍ଷର ଉପଲବ୍ଧି ଓ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବାକୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଓ ବିକାଶ ବାହନ ଯାତ୍ରା ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଠାରୁ ମାଉସୀମା ମନ୍ଦିର ସମ୍ମୁଖରେ ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ। ଉକ୍ତ ମେଳାରେ ପଂଚାୟତରାଜ ଓ ପାନୀୟଜଳ ସମେତ ବିଭିନ୍ନ ବିଭାଗର ପାଖାପାଖି ୫୦ ଗୋଟି ଷ୍ଟଲ ପ୍ରଦର୍ଶିତ କରାଯାଇ ସମସ୍ତ ସେବା ବିଷୟରେ ଲୋକଙ୍କୁ ସଚେତନ କରାଯିବ। ଏଥିସହ ମହିଳା ସଂଘ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ପ୍ରଦର୍ଶିତ ହେବ। ଏହା ସହିତ ସୁଆଦିଆ ଓଡିଆ ଖାଦ୍ୟର ପସରା ଏବଂ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହା ବିକାଶ ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେବା, ସୁଶାସନ ଓ ସଫଳତାର ଏକ ବର୍ଷ ପରିପ୍ରେକ୍ଷୀରେ ଆସନ୍ତାକାଲି ଠାରୁ ୨୧ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାରପ୍ରସାର କରିବ।

# ବିଶ୍ୱ ଯୋଗ ଦିବସ ଉପଲକ୍ଷେ ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଚଳିତ ବର୍ଷ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ଆଳତୀ ଘାଟରେ ମହା ସମାରୋହରେ ପାଳନ କରିବା ପାଇଁ ଆଜି ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱ ଯୋଗ ଦିବସର ମହତ୍ତ୍ୱ ଉପରେ ସମୀକ୍ଷା କରି କହିଥିଲେ ଯୋଗ ମାଧ୍ୟମରେ ଭାରତ ବିଶ୍ୱ ଗୁରୁ ପୁନର୍ବାର ହୋଇପାରିବ। ସିଡ଼ିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଗତବର୍ଷ ଅନୁଷ୍ଠିତ ହୋଇଥିବା ଯୋଗ ଦିବସ ପାଳନର ରୂପରେଖ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନ ସମସ୍ତେ ଏହି କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ। ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜିଲ୍ଲା କ୍ରୀଡ଼ା ବିଭାଗ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଆଲୋଚନା ହୋଇଥିଲା। ଯୋଗ ଶିକ୍ଷକ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଷାକୁ ଆଖି ଆଗରେ ରଖି ଟାଉନ୍ ହଲ୍ ସଂରକ୍ଷିତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇ ସଫଳ କରିବାକୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।

# ୧୯ଯାଏଁ କୋରାପୁଟ ଷ୍ଟେସନ ଆସିବନି ଟ୍ରେନ୍

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ବିଶାଖାପଟଣା ରେଳ ଲାଇନର ସୁକୁ ଓ କୋରାପୁଟ ମଧ୍ୟରେ ଦୋହରିକରଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏହାର କିଛି ବୈଷୟିକ କାରଣ ଯୋଗୁଁ ୧୯ ତାରିଖ ଯାଏଁ କୋରାପୁଟ ଷ୍ଟେସନକୁ ରେଳ ଯିବାଆସିବା ବନ୍ଦ ରହିବ ବୋଲି ରେଳ ବିଭାଗ ପକ୍ଷରୁ ଜଣାଯାଇଛି । ଯାତ୍ରୀଙ୍କ ସୁବିଧା ପାଇଁ କୋରାପୁଟ ଷ୍ଟେସନ ପରିବର୍ତ୍ତେ ସମସ୍ତ ଟ୍ରେନ ଆସନ୍ତା ୧୯ତାରିଖ ଯାଏ ମନବର ଷ୍ଟେସନରେ ରହିବ ବୋଲି ଜଣାପଡିଛି । ସେହିପରି ରାୟଗଡାରୁ ଜଗଦଲପୁର ଅଭିମୁଖେ ଯାଉଥିବା ସମସ୍ତ ଯାତ୍ରୀବାହୀ ଟ୍ରେନ ଡୁମୁରିପୁଟ ଭାୟା କୋରାପୁଟ କ୍ୟାବିନ ଓ ମନବର ଷ୍ଟେସନ ଦେଇ ଜଗଦଲପୁର ଚଳାଚଳ କରିବ।


# ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟକୁ ନେଇ ବିଜେଡ଼ି ପକ୍ଷରୁ ବାର ଘଣ୍ଟିଆ ବନ୍ଦ ଡାକରା



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୪୪ ଜଣ ଚାଷୀ ଧାନ ବିକ୍ରି ପଇସା ନ ପାଇବାରୁ ବିଜେଡ଼ି ପକ୍ଷରୁ ଆଜି ବାର ଘଣ୍ଟିଆ ବନ୍ଦ ଡାକରା ଦେଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ରାଇଘର ବ୍ଲକର ୩୪୪ ଜଣ ଚାଷୀ ରେଜିଷ୍ଟ୍ରେସନକରି ମଣ୍ଡିରେ ଧାନ ଦେଇ ରସିଦ ପାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଟଙ୍କା ପାଇଲେ ନାହିଁ। ସରକାରଙ୍କ ନିୟମ ଅନୁଯାୟୀ ଚାଷୀ ୨୪ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ପଇସା ପାଇବା କଥା। ତାପରେ ଲ୍ୟାମ୍ପସ ପରିଚାଳନା ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ପରେ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଚାଷୀଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିଲେ। କୃଷକ ସଂଘ ପକ୍ଷରୁ ଆନ୍ଦୋଳନ ଶହ ଲ୍ୟାମ୍ପ ଘେଆଓ କରି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ କରିଥିଲେ। ତଥାପି ଚାଷୀ ପଇସା ପାଇ ପାରିଲା ନାହିଁ। ତେଣୁ ଚାଷୀଙ୍କ ଭୁଲ କେଉଁଠି ରହିଲା ବୋଲି ବିଜେଡ଼ି ପ୍ରଶ୍ନ କରିବା ସହିତ ଚାଷୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଆଜିର ଦିନକୁ କଳା ଦିବସ ପାଳିବା ସହ ସରକାରଙ୍କ ଚାଷୀ ମାରଣା ନିତିକୁ ବିରୋଧ କରି ଆଜି ସକାଳ ଛଟା ଠାରୁ ଦିନ ଦୁଇଟା ପର୍ଯ୍ୟନ୍ତ ବାର ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହି ଡାକରାରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ପୂର୍ବତନ ବ୍ଲକ ଅଧକ୍ଷା ନବିନା ନାୟକ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଚିତ୍ତରଞ୍ଜନ ଗଣ୍ଡ, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ତଥା ବିଜେଡ଼ିର ବହୁ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗୀ-କାଳୁପଡା ରାସ୍ତାରେ ଚଳପ୍ରଚଳ ଠପ୍

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ-କାଳୁପଡା ରାସ୍ତାରେ ଗାଡ଼ି ମଟର ଏପରି ସାଇକେଲ ହେଉ ଅବା ପାଦଚଲା ରାସ୍ତା ବିଚ୍ଛିନ୍ନ ହେବା କାରଣରୁ ଚଳପ୍ରଚଳ ଠପ୍ ହୋଇଛି। ଟାଙ୍ଗୀ-କାଳୁପଡ଼ା ରାସ୍ତାର ମଧ୍ୟ ଭାଗରେ ରହିଛି ବଡ଼ଶଙ୍ଖ ନଈ ବ୍ରିଜ୍, ଯାହାକି ବ୍ରିଟିଶ ଅମଳରେ ତାହାର ନିର୍ମାଣ ହୋଇଥିଲା । ଏହି ବ୍ରିଜ୍ ସମ୍ପୂର୍ଣ୍ଣ ଠିକ୍-ଠାକ୍ ଥିଲେ ମଧ୍ୟ ରାସ୍ତା ଓସାରିଆ ହୋଇଥିବା ବେଳେ ବ୍ରିଜ୍ ସଂକୀର୍ଣ୍ଣତା ଥିବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟିଲା। ଗୋଟେ ପରେ ଗୋଟେ ମୃତ୍ୟୁ ହେଲା, ଏପରି ଅନେକ ଲୋକଙ୍କ ମୃତ୍ୟୁ ହେବା ପରେ ଏହି ବଡ଼ଶଙ୍ଖ ନଈ ବ୍ରିଜ୍‌ର ନାମ ମଣିଷ ମରା ବଡ଼ଶଙ୍ଖ ନଈ ବ୍ରିଜ୍ ବୋଲି ନାମକରଣ କରାଯାଇ ଆଲୋଚନା ହେଲା। ଘଟୁଥିବା ଦୁର୍ଘଟଣାକୁ ରୋକ୍ ଦେବାପାଇଁ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀ ଏହାର ବିକଳ୍ପ ପାଇଁ ଏହି ବ୍ରିଜ୍‌ର ନବକଳେବର ପାଇଁ ପିଡବ୍ଲୁଡି ଦାୟିତ୍ୱ ନେଲା। ବ୍ରିଜ୍ ଭଙ୍ଗାଗଲା ଓ ନବକଳେବର କାର୍ଯ୍ୟ ଆରମ୍ଭ ହେଲା। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ କରାଯିବା ଏବଂ ଚଳପ୍ରଚଳ ପାଇଁ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତାଟି ବର୍ଷା ଜଳ ପ୍ରବାହିତ ଯୋଗୁଁ ଧୋଇ ହୋଇଯିବା କାରଣରୁ ଏବେ ଟାଙ୍ଗୀ ଗ୍ରାମ ସହିତ କାଳୁପଡା ଗ୍ରାମକୁ ଗାଡ଼ି ମଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ନିର୍ମାଣ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀଙ୍କ ମନମାନି କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ସାଧାରଣ ଜନତା ଅଭିଯୋଗ କରିଛନ୍ତି। ଏପଟେ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉଛି ବୋଲି ବିଭାଗୀୟ ଅଧିକାରୀ ସଫେଇ ଦେଇଛନ୍ତି ।



# ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଉଛି ସୁଭଦ୍ରା ଶକ୍ତି ମେଳା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଡେରାବିଶ ପଞ୍ଚାୟତ ସମିତି ପରିସରରେ ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରାଯାଇଥିଲା । ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି । ଏଥିପାଇଁ ମହିଳାମାନଙ୍କୁ ସଂଗଠିତ କରି ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ଓ ପିଜି ଗ୍ରୁପ ବା ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ପ୍ରେରଣା ମଧ୍ୟ ଯୋଗାଇ ଦିଆଯାଉଛି । ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏହି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ୧୨ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଭାଗ ନେଇଥିଲେ । ନିୟମ ଅନୁଯାୟୀ ପ୍ରତିଯୋଗୀମାନେ ବ୍ଲକ ପରିସରରେ ସେମାନଙ୍କ ରୋଷେଇ ସରଞ୍ଜାମ ଧରି ପହଂଚି ନିର୍ଦ୍ଧାରିତ ୨ ଘଂଟା ମଧ୍ୟରେ ସେମାନଙ୍କ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ପରିବେଶଣ କରିଥିଲେ। ପ୍ରତିଯୋଗୀ ମାନେ ପାରମ୍ପରିକ ଖାଦ୍ୟ ମଧ୍ୟରେ ବିଭିନ୍ନ ପ୍ରକାର ପିଠା ମିଠା, ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପିଠା ଓ ମିଠା ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଏହି ପ୍ରତିଯୋଗୀତାରେ ବିଶେଷ ଆକର୍ଷଣ ରହିଥିଲା ଏକ ପ୍ରତିଯୋଗୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ବାଉଁଶ ଗଜା (କରଡ଼ି)ର ତରକାରୀ। ପରେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକଙ୍କ ସଭାପତିତ୍ୱ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ, ସିଡ଼ିପିଓ ହରପ୍ରିୟା ଦେବୀ, ଡବ୍ଲୁଇଓ ରଶ୍ମୀ ଦେବୀ, ବିପିସି ବିଜୟଲକ୍ଷ୍ମୀ ବେହେରା, ବିପିଏମ ଅମୀୟ କୁମାର ରାଉତ, ଡେରାବିଶ ବ୍ଲକ ମିଶନଶକ୍ତି ସମ୍ପାଦିକା ମନୋରମା ରାଉତ ପ୍ରମୁଖ ଯୋଗଦେଇ ମିଶନଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ସେମାନଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରାବ ବୋଲି କହିଥିଲେ। ଏଥିସହିତ ବ୍ଲକ ସ୍ତରରେ ଯେଉଁ ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ପ୍ରଥମ ହେବ ସେମାନେ ଜିଲ୍ଲା ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି କହିଥିଲେ । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟର ଗୁଣବତା ଓ ପୋଷକ ତତ୍ୱ ସମ୍ବନ୍ଧରେ ଉପସ୍ଥିତ ଅତିଥିମାନଙ୍କୁ ବୁଝାଇଥିଲେ । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ବ୍ଲକ ଅନ୍ତର୍ଗତ ଗୋଲରାହାଟର ଦଧିବାମନଜୀଉ ପ୍ରଡ୍ୟୁସର୍ସ ଗ୍ରୁପ ପ୍ରଥମ ଓ କୁଶିଆପାଳର ପଂଚାୟତର ମହାବୀର ଏସ୍ଏଚ୍‌ଜି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଅତିଥିମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନଗଦ ୫୦୦୦ ଟଙ୍କାର ଅର୍ଥରାଶି ସହିତ ମାନପତ୍ର ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୪୦୦୦ ଟଙ୍କା ସହିତ ମାନପତ୍ର ପ୍ରଦାନ କରିଥିଲେ ଏବଂ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଏଲସି ସୁଭଦ୍ରା ସେଠୀ, ସୁଶ୍ରୀ ସଙ୍ଗୀତା ଭୂୟା, ବିପିଏ ନିବେଦିତା ଦାସ ପରିଚାଳନାରେ ସହଯୋଗ କରିଥିଲେ ।

## ଗଜାମୁଆଁରେ ମହକିଲା ମଣ୍ଡପ

ବାଲୁଗାଁ,(ଭାସ୍କର ନ୍ୟୁଜ) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିକଟସ୍ଥ ଚାଷଙ୍ଗରା ଗ୍ରାମରେ ବେଶ ଧୂମଧାମରେ ପାଳିତ ହୋଇଯାଇଛି ଦେବସ୍ନାନ ପୂର୍ଣ୍ଣିମା। ପ୍ରାଚୀନ କାଳରୁ ସ୍ଥାପିତ ଶ୍ରୀ ପତିତପାବନ ଦେବଙ୍କ ପିଠରେ ପ୍ରଭୁ ସୁବାସିତ ଜଳରେ ସ୍ନାନ କରିଥିଲେ। ଭକ୍ତମାନେ ଏକାଠି ହୋଇ ପ୍ରଭୁ ପପତିତପାବନଙ୍କ ସ୍ନାନ ନିତିକୁ ନିର୍ଦ୍ଧାରିତ ସମୟରେ ଶେଷ କରିଥିଲେ। ତେବେ ଚାଷଙ୍ଗରାର ପତିତପାବନ ଦେବଙ୍କ ସ୍ନାନଯାତ୍ରାର ପ୍ରମୁଖ ଆକର୍ଷଣ ରହିଛି ଗଜା ମୁଆଁ ପୂଜା। ଏହିଦିନ ପ୍ରଭୁଙ୍କ ସ୍ନାନ ପରେ ବିଭିନ୍ନ ପ୍ରକାରର ମୁଆଁ ପୂଜା କରାଯିବାର ପରଂପରା ରହିଛି। ସେଥିପାଇଁ ଗ୍ରାମର ସମସ୍ତ ଭକ୍ତମାନେ ବିଭିନ୍ନ ସୁଗନ୍ଧିତ ମୁଆଁ ତିଆରି କରି ଭୋଗ କରାଇଥାନ୍ତି। ଏଥସହିତ ଦିନ ତମାମ ବିଭିନ୍ନ ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ନୂତନ ମତ୍ସ୍ୟଜୀବୀ ସୋସାଇଟି ଗଠିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକର ଚୋରମରା ଗ୍ରାମର ମହାକାଳ ମଣ୍ଡପ ପ୍ରାଙ୍ଗଣରେ ବୁଧବାର ପୂର୍ବାହ୍ନରେ ଲକ୍ଷ୍ମଣ ରାଉଳଙ୍କ ଅଧ୍ୟକ୍ଷତାରେ ମତ୍ସ୍ୟଜୀବିମାନଙ୍କର ନୂତନ ମତ୍ସ୍ୟଜୀବି ସୋସାଇଟି ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଚୋରମାରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପରିତୋଷ କାମିଲା ଉପସ୍ଥିତ ରହି ପରିଚାଳନା କରିଥିଲେ। ବାଲେଶ୍ୱର ଜିଲ୍ଲାର ମତ୍ସ୍ୟ ବିଭାଗ



କୋଅପରେଟିଭ୍ ଇନ୍‌ସପେକ୍ଟର ଉପେନ୍ଦ୍ର ହେମ୍ରମ ସୋସାଇଟି ସମ୍ବନ୍ଧରେ ଆଲୋଚନା କରିଥିଲେ। ଚନ୍ଦନେଶ୍ୱର ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା ଉପସ୍ଥିତ ହୋଇ ସାମୁଦ୍ରିକ ମତ୍ସ୍ୟଜୀବି ମାନଙ୍କ ନିମନ୍ତେ ଥିବା ଯୋଜନା ଗୁଡ଼ିକ ସମ୍ବନ୍ଧରେ ମତ୍ସ୍ୟଜୀବୀ ମାନଙ୍କୁ ବୁଝାଇଥିଲେ। ସାଗର ମିତ୍ର ଶିବାୟନ ସେନାପତି, ସୁଧାକର ବେହେରା, ଜୟଦେବ ବାରିକ, ସମିର ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।୧୦୯ ଜଣ ମତ୍ସ୍ୟଜୀବୀ ଉପସ୍ଥିତ ରହି ସୋସାଇଟି ନାମ ସର୍ବସମ୍ମତି କ୍ରମେ 'ମହାକାଳ ସାମୁଦ୍ରିକ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି' ଚୋରମରା ନାମରେ ନାମିତ କରାଯାଇଛି। ଉକ୍ତ ସମିତିରେ ୧୦୯ ମତ୍ସ୍ୟଜୀବୀ ମଧ୍ୟରେ ସଭାପତି ଭାବେ ତପନ କୁମାର ରାଉଳ, ସମ୍ପାଦକ ଭାବେ ଶିବ ଚରଣ ମାଝୀଙ୍କ ନାମ ସର୍ବସମ୍ମତି କ୍ରମେ ଘୋଷଣା କରାଗଲା।

# ସାନମହେଶ୍ୱର ମଣ୍ଡିରେ ପଡ଼ି ରହିଛି ୬ହଜାର ବସ୍ତା ଧାନ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ଧାର କରଜ କରି କେତେ ଖୁସିରେ ଚାଷୀ ରବି ଧାନ ଚାଷ କରି କିଛି ଅର୍ଥ ଉପାର୍ଜନ କରିବାକୁ ଆଶା ରଖିଥାଏ। ହେଲେ ଚାଷୀ ସେହି ଆଶାକୁ କେତେବେଳ କାଳବୈଶାଖୀ ଝଡ଼ ତୋଫାନ କାଳ ସାଜିଛି ତ ଆଉ କେତେବେଳେ ପ୍ରଶାସନ ଚାଷୀର ଧାନକୁ ମଣ୍ଡିରେ ରଖି ଚାଷୀକୁ ନିରାଶ କରୁଛନ୍ତି। ଫଳରେ ଚାଷୀ ଧାନ ଫସଲ କରିବାରେ ନିରାଶ ହୋଇ ଜମିକୁ ପଡ଼ିଆ ପକାଇ ବାହାର ରାଜ୍ୟକୁ ଦାଦନ ସାଜି ଯାଉଛନ୍ତି। ପାଖାପାଖି ଏକ ମାସରୁ ଉର୍ଦ୍ଧ୍ୱ ହେବ ସାନମହେଶ୍ୱର ମଣ୍ଡିରେ ୧୦୦ ଜଣ ଚାଷୀଙ୍କ ୬ ହଜାର ବସ୍ତା ଧାନ ପଡ଼ି ରହିଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଦୁଃଖରେ ଦୁଃଖୀ ହୋଇ ଖଡ଼ିଆଳ ବ୍ଲକ



ଉପାଧ୍ୟକ୍ଷ ଗୌତମ ତାଣ୍ଡି ଚାଷୀଙ୍କ ଅଭିଯୋଗ ଅନୁଯାୟୀ ସାନମହେଶ୍ୱର ରବି ଚାଷ ଧାନ ମଣ୍ଡି ପରିଦର୍ଶନ କରିଥିଲେ। ସେଠାରେ ଚାଷୀ ମାନେ ଧାନ ନ ଉଠିବାରୁ ଆଗକୁ ଲଘୁଚାପ ବର୍ଷା ଥିବା ଆଶଙ୍କା ନେଇ ହତାଶରେ ନିରାଶ ହୋଇ ଚିନ୍ତା କରି ବସିଥିଲେ। ବ୍ଲକ ଉପାଧ୍ୟକ୍ଷ ଦେଖି ଚାଷୀଙ୍କ ମନରେ ଟିକେ ଭରଷା ହେଲା। ସାଙ୍ଗେ ସାଙ୍ଗେ ଚାଷୀ ସାନୁଜ ବେହେରା, ଯୁଗଳ ବେହେରା, ବୀମାଧର ବେହେରା, ବିଜୟ ପ୍ରକାଶ ସିଂ ମହାରଥା, କୋକିଳ ବେହେରା, ୯ଟି ଗାଁର ପ୍ରାୟ ୧୦୦ ଜଣ ଚଷୀ ମଣ୍ଡିରେ ଧାନ ପଡ଼ିଥିବା ଓ କ୍ୱିଣ୍ଟାଲ ପ୍ରତି ପାଞ୍ଚ କେଜି ଧାନ କାଟୁଥିବା ଅଭିଯୋଗ କରିଥିଲେ। ସାଙ୍ଗେ ସାଙ୍ଗେ ଉପାଧ୍ୟକ୍ଷ ଗୌତମ ତାଣ୍ଡି ନୂଆପଡା ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀଙ୍କୁ ଚାଷୀଙ୍କ ସମସ୍ୟା ଜଣାଇବାରୁ ତୁରନ୍ତ ଧାନ ଉଠାଇ ବାକୁ ପ୍ରତିଶୃତି ଦେଇ ଥିଲେ।

# ବାନାମ୍ବର ମହାପୁରୁଷଙ୍କ ଜନ୍ମ ଦିବସ ପାଳିତ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ପଥରପଡ଼ା ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବାନାମ୍ବର ମହାପୁରୁଷଙ୍କ ଜନ୍ମ ଉତ୍ସବ ଗତକାଲି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସର ଓ ବାହାରେ ଭକ୍ତମାନେ ପୁଷ୍ପରେ ସୁସଜ୍ଜିତ କରିଥିଲେ । ଏଥିସହ ଭଜନ କୀର୍ତ୍ତନ ଓ ଆଧ୍ୟାତ୍ମିକ ପ୍ରବଚନ ଶ୍ରବଣ କରିବା ପାଇଁ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।



ଦେରାବିଶ (ଭାସ୍କର ନ୍ୟୁଜ) : ଦେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଦେବସ୍ନାନ ଉତ୍ସବ ପାଳିତ ହୋଇଯାଇଛି । ବାଜାବାଣ, ରୋଷଣି ଓ ଭଜନ କୀର୍ତ୍ତନ ଆଦିରେ ପୂର୍ବାହ୍ଣରୁ ତିନିଦିଅଁଙ୍କୁ ଗ୍ରାମରେ ଥିବା ସ୍ନାନ ମଣ୍ଡପରେ ବିଜେ କରାଯାଇ ରୀତିନୀତି ଅନୁଯାୟୀ ସ୍ନାନ କରାଯାଇଥିଲା । ପରେ ତିନିଦିଅଁଙ୍କୁ ଗଜାନନ ବେଶ କରାଯାଇ ଅଣସର ଘରକୁ ନିଆଯାଇଥିଲା । ଏହି ଅବସରରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ତଥା ଭାଗବତ ପ୍ରଚାର ସମିତି ଓଡ଼ିଶା ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀବିବା ମହାରାଜ ଯୋଗଦେଇ ଭାଗବତ ପାରାୟଣ ଓ ଆଲୋଚନା କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକର ଭାଗବତ ଟୁଙ୍ଗିର ବ୍ଲକ ସଭାପତି, ସମ୍ପାଦକ, ଦେରାବିଶ ବ୍ଲକ ଭାଗବତ ଟୁଙ୍ଗିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଭାଗବତ ଶ୍ରବଣାମୃତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ । ସେହିପରି ଏହି ବ୍ଲକ ଅନ୍ତର୍ଗତ ରଡାଦିଆ ଖଣ୍ଡସାହି ପଞ୍ଚାୟତର ବଳପଡ଼ା, ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଙ୍ଗ କଣିପଡ଼ା ନିକଟସ୍ଥ ଓଲଖଣ୍ଡ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ମାଣିବନ୍ଧ-କୋଲୁହପାଟଣା ରାସ୍ତାରୁ ଉଠିଗଲାଣି ପିଚୁ



ବୋଲଗଡ଼ (ଭାସ୍କର ନ୍ୟୁଜ) : ବୋଲଗଡ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ମାଣିବନ୍ଧ-କୋଲୁହପାଟଣା ଭାୟା ତେଲିରଙ୍ଗଣି ପାଟଣା ଠାରୁ ୨୦୨୦ ମସିହାରେ ୨ କିମି ୪୫୦ ମିଟର ରାସ୍ତାରେ ୧ କୋଟି ୬ ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର ଅର୍ଥରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟ ଆରମ୍ଭ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଅର୍ଥ ମଧ୍ୟ ବ୍ୟୟ ବରାଦ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ପିଚୁ ଉଠିବା ସହ ମେଣ୍ଟାଲ ରାସ୍ତାରେ ଗଡୁଥିବାର ଦେଖିବାକୁ ମିଳୁଛି । ଏପରିକି ବିଭିନ୍ନ ସ୍ଥାନରେ ଆବଡ଼ା ଖାବଡ଼ା ହୋଇ ଖାଲ ଢିପ ହୋଇ ରାସ୍ତା ଫାଟି ଆଁ କରି ରହିଛି । ପ୍ରତିଦିନ ଦିବା ଓ ରାତ୍ରରେ ଜନସାଧାରଣ ମୋଟରଯାନ, ସାଇକେଲ ଓ ଚାରି ଚକିଆ ଯାନରେ ୪୮ ନମ୍ବର ରାଜପଥର ଗୋବିନ୍ଦପୁର ଠାରୁ ବାହାରି ଭାୟା ତେଲି ରଙ୍ଗଣି ପାଟଣା ଦେଇ ମାଣିବନ୍ଧରୁ ଟିକାତାଳ ଗ୍ରାମର ୫୭ ନମ୍ବର୍ ଜାତୀୟ ରାଜପଥରେ ବାହାରି ବିଭିନ୍ନ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ କରିଥାନ୍ତି । ଯାହାକି ବାଣିଜ୍ୟିକ ପେଣ୍ଠସ୍ଥଳୀ ସୁନାଖଳା ଯିବାକୁ ରାସ୍ତାଟି ବାଇପାସ୍ ଭଳି କାର୍ଯ୍ୟ କରିଥାଏ । ଏଠାରେ ପ୍ରଶ୍ନ ଉଠୁଛି କାହିଁକି ରାସ୍ତାଟିକୁ ରକ୍ଷଣାବେକ୍ଷଣ କରିବା ପାଇଁ ଠିକାଦାର ଜଣକ ଅର୍ଥକୁ ସଦୁପଯୋଗ କରି ନାହାନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି । ଏଥିରେ ବୋଲଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାର ଅବଗତ ନଥିବାବେଳେ ତୁରନ୍ତ ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି ।

## ଜନସଚେତନତା ନିମନ୍ତେ ଅଭିଯାନ ଆରମ୍ଭ

# ପ୍ରତି ୱାର୍ଡରେ ବୁଲିବ 'ବିକାଶ ବାହନ'



ବାରିପଦା (ଭାସ୍କର ନ୍ୟୁଜ) : ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଆମ୍ ଜନତାଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ 'ବିକାଶ ବାହନ' ରଥ ଅଭିଯାନ ଆଜି ବାରିପଦାରେ ଉଦ୍ଘାଟିତ ହୋଇଛି । ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରଥର ଶୁଭାରମ୍ଭ ପରେ, ବାରିପଦା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ବାରିପଦା ବ୍ଲକ ଓ ପୌରପାଳିକା ଅଞ୍ଚଳର ବିକାଶ ବାହନ ରଥ ଉଦ୍ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ମମତା ମହାନ୍ତି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଓ ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇ ଉଦ୍ଘାଟନ କରିଥିଲେ । ବିକାଶ ବାହନ ରଥ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବ୍ଲକ ଓ ପୌରାଞ୍ଚଳର ଗ୍ରାମପଞ୍ଚାୟତ, ୱାର୍ଡରେ ପରିକ୍ରମା କରି ସରକାରଙ୍କ ଯୋଜନା ନେଇ ସଚେତନତା ବଢ଼ାଇବ । ରଥରେ ବିଭିନ୍ନ ବ୍ୟାନର, ପୋଷ୍ଟର ଓ ଏଲଇଡି ଦ୍ୱାରା ସୂଚନା ଦିଆଯିବ ଏବଂ ସେହିଠାରେ ହିତାଧିକାରୀଙ୍କୁ କାର୍ଡ, ସହାୟତା ବଣ୍ଟନ ଏବଂ ନୂଆ ଆବେଦନ ସଂଗ୍ରହ କାର୍ଯ୍ୟ ହେବ । କାର୍ଯ୍ୟକ୍ରମଟି ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପୌରହିତ୍ୟରେ ହୋଇଥିଲା । ଏଥିସହ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପାଧ୍ୟକ୍ଷା ସାମା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଏସିଡିଓ ଶାନ୍ତନୁ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାପ୍ରସାଦ ରାଉତ ଓ ବିଭିନ୍ନ ୱାର୍ଡର କାଉନସିଲର, ମିଶନ ଶକ୍ତି ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ବିକାଶ ବାହନ ଅଭିଯାନ ମାଧ୍ୟମରେ ସରକାରୀ ସେବା ଲୋକଙ୍କ ଦ୍ୱାରକୁ ପହଞ୍ଚିବା ସହ ସରକାର–ଜନସାଧାରଣ ମଧ୍ୟରେ ଏକ ନିକଟ ଉତ୍ସ ବିକଶିତ ହେବ ବୋଲି ଅପେକ୍ଷା ।

# ଚଣ୍ଡିଖୋଲ କୋର୍ଟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ




ବଡ଼ଚଣା (ଭାସ୍କର ନ୍ୟୁଜ) : ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ତାଲୁକ କେନ୍ଦ୍ର ଅଧ୍ୟକ୍ଷ ତଥା ସବଜଜ୍ ବିଶ୍ୱ ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ, ଜେଏମ୍ଏଫସି ଶ୍ରୀମୟୀ ନନ୍ଦ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଦେବରାଜ ବେହେରା ପ୍ରମୁଖ ଯୋଗଦେଇ ଢ଼ାବା, ହୋଟେଲ ଇଟାଭାଟି, ବିଭିନ୍ନ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନରେ ବେଆଇନ ଭାବେ ଶିଶୁ ଶ୍ରମିକମାନଙ୍କୁ ନିୟୋଜନ କରାଯାଉଛି ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ସହ ଗରିବ ଶ୍ରେଣୀର ଅଭାବୀ ପରିବାରର ଶିଶୁମାନଙ୍କ ବୌଦ୍ଧିକ, ମାନସିକ, ଶାରୀରିକ, ଖେଳକୁଦ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶ ନିମନ୍ତେ ସରକାରୀ ସ୍ତରରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗକୁ ସେମାନଙ୍କ ପାଇଁ ଉପଲବ୍ଧ କରାଇବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ଯୁଗ୍ମସମ୍ପାଦକ ଶିରିଷ କୁମାର ସାମଲ, ଆଇନଜୀବୀ ମନୋଜ କୁମାର ଦାଶ, ଶ୍ୟାମ ପ୍ରସାଦ ଦାଶ, କିଶୋର କୁମାର ନାୟକ, ବିଜୟ ରାଉଲ, ନିଗମାନନ୍ଦ ପାତ୍ର ଯୋଗଦେଇ ଥିଲେ । ରିଟେନର ଜ୍ୟୋତି ଶାଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହାଡାପଦା ସେବା ସମବାୟ ସମିତି ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ବାଙ୍କୀ (ଭାସ୍କର ନ୍ୟୁଜ) : କଟକ ଜିଲ୍ଲାର ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସାହାଡାପଦା ସେବା ସମବାୟ ସମିତିର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନୂତନ ଭାବେ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ଅନୁଦାନ ଆସିଛି । ଏହି ନୂତନ ଗୃହ ନିର୍ମାଣ ପାଇଁ ଗତକାଲି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଶୁଭକାର୍ଯ୍ୟ ଅବସରରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାଷ ପାଢୀ, ବାଙ୍କୀ ଏନ.ଏ.ସି ର ଅଧ୍ୟକ୍ଷା ମାଣିକ ସାହୁ, ସମିତିର ସଭ୍ୟ / ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଉପସ୍ଥିତ ଥିଲେ । ଅଫିସ ଗୃହ ନିର୍ମାଣ ହେଲେ କାର୍ଯ୍ୟାଳୟର କାମ ସୁରୁଖୁରୁରେ ହୋଇ ପାରିବ । ଏଥିସହିତ ଗୋଦାମ ଗୃହ ନିର୍ମାଣ ହେଲେ ଚାଷୀମାନଙ୍କର ସମସ୍ତ ଶସ୍ୟ ସୁରକ୍ଷିତ ଭାବେ ରଖାଯାଇପାରିବ ବୋଲି ସମସ୍ତ ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାହାଡାପଦାର ସମସ୍ତ ଚାଷୀମାନେ ବେଶ୍ ଉତ୍ସାହିତ ଥିବାର ଦେଖିବା ପାଇଁ ମିଳିଥିଲା । ଏହି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଉଚ୍ଚପ୍ରଶଂସା କରିଥିଲେ ।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପୁର ଆଞ୍ଚଳିକ ସ୍ୱାମୀ ବିବେକାନନ୍ଦ ଗୁରୁକୂଳ ଆଶ୍ରମ ପରିସରରେ ଭାରତୀୟ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଭଦ୍ରକ ଜୋନସ୍ତରୀୟ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ଶିବିର ବୁଧବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି । ବିଜେଗଙ୍ଗାଧରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ପରିଷଦ ସମ୍ପାଦକ ରବିନାରାୟଣ ଯେନା ମୁଖ୍ୟଅତିଥି, ଟ୍ରଷ୍ଟି ବାବାଜି କୁମାର, ରାଜକିଶୋର ଓ ବିଚିତ୍ରାନନ୍ଦ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍ଘାଟନ କରିଥିଲେ । ଦୋଳସାହି ପ୍ରଧାନଚାର୍ଯ୍ୟ ଜ୍ଞାନରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଚିଙ୍ଗୁଡ଼ିପୁର ସମ୍ପାଦିକା ସ୍ମିତାରେଖା ପାତ୍ର ବେଦପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଜୋନର ୧୦ଟି ଶିକ୍ଷାକେନ୍ଦ୍ରରେ ଶିକ୍ଷାଦାନ କରୁଥିବା ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଗଦାଧର ବାରିକ, ଅଶୋକ ନାୟକ, ପ୍ରଭାତ କୁମାର ଖିଲାର, ମାନସ କୁମାର ପାଢୀ, ଯୋଗ ଶିକ୍ଷକ ନିତ୍ୟାନନ୍ଦ ରାଉତ, କ୍ରୀଡା ଶିକ୍ଷକ ମାନସ କୁମାର ସାହୁ, ଗଣିତ ଶିକ୍ଷକ ଜୟଦେବ ସେନାପତି ଓ ଇଂରାଜୀ ଶିକ୍ଷକ ପ୍ରଭାତ କୁମାର ଖିଲାର ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଚିଙ୍ଗୁଡ଼ିପୁର ଗୁରୁକୂଳ ଆଶ୍ରମ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ବାଲିଖଣ୍ଡ ମହାବିଦ୍ୟାଳୟ ଅଧ୍ୟାପକ ନିରୋଦ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ରାମକୃଷ୍ଣ ଶିକ୍ଷାନିକେତନ ସମ୍ପାଦକ ଧିରେନ କୁମାର ବାରିକ, ଚିଙ୍ଗୁଡ଼ିପୁର ଆଶ୍ରମ ଶିକ୍ଷକ ସଂଗ୍ରାମ ସାହୁ, ଆଓସାଇ ସେବାଶ୍ରମ ପ୍ରଧାନଆଚାର୍ଯ୍ୟ ତନ୍ମୟ ପଟ୍ଟନାୟକ, ବାଲୁଅଶାସନ ବିବେକାନନ୍ଦ ଶିଶୁମନ୍ଦିର ସମ୍ପାଦକ ବିଷ୍ଣୁମୋହନ ପଣ୍ଡା, ନିମାପଡା ବିବେକାନନ୍ଦ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ କରଶର୍ମା, କୋରିଗାଁ ସମ୍ପାଦକ ଖଗେଶ୍ୱର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବଡ଼ମଠରେ ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା

କୁଜଙ୍ଗ (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲସାହିର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ବଡ଼ମଠ ପରିସରରେ ପବିତ୍ର ଦେବସ୍ନାନ ଉତ୍ସବ ମହାଆଡମ୍ବର ସହକାରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମଠର ମ୍ୟାନେଜିଂ ଟ୍ରଷ୍ଟି ବହ୍ଲଭ ଚରଣ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀଜୀଉ ମାନଙ୍କ ପହଣ୍ଡି ବିଜେ ପରେ ସ୍ନାନନୀତି ଯଜ୍ଞ କରାଯାଇଥିଲା । ପରେ ନ୍ୟୁଜ ୭ର ମାଗାନା ଓଲିଗି କାର୍ଯ୍ୟକ୍ରମ ସହ, ଚାରା ରୋପଣ, ସଂକୀର୍ତ୍ତନ ସମାରୋହ ସହ ରତ୍ନପୂର୍ଣ୍ଣା କଳସାହିତ୍ୟ ସଂସଦ ଆନୁକୂଲ୍ୟରେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ, ସଂଗୀତ, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଠାକୁର ରାଜା ଶୁଭେନ୍ଦୁ କୁମାର ପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଅରୁଣ କୁମାର ପାଣି, କେଶବ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ଶତପଥୀ, ପ୍ରଦୀପ କୁମାର ରାଉତ, ରମେଶ ଚନ୍ଦ୍ର ଦାସ, ବିବେକାନନ୍ଦ ଦାସ, ଭଞ୍ଜ କିଶୋର ସୁତାର, ମାନସ ମହାନ୍ତି, ବିପିନ ବିହାରୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ । ଶ୍ରୀଜୀଉମାନଙ୍କ ହାତୀବେଶ ପରେ ଦର୍ଶନାର୍ଥୀଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା ।

# ଗଞ୍ଜାମରେ ଗଡ଼ିଲା ବିକାଶ ବାହନ




ଛତ୍ରପୁର (ଭାସ୍କର ନ୍ୟୁଜ) : ଭାଜପା ସରକାର ଗଠନର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ତ୍ତମାନ ପର୍ଯ୍ୟନ୍ତ ଗତ ଏକ ବର୍ଷ ମଧ୍ୟରେ ଯେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଅଛି ତାହାକୁ ଲୋକଲୋଚନରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାରେ ବିକାଶ ବାହନ ଭ୍ରମଣ କରିବ । ଏହି ବାହନଟି ଜିଲ୍ଲାର ୨୨ ବ୍ଲକ ଅଧୀନ ୫୦୩ ଗୋଟି ପଞ୍ଚାୟତକୁ ପରିଭ୍ରମଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବ । ଗୁରୁବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିକାଶ ବାହନର ଶୁଭାରମ୍ଭ ହୋଇଛି, ଏହାକୁ ବ୍ରହ୍ମପୁର ଏମ୍‌ପି ଡକ୍ଟର ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ବିଡ଼ିଓ ସମିତ ସଂଗ୍ରାମ ଜିତ ସାହୁ, ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତରେ ପ୍ରଚାର ପ୍ରସାର ସମୟରେ ମାତୃ ଯୋଜନାର କାର୍ଡ ଆବଣ୍ଟନ ସହ ଆଧାରକାର୍ଡ ପଞ୍ଜିକରଣ, ରାଜସ୍ୱ ପଟ୍ଟା ପ୍ରଦାନ, କିଷାନ କ୍ରେଡିଟ୍ କାର୍ଡ ବଣ୍ଟନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଜ୍ୟୋତି ଯୋଜନାର ଆବେଦନ ପ୍ରକ୍ରିୟା ସଚେତନତା କରାଯିବ । ଏଥିସହ ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରଦାନ କରାଯାଇ ସେମାନେ କିଭଳି ଆତ୍ମନିର୍ଭରଶୀଳ ହେବେ ସେ ଦିଗରେ ସଚେତନତା କରାଯିବ ।

# ଶିଶୁ ଶ୍ରମ ନିରାକରଣ ସଚେତନତା ରଥ ଉଦ୍ଘାଟିତ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇଙ୍କ ତତ୍ତ୍ୱାବଧାନରେ ଆଜି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମ ନିରାକରଣ ସଚେତନତା ରଥ ଯାତ୍ରା ଆରମ୍ଭ ହୋଇଛି । ସକାଳ ୮ଟା ଠାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପରିସରରୁ ଏହି ରଥକୁ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନିରଞ୍ଜନ ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଏହି ସଚେତନତା ରଥ ବାରିପଦା ସହରର ବିଭିନ୍ନ ଅଞ୍ଚଳରେ ଗତି କରି ଶିଶୁ ଶ୍ରମ ବିରୋଧରେ ଜନମାନସ ମଧ୍ୟରେ ସଚେତନତା ସୃଷ୍ଟି କରିବ । ଜିଲ୍ଲା ଶ୍ରମ ଅଧିକାରୀ ଏଥିରେ କହିଛନ୍ତି, "୧୪ ବର୍ଷ ରୁ କମ୍ ବୟସର ଶିଶୁମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ବେଆଇନ ଓ ଦଣ୍ଡନୀୟ । ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋରମାନେ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ହେଲେ ମଧ୍ୟ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ।" ସାଧାରଣ ଲୋକମାନଙ୍କୁ ଅନୁରୋଧ କରାଯାଇଛି ଯେ, ଯଦି ଏପରି ଘଟଣା ଦୃଷ୍ଟିଗୋଚର ହୁଏ, ତେବେ ଶ୍ରମ ବିଭାଗ କିମ୍ବା ଚାଇଲ୍ଡ ଲାଇନ (୧୦୯୮) ଓ ଶ୍ରମିକ ସହାୟତା ହେଲ୍ପ ଲାଇନ (୧୫୫୩୬୮)ରେ ସୂଚନା ଦେଇପାରିବେ । ସାମାଜିକ ସଚେତନତା ସଭା ଓ ନାଟକ ପରିବେଷଣ: ଏହି ଅବସରରେ ମୟୂରଭଞ୍ଜ ଇଞ୍ଜିନିୟରିଂ କଲେଜରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ 'Child friendly legal service to children & their protection' ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । 'ଅଧୁରା ସ୍ୱପ୍ନ' ନାମକ ନାଟକ ପରିବେଷଣ ସହିତ 'ଶିଶୁ ଶ୍ରମକୁ ନା' ଦସ୍ତଖତ ଅଭିଯାନ ମଧ୍ୟ ଚାଲିଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ ମିସେସ ରାଜଶ୍ରୀ ପଟ୍ଟନାୟକ, ଶ୍ରମ ଅଧିକାରୀ, ଚାଇଲଡ ଲାଇନ ଓ ସିଡବ୍ଲ୍ୟୁସି ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେମାନଙ୍କୁ ପଠପଢ଼ା ଓ ଉନ୍ନତି ପଥରେ: ପ୍ରଶାସନ ତରଫରୁ ଉଦ୍ଧାର ହେଉଥିବା ଶିଶୁମାନଙ୍କ ପାଇଁ ଶିକ୍ଷା ଓ ପୁନର୍ବାସନ ବ୍ୟବସ୍ଥା କରାଯାଉଛି ।

# କୁଞ୍ଜବିହାରି ମହାପ୍ରଭୁଙ୍କ ସ୍ନାନଯାତ୍ରା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : କୋଟି ଓଡ଼ିଆର ମଉଡମଣି ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦେବସ୍ନାନ ପୂର୍ଣ୍ଣିମା ବା ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ନାନ ମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗର ପ୍ରଭୁ କୁଞ୍ଜବୀହାରି ମହାପ୍ରଭୁଙ୍କର ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା । ଏହାପରେ ମହାପ୍ରଭୁ କୁଞ୍ଜବିହାରି ଜଗନ୍ନାଥଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ଏହି ଅବସରରେ ମହାପ୍ରଭୁ କୁଞ୍ଜବିହାରି ଠାକୁରଙ୍କୁ



ଗଜାନନ ବେଶରେ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କ ସମେତ ଜଗତସିଂହପୁର ଜିଲ୍ଲାର ବହୁ ସ୍ଥାନରୁ ଭକ୍ତଙ୍କ ସୁଅ ଛୁଟିଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ପୂର୍ବତନ ସାଂସଦ ଡ଼ କୁଳମଣି ସାମଲ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଚଟୁଆ ଅଞ୍ଚଳର ଯୁବ ସମାଜସେବୀ ଗଣେଷ ରାଉତ, ଡ଼ ସନ୍ଦିପ କୁମାର ସାମଲ, କୁଜଙ୍ଗ ବ୍ଲକ ସାଂସଦଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ବେହେରା, ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର କୁମାର ରାଉତ, ସମାଗୋଳ ଉପକାରାଗାର ଅଧିକ୍ଷୀକ ଇନ୍ଦ୍ରଜିତ୍ ବିଶ୍ୱାଳ, ସମାଜସେବୀ ବାଳକୃଷ୍ଣ ଜେନା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । କୁଞ୍ଜବିହାରି ଟ୍ରଷ୍ଟବୋର୍ଡର ସଭାପତି ରାଜେନ୍ଦ୍ର କୁମାର ବେହେରା, ସଂପାଦକ ପିତାମ୍ବର ରାଉତ, ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ସମ୍ପଦ ବାରିକ, ବିଷ୍ଣୁ ଚରଣ ପ୍ରଧାନ, ଯୁବନେତା ବିଜୟ ଚନ୍ଦ୍ ନାୟକ, ପ୍ରକାଶ ଚନ୍ଦ୍ର ଦାସ, ସଞ୍ଜୟ ମହାପାତ୍ର, ଭୋଳାନାଥ ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରେମ ପାଇଁ ଚାଲିଗଲା ଜୀବନ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପ୍ରେମ ନେଲା ଜୀବନ । ପ୍ରେମିକ ସହ ଶେଷ ଥର କଥା ହୋଇ ଘର ଭିତରେ ଝୁଲି ପଡ଼ିଥିଲେ ନାବାଳିକା । ପରିବାର ଲୋକ ନାବାଳିକାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ । କଟକ ଏସ୍‌ସିବିରେ ନାବାଳିକାଙ୍କ ମୃତ୍ୟୁ । ମୃତ ନାବାଳିକାଙ୍କ ମା' ଆଣିଲେ ଯୁବକଙ୍କ ନାମରେ ସାଙ୍ଘାତିକ ଅଭିଯୋଗ । ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସାଏଙ୍ଗ ପାଟଣା ଗ୍ରାମର ଯୁକ୍ତ ୨ କଳାର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ହୋଇଥିବା ବେଳେ ମୃତ ଛାତ୍ରୀଙ୍କ ମା' ମାନସୀ ସ୍ୱାଇଁଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଅସ୍ତରଙ୍ଗ ଥାନା ରାଇକଣା ଗ୍ରାମର ରିଙ୍କୁ ସ୍ୱାଇଁ ଗତ ୬ମାସ ହେବ ଝିଅକୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବ୍ଲାକମେଲିଂ କରି ଫସାଇବାକୁ ଆପ୍ରାଣ ଉଦ୍ୟମ କରିଥିବା ବେଳେ ଝିଅ ଅବିଶ୍ୱାସ କରି ପରିବାର ସଦସ୍ୟକୁ ସମସ୍ତ କଥା ଜଣାଇଥିଲା । କିନ୍ତୁ ରିଙ୍କୁ ସ୍ୱାଇଁ ନାମକ ଯୁବକ ଗତ ୮ଦିନ ତଳେ ଝିଅ କଲେଜରୁ ଫେରିବା ସମୟରେ ତାକୁ ଏକୁଟିଆ ଦେଖି ବନ୍ତିଲୋ ନିକଟବର୍ତ୍ତୀ ଜଙ୍ଗଲ ପାଖରେ ଆକ୍ରମଣ କରି ଇଜ୍ଜତ ନେଇଥିଲା । ଏ ଘଟଣା ସମ୍ବନ୍ଧରେ ଝିଅ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲା । ଏମିତି ଜୀବନ ରଖିବେ ନାହିଁ ବୋଲି ନିଜ ମା' ମାନସୀଙ୍କୁ ଜଣାଇଥିଲେ ବୋଲି ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ଏହା ସହ ମୃତ ନାବାଳିକା ବୁଧବାର ପୂର୍ବାହ୍ନରେ ନିଜ ପ୍ରେମିକଙ୍କ ସହ କଥା ହେଉଥିବା ବେଳେ ଘର ଭିତରେ ଲୁଗା ସାହାଯ୍ୟରେ ଝୁଲି ପଡ଼ିଥିଲେ, ଏ ନେଇ ପ୍ରେମିକ ଜଣକ ନାବାଳିକାର ସମ୍ପର୍କୀୟଙ୍କୁ ଫୋନ୍‌ରେ କଲ କରି ଜଣାଇବା ପରେ ପରିବାର ଲୋକ ଉକ୍ତ ବନ୍ଦ କୋଠରୀରୁ ମୁମୂର୍ଷୁ ଅବସ୍ଥାରେ ନାବାଳିକାକୁ ଉଦ୍ଧାର କରି ବୁଧବାର ପୂର୍ବାହ୍ନ ଏଗାର ଘଟିକାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ କାର୍ଯ୍ୟରତ ଡାକ୍ତର ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ । ନାବାଳିକାଙ୍କ ଅବସ୍ଥା ଅତ୍ୟଧିକ ସଙ୍କଟାପନ୍ନ ହେବାରୁ ପରିବାର ଲୋକ କଟକ ଏସ୍‌ସିବି ମେଡିକାଲକୁ ନେଇଥିଲେ । ସେଠାରେ ବୁଧବାର ସନ୍ଧ୍ୟା ୬ଘଟିକାରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ନାବାଳିକାଙ୍କ ମା' ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ପରେ ଥାନା କେସ୍ ନମ୍ବର ୧୧୭/୨୫ରେ ମାମଲା ରୁଜୁ ସହ ପୋକ୍ସ ଆକ୍ଟ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ବୋଲି ଅସ୍ତରଙ୍ଗ ଥାନା ଉପନିରୀକ୍ଷିକା ଅନ୍ନପୂର୍ଣ୍ଣା ମଲ୍ଲିକ ସୂଚନା ଦେଇଛନ୍ତି ।

# ରାଶିଫଳ

**ଶୁକ୍ରବାର, ୧୩ ଜୁନ୍ ୨୦୨୫**

**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ । ଆୟ ବୃଦ୍ଧି ପାଇବ । ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ । ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ ।

**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ । ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ । ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ ।

**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ । ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ । ମଧ୍ୟାହ୍ନ ଭୋଜନ ପରେ ଭଲ ଟ୍ରେଣ୍ଡ ଅଛି ।

**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ । ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ । ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।

**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ । ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି । ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ । ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି ।

**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ । ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ । ପ୍ରତିଯୋଗୀମାନେ ଜିତିବେ ।

**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୈଣସି ବିବାଦ ହେବ ନାହିଁ । କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ । ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।

**ବିଛା:** ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ । ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ । ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ । ପରିବାର ସଦସ୍ୟଙ୍କ ସହିତ ପାର୍ଥକ୍ୟ ହୋଇପାରେ ।

**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ ।

**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ । ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ । ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି । ପୁଞ୍ଜି ବିନିଯୋଗ ପାଇଁ ଷ୍ଟକ୍ ମାର୍କେଟ୍ ଆପଣଙ୍କ ପାଇଁ ଅନୁକୂଳ ହେବ ।

**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ । ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ । ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

**ମୀନ:** ବିବାହ କରିବାକୁ ଯୋଗ ଫିଟିବ । ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ୍ୟ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ । ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୮ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତ କରିବା ସହ ବାହାର ରାଜ୍ୟର କିଛି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଆଞ୍ଚଳିକ ଖାଦ୍ୟ ମଧ୍ୟରେ ମାଣ୍ଡିଆ ପେଜ, ଆମଟ, ବିରି ପିଠା ସହ ମାଣ୍ଡିଆରେ ତିଆରି ଅନେକ ପ୍ରକାର ପିଠା, ମଣ୍ଡପିଠା ପ୍ରସ୍ତୁତ କରାଯାଇ ମିଶନ ଶକ୍ତି ମହିଳା ଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଇ ଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡିଶାର ପରମ୍ପରିକ ଖାଦ୍ୟକୁ ସବୁ ଦିନ ପାଇଁ ବଞ୍ଚାଇ ରଖିବା ଏବଂ ମହିଳାଙ୍କ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନ କୁ ଆଣି ସେମାନଙ୍କୁ କର୍ମତତ୍ପର କରି ଆର୍ଥିକ କ୍ଷେତ୍ରରେ ସୁଦୃଢ କରିବା ସହ ବ୍ୟବସାୟିକ ମନୋବୃତ୍ତି ସୃଷ୍ଟି କରିବା। ଆମେ ଆମ ପାରମ୍ପରିକ ଖାଦ୍ୟକୁ ଭୁଲି ବିଦେଶୀ ଖାଦ୍ୟ ପ୍ରତି ଆକୃଷ୍ଟ ହୋଇ ଅନେକ ରୋଗରେ ଆକ୍ରାନ୍ତ ହେଉଛୁ କିନ୍ତୁ ଯଦି ପାରମ୍ପରିକ ଖାଦ୍ୟ ଖାଇବା ତାହେଲେ ଆମେ ସୁସ୍ଥ ରହିବା ସହ ଆମ ପାରମ୍ପରିକ ଖାଦ୍ୟକୁ ମଧ୍ୟ ଆଗାମୀ ପିଢ଼ି ପାଇଁ ବଞ୍ଚାଇ ରଖିବାରେ ସହାୟତା ହୋଇ ପାରିବ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବା ସ୍ୱୟଂ ସହାୟକ ଗୋଷ୍ଠି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଶୀଳା ମାଝି, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ବିଡିଓ ମନୋଜ କୁମାର ମେହେର, ସିଡିପିଓ ସଂଯୁକ୍ତା। ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ବିକାଶ ମେଳା ପାଇଁ ପ୍ରସ୍ତୁତି ବୈଠକ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତାକାଲି କଚେରୀ ପଡିଆ ଠାରେ ଆରମ୍ଭ ହେବାକୁ ଥିବା ବିକାଶ ମେଳା, ପାରମ୍ପରିକ ଖାଦ୍ୟ ମେଳା ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ସରିଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ନିଜ ନିଜ ଦାୟିତ୍ୱ କେତେ ସମ୍ପାଦନ କରିଛନ୍ତି ତାର ସମୀକ୍ଷା କରାଯାଇଥିଲା । ସେହିପରି ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥଳରେ ପାନୀୟଜଳ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ସହ ସନ୍ଧ୍ୟାରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ଓ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ଉମରକୋଟ ତହସିଲରେ ଜମି କେଲେଙ୍କାରୀ

# ମୃତ ବ୍ୟକ୍ତିର ଜମିକୁ ଜୀବିତର ଦର୍ଶାଇ ବିକ୍ରି ଅଭିଯୋଗ

## ଜମି ମାଲିକ ପୁରୁଷ, ମହିଳାଙ୍କ ନାଁରେ ବିକ୍ରୀ ହୋଇଛି ଜମି

ଉମରକୋଟ(ଭାସ୍କର ନ୍ୟୁଜ): ଜଣେ ମୃତ ବ୍ୟକ୍ତିର ୮୦ ସେଣ୍ଟ ଜମିକୁ ଜୀବିତ ଓ ନାଁ ବଦଳେଇ ବିକ୍ରୀ କରି ଦେଇଥିବା ଅଭିଯୋଗ ହେଇଛି। ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ତହସିଲ ଅନ୍ତର୍ଗତ ବଡ଼ଭରଣ୍ଡି ଗ୍ରାମ ପଞ୍ଚାୟତର ସାନ ଭରଣ୍ଡି ରାଜସ୍ୱ ଗ୍ରାମରେ। ଯେଉଁ ଗାଁ ଉମରକୋଟ ସହର ଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ। ଉମରକୋଟ ତହସିଲ ଅନ୍ତର୍ଗତ ବଡଭରଣ୍ଡି ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଅଧୀନରେ ଆସିଥିବା ଏହି ଗ୍ରାମର ଲୁଲା କୋଷ୍ଟାଙ୍କ ସାନଭରଣ୍ଡି ମୌଜାର ଖାତା ନମ୍ବର ୧୪୪/୫୭ ଓ ପ୍ଲଟ ନମ୍ବର ୨୩୮/୧/୭୫୩ ରେ ମୋଟ ୮୦ ସେଣ୍ଟ ଜମି ଥିଲା। ତେବେ ଲୁଲା କୋଷ୍ଟା ୧୭/୫/୨୦୦୫ ରେ ମୃତ୍ୟୁବରଣ କରିଥିଲେ। ସେହି ଜମିରେ ଆଜି ପର୍ଯ୍ୟନ୍ତ ଏହି ପରିବାର ଧାନ ଚାଷ କରି ଆସୁଛନ୍ତି। ଲୁଲା କୋଷ୍ଟା ୩ ପୁଅ ଜଣେ ଝିଅ, ଜୀବିତ ଅଛନ୍ତି। ଲୁଲାଙ୍କ ବଡ ପୁଅ ସମଧୁ କୋଷ୍ଟା। ସାନ ଭରଣ୍ଡି ଠାରେ ରହୁଥିବା ବେଳେ ଅନ୍ୟ ୨ପୁଅ ନିର୍ମଳ କୋଷ୍ଟା ଓ ସନ୍ତୋଷ କୋଷ୍ଟା। ଝିଅ ଛତିଶଗଡ଼ର ଏରଲା ଗ୍ରାମରେ ଦୀର୍ଘ ବର୍ଷ ହେଲା ବସବାସ କରି ଆସୁଛନ୍ତି। କିନ୍ତୁ ପରିବାର ଲୋକଙ୍କ ଅଜ୍ଞାତରେ ରାଇଘରର ହାଟଭରଣ୍ଡି ଅଞ୍ଚଳରେ ରହୁଥିବା ଜଣେ ମହିଳା ଯାହାଙ୍କ ନା ଲିଲା କୋଷ୍ଟା ଓରଫ ଲୁଲା କୋଷ୍ଟା ଦର୍ଶାଇ ୮୦ ସେଣ୍ଟ ଜମିକୁ ୧୪/୯/୨୦୨୨ ତାରିଖ ଦିନ ଉମରକୋଟ ତହସିଲ ଅଫିସରେ ଥିବା ସବ୍‌ରେଜିଷ୍ଟ୍ରାରଙ୍କ ଅଫିସରେ ରେଜିଷ୍ଟ୍ରେସନ୍ ହେଇଯାଇଛି। ଏହି ଜମିକୁ ଉମରକୋଟର ୨ ଜଣ ବ୍ୟକ୍ତି ଙ୍କ ନାରେ ରେଜିଷ୍ଟ୍ରେସନ୍ କରାଯାଇଛି। ତେବେ ୪ ମାସ ତଳେ ସ୍ୱର୍ଗତ ଲୁଲାର ବଡ ପୁଅ ସମଧୁ କୋଷ୍ଟା ବଡଭରଣ୍ଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଜମିର ପାଉତି ପୈଠ କରିବା ପାଇଁ ଚାହିଁ ଥିଲେ। ତେବେ ରାଜସ୍ୱ ନୀରିକ୍ଷକ ଏହି ଜମି ବିକ୍ରି ହେଇ ସାରିଛି ବୋଲି କହିଥିଲେ। ଏହା ଜାଣିବା ପରେ ସମଧୁ ଘଟଣାକୁ ନେଇ ପ୍ରତିବାଦ କଲେ ଉମରକୋଟ ତହସିଲ କାର୍ଯ୍ୟାଳୟର ରେକର୍ଡ ରୁମକୁ ଯାଇ ବୁଝିବା ପାଇଁ କହିକି ପଠାଇ ଦେଇଥିଲେ ରାଜସ୍ୱ ନିରୀକ୍ଷକ। ପରେ ସମଧୁ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ଆସି ବୁଝିବା ପରେ ଜମି ବିକ୍ରି ହୋଇଯାଇଥିବା କଥା ଶୁଣି ମୁଣ୍ଡ ଘୁରେଇ ଦେଇଥିଲା। ସମଧୁ ଉମରକୋଟ ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ତହସିଲଦାର କର୍ଣ୍ଣପାତ କଲେ ନାହିଁ। ପରେ ସମଧୁ ଅନ୍‌ଲାଇନରେ ସମସ୍ତ କାଗଜ ପତ୍ର ଆବେଦନ କରି ହାସଲ କରିଥିଲେ। ସେଥିରେ ସେ ଦେଖିଲେ ଓ ଆଶ୍ଚର୍ଯ୍ୟ ହେଇଯାଇଥିଲେ ତାଙ୍କ ବାପାଙ୍କ ଜମିକୁ ଲୀଲା କୋଷ୍ଟା ବିକ୍ରି କରି ଦେଇଛନ୍ତି। ଯେଉଁ ମହିଳା ରାଇଘର ବ୍ଲକ ହାଟ ଭରଣ୍ଡି ଅଂଚଳର। ଲୀଲା କୋଷ୍ଟା ଓରଫ୍ ଲୁଲା କୋଷ୍ଟା ବୋଲି ବିକ୍ରି ହେଇଯାଇଛି। ମହିଳା ଜଣଙ୍କ ଆମ ପରିବାରର କେହି ନୁହଁ ଓ ତାଙ୍କୁ ଆମେ ଚିହ୍ନିନୁ କି ସେ ଆମର କୌଣସି ଦୂର ସମ୍ପର୍କୀୟ ନୁହଁ ବୋଲି କହିଛନ୍ତି ସମଧୁ କୋଷ୍ଟା। ଶେଷରେ ନିରୁପାୟ ହେଇ ସମଧୁ ମାର୍ଚ୍ଚ ମାସରେ ଓ ୫/୫/୨୦୨୫ ରେ ନବରଙ୍ଗପୁର ଯାଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକଷ୍ଠରେ ଅଭିଯୋଗ କଲେ ମଧ ସମଧୁଙ୍କୁ କୌଣସି ନ୍ୟାୟ ମିଳି ପାରିଲାନାହିଁ। ଶେଷ ରେ ନିରାଶ ହେଇ ୧୦ ଦିନ ତଳେ ସମଧୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଜ୍ଞାତରେ ଏତେ ମୂଲ୍ୟବାନ ଜମିର କିପରି ରେଜିଷ୍ଟ୍ରେସନ୍ ହେଇଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଲେଙ୍କାରୀ ଘଟଣାରେ କେଉଁ ସରକାରୀ କର୍ମଚାରୀମାନେ ସଂପୃକ୍ତ ଥିଲେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବା ପାଇଁ ସମଧୁ କୋଷ୍ଟା ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅପର ପକ୍ଷରେ ସବୁଠାରୁ ଦୁଃଖଦ ଘଟଣା ହେଲା ଏହି ୮୦ ସେଣ୍ଟ ଜମି ଛାଡ଼ି ଦେଲେ ଏହି ପରିବାର ନିକଟ ରେ କୌଣସି ଜମି ନାହିଁ। ଆଉ ଗତ ବର୍ଷ ପର୍ଯ୍ୟନ୍ତ ଧାନ ଚାଷ କରି ଆସୁଥିଲେ ସମଧୁ କୋଷ୍ଟା। ବର୍ତ୍ତମାନ ଜମିହରା ହେଇଯିବା ପରେ ପରିବାରକୁ ନେଇ କେମିତି ବଞ୍ଚିବି ବୋଲି ଚିନ୍ତାରେ ପଡ଼ି ଯାଇଛନ୍ତି ସମଧୁ କୋଷ୍ଟା। ତେବେ ଜମି ଜଣେ ପୁରୁଷଙ୍କ ନାଁ ରେ ଥିବା ବେଳେ ଜଣେ ମହିଳା ଙ୍କ ନାଁରେ କିପରି ବିକ୍ରୀ ହେଇଗଲା ଏହି ସବୁ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଜଣାପଡ଼ିବ।

## ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ଗୁଡ଼ିକରେ ସ୍ନାନପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ସଦର ମହକୁମା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସକାଳର ନିତିକାନ୍ତି ସରିବା ପରେ ରତ୍ନବେଦିରୁ ମନ୍ଦିରର ମୁଖ୍ୟପୂଜକ ବିନାୟକ ସତପଥି, ସନ୍ତୋଷ ନନ୍ଦ,ସେବାୟତ ବାଲାରାଜୁ ପଣ୍ଡା, ପ୍ରଫୁଲପଣ୍ଡା, ବାଲାରାଜୁ ପାଢି, ବ୍ରଜକିଶୋର ପାଳ, ମଧୁ ପାଣିଗ୍ରାହ,ନିରଞ୍ଜନ ପଣ୍ଡା, ଦିବାକର ପାଳ,ସନ୍ତୋଷ ଦାଶ,ସାଇ ପଟ୍ଟନାୟକ ଓ ଅନ୍ୟାନ୍ୟ ପୂଜକ, ସେବାୟତ, ଦଇତାପତିମାନେ ବଡ ଭାଇ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତିଙ୍କୁ ପହଣ୍ଡି ବିଜେକରି ଶ୍ରୀମନ୍ଦିରରୁ ପାଛୋଟି ଆଣି ସ୍ନାନମଣ୍ଡପରେ ସ୍ଥାପନ କରିଥିଲେ । ଠାକୁରଙ୍କ ରୀତିନୀତି ଅନୁସାରେ ଶ୍ରୀବିଗ୍ରହ ଙ୍କୁ ୧୦୮ କଳସ ସୁବାଷିତ ଜଳରେ ସ୍ନାନ କରାଯାଇ ଧୂପ, ଦୀପ, ଯଜ୍ଞ,ଆଳତୀ ପରେ ମଣ୍ଡପରେ ମିଷ୍ଟାନ ଓ ବାଲ୍ୟଭୋଗ ଲଗାଯାଇଥିଲା,ସର୍ବ ସାଧରଣ ଦର୍ଶନପରେ ତିନିଠାକୁରଙ୍କୁ ଅଧରପଣା ଦିଆଯାଇଥିଲା। ଏହି ଦେବସ୍ନାନ ଦର୍ଶନ ପାଇଁ ସ୍ନାନମଣ୍ଡପରେ ଭକ୍ତଙ୍କ ଭିଡ ଲାଗିଥିଲା, ଠାକୁରଙ୍କ ଦର୍ଶନପରେ ଅଧରପଣା ପାଇବା ପାଇଁ ଭକ୍ତମାନେ ବ୍ୟାକୁଳ ହୋଇଉଠିଥିଲେ।ପୂଜାକମିଟି ପକ୍ଷରୁ ସମସ୍ତ ଭକ୍ତଙ୍କୁ ପ୍ରସାଦ ଓ ଅଧରପଣା ଦିଆଯାଇଥିଲା । ତିନିଠାକୁର ଙ୍କ ରୀତିନୀତି ସରିଲାପରେ ମଧ୍ୟାହ୍ନରେ ପୂଜକ ଓ ଦଇତାପତି ମାନେ ଆଣସର ଘରକୁ ପହଣ୍ଡି ବିଜେ କରି ପାଛୋଟି ନେଇଯାଇ ସେଠାରେ ବିଧିବିଧାନ ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାପନ କରିଥିଲେ । ଦିନତମାମ ମନ୍ଦିର ପରିସର ଓ ସ୍ନାନ ମଣ୍ଡପନିକଟରେ ଜୟବଜରଙ୍ଗ କିର୍ତନଦଳ ଙ୍କ ପକ୍ଷରୁ ସଂକୀର୍ତ୍ତନ ଓ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଠିକ ସେହିପରି ମୋଟୁ,କାଲିମେଲା, ଏମଭି୭୯, ପଡିଆ,ମାଥିଲି, ଗୋବିନ୍ଦପାଲି, ବାଲିମେଲା, ଚିତ୍ରକୋଣ୍ଡା ଠାରେ ଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣମୀ ପାଳିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀବିଗ୍ରହଙ୍କ ସ୍ନାନ ଯାତ୍ରା ଦର୍ଶନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।



ବୌଦ୍ଧ: (ଭାସ୍କର ନ୍ୟୁଜ୍): ବୌଦ୍ଧ ସହରରେ ବିରାଜିତ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ସ୍ନାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଠାକୁରଙ୍କ ନୀତିକାନ୍ତି ସରିବା ପରେ ସେନାପଟା ଲାଗି କରାଯାଇ ସକାଳ ସାଢେ ୯ଟାରେ ସ୍ନାନ ମଣ୍ଡପକୁ ଧାଡି ପହଣ୍ଡିରେ ଅଣାଯାଇଥିଲା । କର୍ତ୍ତାଭାବେ ଜଗନ୍ନାଥମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ର ପୂଜାରେ ବସିଥିବାବେଳେ ମୁଖ୍ୟ ପୂଜକ ଭାବେ ମଣିପଣ୍ଡା ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ପୂଜକ ଶ୍ରୀ ମଣିପଣ୍ଡାଙ୍କୁ ସହଯୋଗ କରିଥିଲେ ବିଭୁ ପଣ୍ଡା ଓ ମାନସ ମିଶ୍ର । ସ୍ନାନ ମଣ୍ଡପରେ ତିନି ଠାକୁରଙ୍କୁ ସ୍ନାନ ବେଶ କରାଯିବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ବ୍ରାହ୍ମଣ ସମାଜ ପକ୍ଷରୁ ମହାନଦୀରୁ ଅଣା ଯାଇଥିବା ସୁବାସିତ ଜଳରେ ସ୍ନାନ କରାଯାଇଥିଲା । କେଉଟ ସାହି, ପୋଡାପଡା, ନୂଆସାହି ଓ କାଲେଶ୍ୱରର ସଂକୀର୍ତ୍ତନ ମଣ୍ଡଳୀର କଳାକାର ମାନେ ଭକ୍ତିପୂର୍ଣ୍ଣ ଭଜନ ସହ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସନ୍ଧ୍ୟାରେ ଠାକୁରଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା । ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ଗଜବେଶ ଦେଖିବାକୁ ବୌଦ୍ଧସହର ତଥା ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ରାଜେନ୍ଦ୍ର ମିଶ୍ର, ସଂପାଦକ ଶମ୍ଭୁ ପ୍ରସାଦ ମିଶ୍ର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଂପାଦକ ଶଙ୍କର ପ୍ରସାଦ ପୁରୋହିତଙ୍କ ସମେତ ବ୍ରାହ୍ମଣ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ଥିବାବେଳେ ଜିଲ୍ଲାପ୍ରଶାସନ ତରଫରୁ ସହକାରୀ ଜିଲ୍ଲାପାଳ ସୁଦାମ କୁମାର ସ୍ୱାଇଁ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ । ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ସେବନ କରିଥିଲେ ।



ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା ପରେ ସହ ସହ ଭକ୍ତଙ୍କ ଗହଣରେ ଶ୍ରୀଜିଉ ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ନୀତିକାନ୍ତି ପରେ ଶ୍ରୀଜିଉ ସ୍ନାନ କର୍ମ ଆରମ୍ଭ ହୋଇଥିଲା। ମନ୍ଦିର ପରିଚାଳନା କମିଟି ତଥା ବହୁ ଭକ୍ତ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପୁରୋହିତ ଭାବେ ବଳଭଦ୍ର ରଥ ଓ ଅଶୋକ ରଥ କାର୍ଯ୍ୟ ସମ୍ପାଦନ କରିଥିଲେ।

# ସଦ୍‌ଗୁରୁ କବିର ସାହେବଙ୍କ ଜୟନ୍ତୀ ପାଳିତ




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ଠାରେ ସଦ ଗୁରୁ କବିର ସାହେବଙ୍କ ୬୪୮ ତମ ଜନ୍ମ ଜୟନ୍ତୀ ମହାଆଡ଼ମ୍ବର ସହକାରେ ପାଳିତ ହେଇଯାଇଛି। କବିର ପନ୍ଥି ପନକା ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଆଜି ଅପରାହ୍ନ ରେ ପନକା ସାହି ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ପରେ ପନକା ସାହି ଠାରେ ଥିବା କବିର ଆଶ୍ରମ ଠାରେ ସଦଗୁରୁ କବିର ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମ ରେ ମହନ୍ତ ପ୍ରେମ ଦାସ, ମହନ୍ତ ଚୈତୁ ଦାସ, ମହନ୍ତ ମାନ ଦାସ, ମୋହନ ଦାସ, ଅଭି ଦାସ, ପରମେସ ଦାସ, ଲଛମନ ଦାସ, ରବି ଦାସ ପନକା।, ଡମୁ ଦାସ ଓ ପନକା ସମାଜ ସଭାପତି ରମେଶ ଦାସ ଙ୍କ ସମେତ ସମାଜ ର ଶତାଧିକ ପୁରୁଷ ଓ ମହିଳା ମାନେ ଉପସ୍ଥିତ ଥିଲେ।

# ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ସୀମାନ୍ତ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏନକାଉଣ୍ଟରରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା କୁକାନର ଥାନା ଅନ୍ତର୍ଗତ ଡୁନମପାରା ଏବଂ ପୁସୁଗୁନ୍ନା ନିକଟବର୍ତ୍ତୀ ଜଙ୍ଗଲ ଏବଂ ପାହାଡ଼ରେ କଟେକଲ୍ୟାଣ ଏରିଆ କମିଟିରେ ସକ୍ରିୟ ମାଓବାଦୀଙ୍କ ଗତିବିଧି ଖବର ପୁଲିସକୁ ମିଳିବା ପରେ ଜିଲ୍ଲା ପୋଲିସ ଏବଂ ଡିଆରଜିର ଏକ ମିଳିତ ଦଳ ମାଓ ଦମନ ଅଭିଯାନରେ ବାହାରି ଡୁନମପାରା ଏବଂ ପୁସୁଗୁନ୍ନା ଜଙ୍ଗଲରେ ପହଁଚି ତଲାସୀ କରିବା ସମୟରେ ମାଓବାଦୀ ସାଥିରେ ଗୁଳିବିନିମୟ ହୋଇଥିଲା ଏହି ଗୁଳିବିନିମୟରେ ସୁରକ୍ଷାକର୍ମୀଙ୍କ ସାମ୍ନା କରି ନ ପାରି ଘଞ୍ଚ ଜଙ୍ଗଲ ଆଢ଼ରେ ମାଓବାଦୀମାନେ ଲୁଚି ପଳାଇଥିଲେ। ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରେ ସାବଧାନ ସହ ତଲାସି କରିବା ସମୟରେ ଜଣେ ମହିଳା ଏବଂ ଜଣେ ପୁରୁଷ ମାଓବାଦୀର ଶବ ସହ ଗୋଟିଏ ଇନ୍‌ସାସ, ୧୨ବୋର ବନ୍ଧୁକ ଏବଂ ଅନ୍ୟ ମାଓ ସାମଗ୍ରୀ ଜବତ କରିଥିଲେ। ଏନକାଉଣ୍ଟରରେ ମୃତ୍ୟୁ ହୋଇଥିବା ପୁରୁଷ ମାଓବାଦୀ ୫ଲକ୍ଷ ଇନାମୀ ହୋଇଥିବା ଜଣାପଡିଛି। ଯିଏ କି ମାଓ ସଂଗଠନର ଏଲଓସି କମାଣ୍ଡର ବମନ ହୋଇଥିବା ବେଳେ ମହିଳା ମାଓବାଦୀର ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା

# ଭଳିକି ଭଳି ପିଠା ବାସ୍ନାରେ ମହକିଲା ପ୍ରଦର୍ଶନୀ

ଖପ୍ରାଖୋଲ(ଭାସ୍କର ନ୍ୟୁଜ): ସ୍ଥାନୀୟ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ସିଡିପିଓ ଅମିତା ପଣ୍ଡା,ଉପମୁଖ୍ୟ ମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଳ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ପୂର୍ବତନ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଅସ୍ମିତା ସହିତ ପାରମ୍ପରିକ ଖାଦ୍ୟ, ପିଠା, ମିଠା ଓ ଜଳଖିଆ ର ସ୍ଥାନ ସ୍ୱତନ୍ତ୍ର। ପୂର୍ବରୁ ଅନେକ ପ୍ରକାରର ପିଠା ଘର ମାନଙ୍କରେ ହେଉଥିବା ବେଳେ ଆଧୁନିକ ଖାଦ୍ୟ ଯୋଗୁଁ ଏହା ପ୍ରଭାବିତ ହେଉଛି। ପାରମ୍ପରିକ ଖାଦ୍ୟ ଆମ ଶରୀର ଓ ମନକୁ ସୁସ୍ଥ ରଖିଥାଏ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ।



ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀ ଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା, ମିଠା ଓ ଜଳଖିଆର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ମାନପତ୍ର ସହିତ ୫ ହଜାର ଓ ୪ ହଜାର ଟଙ୍କାର ଚେକ୍ ପ୍ରଦାନ କରିବା ସହିତ ଜିଲ୍ଲାସ୍ତରୀୟ ମେଳାରେ ଭାଗ ନେବାକୁ ମନୋନୀତ କରିଥିଲେ। ଏହି ଅବସରରେ ଓ ଏଲଏମବିପି ଏମ ପଙ୍କଜିନି ତରାସିଆ, ବ୍ଲକ୍ ସ୍ତରୀୟ ସ୍ୱୟଂ ସହାୟକ ମହାସଂଘ ତଥା ବି ଏଲ ଏଫ୍ ସଭାନେତ୍ରୀ କଲ୍ୟାଣୀ ଦୀପ,ସମ୍ପାଦିକା କୁନି ପାଣିଗ୍ରାହୀ ସମେତ ଆଇସିଡ଼ି ଏସ ସୁପର ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ମିଶନ ଶକ୍ତି ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ବିଭୂତି ଭୂଷଣ ମିଶ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ ସହିତ ପରିଚାଳନା କରିଥିବାବେଳେ ଅଭୟ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଆମ୍ବୁଲାନ୍ସ କର୍ମଚାରୀ

ଗୁଣପୁର(ଭାସ୍କର ନ୍ୟୁଜ): ପେସେଣ୍ଟ ଛାଡି ଫେରିବା ସମୟରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାୟଗଡା ଜିଲ୍ଲା କେନ୍ଦୁଗୁଡା ଫାଣ୍ଡି ଅନ୍ତର୍ଗତ ଗୋଇବନ୍ଧ ଘାଟିରେ ଆମ୍ବୁଲାନ୍ସଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ଭାରସାମ୍ୟ ହରାଇ ଆମ୍ବୁଲାନ୍ସଟି ରାସ୍ତାକଡକୁ ଖସି ଓଲଟି ପଡିଥିଲା । ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଦିନ ଆମ୍ବୁଲାନ୍ସଟି ରାୟଗଡା ଅଂଚଳରୁ ଏକ ପେସେଣ୍ଟକୁ ବ୍ରହ୍ମପୁର ବଡ ମେଡ଼ିକାଲରେ ଛାଡି ରାୟଗଡା ଅଭିମୁଖେ ରାତ୍ରି ସମୟରେ ଫେରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଦୁର୍ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀଙ୍କ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି । କେଂଦୁଗୁଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



# ବନ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ): ବନ୍ୟାବାତ୍ୟାର ମୁକାବିଲା ପାଇଁ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଟେବୁଲ୍ ଟପ୍ ଏକ୍ସରସାଇଜ ଏବଂ ମକଡ୍ରିଲ ନିମନ୍ତେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ୍ ଏବଂ ପୌରାଞ୍ଚଳସ୍ତରରେ ଟେବୁଲ୍ ଟପ୍ ଏକସରସାଇଜ ଏବଂ ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜରୁରୀକାଳୀନ ବିଭାଗ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ତହସିଲଦାର, ଅଗ୍ନିଶମ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, କୃଷି, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ବିଭାଗ ଉପସ୍ଥିତ ଥିଲେ। ଏହି ବୈଠକକୁ ଆୟୋଜନ କରିବାରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ସହଯୋଗ କରିଥିଲେ।

# ଅସରାଏ ବର୍ଷାରେ ବେହାଲ ଗୁଣପୁର

ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ଅଞ୍ଚଳରେ ବୁଧବାର ଦିନ ବାଦଲଫଟା ବର୍ଷା ହୋଇଥିଲା । ଦୀର୍ଘ ଏକ ଘଣ୍ଟା ନିର୍ଧୁମ ଛେଚିବା ଫଳରେ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ସହ ନାଳ ନର୍ଦ୍ଦମାର ପାଣି ଉବୁଟୁବୁ ହୋଇ ରାସ୍ତା ଉପରେ ପ୍ରବାହିତ ହେଉଥିବାର ଦେଖିବାକୁ ମିଳିଥିଲା । ବିଶେଷ କରି ଗୁଣପୁର ପୌର ପରିଷଦ ଅନ୍ତର୍ଗତ ନୀଳାଦ୍ରୀ ବିହାର, ୪ ନମ୍ବର ଲେନ ଅଂଚଳରେ ରାସ୍ତା ଉପରେ ପ୍ରବଳ ମାତ୍ରାରେ ବର୍ଷା ଜଳ ପ୍ରବାହିତ ହେବାର ଦେଖିବାକୁ ମିଳିଥିଲା । ଏଠାରେ ଡ୍ରେନେଜ ସମସ୍ୟା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ରାସ୍ତା ଉପରେ ବର୍ଷା ଜଳ ସହ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଗାଡି ଚଳାଚଳ ସହ ଯାତାୟାତରେ ସ୍ଥାନୀୟ ବାସିନ୍ଦାଙ୍କୁ ଅକଥନୀୟ ଅସୁବିଧା ସମ୍ମୁଖୀନ ହେବାକୁ ପଡିଥିଲା । ଅଣଓସାରିଆ ଡ୍ରେନ ଯୋଗୁଁ ବର୍ଷା ଜଳ ସଠିକ ଭାବେ



ଡ୍ରେନରୁ ନିଷ୍କାସିତ ହୋଇ ପାରୁନାହିଁ, ଫଳରେ ବେଳେ ବେଳେ ଘର ମଧ୍ୟକୁ ନର୍ଦ୍ଦମା ପାଣି ପ୍ରବେଶ କଲା ଭଳି ସ୍ଥିତି ଉପୁଜୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଆଗକୁ ବର୍ଷା ଦିନ ରହିଥିବାରୁ ଏହି ଅଂଚଳର ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ପୌରପରିଷଦର ନିଦ କେବେ ଭାଙ୍ଗିବ ଏହାକୁ ନେଇ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରକାଶ କରିଛନ୍ତି ଯେ, ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବର ପାଇ ଉକ୍ତ ଅଂଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛି । ଖୁବ ଶୀଘ୍ର ସମସ୍ୟାର ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

# ସଫେଇ କର୍ମଚାରୀଙ୍କ ଟଙ୍କା ଖାଇଲା କିଏ ?

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀଙ୍କୁ ପୂର୍ବ ମାସ ଅପେକ୍ଷା ଚଳିତ ମାସ କମ ଦରମା ଦିଆଯାଇଛି। ତେଣୁ ଉମରକୋଟ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅଳିଆ ଆବର୍ଜନା ପକାଇ ପ୍ରତିବାଦ କରିଛନ୍ତି ସଫେଇ କର୍ମଚାରୀ । ଅନ୍ୟପଟେ ପରିଷଦ ପକ୍ଷରୁ ସଫେଇ କର୍ମଚାରୀଙ୍କୁ କୌଣସି ସାହାଯ୍ୟ ସହଯୋଗ ଦିଆଯାଉ ନାହ। ଆମେ ଆମ ଜୀବନକୁ ବାଜି ଲଗେଇ ସହରର ଅଳିଆ ଆବର୍ଜନା ସଫା କରୁଛୁ କିନ୍ତୁ ଆମକୁ ସଫେଇ କରିବାକୁ ଯେଉଁ ଉପକରଣ ସବୁ ଆବଶ୍ୟକ ତାହା ଠିକା ସଂସ୍ଥା ବା ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉ ନାହିଁ ବୋଲି କହିଛନ୍ତି ସଫେଇ କର୍ମଚାରୀ। ପୂର୍ବ ମାସ ଅପେକ୍ଷା ଅନେକ ସଫେଇ କର୍ମଚାରୀଙ୍କ ଦରମାରୁ ପ୍ରାୟ ତିନି ହଜାର ରୁ ଛହଜାର ଲେଖାଏଁ ଦରମା କଟାଯାଇଛି । ଏହାର ପ୍ରତିବାଦ ସ୍ୱରୂପ ଆଜି ସହରରେ ସଫେଇ କାର୍ଯ୍ୟ ବନ୍ଦ ରହିଛି ।ଆମ ଦାବି ପୂରଣ ନହେଲେ ଆମେ ସଫେଇ କାର୍ଯ୍ୟ କରିବୁ ନାହିଁ। ଅନ୍ୟପଟେ ଆମେ ଶ୍ରମିକ ଶ୍ରେଣୀର ଆମ ଦରମା ଯଦି କାଟିଦେବେ ତାହେଲେ ଆମେ ଚଳିବୁ କେମିତି ବୋଲି ପ୍ରଶ୍ନ କରିଛନ୍ତି ସଫେଇ କର୍ମଚାରୀ। ଘଟଣାକୁ ନେଇ ଆମେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ସଫେଇ କର୍ମଚାରୀ ଙ୍କ ସହ ଆଲୋଚନା କରିଥିଲୁ ଏବଂ ସମସ୍ୟାର ସମାଧାନ ପାଇଁ ସମୟ ମାଗିଥିଲୁ। ଏହି ବିଷୟକୁ ନେଇ ଆମେ ଆମ ଉପରିସ୍ଥ ଅଧିକାରୀଙ୍କ ସହ କଥା ହେବୁ ଏବଂ ଏହି ସମସ୍ୟା କିପରି ଶୀଘ୍ର ସମାଧାନ ହେବ ସେଥିପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ।

# ବିଜେପିର କାର୍ଯ୍ୟାଳୟ ଗସ୍ତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅଜୟ ଖରାଙ୍କ ନେତୃତ୍ୱରେ ବିଜେପି ର ଏକ ପ୍ରତିନିଧି ଦଳ ଆଜି ପଞ୍ଚାୟତ ସମିତି ସମେତ ଥାନା, ଏସଡ଼ିପିଓ ଅଫିସ, ମେଡିକାଲ, ତହସିଲ, ଅବକାରୀ ଓ ବନ ବିଭାଗ କାର୍ଯ୍ୟାଳୟ ଆଦି ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ବିଜେପି ଦଳର ବିଭିନ୍ନ ପଦପଦବୀରେ ଥିବା କର୍ମୀମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତିନିଧି ଦଳ ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ବ୍ଲକରେ ଲାଗି ରହିଥିବା ସମସ୍ୟା ଗୁଡିକ କିପରି ଦୂର ହେବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଲକ୍ଷ୍ମୀପୁର ବ୍ଲକ ବିଜେପି ଦଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ବିକଶିତ ଭାରତ ଆମର ଲକ୍ଷ୍ୟ।୨୦୩୬ କୁ ବିକଶିତ ଓଡିଶା ଓ ୨୦୪୭ କୁ ବିକଶିତ ଭାରତ କରିବା ର ଧାର୍ଯ୍ୟ ଲକ୍ଷ୍ୟ କୁ ଆସେ ସମ୍ମିଳିତ ଉଦ୍ୟମ ରେ ପୂରଣ କରିବା ବୋଲି ଆଜି ଅଭିମତ ଦେଇଛନ୍ତି ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକଶିତ ଓଡିଶା ପାଇଁ ବିକଶିତ ପୁରୀ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିକଶିତ ଭାରତ ଦେଶର ସମସ୍ତ ନାଗରିକଙ୍କ ସ୍ୱପ୍ନ।ଭଲରେ ରହିବା, ଆର୍ଥିକ ଉନ୍ନତି କରିବା, ମୌଳିକ ସୁବିଧା ହାସଲ କରିବା ଭଳି ସମସ୍ତ ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ।ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆହ୍ୱାନ ଓ ସଂକଳ୍ପ କୁ ଆମେ ନିଶ୍ଚିତ ପୂରଣ କରିବା ବୋଲି ସେ ମତ ଦେଇଥିଲେ।ସରକାର ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ୧୧ ଟି ଏକ ବର୍ଷ ମଧ୍ୟରେ ପୂରଣ କରାଯିବା ବେଳେ ଖୁବ ଶୀଘ୍ର ଅନ୍ୟ ଗୁଡିକ ପୂରଣ ହେବ।ଅର୍ଥନୀତି କୁ ସୁଦୃଢ କରି ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଓ ୨୦୪୭ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ର ଲକ୍ଷ୍ୟ ରଖାଯାଇଛି।ସମସ୍ତଙ୍କ ପ୍ରସ୍ତାବ ଓ ମତାମତ ଆଧାର ରେ ୨୦୩୬ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି।ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୦ ହଜାର ପ୍ରସ୍ତାବ ଲୋକ ମାନଙ୍କ ଠାରୁ ମିଳିଛି। ଗତ ଓଡିଶା କନକ୍ଲେଭ ରେ ୧୬ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଣ ପ୍ରସ୍ତାବ ଆସିଥିବା ବେଳେ ପ୍ରଥମ ବର୍ଷ ରେ ୧ ଲକ୍ଷ ୨୮ ହଜାର କୋଟି ଇନଭେଷ୍ଟ ହୋଇଛି।ବିକଶିତ ଓଡିଶା ୨୦୩୬ ପାଇଁ ୩୬ଟି ରଣନୀତି ପ୍ରସ୍ତୁତ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେବା ସହ ଓଡିଶା ଗ୍ରୀନ ଏନର୍ଜିର ହବ ପାଲଟିଛି ବୋଲି କହିଥିଲେ। ସାଂସଦ ତଥା ଓଡିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର ଡବଲ ଇଞ୍ଜିନ ସରକାର ସାଧାରଣ ଲୋକ ମାନଙ୍କ ଭରସା ଓ ବିଶ୍ୱାସ ର ପ୍ରତିଫଳନ ଯାହା ବିକାଶକୁ ତ୍ୱରାନ୍ୱିତ କରୁଛି ବୋଲି କହିଥିଲେ।

# ବିଜେପି ସରକାରର ସେବା, ସୁଶାସନ ଓ ସଫଳତାର ଏକବର୍ଷ

# ‘ଲୋକଙ୍କ ସେବାରେ କଲ୍ୟାଣକାରୀ ସରକାର’

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଜନସେବାରେ ସମର୍ପିତ ବିଜେପି ସରକାର ଶାସନର ଏକବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆ ‘ଏକ୍ସ’ରେ ପୋଷ୍ଟ କରି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଦେଶରେ ୧୧ ବର୍ଷ ଧରି ଏକ କଲ୍ୟାଣକାରୀ ସରକାର ଲୋକଙ୍କ ସେବାରେ ରହିଛି। ଓଡ଼ିଶାରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କଲ୍ୟାଣକାରୀ ଲୋକଙ୍କ ସରକାର କାମ କରୁଛି। ରାଜ୍ୟରେ ବିଜେପି ସରକାରର ସେବା, ସୁଶାସନ ଓ ସଫଳତାର ଏକବର୍ଷ ପୂର୍ତ୍ତି ହୋଇଛି। ବିଗତ ଏକବର୍ଷ ମଧ୍ୟରେ ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ଜନସାଧାରଣଙ୍କ ଜୀବନକୁ ସହଜ ଓ ସୁଗମ କରିଛି। ଆମ ସରକାର ଲୋକସେବାର ନୂତନ ପରମ୍ପରା ତିଆରି କରିଛି। ଲୋକମାନଙ୍କ ନିକଟରେ ସେବା ସହ ଉତ୍ତରଦାୟୀ ମଧ୍ୟ ହୋଇଛି। ଓଡ଼ିଶା ସମେତ ଦେଶରେ ଏକ ବିକାଶମୂଳକ ରାଜନୀତିର ଆରମ୍ଭ ହୋଇଛି। ଯାହାର ମୂଳମନ୍ତ୍ର ହେଉଛି ସବ୍‌କା ସାଥ୍- ସବ୍‌କା ବିକାଶ- ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ। ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ପାଖରେ ପହଞ୍ଚିପାରୁଛି। ପ୍ରତ୍ୟେକ ଗରିବର ଅଧିକାର, କୃଷକଙ୍କୁ ସମ୍ମାନ, ଯୁବକଙ୍କୁ ସୁଯୋଗ ଏବଂ ମହିଳା ସଶକ୍ତିକରଣ ସହ ରାସ୍ତା, ରେଳ, ବିମାନସେବା ଏବଂ ଆନୁସଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ସୁଭଦ୍ରା ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯିବା ସହ ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା ଏମଏସ୍‌ପି ମୂଲ୍ୟ ଉପରେ ଅଧିକ ୮୦୦ଟଙ୍କା ବୃଦ୍ଧି କରାଯାଇଛି। ରାଜ୍ୟରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ, ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦିଆଯିବା ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇଛି, ଯାହା ସମୃଦ୍ଧ ଓ ବିକଶିତ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବରେ ଓଡ଼ିଶାକୁ ନବଉତ୍କର୍ଷକୁ ନେବେ ବୋଲି ଶ୍ରୀ ପ୍ରଧାନ କହିଥିଲେ।

# ସ୍ନାନଯାତ୍ରା ସମ୍ପାଦନ ପାଇଁ ମୁଖ୍ୟ ପ୍ରଶାସକଙ୍କୁ ପ୍ରଶଂସା

ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ଅପାର କରୁଣାରୁ ସ୍ନାନଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ସେବକ ବନ୍ଧୁ ମାନଙ୍କର ଅକୁଣ୍ଠ ସହଯୋଗ ଯୋଗୁଁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଠିକଣା ସମୟରେ ସମାପନ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନର କର୍ମଚାରୀ ଏବଂ ଅଧିକାରୀ ମାନେ ସମର୍ପିତ ଭାବେ ଦାୟୀତ୍ୱ ସମ୍ପାଦନ କରିଛନ୍ତି। ଏଥିପାଇଁ ସମସ୍ତଙ୍କୁ ଗଭୀର କୃତଜ୍ଞତା ତଥା ସାଧୁବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ । ଅନ୍ୟାନ୍ୟ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ,ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ମଧ୍ୟ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ।ଆଗାମୀ ଘୋଷଯାତ୍ରା ପାଇଁ ମଧ୍ୟ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରଣତି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ।

# ମା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ପୁରୀ (ଭାସ୍କର ନ୍ୟୁଜ) : ପୁରୀର ଖଣ୍ଡିଆବନ୍ଧ ଗାଁର ମା ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହୋଇଛି । ଚାରି ଦିନଧରି ମହା ଯଜ୍ଞସହ କଳସଯାତ୍ରା, ସୁନ୍ଦରା କାଣ୍ଡ, ଭଜନ ସମାର ଆୟୋଜନ ହୋଇଥିଲା । ୪୦୦ ବର୍ଷ ରୁ ଅଧିକ ମା ଭଗବତୀଙ୍କୁ ଖଣ୍ଡିଆବନ୍ଧ ଗାଁରେ ପୂଜା କରିଆସିଥିଲେ । ମା ଏକ ବରଗଛମୂଳରେ ଥିଲେ କାଳ କ୍ରମେ ଗ୍ରାମ ଗଢି ଉଠିବା ପରେ ଗ୍ରାମବାସି ମାନେ ମାଙ୍କ ନୀତିକାନ୍ତି କରି ଥିଲେ ଅତୀତ ରେ ପୁରୀରେ ପୂର୍ବ ସରକାରଙ୍କ ସମୟରେ ଅନେକ ମଠ ମନ୍ଦିରର ଭାଙ୍ଗିଯିବା ପରେ ଖଣ୍ଡିଆ ବନ୍ଧ ଗ୍ରାମ ର ଯୁବକ ମାନେ ଏକାଠି ହୋଇ ନିଜସ୍ୱ ପାଣ୍ଠିରୁ ମନ୍ଦିର ନିର୍ମାଣ କରିଥିଲେ ଖଣ୍ଡିଆବନ୍ଧ ଗାଁମବାସି । ଏହି ଭବ୍ୟ ମନ୍ଦିର କୁ ଦେଖି ପୁରୀ ସହରର ବିଭିର୍ନ ମହଲରେ ଚର୍ଚ୍ଚା ହେଇଅଛି । ସନାତନୀ ହିନ୍ଦୁ ଧର୍ମ କୁ ବିଶ୍ୱାସ କୁ ଜାଗ୍ରତ କରୁଛି । ଖଣ୍ଡିଆବନ୍ଧ ଗ୍ରାମ କମିଟି ସଦ୍ୟ ହରିହର ପ୍ରଧାନ,ମାନସ ସାସମଲ,ସୁଶାନ୍ତ ସାହୁ,ବିଜୟ ମାଝୀ,ମଙ୍ଗୁ ପ୍ରଧାନ, ସନାତନ ପ୍ରଧାନ,ସୁରେଶ ପାରୁଡ଼ା,ଦେବ ପରିଡା,ଟୁଲୁ ଭୋଳ, ମିଲୁ ପ୍ରଧାନ, ଶ୍ରୀଧର ରାଉତ, ଗନୀ ସ୍ୱାଇଁ, ସୁର,ବାବୁ, ଘାଟା, ରିଙ୍କୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

B-216

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

File No.-B-I-Tourism-55/2023 23178 / Bhubaneswar, the 12th June, 2025

Invitation for Bids
1st Corrigendum

Tender Reference No. C.E. (B) - 09 / 2025-26

Name of the Work : Renovation and Development of Maa Biraja Temple at Jajpur town in the district of Jajpur.

The following changes have been made in Bid Identification No. C.E. (B) - 09 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.23.06.2025 to 17.00 hours of dt.08.07.2025 instead of dt.12.06.2025 to dt.26.06.2025 for ONLINE BIDDING respectively.
2. Online bids shall be received till 17.00 Hours of dt.08.07.2025 instead of dt.26.06.2025.
3. The technical bids will be opened at 11.30 A.M. of dt.09.07.2025 instead of dt.30.06.2025.

All other terms and conditions remain unchanged.

Sd/- Chief Engineer (Buildings-I),
Odisha, Bhubaneswar

OIPR 34117/11/0107/2526

# ବନ୍ଧୁକ ମୁନରେ ବ୍ୟାଙ୍କରୁ ଲୁଟିଲେ ୧୧ ଲକ୍ଷ

ଯୋଡ଼ା/ବଡ଼ବିଲ (ଭାସ୍କର ନ୍ୟୁଜ): ଗୁରୁବାର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯୋଡ଼ା ଶାଖାରେ ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ଘଟିଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ବ୍ୟାଙ୍କରୁ ୧୧ ଲକ୍ଷରୁ ଅଧିକ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ସେଣ୍ଟ ଟେରେସା ସ୍କୁଲ ସମ୍ମୁଖରେ ଥିବା ମାର୍କେଟ କଂପ୍ଲେକ୍ସର ପ୍ରଥମ ମହଲାରେ ଥିବା ବ୍ୟାଙ୍କରୁ ଏହି ଲୁଟ୍ ହୋଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ବ୍ୟାଙ୍କ ଖୋଲିବାର କିଛି ସମୟ ମଧ୍ୟରେ ୫ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିଥିଲେ। ସେମାନେ ବନ୍ଧୁକ ମୁନରେ ସମସ୍ତ କର୍ମଚାରୀଙ୍କୁ ଭୟଭୀତ କରିବା ସହ କିଛି କର୍ମଚାରୀଙ୍କୁ ମାଡ଼ ମଧ୍ୟ ମାରିଥିବା ଅଭିଯୋଗ ହୋଇଛି। ଏହାପରେ ସମସ୍ତ କର୍ମଚାରୀଙ୍କୁ ବ୍ୟାଙ୍କର ଏକ ରୁମ୍ ଭିତରେ ଭର୍ତ୍ତି କରି କ୍ୟାସ ବାକ୍ସରୁ ଟଙ୍କା ଓ ସୁନା ପ୍ୟାକେଟ ନେଇଯାଇଥିବା ବ୍ୟାଙ୍କ ମ୍ୟାନେଜର କହିଛନ୍ତି। ଯିବାବେଳେ ସିସିଟିଭି ହାର୍ଡଡିସ୍କ ମଧ୍ୟ ନେଇଯାଇଛନ୍ତି। ୩ଜଣ ଦୁର୍ବୃତ୍ତ ହାତରେ ବନ୍ଧୁକ ଧରିଥିବାବେଳେ ୨ଜଣ ଛୁରା ଧରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଦୁର୍ବୃତ୍ତମାନେ ଚାଲିଯିବା ପରେ ସମସ୍ତ କର୍ମଚାରୀ କବାଟ ଭାଙ୍ଗି ପଦାକୁ ଆସିବା ପରେ ପୋଲିସକୁ ଖବର ଦେଇଥିଲେ। ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବଡ଼ବିଲ ଏସଡିପିଓ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଖାନତଲାସୀ ଜାରି ରହିଛି। ତେବେ ଡକାୟତ ଓ ଲୁଟ୍ ଅର୍ଥ ଜବତ କରିବାରେ ପୋଲିସ ସଫଳ ହୋଇପାରି ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୪୧ ଯାତ୍ରୀ...

କୁହାଯାଉଛି। ତେବେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ନେଇ ପାଇଲଟ ଜାଣିବା ପରେ ଏଟିଏସ୍‌କୁ ଏମର୍ଜେନ୍ସି ସୂଚନା ମଧ୍ୟ ଦେଇଥିଲେ। ତେବେ କୌଣସି ପଦକ୍ଷେପ ନେବା ପୂର୍ବରୁ ବିମାନଟି ଖୁବ୍ ଜୋରରେ ତଳେ ପଡ଼ି ଯାଇଥିଲା। ବିମାନର କିଛି ଅଂଶ କେତେକ ବିଲଡିଂରେ ଝୁଲୁଥିବା ଦେଖିବାକୁ ମିଳିଥିବାବେଳେ ଆଉ କେତେକ ଅଂଶ ସଂପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ସମ୍ବାଦ ଲେଖାହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଭୟାନକ ବିମାନ ଦୁର୍ଘଟଣାକୁ ନେଇ ବିଶ୍ୱର ବହୁ ରାଷ୍ଟ୍ରମୁଖ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ଏହାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ସେହିପରି ଇଂଲଣ୍ଡ, ପାକିସ୍ତାନ ସମେତ ଅନ୍ୟାନ୍ୟ ରାଷ୍ଟ୍ରମୁଖ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ରାଜ୍ୟରେ ବିକାଶର...

ଯୋଜନା କାର୍ଯ୍ୟକାରୀ ହୋଇଛି। ୨୮ହଜାର ଖାଲି ସରକାରୀ ପଦବୀ ପୂରଣ ହୋଇଛି। ଚଳିତବର୍ଷ ୪୦ହଜାର ପଦବୀ ପୂରଣ କରାଯିବ। ଭିତ୍ତିଭୂମି, ରେଳସେବା, ବିମାନ ସେବା ଆମ ଫୋକସରେ ରହିବ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଥମ ଦିନରୁ ଜନତାଙ୍କ ସହ ଯୋଡ଼ି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଆଜି ଏକବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଅଧିକ ଜୋରଦାର କରାଯାଇଛି। ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର, ଜନସାଧାରଣଙ୍କ ଭାଗିଦାରିତାରେ ବିକଶିତ ଓଡ଼ିଶା ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରାଯାଇପାରିବ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ, ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନ ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା ନିର୍ମାଣ ପାଇଁ ସଂକଳ୍ପବଦ୍ଧ। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଞ୍ଚାସୀନ ଥିଲେ। ମୁଖ୍ୟ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ କମିଶନର ତଥା ସଚିବ ଗିରିଶ ଏସ୍ ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଯାଜପୁର ଡାଇରିଆ ସ୍ଥିତି ଅନୁଧ୍ୟାନ

ବ୍ୟାସନଗର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ରେ ଝାଡ଼ା ବାନ୍ତି ରୋଗ ବ୍ୟାପି ରେ ଲାଗିଛି ଜିଲ୍ଲା ରେ ବିଭନ୍ନ ବ୍ଲକ୍ ରେ ଚାରି ଶହ ରୁ ଉର୍ଦ୍ଧ୍ୱ ଏହି ରୋଗ ରେ ଆକ୍ରାନ୍ତ ହୋଇ ସରକାରୀ ବେସରକାରୀ ହସ୍ପିଟାଲ ଚିକିତ୍ସ ହେଉଛନ୍ତି ମୃତ୍ୟୁସଂଖ୍ୟା ୫ରେ ପହଁଚି ବୋଲି କୁହା ଯାଉଛି । ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭି. ପରମେଶ୍ୱରନ୍ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ହଠାତ୍ ଦେଖାଦେଇଥିବା ଡାଇରିଆ ରୋଗ ଏବଂ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସହିତ କେଉଁ କାରଣରୁ ଡାଇରିଆ ବ୍ୟାପିଛି ତାହାର ଅନୁଧ୍ୟାନ କରିଥିଲେ। ପ୍ରଥମେ ରାଜସ୍ୱ ଆୟୁକ୍ତ ଧର୍ମଶାଳା ଓ ବ୍ୟାସନଗର ହସ୍ପିଟାଲ ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଡାଇରିଆ ରୋଗୀଙ୍କୁ ଯୋଗାଇ ଦିଆ ଯାଇଥିବା ଚିକିତ୍ସା ବ୍ୟବସ୍ଥା ସଂପର୍କରେ ନିର୍ଦ୍ଦେଶକ ପବ୍ଲିକ୍ ହେଲଥ୍, ଡା ନୀଳକଣ୍ଠ ମିଶ୍ର, ସ୍ୱତନ୍ତ୍ର ସଚିବ ଫୁଡ୍ ସେଫ୍ଟି , ଶକ୍ତି ମିଶ୍ର, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରକାଶ ଚନ୍ଦ୍ର ବଳଙ୍କୁ ପଚାରି ବୁଝିଥିଲେ। ଚିକିତ୍ସାଧୀନ ଥିବା ରୋଗୀ ମାନଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଗତ କାଲି ଠାରୁ ଯାଜପୁର ଜିଲ୍ଲାର କୋରେଇ, ଦାନଗଦି, ବ୍ୟାସନଗର, ଧର୍ମଶାଳା, ରସୁଲପୁର, ଯାଜପୁର ଅଞ୍ଚଳରେ ଝାଡାବାନ୍ତି ରୋଗରେ ପୀଡିତ ହୋଇ ରୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟ ଚିକିତ୍ସାଳୟ ମାନଙ୍କରେ ଚିକିତ୍ସିତ ହେଉଛନ୍ତି। ଆଜି ସନ୍ଧ୍ୟା ୬ ଟା ସୁଦ୍ଧା ଜିଲ୍ଲାରେ ୨୫୬ ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି। ସେଥି ମଧ୍ୟରୁ ମୁଖ୍ୟ ଚିକିତ୍ସାଳୟରେ ୧୧୧ ଜଣ, ଯାଜପୁର ରୋଡରେ ୪୧ ଜଣ, ଧର୍ମଶାଳାରେ ୨୯ ଜଣ, ଦାନଗଦି ୧୭ ଜଣ, କୋରେଇ ୧୬ ଜଣ ଚିକିତ୍ସିତ ହେଉଛନ୍ତି। ଡାଇରିଆ ବ୍ୟାପିବାର କାରଣ ମଧ୍ୟରୁ ରବିବାରରେ ବିଭିନ୍ନ ଅଞ୍ଚଳରେ ଭୋଜିଖାଇ, ପାଣି ପିଇ ଅଧିକାଂଶ ଅସୁସ୍ଥ ହୋଇଥିବା ରୋଗୀମାନେ ପ୍ରକାଶ କରିଥିଲେ। ଦୂଷିତ ଜଳ ପିଇବା ମଧ୍ୟ ଏହାର କାରଣ ହୋଇଥାଇପାରେ। ସେହି ସବୁ ଅଞ୍ଚଳରୁ ଜଳ, ବଳକା ଖାଦ୍ୟ, ରୋଗୀଙ୍କର ମଳ ଇତ୍ୟାଦି ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ନିମନ୍ତେ ପଠାଯାଇଛି। ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ ଜଣାପଡ଼ିବ । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲାର ବରିଷ୍ଠ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ମାନଙ୍କୁ ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଛନ୍ତି। ବିଡିଓ, ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କୁ ସଂପୃକ୍ତ ଅଂଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଉପସ୍ଥିତ ରହି ରୋଗୀ ସେବା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଡବ୍ୟାଜି ଯନ୍ତ୍ର ଓ ଆଶା, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଜଳ ଫୁଟାଇ ପିଇବା, ଜଳରେ ହଲୋଜିନ ବଟିକା ବ୍ୟବହାର କରିବା, ଅସ୍ୱାସ୍ଥ୍ୟକର ଠେଲା ଗାଡ଼ି ଓ ଷ୍ଟ୍ରିଟ୍ ଫୁଡ୍ ନ ଖାଇବା ପାଇଁ, ଘରେ ରନ୍ଧା ଯାଇଥିବା ଖାଦ୍ୟ ଖାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମ୍ୟୁନିସିପାଲଟି, ପାଣିକୋଇଲି ଓ କୁଆଖିଆ, ଜାରକା ଓ ଚଣ୍ଡିଖୋଲ ଛକ ମାନଙ୍କରେ ଥିବା ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରିବାକୁ ଫୁଡ୍ ସେଫ୍ଟି ଅଫିସର ଦାୟିତ୍ୱରେ ଅଛନ୍ତି। ଜନସାଧାରଣଙ୍କୁ ଭୟଭୀତ ନହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA

E_mail: eerwkesinga@yahoo.com

O-277

e-Procurement Notice
BID IDENTIFICATION NO. RWKSNG-online-01/25-26

1. Name of works : Road works, (As per annexure)
2. Total No. of work : 1 No.
3. Estimated Cost : Rs. 41.94 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : ‘ B” Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG-online-01/25-26 | 13.06.2025 at 1.00 A.M | 25.06.2025 upto 17.00 P.M. | 20.06.2025 upto 11.00 A.M | 26.06.2025 at 11.00 A.M |

Further details can be seen from the Website i.e www.tenderodisha.gov.in.

Sd/- Executive Engineer
Rural Works Division
Kesinga

OIPR 25153/11/0012/2526

# ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼



ପୁରୀ (ଭାସ୍କର ନ୍ୟୁଜ) : ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି, ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ । ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି । ସେଠାରେ ଦଇତା ସେବାୟତମାନେ ଦାରୁ ଦିଅଁଙ୍କ ଗୁପ୍ତ ଉପଚାର କରୁଛନ୍ତି । ଏଣେ ଶ୍ରୀମନ୍ଦିର ରତ୍ନସିଂହାସନରେ କଳାସାଆନ୍ତେଙ୍କ ଦର୍ଶନ ନପାଇ ପୁରୀ ବ୍ରହ୍ମଗିରିର ଅଲାରନାଥଙ୍କ ପୀଠରେ ଭିଡ ଜମାଉଛନ୍ତି ଶ୍ରଦ୍ଧାଳୁ । ସକାଳୁ ପ୍ରଭୁ ଅଲାରନାଥଙ୍କ ମଙ୍ଗଳ ଆଳତି ନୀତି ହୋଇଥିଲା । ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ଼ ବ୍ୟବସ୍ଥା ସହ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ପ୍ରଭୁ ଅଲାରନାଥଙ୍କ ପୀଠର କିମ୍ବଦନ୍ତୀ ଓ ମାହାତ୍ମ୍ୟ ସ୍ୱତନ୍ତ୍ର ରହିଛି । ଶାସ୍ତ୍ରରେ ବର୍ଣ୍ଣିତ ଅଛି, ଅଣସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସମ ଫଳ ମିଳିଥାଏ । ଏଥିପାଇଁ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ପୀଠ ଏବେ ଚଳଚଞ୍ଚଳ । ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ପ୍ରଭୁଙ୍କ ସୁଅ ଛୁଟି ଥାଏ ପୀଠକୁ । ଅଲାରନାଥ ମନ୍ଦିର ପୁରୀ ଜିଲ୍ଲାର ବ୍ରହ୍ମଗିରି ଠାରେ ଅବସ୍ଥିତ ବିଷ୍ଣୁଙ୍କର ଏକ ମନ୍ଦିର । ଅଲାରନାଥଙ୍କୁ ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ଭାବେ ବିଶ୍ୱାସ କରାଯାଏ ।ରଥଯାତ୍ରା ପୂର୍ବରୁ ପ୍ରଥମେ ପଡେ ସ୍ନାନଯାତ୍ରା । ମହାପ୍ରଭୁଙ୍କ ଦେବସ୍ନାନ ପରେ ଶ୍ରୀଜିଉମାନେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ଗୃହ ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି । ଏହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ, ତେଣୁ ସେମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ ବୋଲି ପ୍ରବାଦ ରହିଛି । ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ ।ପୌରାଣିକ କଥା ଅନୁସାରେ,‘ଯେଉଁ ପର୍ବତ ଉପରେ ବ୍ରହ୍ମା ତପସ୍ୟା କରିଥିଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା । ପରବର୍ତ୍ତୀ ସମୟରେ ସେହି ଅଞ୍ଚଳକୁ ବ୍ରହ୍ମଗିରି ବୋଲି କୁହାଗଲା ।‘ ସେହିପରି ଅନ୍ୟ ଏକ ଜନଶୃତି ରହିଛି,‘ ଦକ୍ଷିଣ ଭାରତରୁ ଆଲବନ୍ଦାଚାର୍ଯ୍ୟ ନାମକ ଜଣେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସେତେବେଳେ ମହାପ୍ରଭୁଙ୍କ ଅନବସର ନୀତି ଚାଲିଥିଲା । ଭକ୍ତ ଆଲବନ୍ଦାଚାର୍ଯ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିନଥିଲେ । ସେ ଏଥିରେ ଦୁଃଖିତ ହୋଇ ନିଜ ଜୀବନ ହାରିବାକୁ ସମୁଦ୍ରକୁ ଯାଇଥିଲେ । ହେଲେ ପ୍ରଭୁ ହନୁମାନ ତାଙ୍କ ପଥ ଓଗାଳିଥିଲେ । ଏହିଭଳି ଭାବେ ଭକ୍ତ ଆଲବନ୍ଦାଚାର୍ଯ୍ୟ ଚିଲିକା ପାଖରେ ପହଞ୍ଚିଥିଲେ । ପରେ ଦେହରେ ନିଆଁ ଲଗାଇ ଜୀବନ ହାରିବାକୁ ଚେଷ୍ଟା କରୁଥିବା ବେଳେ ମହାପ୍ରଭୁ ପ୍ରକଟ ହୋଇ ଦର୍ଶନ ଦେଇଥିଲେ । ତେବେ ତାଙ୍କ ଅନୁରୋଧ ପୂର୍ବକ ମହାପ୍ରଭୁ ସେଠାରେ ଭକ୍ତ ଆଲବନ୍ଦାଚାର୍ଯ୍ୟଙ୍କ ନାମରେ ପୂଜା ପାଇଥିଲେ । ପରେ ଏହି ନାଁ ବଦଳି ଜନଶୃତିରେ ଅଲାରନାଥ ହୋଇଥିବା କୁହାଯାଏ ।‘ସେହିପରି ପ୍ରଭୁ ଅଲାରନାଥଙ୍କୁ ନେଇ ଏକ ସୁନ୍ଦର କଥାବସ୍ତୁ ରହିଛି । ପ୍ରଭୁ ଅଲାରନାଥ ଖିରୀ ଖାଇବାକୁ ବେଶ ଭଲ ପାଆନ୍ତି । ଦିନେ ତାଙ୍କର ପୂଜକ ନିଜ କାର୍ଯ୍ୟରେ ବାହାରକୁ ଯାଇଥିଲେ । ତାଙ୍କ ଛୋଟ ପୁଅଟି ପ୍ରଭୁ ଅଲାରନାଥଙ୍କୁ ଖିରୀ ଭୋଗ ଦେବା ବେଳେ ପ୍ରଭୁ ଏହା ଖାଇବାକୁ କୁନି ବାଳକଟି ଅନୁରୋଧ କରିଥିଲା । ପ୍ରଭୁ ବାଳକର ଅନୁରୋଧ ରକ୍ଷା କରି ପ୍ରକଟ ହୋଇ ଖିରୀ ଖାଇଥିଲେ । ହେଲେ ଖିରୀ ଗରମ ଥିବାରୁ ପ୍ରଭୁ ଅଲାରନାଥଙ୍କ ଶ୍ରୀଅଙ୍ଗରେ ଫୋଟକା ହୋଇଯାଇଥିଲା । ଏହି ଚିହ୍ନ ଆଜିବି ଅଲାରନାଥଙ୍କ ମୂର୍ତ୍ତିରେ ଦେଖିବାକୁ ମିଳିଥାଏ । ଏହି ସ୍ମୃତିରେ ଅନବସରରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଖିରୀ ଭୋଗ କରିଥାନ୍ତି ।

OFFICE OF THE PARADEEP MUNICIPALITY, PARADEEP
Quotation Call Notice no. 2448/ dt.10.06.2025

C-498

The Executive Officer, Paradeep Municipality on behalf of Paradeep Municipality, Paradeep, Dist-Jagatsinghpur invites sealed quotations from interested/ intending eligible Firms/ Fabricator Agencies/ Contractors for **Supplying, Providing, fitting and fixing of 403 Grade stainless steel of for main gate, stair case railing at various places Paradeep Municipality**. The Registered firms/ Registered agencies/ Contractors must be accompanied with photo copy of valid (i) PAN (ii) GSTIN (iii) Complete Organisation (iv) Firm/ Agency/ Contractor Registration Certificate details, Authenticated proof of the firm. The quotation schedule (DTCN) along with terms and conditions can be downloaded from Paradeep Municipality website www.paradeepmunicipality.in from 10.00 AM date.12.06.2025 to date.23.06.2025 upto 5.00 PM. The sealed Quotation and other documents will be received offline on or before dt. 24.06.2025 upto 05.00 PM only thorough Speed Post/ Registered Post and will be opened on dt. 25.06.2025 at 11.00 AM.

Sd/-Executive Officer
Paradeep Municipality

OIPR 13120/11/0050/2526

AFFIDAVIT

By virtue of an affidavit sworn before the Executive Magistrate, Bolagarh, dated: 12.06.2025, I Chita Ranjan Pradhan, Address: At- Retamaha, Po-Tiangia, Ps- Raikia, Dist-Kandhamal, Odisha, PIN-762100, declare that I have changed my son’s name from Swayam Prasad Pradhan to Chirag Pradhan. Henceforth, He shall be known as Chirag Pradhan for all purposes.

Sd/- Chita Ranjan Pradhan

AFFIDAVIT

By virtue of an affidavit sworn before the Executive Magistrate, Kabisuryanagar, Ganjam, dated: 12.06.2025, I, Sagarika Jena, Address: Village- Paikajamuna, Po-Paikajamuna, Ps-Kabisuryanagar, Dist-Ganjam, Odisha, PIN-761104, declare that I have changed my name from Sagari Jena to Sagarika Jena. Henceforth, I shall be known as Sagarika Jena for all purposes.

Sd/- Sagarika Jena

OFFICE OF THE PARADEEP MUNICIPALITY, PARADEEP
Quotation Call Notice no. 2428/ dt.10.06.2025

C-502

The Executive Officer, Paradeep Municipality on behalf of Paradeep Municipality, Paradeep, Dist-Jagatsinghpur invites sealed quotations from interested/ intending eligible Firms/ Fabricator Agencies/ Contractors for **Supplying, fitting and fixing of doors and wall panel office building of Paradeep Municipality**. The Registered firms/ Registered agencies/ Contractors must be accompanied with photo copy of valid (i) PAN (ii) GSTIN (iii) Complete Organisation (iv) Firm/ Agency/ Contractor Registration Certificate details, Authenticated proof of the firm. The quotation schedule (DTCN) along with terms and conditions can be downloaded from Paradeep Municipality website www.paradeepmunicipality.in from 10.00 AM date.12.06.2025 to date.23.06.2025 upto 5.00 PM. The sealed Quotation and other documents will be received offline on or before dt. 24.06.2025 upto 05.00 PM only thorough Speed Post/ Registered Post and will be opened on dt. 25.06.2025 at 11.00 AM.

Sd/-Executive Officer
Paradeep Municipality

OIPR 13120/11/0049/2526

ଜିଏମ୍‌ଆର୍ କମଲାଙ୍ଗ ଏନର୍ଜି ଲିମିଟେଡ୍

ପଞ୍ଜିକୃତ କାର୍ଯ୍ୟାଳୟ: ୨୫/୧, ସ୍କିପ୍ ହାଉସ୍
ମ୍ୟୁଜିୟମ୍ ରୋଡ୍, ବେଙ୍ଗାଲୁରୁ, କର୍ଣ୍ଣାଟକ-୫୬୦୦୨୫, ଭାରତ
ସିଆଇଏନ୍: ୟୁ୪୦୧୦୧କେଏ୨୦୦୭ପିଏଲ୍ସି୦୪୪୮୦୯

ସୂଚନା

ଉପରୋକ୍ତ ଆବେଦନ କେନ୍ଦ୍ରୀୟ ବିଦ୍ୟୁତ ନିୟମକ ଆୟୋଗ, ନୂଆଦିଲ୍ଲୀ ନିକଟରେ ୨୦୨୪-୨୯ ଅବଧି ଟ୍ରୁ-ଅପ୍ ସାଧାରଣ ଟାରିଫ ନିର୍ଣ୍ଣୟ ଏବଂ ୨୦୧୯-୨୦୨୪ ଅବଧିରେ ଜିଏମ୍‌ଆର୍ କମଲାଙ୍ଗ ଏନର୍ଜି ଥର୍ମାଲ ପାୱାର ପ୍ଲାଣ୍ଟ୍ ପକ୍ଷରୁ ଗ୍ରୀଡ଼ କର୍ପୋରେସନ୍ ଅଫ୍ ଓଡ଼ିଶା ଲମିଟେଡ୍ (ଗ୍ରୀଡ଼୍‌କୋ)ରୁ ବିକ୍ରୟ ମୋଟ୍ ୨୬୨.୫ମେଗାୱାଟ୍‌ର ଜେନେରସନ୍ ଟାରିଫ ନିର୍ଦ୍ଧାରଣ ପାଇଁ ଆବେଦନ କରିଛନ୍ତି। ଓଡ଼ିଶାର ଶକ୍ତି ବିତରଣ କମ୍ପାନୀଗୁଡ଼ିକ ୨୬୨.୫ମେଗାୱାଟ୍ କ୍ଷମତା ମେଗାୱାଟ୍‌ର ଜିଏମ୍‌ଆର୍ କମଲାଙ୍ଗ ପ୍ଲାଣ୍ଟ୍ (୩*୩୫୦ ମେଗାୱାଟ୍)ର ହିତାଧିକାରୀ ଅଟନ୍ତି। ପ୍ରକଳ୍ପର ବାଣିଜ୍ୟିକ କାର୍ଯ୍ୟର ପ୍ରକୃତ ତାରିଖ ୨୫.୦୩.୨୦୧୪ ପୁଞ୍ଜି ମୂଲ୍ୟ ଅନୁମୋଦନ ଏବଂ ଟାରିଫ ନିୟନ୍ତ୍ରଣ ଅଧିକାରୀ : କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ନୂଆଦିଲ୍ଲୀ।

ଟାରିଫ ନିର୍ଣ୍ଣୟ ପାଇଁ ଆବେଦନର ଏକ କପି ଉପଲବ୍ଧ ୱେବ୍‌ସାଇଟ୍ ntts// www.gmrgroup.in/Energy/

ଏହି ପ୍ରସ୍ତାବିତ ବିଷୟ ଉପରେ (ଯଦି କାହାର) ପ୍ରସ୍ତାବ ଏବଂ ଆପତ୍ତି ଥାଏ ତେବେ ଉପରୋକ୍ତ ବିଷୟବସ୍ତୁ ଉପରେ ହିତାଧିକାରୀ ସମେତ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ମହଲା, ଟାୱାର-ଖ, ୱାର୍ଲଡ଼ ଟ୍ରେଡ୍ ସେଣ୍ଟର, ନଉରୋଜି ନଗର, ନୂଆଦିଲ୍ଲୀ - ୧୧୦୦୨୯ଙ୍କ ନିକଟରେ ଦାଖଲ କରାଯାଇପାରିବ।

ସ୍ଥାନ - ଭୁବନେଶ୍ୱର
ତାରିଖ - ୧୩.୦୬.୨୦୨୫

# ଆଜିଠାରୁ ଇଗ୍ନୋ ପରୀକ୍ଷା ଆରମ୍ଭ

ମାଲକାନଗିରି (ଭାସ୍କର ନ୍ୟୁଜ): ଆଜି ଠାରୁ ଇଗ୍ନୋ ପରୀକ୍ଷା ଆରମ୍ଭ ହେବାକୁ ଯାଉଅଛି । ଏଥି ପାଇଁ ମାଲକାନଗିରି ମହାବିଦ୍ୟାଳୟ ଷ୍ଟଡି ସେଣ୍ଟର୍ ରେ ଆଜି ପରୀକ୍ଷାର୍ଥୀ ମାନେ ଏହି ଠାରେ ପରୀକ୍ଷା ଦେବା ପାଇଁ ଅନୁମତି ମିଳିଯାଇଛି। ୨୦୧୯-୨୦ ରୁ ଏହି ମହାବିଦ୍ୟାଳୟ ରେ ଷ୍ଟଡି ସେଣ୍ଟର୍ ଥିଲେ ମଧ୍ୟ ପରୀକ୍ଷାର୍ଥୀ ମାନେ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ ବୋଲି ମାଲକାନଗିରି ମହାବିଦ୍ୟାଳୟ ର ଇଂରାଜୀ ଅଧ୍ୟାପକ ତଥା ଇଗ୍ନୋର କେନ୍ଦ୍ର ତତ୍ୱବଧାରକ ଉମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଇଗ୍ନୋ ସହିତ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଏମ୍ ଓ ୟୁ ସ୍ୱାକ୍ଷର କରିଛି। ଫଳରେ ଇଗ୍ନୋ ର ଛାତ୍ରଛାତ୍ରୀମାନେ ଇଂରାଜୀ, ହୀନ୍ଦି ଭାଷା ବ୍ୟତୀତ ଓଡ଼ିଆ ଭାଷାରେ ମଧ୍ୟ ପିଜି ପରୀକ୍ଷା ଦେଇ ପାରିବେ। କିନ୍ତୁ ଓଡ଼ିଆ ଭାଷାରେ ଅନ୍ୟାନ୍ୟ ବିଷୟରେ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ ମଧ୍ୟ ଓଡ଼ିଆ ବିଷୟ ଥାଇ ଯେଉଁମାନେ ପିଜି ପରୀକ୍ଷା ଦେବାର ଅଭିଳାଷ ରଖିଥିଲେ ତାହା ମଉଳି ଯାଇଛି। ଏଣୁ ଏଥି ପ୍ରତି ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଧ୍ୟାନ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କ ମହଲରେ ଦୃଢ଼ ଦାବି ହୋଇଛି।

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

CAD-757

ବିଜ୍ଞାପନ

ପତ୍ର ସଂଖ୍ୟା: ୯୧ ତା୨୭.୦୫.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଘର ନଂଏଲଆଇଜି୧୨/୧, ୧୨/୨,୧୨/୫, ଏବଂ ୧୨/୬ ଆମ୍ବପୁଆ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଅନିଲ କାନ୍ତ ରଥ, ପିତା-ଏଲବୁ କିଶୋର ରଥ, ଗ୍ରା/ପୋ/ଥାନା-ସୁରଡା, ଜିଲ୍ଲା-ଗଞ୍ଜାମ ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନିଲ କାନ୍ତ ରଥ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁରେଶ କୁମାର ପାଢ଼ୀ, ପିତା-ଗଙ୍ଗା ନାରାୟଣ ପାଢ଼ୀ, ଫ୍ଲାଟ୍ ନଂ-୨୦୨, ସ୍ୱେତ୍ରମ୍ ଗ୍ରିନ, ଆର. ସି ଦାସ ଲେନ, କମାପଲ୍ଲୀ, ପୋ-ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାଇ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0668/2526

# ଜାତୀୟ ଓ ଅନ୍ତର୍ଜାତୀୟ



ଅହମ୍ମଦାବାଦ: ଆଜି ଅପରାହ୍ନ ସମୟରେ ଅହମ୍ମଦାବାଦରେ ବୋଇଂ ୭୮୭ ଡ୍ରିମଲାଇନର ବିମାନ ଦୁର୍ଘଟଣା ପରେ ବିମାନ କମ୍ପାନୀର ସେୟାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଆମେରିକାର ମାର୍କେଟରେ ଗୁରୁବାର ଦିନ ପ୍ରି ମାର୍କେଟ ଡିଲରେ ବୋଇଂର ସେୟାର ୭.୮% ହ୍ରାସ ପାଇ ୧୯୭.୩ (୧୬,୮୭୫ ଟଙ୍କା) ରେ ପହଞ୍ଚିଛି। ଯାହାକି ଗତ ବୁଧବାର ଦିନ ଏହା $୨୧୪ (୧୮,୩୦୫ ଟଙ୍କା) ରେ ବନ୍ଦ ହୋଇଥିଲା। ଲଗାତାର ତୃତୀୟ ଦିନ ଧରି ବୋଇଂର ସେୟାର ହ୍ରାସ ପାଉଛି। ତେବେ ଏହି ବଡ଼ ଧରଣର ଦୁର୍ଘଟଣା ପରେ କମ୍ପାନୀ ଅଧିକ ସୂଚନା ସଂଗ୍ରହ କରିବା ଓ ଏହି ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ବିଷୟରେ ଅବଗତ ଥିବା ମଧ୍ୟ କହିଛି। ୨୦୧୨ ମସିହାରେ ଏୟାର ଇଣ୍ଡିଆ ବୋଇଂ ୭୮୭ ଡ୍ରିମଲାଇନରକୁ କିଣିଥିଲା। ଏହା ଦକ୍ଷିଣ କାରୋଲିନା ପ୍ଲାଣ୍ଟରେ ନିର୍ମିତ ହୋଇଥିବାବେଳେ ଏହା ଦିଲ୍ଲୀ-ନ୍ୟୁୟର୍କ, ମୁମ୍ବାଇ-ଲଣ୍ଡନ ଭଳି ଲମ୍ବା ରୁଟ ପାଇଁ ଉଡାଣ ଭରିଥାଏ।

## ହସିନାଙ୍କୁ ନେଇ ମୋଦୀଙ୍କୁ ସମାଲୋଚନ କଲେ ୟୁନୁସ୍



ନୂଆଦିଲ୍ଲୀ: ଭାରତ ସହ ସଂପର୍କ ଭଲ କରିବାକୁ ଚାହୁଁଥିବା ୟୁନୁସ, ଏବେ ପୁଣି ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ନେଇ ଭାରତକୁ ସମାଲୋଚନା କରିଛନ୍ତି । ବାଂଲାଦେଶର ମଧ୍ୟବର୍ତ୍ତୀ କାଳୀନ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି ଯେ ସେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଅନଲାଇନ୍ ଭାଷଣକୁ ନିୟନ୍ତ୍ରଣ କରିବା ପାଇଁ ତାଙ୍କର ଅନୁରୋଧକୁ ଅଣଦେଖା କରିଛନ୍ତି, ଯାହା ସମଗ୍ର ବାଂଲାଦେଶରେ କ୍ରୋଧ ସୃଷ୍ଟି କରୁଛି। ତେବେ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ ପୁଣି ହସିନାଙ୍କୁ ନେଇ ଭାରତ ସହ କଥା ହୋଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଶେଖ୍ ହସିନା ଭାରତରେ ରହି ଯେଉଁ ବୟାନ ଦେଉଛନ୍ତି, ତାହା ବାଂଲାଦେଶରେ ଆକ୍ରୋଶ ସୃଷ୍ଟି କରୁଛି। ହେଲେ ପ୍ରଧାନମନ୍ତ୍ରୀ ମୋଦି ଏହାକ ସୋସିଆଲ ମିଡିଆ ମାମଲା କହି ଟାଳି ଦେଇଥିଲେ । ଲଣ୍ଡନର ଚାଥାମ ହାଉସରେ ଏକ ସାମ୍ପ୍ରତିକ ଆଲୋଚନା ସମୟରେ ୟୁନୁସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ହୋଇଥିବା ଏହି ବାର୍ତ୍ତାଳାପ ନେଇ କହିଛନ୍ତି, ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବାର ସୁଯୋଗ ପାଇଲି, ମୁଁ କେବଳ କହିଥିଲି ଯେ ଆପଣ ତାଙ୍କୁ ଆତିଥ୍ୟ ଦେବାକୁ ଚାହୁଁଛନ୍ତି, ମୁଁ ଆପଣଙ୍କୁ ସେହି ନୀତି ପରିତ୍ୟାଗ କରିବାକୁ ବାଧ କରିପାରିବି ନାହିଁ... କିନ୍ତୁ ଦୟାକରି ଆମକୁ ନିଶ୍ଚିତ କରିବାରେ ସାହାଯ୍ୟ କରନ୍ତୁ ଯେ ସେ ଯେପରି ବାଂଲାଦେଶୀ ଲୋକଙ୍କ ସହିତ କଥା ହେଉଛନ୍ତି ସେପରି ନହୁଅନ୍ତି, ସେ ଘୋଷଣା କରନ୍ତି ଯେ ଅମକ ଦିନ ଅମକ ଘଣ୍ଟା ସେ କହିବେ, ଏବଂ ତାଙ୍କର ଏହି ଘୋଷଣାରେ ସମଗ୍ର ବାଂଲାଦେଶ ବହୁତ କ୍ରୋଧିତ ହୁଏ । ଏନେଇ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହସ୍ତକ୍ଷେପ କରିବାକୁ ଏବଂ ହସିନାଙ୍କୁ ଆହୁରି ବୟାନ ଦେବାରୁ ରୋକିବାକୁ ଅନୁରୋଧ କରିଥିଲେ, ଯାହାର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦି ରିପୋର୍ଟ କରିଛନ୍ତି, ଏହା ସୋସିଆଲ ମିଡିଆ, ଆପଣ ଏହାକୁ ନିୟନ୍ତ୍ରଣ କରିପାରିବେ ନାହିଁ।

## ୨୦୨୫ ଅନ୍ତର୍ଜାତୀୟ ଯୋଗ ଦିବସ ଏକ ବୈଶ୍ୱିକ ଆନ୍ଦୋଳନ: ଆୟୁଷ ମନ୍ତ୍ରୀ

ନୂଆଦିଲ୍ଲୀ: ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଶୁଭ ଉଦଘାଟନର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୨୦୨୫ ମସିହାର ମହାନ ସମାରୋହର ଆନୁଷ୍ଠାନିକ ଆରମ୍ଭ। ୨୧ ଜୁନରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚାଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଆୟୁଷ ମନ୍ତ୍ରୀ ପ୍ରତାପରାଓ ଯାଧବ ଗତ ଦଶନ୍ଧି ଧରି ଅନ୍ତର୍ଜାତୀୟ ଯୋଗ ଦିବସର ଉଲ୍ଲେଖନୀୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏହି ବର୍ଷର ମାଇଲଖୁଣ୍ଟର ବିଶେଷତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି, ଆମେ ୧୧ତମ ବର୍ଷରେ ପ୍ରବେଶ କରୁଥିବାରୁ, ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ କେବଳ ଏକ ସ୍ମାରକୀ ନୁହେଁ – ଏହା ଆମର ପ୍ରୟାସକୁ ବୃଦ୍ଧି କରିବା ଏବଂ ସମାଜର ସମସ୍ତ ବର୍ଗଙ୍କ ନିକଟରେ ଯୋଗକୁ ଉପଲବ୍ଧ କରାଇବା ଦିଗରେ ଏକ ସାମୂହିକ ଆହ୍ୱାନ। ମନ୍ତ୍ରୀ ଆନ୍ଧ୍ରପ୍ରଦେଶ ସରକାର ଏବଂ ଏହାର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ 'ଯୋଗଆନ୍ଧ୍ରା' ଅଭିଯାନ ଆରମ୍ଭ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ମଧ୍ୟ ସ୍ୱୀକାର କରିଛନ୍ତି – ଯାହା ରାଜ୍ୟ ସାରା ୧୦ ଲକ୍ଷ ନିୟମିତ ଯୋଗ ଅଭ୍ୟାସକାରୀଙ୍କ ସମ୍ପ୍ରଦାୟକୁ ବୃଦ୍ଧି କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ପଦକ୍ଷେପ। ସାମ୍ବାଦିକ ସମ୍ମିଳନୀରେ, ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ପି.ଏନ୍. ରଞ୍ଜିତ କୁମାର ୨୦୨୫ ମସିହା ପାଇଁ ସ୍କେଲ୍, ଦୃଷ୍ଟିକୋଣ ଏବଂ ରଣନୀତି ବିଷୟରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ।

## ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ ରେଡ୍ ମଡ୍ ରିପୋର୍ଟ ପ୍ରକାଶିତ




ନୂଆଦିଲ୍ଲୀ: ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସଆଇଆର-ଆଇଏମଏମଟି) ଦ୍ୱାରା ରେଡ୍ ମଡ୍ ରିପୋର୍ଟ ପ୍ରକାଶନ ବୈଠକ ଆୟୋଜିତ ହୋଇଛି। ଏହା ରେଡ୍ ମଡର ସାମଗ୍ରିକ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଜାତୀୟ ପ୍ରକଳ୍ପର ସଫଳ ସମାପ୍ତିକୁ ଚିହ୍ନିତ କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏବଂ ପ୍ରକଳ୍ପର ପରାମର୍ଶଦାତା ତଥା ନୀତି ଆୟୋଗର ସଦସ୍ୟ ଡକ୍ଟର ଭି.କେ. ସାରସ୍ୱତ ରେଡ ମଡ୍ ରିପୋର୍ଟକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଥିଲେ। ଏହି ପ୍ରକଳ୍ପକୁ ସିଏସଆଇଆର-ଆଇଏମଏମଟି (ଭୁବନେଶ୍ୱର), ସିଏସଆଇଆର - ନ୍ୟାସନାଲ ମେଟାଲର୍ଜିକାଲ୍ ଲାବୋରେଟୋରୀ (ସିଏସଆଇଆର – ଏନଏମଏଲ୍), ଜାମସେଦପୁର, ସମନ୍ୱୟ ପରୀକ୍ଷାଗାର ଏବଂ ଜବାହରଲାଲ ନେହେରୁ ଆଲୁମିନିୟମ୍ ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଡିଜାଇନ୍ ସେଣ୍ଟର (ଜେଏନଏଆରଡିଡିସି), ନାଗପୁର ଦ୍ୱାରା ପ୍ରମୁଖ ଶିଳ୍ପ ଅଂଶୀଦାର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ହିନ୍ଦାଲକୋ), ବେଦାନ୍ତ ଲିମିଟେଡ୍ ଏବଂ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ସହିତ ମିଳିତ ଭାବରେ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପଟି ଆଲୁମିନା ଉତ୍ପାଦର ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ, ରେଡ୍ ମଡର ବ୍ୟାପକ ବ୍ୟବହାର ପାଇଁ ସମନ୍ୱିତ ପ୍ରକ୍ରିୟା ଫ୍ଲୋ ସିଟ୍ ବିକାଶ କରିବା ଉପରେ ଧ୍ୟାନ ଦେଇଥିଲା। ଏହାର ଉଦ୍ଦେଶ୍ୟ ଲୁହା, ଆଲୁମିନା, ଟାଇଟାନିଆ ଏବଂ ରେୟାର ଆର୍ଥ ଏଲିମେଣ୍ଟ (ଆରଇଇ) ଭଳି ମୂଲ୍ୟବାନ ଧାତୁ ପୁନରୁଦ୍ଧାର କରିବା। ରେଡ୍ ମଡ ରିପୋର୍ଟ ଶିଳ୍ପ ନିୟୋଜନ ପାଇଁ ଏହି ସମାଧାନଗୁଡ଼ିକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରେ।

## ଅହିଲ୍ୟାବାଈଙ୍କ ଅବଦାନ ଅବିସ୍ମରଣୀୟ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର କୋରବା ଜିଲ୍ଲାର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଲୋକମାତା ମହାରାଣୀ ଅହିଲ୍ୟାବାଈ ହୋଲ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏହି କନ୍‌ଭେନସନ ସେଣ୍ଟରକୁ ତାଙ୍କ ନାମରେ ନାମିତ କରାଯିବା ନେଇ ଶ୍ରୀ ସାଏ ଘୋଷଣା କରିଥିଲେ। ତାଙ୍କ ଅଭିଭାଷଣରେ ଶ୍ରୀ ସାଏ କହିଥିଲେ ଅହିଲ୍ୟାବାଈ ଥିଲେ ନାରୀ ଶିକ୍ଷା ଓ ନାରୀ ସଶକ୍ତୀକରଣ କ୍ଷେତ୍ରରେ ଜଣେ ପ୍ରମୁଖ ନେତ୍ରୀ। ଏହି ଅବସରରେ ଶ୍ରୀ ସାଏ କୋରବା ଜିଲ୍ଲାର ବିକାଶ ପାଇଁ ୬୬ଟି ପ୍ରକଳ୍ପ ନିମନ୍ତେ ୨୨୩ କୋଟି ୮୮ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସେ କହିଥିଲେ ଇନ୍ଦୋର ମହାରାଣୀ ଅହିଲାବାଈ ଜଣେ ପ୍ରଜାବତ୍ସଳ ଓ ନ୍ୟାୟପ୍ରିୟ ଶାସକ ଭାବେ ପରିଚିତ ଥିଲେ। ସେ ମହିଳାଙ୍କ ଶିକ୍ଷା କ୍ଷେତ୍ର ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି। ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ବହୁଳ ଅବଦାନ ରହିଛି। ସେହିପରି ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ତୀର୍ଥସ୍ଥଳି, ଧାର୍ମୀକସ୍ଥଳିର ବିକାଶ ପାଇଁ ସେ କାର୍ଯ୍ୟ କରିଥିଲେ। ଏହି କନ୍‌ଭେନସନ ସେଣ୍ଟରକୁ ଶୀତ ତାପ ନିୟନ୍ତ୍ରିତ କରାଯିବ ବୋଲି ଶ୍ରୀ ସାଏ କହିଥିଲେ। ସେ କହିଥିଲେ କୋରବା ଜିଲ୍ଲାର ବିକାଶ ପାଇଁ ପୂର୍ବରୁ ୬୦୦କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ସେ ସେଠାରେ ଏକ ଆଲୁମିନିୟମ ପାର୍କ ପାଇଁ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଅହିଲ୍ୟାବାଈଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ଏବଂ ଉଦ୍ୟୋଗ ମନ୍ତ୍ରୀ ଲଖନଲାଲ ଦେବାଙ୍ଗନ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଜଳ ମିଶନ ଅନ୍ତର୍ଗତ ୧୧ଟି ଗ୍ରାମରେ ପାଇପ୍ ଜଳ ଯୋଗାଣ, ୩ଟି ଗାଁରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭବନ, ସ୍ୱାମୀ ଆତ୍ମାନନ୍ଦ ହିନ୍ଦୀ ମାଧ୍ୟମିକ ବିଦ୍ୟାଳୟର ନୂତନ ଭବନ, ୪୭ଟି ଛାତ୍ରାବାସ ଓ ଆଶ୍ରମରେ ୨.୪ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏଥିସହ ୧୦୦ଟି ସଲିଡ୍ ଉତ୍କୃଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଥିଲେ।

## ବିମାନ ଦୁର୍ଘଟଣା : ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଶୋକ



ଅହମଦାବାଦ : ଅହମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସମୟ ପରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଖବରକୁ ନେଇ ସମଗ୍ର ବିଶ୍ୱରେ ଶୋକର ଛାୟା ଖେଳିଯାଇଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେ କହିଛନ୍ତି, 'ଆଜି ଅହମ୍ମଦାବାଦ ନିକଟରେ ହୋଇଥିବା ଏୟାର ଇଣ୍ଡିଆର ବିମାନର ଦୁଃଖଦ ଦୁର୍ଘଟଣାରେ ମୁଁ ଦୁଃଖିତ। ଏହି ବିଶାଳ କ୍ଷତିରେ ପୀଡିତ ପରିବାର ପ୍ରତି ଆମେ ସମବେଦନା ଜଣାଉଛୁ। ଏହି ହୃଦୟ ବିଦାରକ ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କ ସହିତ ଆମର ସମବେଦନା ଏବଂ ପ୍ରାର୍ଥନା।' ସେହିପରି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଶେହବାଜଙ୍କ ଭାଇ ନୱାଜ ସରିଫ ମଧ୍ୟ ଏହି ଦୁର୍ଘଟଣାକୁ ନେଇ ଦୁଃଖପ୍ରକାଶ କରିଛନ୍ତି। 'ଏକ୍ସ' ରେ ସେ ଲେଖିଛନ୍ତି 'ଅହମ୍ମଦାବାଦରେ ଘଟିଥିବା ଦୁଃଖଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୂଲ୍ୟବାନ ଜୀବନର ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା। ଏହି ବିନାଶକାରୀ କ୍ଷତି ସୀମା ପାର କରି ଆମକୁ ଆମର ସାଧାରଣ ମାନବିକତାର ସ୍ମରଣ କରାଇ ଦିଏ। ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାରତର ଜନସାଧାରଣଙ୍କ ପ୍ରତି ମୋର ଗଭୀର ସମବେଦନା।'

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୨ ବିଭାଗରେ କାଷ୍ଟ-୪ ପ୍ରକଳ୍ପ ଅଧୀନରେ ଏକ ଅତ୍ୟାଧୁନିକ ଲାଡଲ୍ ଫର୍ଣ୍ଣେସ୍ ୨ଡ଼ି (ଏଲଏଫ-୨ଡ଼ି) ୨୦୨୫ ଜୁନ୍ ୧୧ ତାରିଖରେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଏହି ସଫଳତା ଆରଏସପିର ପ୍ରଯୁକ୍ତିବିଦ୍ୟା ଆଧୁନିକୀକରଣ, ବର୍ଦ୍ଧିତ ଉତ୍ପାଦକତା ଏବଂ ସୁରକ୍ଷାର ଏକ ଦୃଢ଼ ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି ପ୍ରକଳ୍ପକୁ ନୂଆଦିଲ୍ଲୀର ମେସର୍ସ ଏସଏମଏସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଦ୍ୱାରା ଲିଡ୍ କରାଯାଇଥିଲା, ଯେଉଁଥିରେ ଜର୍ମାନୀର ମେସର୍ସ ଏସଏମଏସ ଗ୍ରୁପ ଜିଏମବିଏଚ ସହଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଡିଏସପି ଏବଂ ଆଇଏସପିର ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଆରଏସପି ସାମୁହିକଙ୍କୁ ତାଙ୍କର ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି, 'ଇସ୍ପାତ କେବଳ ଆମେ ଯାହା ତିଆରି କରୁ ତାହା ନୁହେଁ – ଏହା ଆମ ପରିଚୟ ଅଟେ । ଆରଏସପି ସବୁଠୁ ବେଶି ଗର୍ବିତ ଯେ, ଏହି ସଫଳତା ପଛରେ ଥିବା ପ୍ରତ୍ୟେକଙ୍କ ନିଷ୍ଠା ଓ କଠିନ ପ୍ରୟାସକୁ ସ୍ୱୀକାର କରେ।'

## ଅତ୍ୟାଧୁନିକ କ୍ୟାନସର କେୟାର ବ୍ଲକ୍‌ର ଶିଳାନ୍ୟାସ




ନୂଆଦିଲ୍ଲୀ: ଆଇସିଆଇସିଆଇ ବ୍ୟାଙ୍କ ଓ ଟାଟା ମେମୋରିଆଲ ସେଣ୍ଟର (ଟିଏମସି) ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ହୋମି ଜାହାଙ୍ଗୀର ଭାବା କ୍ୟାନସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଏଚବିସିଏଚଆରସି)ର ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୫୫୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ପ୍ରାୟ ୩.୯ ଲକ୍ଷ ବର୍ଗଫୁଟରେ ବ୍ୟାପିଥିବା ଏହି ଅତ୍ୟାଧୁନିକ କେନ୍ଦ୍ରର ନିର୍ମାଣ ପାଇଁ ବ୍ୟାଙ୍କ ପାଣ୍ଠି ଯୋଗାଉଛି। କାର୍ଯ୍ୟକ୍ଷମ ହେବା ପରେ ଆଠ ମହଲା ବିଶିଷ୍ଟ ଆଇସିଆଇସିଆଇ ଫାଉଣ୍ଡେସନ ବ୍ଲକ ଫର ଚାଇଲଡ ଆଣ୍ଡ ବ୍ଲଡ କ୍ୟାନସର ବାର୍ଷିକ ୩୦୦୦ ରୋଗୀଙ୍କୁ ସେବା ଯୋଗାଇବ। ବର୍ତ୍ତମାନ କ୍ଷମତା ଅନୁସାରେ ବିଶାଖାପାଟଣାରର ଏହି କ୍ୟାନସର ହସ୍ପିଟାଲ ୬୨୦୦ ରୋଗୀଙ୍କୁ ପରିଚାଳନା କରୁଛି। ଆଇସିଆଇସିଆଇ ବ୍ୟାଙ୍କର ଅଧ୍ୟକ୍ଷ ପ୍ରଦୀପ କୁମାର ସିହ୍ନା, ଆନ୍ଧ୍ର ପ୍ରଦେଶ ସରକାରଙ୍କ ସ୍ୱାସ୍ଥ୍ୟ ମେଡିକାଲ ଶିଳାନ୍ୟାସକୁ ଉନ୍ମୋଚନ କରିଥିବା ବେଳେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା ଓ ମୁମ୍ବାଇ ଟାଟା ମେମୋରିଆଲ ସେଂଟରର ଗ୍ରୁପ ଡାଇରେକ୍ଟର ଡ. ସୁଦୀପ ଗୁପ୍ତା ଉପସ୍ଥିତ ଥିଲେ। ଆଇସିଆଇସିଆଇ ବ୍ୟାଙ୍କ ଅଧ୍ୟକ୍ଷ ପ୍ରଦୀପ କୁମାର ସିଂହ କହିଛନ୍ତି ଯେ 'ଆମେ ଟିଏମସି ସହିତ କ୍ୟାନସର୍ ସେବା କ୍ଷେତ୍ରରେ ଏକ ମିସନରେ ସହଯୋଗିତା କରିଥିବାରୁ ଗର୍ବିତ ଯାହା ଦେଶରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଭିତିଭୂମିକୁ ସମୃଦ୍ଧ କରିବ। ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା କହିଛନ୍ତି ଯେ, 'ଆଇସିଆଇସିଆଇ ବ୍ୟାଙ୍କରେ ସ୍ୱାସ୍ଥ୍ୟସେବା ଆମର ସିଏସଆର ପ୍ରୟାସର ଏକ ମୁଖ୍ୟ ବିଷୟ। ହୋମି ଭାବା କ୍ୟାନସର୍ ହସ୍ପିଟାଲ୍ ଏବଂ ଗବେଷଣା କେନ୍ଦ୍ର, ଭାଇଜାଗର ନିର୍ଦ୍ଦେଶକ ଡଃ ଉମେଶ ମହାନ୍ତ ସେଟି କହିଛନ୍ତି ଯେ, 'ଆମେ ଆଇସିଆଇସିଆଇ ଫାଉଣ୍ଡେସନ ପ୍ରତି ଏହାର ଅନୁଦାନ ପାଇଁ କୃତଜ୍ଞ। ତାହା ଏହି ଅଂଚଳରେ ଶିଶୁମାନଙ୍କ ଏବଂ ହେମାଟୋଲିଏଡ୍ କ୍ୟାନସର୍ ଚିକିତ୍ସା ଏବଂ ଗବେଷଣାର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ଆଇସିଆଇସିଆଇ ଫାଉଣ୍ଡେସନ୍ ସହିତ ଏହି ସହଯୋଗିତା ଦେଶବ୍ୟାପୀ ରୋଗୀଙ୍କୁ ଉତମ ଯତ୍ନ ପ୍ରଦାନ କରିବା ଏବଂ କ୍ୟାନସର୍ ଫଳାଫଳ ଉନ୍ନତି ଆଣିବାରେ ଆମ ସଂସ୍ଥାଗୁଡିକର ସାମୁହିକ ପ୍ରୟାସର ପ୍ରମାଣ।' ଟାଟା ମେମୋରିଲ୍ ହସ୍ପିଟାଲ୍, ମୁମ୍ବାଇର ପ୍ରଫେସର୍ ଏବଂ ମୁଖ୍ୟ, ପିଡିଆଟ୍ରିକ୍ ଅଙ୍କୋଲୋଜି ଡ. ଗିରିଶ ଚିନ୍ନାସ୍ୱାମୀ କହିଛନ୍ତି ଯେ, 'ପେଡିଆଟ୍ରିକ୍ ଏବଂ ହେମାଟୋଲିଏଡ୍ କ୍ୟାନସର୍ ପାଇଁ ନିର୍ଣ୍ଣୟ, ମୂଲ୍ୟାଙ୍କନ, ଚିକିତ୍ସା, ରକ୍ତ କେନ୍ଦ୍ର, ପୁଷ୍ଟିକର, ପୁନର୍ବାସ ଇତ୍ୟାଦି ସହାୟକ ସେବା ଏବଂ ବିଶେଷଜ୍ଞତା ଆବଶ୍ୟକ। ଏଚବିସିଏଚଆରସି, ଭାଇଜାଗରେ ବର୍ତ୍ତମାନ ଆମେ ଗତ ୩ ବର୍ଷ ଧରି ପ୍ରତିବର୍ଷ ପ୍ରାୟ ୨୦୦ ନୂତନ ପିଡିଆଟ୍ରିକ୍ କ୍ୟାନସର୍ ଏବଂ ୩୫୦-୪୦୦ ହେମାଟୋଲିଏଡ୍ କ୍ୟାନସର୍ ରୋଗୀଙ୍କୁ ପଂଜୀକୃତ କରୁଛୁ।

## ସାର୍ବଜନୀନ ବ୍ୟାଙ୍କ ଲାଇସେନ୍ସ ପାଇଁ ରିଜର୍ଭ ବ୍ୟାଙ୍କକୁ ଆବେଦନ

ନୂଆଦିଲ୍ଲୀ: ଦେଶର ଅଗ୍ରଣୀସ୍ମଲ ଫାଇନାନ୍ସ ବ୍ୟାଙ୍କ ଜନାସ୍ମଲ ଫାଇନାନ୍ସବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି ଯେ ନିଜକୁ ଏକ ସାର୍ବଜନୀନ ବ୍ୟାଙ୍କରେ ପରିଣତ କରିବା ଲାଗି ଏହା ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ)ଙ୍କ ଅନୁମୋଦନ ଲୋଡ଼ିଛି। ଏହି ପଦକ୍ଷେପ ଜନାବ୍ୟାଙ୍କର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଥିବା ବେଳେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ନବସୃଜନ ଓ ସ୍ଥାୟୀବ୍ୟାଙ୍କିଂ ପ୍ରତି ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଗତ ବର୍ଷଗୁଡ଼ିକରେ ଜନାଏସଏଫବିସଫଳତାରସହିତ ଏକ ଦୃଢ଼ ରିଟେଲ ଓ ଏମଏସଏମଇ ଫ୍ରାଂଚାଇଜ ଗଠନ କରିପାରିଛି। ବ୍ୟାଙ୍କ ଏହାର ଡିଜିଟାଲ ଓ ପ୍ରତ୍ୟକ୍ଷ ଉପସ୍ଥିତିକୁସାରା ଦେଶରେବଢ଼ାଇଛି। ଜନାସ୍ମଲ ଫାଇନାନ୍ସ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅଜୟ କନୱ୍ଲ କହିଛନ୍ତି ଯେ, 'ସାର୍ବଜନୀନ ବ୍ୟାଙ୍କ ଲାଇସେନ୍ସ ପାଇଁ ଆବେଦନ କରିବାଜନାବ୍ୟାଙ୍କ ପାଇଁ ଏକ ପ୍ରାକୃତିକ ଅଗ୍ରଗତି। ଆମେ ସର୍ବଦା ସେବା ପାଉ ନଥିବାଲୋକଙ୍କ ପାଖରେ ପହଂଚିବାଏବଂ ଏକ ଅନ୍ତର୍ଭୁକ୍ତୀକରଣ, ଦ୍ରୁତ, ଡିଜିଟାଲ ଓ ଆଗକୁ ଦେଖୁଥିବା ଏକ ବ୍ୟାଙ୍କ ଗଠନ କରିବାକୁମିସନ ରଖିଛୁ।ସାର୍ବଜନୀନ ବ୍ୟାଙ୍କରେ ପରିଣତହେଲେ ଆମେ ବ୍ୟାପକ ପ୍ରକାର ସେବ ।ଯୋଗାଇ ପାରିବୁଏବଂ ଏକ ଉଦୀୟମାନ ଓ ଆତ୍ମନିର୍ଭର ଭାରତର ଆଙ୍କର ବ୍ୟାଙ୍କରେ ପରିଣତ ହୋଇପାରିବୁ। ୨୦୧୭ରେ ଏସଏଫବି ଲାଇସେନ୍ସ ହାସଲ କରିବା ପରଠାରୁ ବ୍ୟାଙ୍କ ତରଫରୁ ଜମା, ଋଣ ଓ ଆର୍ଥିକ ସେବାର ଏକ ଦୃଢ଼ ପୋର୍ଟ ଫୋଲିଓ ପ୍ରସ୍ତୁତ କରାଯାଇଛି। ଜନାଏସଏଫବି ପକ୍ଷରୁ ପରବର୍ତୀ ପର୍ଯ୍ୟାୟ ଯାତ୍ରାରେ ପ୍ରଶାସନ, ଅନୁପାଳନ, ଗ୍ରାହକ କେନ୍ଦ୍ରୀକତା ଓ ନବସୃଜନ ପ୍ରତି ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଛି।

## ପଦ୍ମିନୀ ଖରାଙ୍କୁ ଖିମଜୀ ଫାଉଣ୍ଡେସନ ପକ୍ଷରୁ ସହାୟତା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର: କୋରାପୁଟର ମାରାବାଇଗୁଡ଼ା ହରିଜନ ସାହିର ଏକ ଦୁର୍ଗମ ଗାଁ। ଯେଉଁଠାରେ ସ୍ୱପ୍ନ ଦେଖିବା ବି କଷ୍ଟକର, ସେଠାରେ ୧୭ ବର୍ଷୀୟ ପଦ୍ମିନୀ ଖରା ଅବିଚଳିତ ଦୃଢ଼ତାର ଏକ ପ୍ରତୀକ ଭାବରେ ଉଭା ହୋଇଛନ୍ତି। ଖିମଜୀ ଫାଉଣ୍ଡେସନର ହସ୍ତକ୍ଷେପ ମାଧ୍ୟମରେ ତାଙ୍କ ଜୀବନ କାହାଣୀ ଆଶା, ଦୟା ଏବଂ ସୁଯୋଗ ଶକ୍ତିର ଏକ ପ୍ରମାଣ। ଚାରି ବର୍ଷ ପୂର୍ବେ ପଦ୍ମିନୀଙ୍କ ଦୁନିଆ ହଠାତ୍ ସବୁଦିନ ପାଇଁ ବଦଳି ଯାଇଥିଲା ଯେତେବେଳେ ତାଙ୍କ ବାପା ଏକ ଗମ୍ଭୀର ମସ୍ତିଷ୍କ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇଥିଲେ। ଏହି ସଂଘର୍ଷ ସତ୍ତ୍ୱେ ପଦ୍ମିନୀ ନିଜର ଭବିଷ୍ୟତ ନିର୍ଦ୍ଧାରଣରେ ତାହାକୁ ପ୍ରତିବନ୍ଧକ ହେବାକୁ ଦେଇ ନଥିଲେ। ଅବିଶ୍ରାନ୍ତ ଧ୍ୟାନ ସହିତ ସେ ନିଜ ପଢ଼ାରେ ଉତ୍କୃଷ୍ଟତା ହାସଲ କରି ଦାସ ଶ୍ରେଣୀର ସିବିଏସଇ ବୋର୍ଡ ପରୀକ୍ଷାରେ ୯୬% ଏବଂ ଦ୍ୱାଦଶ ଶ୍ରେଣୀରେ ୯୪% ନମ୍ବର ରଖିଥିଲେ। ପଦ୍ମିନୀଙ୍କ ଦୁର୍ଦ୍ଦଶା ବିଷୟରେ ଫାଉଣ୍ଡେସନ ଜାଣିବା ପରେ ପ୍ରତିଷ୍ଠିତ ଗହଣା ପ୍ରତିଷ୍ଠାନ ଖିମଜୀ ଜୁଏଲର୍ସର ସିଏସଆର ଶାଖା ତତ୍କାଳ ପଦକ୍ଷେପ ନେଇଥିଲା। ତାଙ୍କର ଅସାଧାରଣ କ୍ଷମତାକୁ ଚିହ୍ନିବା ସହ ଫାଉଣ୍ଡେସନ୍ ଜୀବନ ବଦଳାଇବା ସହାୟତା ସହିତ ଆଗେଇ ଆସିଥିଲା। ପଦ୍ମିନୀ ଖାରାଙ୍କୁ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍ଜୀ ଓ ଖିମ୍‌ଜୀ ଜୁଏଲର୍ସର ସହକାରୀ ନିର୍ଦ୍ଦେଶକ ଶ୍ରୀ ନିଶାଙ୍କ ଅଗ୍ରୱାଲା ସହାୟତା ବାବଦ ଚେକ୍ ହସ୍ତାନ୍ତର କରୁଛନ୍ତି। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜି କହିଥିଲେ ଯେ, 'ଖିମଜୀ ଫାଉଣ୍ଡେସନରେ ଆମେ ଅସାଧାରଣ ପ୍ରତିଶ୍ରୁତି ଦେଖାଉଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ। ପଦ୍ମିନୀଙ୍କ ସାଧନାକୁ ସ୍ୱୀକାର କରି ଏବଂ ପରିବାରର ସ୍ଥିତିକୁ ବିଚାର କରି ଫାଉଣ୍ଡେସନ ତାଙ୍କ ଶିକ୍ଷାଗତ ଯାତ୍ରାରେ ସମ୍ପୂର୍ଣ୍ଣ ସମର୍ଥନ ଯୋଗାଇବାକୁ ସ୍ଥିର କରିଛି। ପଦ୍ମିନୀଙ୍କୁ ପ୍ରଶଂସା କରି ଶ୍ରୀ ଖିମଜୀ କହିଥିଲେ ଯେ, 'ବ୍ୟକ୍ତିଗତ ଏବଂ ଆର୍ଥିକ ଆହ୍ୱାନ ପରିସ୍ଥିତିରେ ଏତେ ଭଲ ନମ୍ବର ଅର୍ଜନ କରିବା ତାଙ୍କର ନିଷ୍ଠା, ସହନଶୀଳତା ଏବଂ କ୍ଷମତାର ପ୍ରମାଣ। ଖିମଜୀ ଫାଉଣ୍ଡେସନ୍ ପଦ୍ମିନୀଙ୍କୁ ସ୍ନାତକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ତାଙ୍କର ଶିକ୍ଷାଗତ ଖର୍ଚ୍ଚ ପାଇଁ ନିରନ୍ତର ସମର୍ଥନର ଆଶ୍ୱାସନା ଦେଇଛି। ଏହି ସହାୟତା ତାଙ୍କର ଟ୍ୟୁସନ ଫି, ରହଣି ଏବଂ ଖାଦ୍ୟ, କୋଚିଂ ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚକୁ ବହନ କରିବ। ଫାଉଣ୍ଡେସନ୍ ପକ୍ଷରୁ ତାଙ୍କ ପରିବାରର ଭାର ହାଲୁକା କରିବା ପାଇଁ ୧ ଲକ୍ଷ ଟଙ୍କା ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପଦ୍ମିନୀଙ୍କ ପାଇଁ ଫାଉଣ୍ଡେସନର ସମର୍ଥନ କେବଳ ଆର୍ଥିକ ସହାୟତା ନଥିଲା, ତାହା ଥିଲା ଆଶାର ପୁନରୁଦ୍ଧାର କରିବ।

## ଶ୍ରୀଲେଦର୍ସର ନୂତନ ଶୋ'ରୁମ୍ ଉଦ୍‌ଘାଟିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଏକ ଲୋକପ୍ରିୟ ଫୁଟ୍‌ୱେୟାର ଓ ଆକ୍‌ସେସରିଜ ବ୍ରାଣ୍ଡ ଶ୍ରୀଲେଦର୍ସ ଭୁବନେଶ୍ୱରର ଲିଙ୍ଗିପୁରସ୍ଥିତ ନୂଆଗାଁଠାରେ ଏହାର ବିଶାଳ, ସମ୍ପୂର୍ଣ୍ଣ ବାତାନୁକୂଳିତ ଶୋ'ରୁମର ଉଦ୍‌ଘାଟନ କରାଯାଇଛି। ଉକ୍ତ ଷ୍ଟୋରଟି ୫୨୦୦ ବର୍ଗ ଫୁଟ୍ ଅଂଚଳରେ ଅବସ୍ଥାପିତ ଥିବା ସମୟରେ ପାର୍କିଂ ପାଇଁ ଯଥେଷ୍ଟ ସ୍ଥାନ ରହିଛି। ଜୁନ ୧୪ ତାରିଖରେ ଏହି ଉଦ୍‌ଘାଟନ ସମାରୋହକୁ ମିଳିତ ଭାବେ ଓଡିଶାର ଲୋକପ୍ରିୟ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଓ ସୁଭାଶିଷ ଦେ' ପରିଚାଳନା କରିବେ। ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସୁଭାଶିଷ ଦେ' କହିଛନ୍ତି, 'ଶ୍ରୀଲେଦର୍ସ ପ୍ରଥମେ ୧୯୫୨ ମସିହାରେ ୧୦୦, ସାକ୍‌ଚି ମାର୍କେଟ, ଜାମସେଦପୁର ଠାରୁ ଏହାର ଯାତ୍ରା ଆରମ୍ଭ କରିଥିଲା। ଶ୍ରୀ ଲେଦର୍ସକୁ ତାଙ୍କର ସ୍ୱର୍ଗତ ଜେଜେ ବାପା ସୁରେଶ ଚନ୍ଦ୍ର ଦେ' ସ୍ଥାପନ କରିଥିଲେ, ଯିଏକି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟୋଗୀ ଥିଲେ। ବିଗତ ବର୍ଷଗୁଡିକରେ ସଫଳତାର ସହ ଶ୍ରୀଲେଦର୍ସ ଦେଶର ବିଭିନ୍ନ ଅଂଶକୁ ସମ୍ପ୍ରସାରିତ ହୋଇଛି, ଯାହା ଗୁଣବତା ଓ ବିଶ୍ୱାସର ଏକ ବିରାସତ ସୃଷ୍ଟି କରିଛି। ଶ୍ରୀ ଦେ' ଆହୁରି ମଧ୍ୟ କହିଛନ୍ତି ଯେ, ସେମାନେ କମ୍ପାନୀର ପ୍ରତିଷ୍ଠାତା ତଥା ତାଙ୍କ ପିତା ସ୍ୱର୍ଗତଃ ଆଶିଷ ଦେ'ଙ୍କ ଦ୍ୱାରା ସ୍ଥାପିତ ମୂଲ୍ୟବୋଧ ଓ ସିଦ୍ଧାନ୍ତକୁ ଜାରି ରଖିବା ପାଇଁ ପ୍ରତିବଦ୍ଧ ରହିଛନ୍ତି। ନୂଆକରି ଲଂଚ ହୋଇଥିବା ଭୁବନେଶ୍ୱର ଶୋ'ରୁମ ସ୍ୱର୍ଗତଃ ସୁରେଶ ଚନ୍ଦ୍ର ଦେ'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ରହିଛି। ଉତ୍ପାଦଗୁଡିକ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଦେ କହିଛନ୍ତି, 'ଏହି ନୂତନ ଶୋ'ରୁମ ଏକ ବିସ୍ତୃତ ରେର ଉଚ୍ଚମାନର ଆଧୁନିକ ଡିଜାଇନଗୁଡିକୁ ପ୍ରଦର୍ଶିତ କରିବ ଯେଉଁଥିରେ ମହିଳା, ପୁରୁଷ ଓ ପିଲାମାନଙ୍କ ପାଇଁ ଫୁଟ୍‌ୱେୟାର, ସ୍ପୋର୍ଟସ ସୁ, ବେଲ୍ଟ, ୱାଲେଟ, ଲେଡିସ୍ ହ୍ୟାଣ୍ଡବ୍ୟାଗ, ସ୍କୁଲ ବ୍ୟାଗ, ସୁଟ୍‌କେସ, ବ୍ରିଫକେସ ଆଦି ସାମିଲ ରହିଛି। ଶ୍ରୀଦେ' ଓ ଶ୍ରୀଅଗ୍ରୱାଲ ମିଳିତ ଭାବେ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫରଗୁଡିକ ସମ୍ପର୍କରେ ଘୋଷଣା କରିଛନ୍ତି ଯେଉଁଥିରେ ୧୦୦୦ ଟଙ୍କାରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ କ୍ରୟ ଉପରେ ୧୦%ର ସ୍ୱତନ୍ତ୍ର ରିହାତି ଏବଂ ୨୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ୧୫%ର ସ୍ୱତନ୍ତ୍ର ରିହାତି ସାମିଲ ରହିଛି। ଏହି ଆକର୍ଷଣୀୟ ଅଫରଗୁଡିକ ଆସନ୍ତା ଜୁନ ୩୦ ତାରିଖ ୨୦୨୫ ପର୍ଯ୍ୟନ୍ତ ବୈଧ ରହିବ।

## ଗୋଦରେଜ୍ ପକ୍ଷରୁ ଏଲ୍‌ଜିବିଟିକ୍ୟୁଆଇଏ+କୁ ନେଇ ପ୍ରାଇଡ୍ ମାର୍ଚ୍ଚ ଆୟୋଜିତ

ନୂଆଦିଲ୍ଲୀ: ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ର ଏହାର ମୁଖ୍ୟ କାର୍ଯ୍ୟାଳୟ ଗୋଦରେଜ୍ ୱାନ୍‌ରେ ଏକ ପ୍ରାଇଡ୍ ମାର୍ଚ୍ଚ ଆୟୋଜନ କରାଯାଇଥିଲା। ଯାହାର ନେତୃତ୍ୱ ନେଇଥିଲେ ମନିଶ ଶାହ ଗୋଦରେଜ୍ କ୍ୟାପିଟାଲର ପରିଚାଳନା ନିର୍ଦ୍ଦେଶକ। ଏଥିରେ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏଲ୍‌ଜିବିଟିକ୍ୟୁଆଇଏ+ ପ୍ରତି ଏହି ମାର୍ଚ୍ଚ ଏକ ଶକ୍ତିଶାଳୀ ସମର୍ଥନ ଥିଲା। ଗୋଦରେଜ୍ ଆଟ୍ ପ୍ରାଇଡ୍ ୨୦୨୫ କାର୍ଯ୍ୟକ୍ରମ ଅବସରରେ ୱେଷ୍ଟବୁକ୍‌ସ ସହଯୋଗିତାରେ କ୍ୱିର୍ ଡିରେକ୍ସନ୍ସ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଗୋଦରେଜ୍ ପ୍ରପର୍ଟିଜ୍ ଲିମିଟେଡ୍ ଦ୍ୱାରା ସମର୍ଥିତ କାର୍ଯ୍ୟକ୍ରମ 'ଝୁମକେୱାଲି' ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହି ଉତ୍ସବ ପାଳନ ଶେଷ ହୋଇଥିଲା ଯାହା ୧୯୭୦ରେ ଲେସବିଆନମାନଙ୍କ ପ୍ରଥମ ପ୍ରେମ ଓ ନିଜକୁ ଜାଣିବାର କାହାଣୀ କରିଥିଲା। ବିଭିନ୍ନ ଭାରତୀୟ ଭାଷାରେ ତାହା ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଗୋଦରେଜ୍ ଡିଇଆଇ ଲ୍ୟାବ୍ ଓ କ୍ୱିରସ୍ତାନର ଲେଖକ ପର୍ମେଶ ସାହାଣୀ କହିଛନ୍ତି ଯେ, 'ଏହି ଉତ୍ସବ ପାଳନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି କେବଳ ରେନ୍‌ବୋ ପତାକାଠାରୁ ଆଗକୁ ବଢ଼ି ବାସ୍ତବ ସୁଯୋଗ ସୃଷ୍ଟି କରିବା ବିଷୟରେ ଥିଲା। ୱେଷ୍ଟ୍‌ଲ୍ୟାଣ୍ଡ ବୁକ୍‌ସର ପ୍ରକାଶକ କର୍ଥିକା ଭି କେ କହିଛନ୍ତି ଯେ, 'କ୍ୱିର୍ ଡିରେକ୍ସନ୍‌ସର ଶୁଭାରମ୍ଭ ଆମ ବିଶ୍ୱାସକୁ ଉପସ୍ଥାପନ କରିଛି ଯେ ଶ୍ରେଷ୍ଠ କାହାଣୀ ପାଇଁ ଶ୍ରେଷ୍ଠ ମଂଚ ଦରକାର।



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜର ଜଣେ ପେସ ବୋଲର ନିଜକୁ କ୍ରିକେଟର ବ୍ଲାକ ବ୍ରାଡ ପିଟ ବୋଲି କହନ୍ତି । ଏହି ପେସରଜଣଙ୍କ ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କରିଛନ୍ତି । ଟିନୋ ବେଷ୍ଟ ଯେତେବେଳେ ନିଜ ଆତ୍ମଜୀବନୀରେ ଏହି ସବୁ ଖୁଲାସା କଲେ କ୍ରିକେଟ ଦୁନିଆ ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥିଲା । ସେ ୱେଷ୍ଟଇଣ୍ଡିଜ ପକ୍ଷରୁ ୨୫ଟି ଟେଷ୍ଟ ମ୍ୟାଚ ଖେଳି ୫୭ ୱିକେଟ ଅକ୍ତିଆର କରିଛନ୍ତି । ସେହିପରି ୨୬ ଦିନିକିଆରେ ୩୪ ୱିକେଟ ନେଇଛନ୍ତି । ୨୦୦୫ରେ ସେ ପାକିସ୍ତାନ ବିପକ୍ଷ ମ୍ୟାଚରେ ୧୧ ବଲରେ ୪ଟି ୱିକେଟ ନେଇଥିଲେ । ଅବଶ୍ୟ ତାଙ୍କର ଏହି ବୋଲିଂ ପ୍ରଦର୍ଶନ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୧୩୬ ରନରେ ମ୍ୟାଚ ହାରି ଯାଇଥିଲା । ଆରମ୍ଭରୁ ଭଲ ବୋଲିଂ ପ୍ରଦର୍ଶନ କରି ସେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ମାତ୍ର ଆନ୍ତର୍ଜାତୀୟ କ୍ରିକେଟରେ ସେ ବେଶୀ ଦିନ ତିଷ୍ଠି ପାରି ନ ଥିଲେ । ବେଷ୍ଟଙ୍କ ପ୍ରଥମ ପ୍ରେମିକାଙ୍କ ନାମ ମେଲିସା ଥିଲା। ମେଲିସାଙ୍କଠାରୁ ଅଲଗା ହେବା ପରେ ବେଷ୍ଟଙ୍କ ଚରିତ୍ର ପ୍ଲେ ବୟ ପରି ହୋଇଯାଇଥିଲା । ତେବେ କ୍ରିକେଟ ତାଙ୍କର ସର୍ବଦା ପ୍ରଥମ ପ୍ରେମ ଥିଲା ବୋଲି କହିଛନ୍ତି । ଅଷ୍ଟ୍ରେଲିଆ ମହିଳାଙ୍କୁ ସେ ବେଶ ପସନ୍ଦ କରୁଥିଲେ । ସେ ବିଭିନ୍ନ ଦେଶର ମହିଳାଙ୍କ ସହ ସମ୍ପର୍କ ରଖିଥିଲେ ମଧ୍ୟ ଅଷ୍ଟ୍ରେଲିଆ ମହିଳା ନିଆରା ବୋଲି କହିଥିଲେ । ସେମାନେ ଫିଟନେସ ପ୍ରତି ବିଶେଷ ଧ୍ୟାନ ଦେବା ସହ ଗ୍ଲାମରସ ବୋଲି ବେଷ୍ଟ କହିଛନ୍ତି ।

# ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍: ଅଷ୍ଟ୍ରେଲିଆ ଆଗୁଆ

ଲଣ୍ଡନ: ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଐତିହାସିକ ଲର୍ଡସ ପଡ଼ିଆରେ ଆରମ୍ଭ ହୋଇଥିବା ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍‌ର ପ୍ରଥମ ଦିନରେ ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି । ଦକ୍ଷିଣ ଆଫ୍ରିକାର ଶାଣିତ ବୋଲିଂରେ ଘାଇଲା ହୋଇ ଗତଥର ବିଜେତା ଅଷ୍ଟ୍ରେଲିଆ ତା'ର ପ୍ରଥମ ପାଳିରେ ମାତ୍ର ୨୧୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । କାଗିସୋ ରବାଡ଼ା ୫ ୱିକେଟ୍ ନେଇ କଙ୍ଗାରୁ ଦଳର ବିପର୍ଯ୍ୟୟ ଘଟାଇଛନ୍ତି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଉସ୍ମାନ ଖୱାଜା (୦) ଓ କାମେରନ ଗ୍ରିନ୍ (୪)ଙ୍କୁ କାଗିସୋ ରବାଡ଼ା ଆଉଟ୍ କରି ଅଷ୍ଟ୍ରେଲିଆକୁ ଯୁଗଳ ଝଟ୍‌କା ଦେଇଥିଲେ । ଏହାପରେ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ୫୬.୪ ଓଭରରେ ଅଟକି ଯାଇଥିଲା । ବେନ୍ ୱେବ୍‌ଷ୍ଟର (୭୨) ଓ ଷ୍ଟିଭ୍ ସ୍ମିଥ୍ (୬୬) ଅର୍ଦ୍ଧଶତକ କରିବାରୁ ଦଳ ୨୦୦ ରନ୍ ପାର କରିବାକୁ ସକ୍ଷମ ହୋଇଥିଲା । ଏମାନଙ୍କ ବାଦ୍ ଆଲେକ୍ସ କ୍ୟାରି (୨୩), ମାର୍ନସ ଲବୁସାନେ (୧୭) ଓ ଟ୍ରାଭିସ ହେଡ୍ (୧୧) କେବଳ ଦୁଇ ଅଙ୍କ ଛୁଇଁ ପାରିଥିଲେ । ଓପନର ଉସ୍ମାନ ଖୱାଜା ୨୦ଟି ବଲ୍ ସମ୍ମୁଖୀନ ହେବା ସତ୍ତ୍ୱେ ଖାତା ଖୋଲି ନପାରିବା ଉଲ୍ଲେଖନୀୟ ରହିଥିଲା । ସେହିପରି ସାଉଥ୍ ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୮ରନ୍ କରିବାକୁ ସକ୍ଷମ ହୋଇଛି । ଦଳ ପକ୍ଷରୁ ଓପନର ମାକ୍ରମ ୯, ରିକ୍‌ଲେଟନ୍୧୬, ମୋଲଡର ୬, ଅଧିନାୟକ ବହୁମା ୩୬, ଷ୍ଟବ୍ସ ୨, ବେଦିନଗାମ୍ ୪୫,ଭେରିୟାନ୍ ୧୩, ମାକ୍ରୋ ଜନସନ୍ ୦, ମହାରାଜ ୭, ରାବଡା ୧, ଲୁଙ୍ଗି ନଗିଡି ୦ରନ୍ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍ସ ୨, ହାଜଲହୁଡ୍ ୧, ଓ ଅଧିନାୟକ ସର୍ବାଧିକ ୬ ୱିକେଟ ନେଇଥିଲେ । ଯାହାଫଳରେ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଆଗୁଆ ରହିଛି । ସେହିପରି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୮ୱିକେଟରେ ୧୪୪ ରନ୍ କରିଛି । ଫଳରେ ୨୧୮ରନ୍‌ର ଅଗ୍ରଣୀ ହାସଲ କରିଛି ।




# କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ ୪x୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ଅର୍ଜନ କରି ଦେଶ ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରାବଣୀ ନନ୍ଦଙ୍କୁ ୨.୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଶ୍ରାବଣୀଙ୍କ ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ କରିବ ବୋଲି ମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି । ପ୍ରକାଶଯୋଗ୍ୟ ଯେ, ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନ୍‌ସିପ-୨୦୨୫ରେ ଭାରତୀୟ ମହିଳା ଦଳ ୪x୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ଅର୍ଜନ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ବୁମରାହଙ୍କ ରେକର୍ଡ ଭାଙ୍ଗିଲେ ରାବାଡା




ଲଣ୍ଡନ: ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଛି । ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାର ଷ୍ଟାର ପେସର କାଗିସୋ ରାବାଡା ୫ଟି ୱିକେଟ ଅକ୍ତିଆର କରିଥିଲେ । ଏହି ଅବସରରେ ରାବାଡା ଭାରତର ଯଶପ୍ରୀତ ବୁମରାହଙ୍କ ଏକ ରେକର୍ଡ ଭାଙ୍ଗି ଦେଇଛନ୍ତି । ରାବାଡା ବିଶ୍ୱ କ୍ରିକେଟରେ ସବୁଠାରୁ ଭଲ ଷ୍ଟ୍ରାଇକ ରେଟରେ ବୋଲିଂ କର ୨୦୦ ୱିକେଟ ଅକ୍ତିଆର କରିଛନ୍ତି । ରାବାଡା ୩୯.୧ ଷ୍ଟ୍ରାଇକ ରେଟରେ ଏହି ସଫଳତା ହାସଲ କରିଥିବା ବେଳେ ୪୨.୦ ହାରରେ ବୁମରାହ ବୋଲିଂ କରିଛନ୍ତି । ଡେଲ ଷ୍ଟେଇନ (୪୨.୩), ୱାକର ୟୁନୁସ (୪୩.୪) ଓ ପ୍ୟାଟ କୁମିନ୍ସ (୪୬.୩) ଯଥାକ୍ରମେ ତୃତୀୟରୁ ପଂଚମ ସ୍ଥାନ ମଧ୍ୟରେ ରହିଛନ୍ତି । ଜଣେ ବୋଲର କେତୋଟି ବଲ ପକାଇବା ପରେ ୱିକେଟ ହାସଲ କରନ୍ତି ତାହାକୁ ନେଇ ଏହି ଷ୍ଟ୍ରାଇକ ରେଟ ନିର୍ଦ୍ଧାରଣ କରାଯାଇଥାଏ । ବୁମରାହଙ୍କ ନିକଟରୁ କମ ବଲ ବୋଲିଂ କରି ରାବାଡା ଏହି ସଫଳତା ହାସଲ କରିଛନ୍ତି । ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶି ଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୧୨ ରନ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ ୱିକେଟ ବିନିମୟରେ ୪୩ ରନ ସଂଗ୍ରହ କରିପାରିଛି ।


# ଜୟ ବୁଡାରଜା ବନ ଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଖରଯୋଡ଼ା ବିଜୟୀ

କଲ୍ୟାଣସିଂପୁର (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତ କରଞ୍ଜା ଗ୍ରାମରେ ଜୟ ବୁଡାରଜା ମା' ବନଦୁର୍ଗା ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତରେ ଆଜି ସାନ ବାମନଗୁଡା ଓ ଖରଯୋଡ଼ା ଗ୍ରାମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ପ୍ରଥମେ ଟସ୍ ଖରଯୋଡ଼ା ଜିତି ବ୍ୟାଟିଂ କରି ୧୨ ରେ ୮୯ ରନ କରି ସାନ ବାମନଗୁଡା କୁ ୯୦ର ବିଜୟୀ ଲକ୍ଷ୍ୟ ଦେଇଥିଲେ କିନ୍ତୁ ସାନବାମନଗୁଡା ଦୋଳ ୧୨ ଓଭର ମ୍ୟାଚରେ ୭ଉଇକେଟ ହରେଇ ଫାଇନାଲ ମ୍ୟାଚ ପରାସ୍ତ ହୋଇଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟରେ ଇ ପୂଲରେ ସାନ ବାମନଗୁଡା ୨ଟି ଲିଗ ମ୍ୟାଚ ଖେଳି ଫାଇନାଲ୍‌ରେ ପହଞ୍ଚିରହିଥିବା ସୂଚନା ରହିଥିବା ବେଳେ କରଞ୍ଜା ଇ ଟିମ ଚାଞ୍ଚନାଗୁଡ଼ା ଦଳକୁ ପରାସ୍ତ କରି ସେମିଫାଇନାଲରେ ଖରଯୋଡ଼ା ସହିତ ଖେଳିବେ । ସେହିପରି ଖରଯୋଡ଼ା ଦୋଳ ଅଡାବାଡ଼ି ଦୋଳକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଥିବା ଦେଖିବାକୁ ମିଳିଛି । କରଞ୍ଜା ଏ ଓ ଖରଯୋଡ଼ା ମଧ୍ୟରେ ଯେଉଁ ଦଳ ବିଜୟ ଲାଭ କରିବ ସେହି ଦଳ ଉକ୍ତ ସେମିଫାଇନାଲ ମ୍ୟାଚ ପରେ ସାନ ବାମନଗୁଡା ସହିତ ଫାଇନାଲ ମ୍ୟାଚ ଖେଳିବ । ଆଜି ସାନ ବାମନଗୁଡା ସହ ଖରଯୋଡ଼ା ସହିତ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉକ୍ତ ଫାଇନାଲ ମ୍ୟାଚରେ ଖରଯୋଡ଼ା ବିଜୟୀ ହୋଇଛି । ଏଥିରେ ମୁଖ୍ୟ ଅତିଥି ଲକ୍ଷ୍ମଣ ପ୍ରେପକାଥିବା ବେଳେ ସମ୍ମାନୀୟ ଅତିଥି ତ୍ରିନାଥ ହିକକା, ଅର୍ଜୁନ ବାଗ, ରହିଥିଲେ । ଉକ୍ତ ମ୍ୟାଚରେ ଉଦ୍‌ଘାଟନ ମ୍ୟାଚରୁ ଫାଇନାଲ ମ୍ୟାଚ ପର୍ଯ୍ୟନ୍ତ ସନ୍ତୋଷ କୌଶଲ୍ୟା, ଆପାରାଓ କାଡ୍ରାକା, ସଦା ହିକକା, ଗୌରୀ ମିନିଆକା, କୈଳାସ ପ୍ରେପକା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।



## ବେଙ୍ଗାଲୁରୁ ଦଳାଚକଟା ଘଟଣା


# ଆର୍‌ସିବି ଓ ବିସିସିଆଇକୁ ଦାୟୀ କଲେ ସରକାର




ବେଙ୍ଗାଲୁରୁ: ଜୁନ ୪ରେ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ବୁଧବାର ଦିନ ହାଇକୋର୍ଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଏବଂ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଦାୟୀ କରିଛନ୍ତି କର୍ଣ୍ଣାଟକ ସରକାର । ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମ ପାଇଁ ଆଗରୁ କୌଣସି ଅନୁମତି ନିଆଯାଇନଥିଲା । ଏପରିକି ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ କହିଥିଲେ ବୋଲି କର୍ଣ୍ଣାଟକ ସରକାର ପ୍ରକାଶ କରିଛନ୍ତି । ଆରସିବିର ମାର୍କେଟିଂ ହେଡ ନିଖିଲ ସୋସଲେଙ୍କୁ ଏହି ମାମଲାରେ ଗିରଫ କରାଯାଇଛି । ଯାହାକୁ ସେ ଅବୈଧ ବୋଲି କହିଛନ୍ତି । ପୋଲିସ ଅନ୍ୟ ଅଧିକାରୀମାନଙ୍କୁ କେବଳ ନିଲମ୍ବିତ କରିଥିବାବେଳେ ନିଖିଲଙ୍କୁ କାହିଁକି ଗିରଫ କରିଛି । ଏନେଇ ମଧ୍ୟ ନିଖିଲ କୋର୍ଟରେ ଯୁକ୍ତି କରିଥିଲେ । ତେବେ ହାଇକୋର୍ଟ ନିଖିଲ ସୋସଲେ ଏବଂ ଅନ୍ୟ ଚାରି ଜଣଙ୍କ ଗିରଫଦାରୀକୁ ଚ୍ୟାଲେଞ୍ଜ କରି ଏହି ଆବେଦନର ଶୁଣାଣି କରୁଛନ୍ତି । ଗତ ଜୁନ୍ ୪ ତାରିଖରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆରସିବିର ବିଜୟ ପରେଡ୍ ସମୟରେ ଦଳାଚକଟାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ଆହତ ହୋଇଥିଲେ । ସେଠାକୁ ୩ରୁ ୪ ଲକ୍ଷ ପ୍ରଶଂସକ ଆସିଥିଲେ ଯାହାକି ଷ୍ଟାଡିୟମର କ୍ଷମତାଠାରୁ ବହୁତ ଅଧିକ ଥିଲା ।ଯାହାଫଳରେ ଏହିପରି ଏକ ଦୁଃଖଦ ଘଟଣା ଘଟିଥିବା ନେଇ କୁହାଯାଉଛି ।

## ବେଙ୍ଗାଲୁରୁ ଦଳାଚକଟା ଘଟଣା

# ବିଜୟୀ ଉତ୍ସବ ପାଇଁ ବିସିସିଆଇର ନିର୍ଦ୍ଦେଶାବଳୀ ପ୍ରସ୍ତୁତ



ନୂଆଦିଲ୍ଲୀ : ଆର୍‌ସିବିର ପ୍ରଥମ ଆଇପିଏଲ୍ ଟାଇଟଲର ବିଜୟ ଉତ୍ସବ ଏକ ଦୁଃଖଦ ମୋଡ଼ ନେଇଥିଲା ଯେତେବେଳେ ଏକ ଦଳାଚକଟା ପରିସ୍ଥିତିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଆଇପିଏଲ୍ ବିଜୟ ପରେ ଉତ୍ସବ ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ଯାଉଛି । ବେଙ୍ଗାଲୁରୁରେ ସମ୍ପ୍ରତି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଉତ୍ସବ ଦୁଃଖଦ ପାଲଟିବା ପରେ ଏହି ପଦକ୍ଷେପ ନିଆଯାଇଛି, ଯାହା ଫଳରେ ୧୧ ଜଣ ପ୍ରଶଂସକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ । ଆଗାମୀ ଘରୋଇ ସିଜିନ୍ ଏବଂ ଆଗାମୀ ବର୍ଷ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଘରୋଇ ହ୍ୱାଇଟ୍-ବଲ୍ ସିରିଜ୍ ପାଇଁ ଯାତ୍ରା କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବା ପାଇଁ ବିସିସିଆଇ ଶନିବାର ଏହାର ସର୍ବୋଚ୍ଚ ପରିଷଦର ଏକ ବୈଠକ ସ୍ଥିର କରିଛି । ବୈଠକ ଅନଲାଇନରେ ଅନୁଷ୍ଠିତ ହେବ । ସୂତ୍ରରୁ ପ୍ରକାଶ ଯେ ବିସିସିଆଇ ଏହି ଉତ୍ସବର ମନୋଭାବକୁ ହ୍ରାସ ନକରି ଟ୍ରଫି ପାଳନକୁ ନିୟନ୍ତ୍ରଣ କରିବାର ଉପାୟ ଅନୁସନ୍ଧାନ କରୁଛି । କ୍ରିକବଜ୍ ସମ୍ପ୍ରତି ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ ବୋର୍ଡ ଏହି ସମ୍ପର୍କରେ ଆନୁଷ୍ଠାନିକ ନିର୍ଦ୍ଦେଶାବଳୀ ପ୍ରଣୟନ କରିବାକୁ ବିଚାର କରୁଛି । ଏହି ସମୟରେ, ବିସିସିଆଇ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜର ତାରିଖ ଏବଂ ସ୍ଥାନ ଚୂଡ଼ାନ୍ତ କରିବ, ଯେଉଁଥିରେ ତିନୋଟି ଦିନିକିଆ ଏବଂ ପାଞ୍ଚଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ । ଏହି ସିରିଜଟି ଅଧିକ ଗୁରୁତ୍ୱ ରଖେ, କାରଣ ଏହା ଟି-୨୦ ବିଶ୍ୱକପ୍ ପୂର୍ବରୁ ଏକ ପ୍ରମୁଖ ପ୍ରସ୍ତୁତି ସିରିଜ୍ ଭାବରେ କାର୍ଯ୍ୟ କରିବ, ଯାହା ୨୦୨୬ ଫେବୃଆରୀ-ମାର୍ଚ୍ଚ ମାସରେ ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଯାଉଛି - ଏକ ମାସରୁ କମ୍ ସମୟ ପରେ ।' ଗତ ବର୍ଷ ପରି, ଘରୋଇ ସିଜିନ୍ ସେପ୍ଟେମ୍ବରରେ ଦୁଲୀପ ଟ୍ରଫି ସହିତ ଆରମ୍ଭ ହେବ କିନ୍ତୁ ସର୍ବୋଚ୍ଚ ପରିଷଦକୁ ଘରୋଇ କାର୍ଯ୍ୟସୂଚୀ ପାଇଁ ଅନୁମୋଦନର ମୋହର ଦେବାକୁ ପଡିବ । ଦୁଲୀପ ଟ୍ରଫି ଏକ ଆନ୍ତଃ-ଜୋନାଲ ବ୍ୟାପାର ହେବ ।

# ଆର୍‌ସିବି କର୍ମଚାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ

ନୂଆଦିଲ୍ଲୀ: ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାର୍କେଟିଂ ଏବଂ ରାଜସ୍ୱ ମୁଖ୍ୟ, ନିଖିଲ ସୋସାଲେଙ୍କୁ ମଧ୍ୟ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଛି, କିନ୍ତୁ ତାଙ୍କୁ ତାଙ୍କ ପାସପୋର୍ଟ ମଧ୍ୟ ଆତ୍ମସମର୍ପଣ କରିବାକୁ କୁହାଯାଇଛି । ଜୁନ୍ ୪ ରେ ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ସମୟରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ପରେ ସୋସାଲେ ଏବଂ ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ନେଟୱାର୍କର ଦୁଇ କର୍ମଚାରୀ, କିରଣ କୁମାର (ବରିଷ୍ଠ ଇଭେଣ୍ଟ ମ୍ୟାନେଜର) ଏବଂ ସୁନୀଲ ମାଥ୍ୟୁ (ଉପସଭାପତି - ବ୍ୟବସାୟ ବ୍ୟାପାର)ଙ୍କୁ ଗତ ଶୁକ୍ରବାର (ଜୁନ୍ ୬) ଗିରଫ କରାଯାଇଥିଲା, ଯାହା ଫଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା । ଶୁକ୍ରବାର, ଜୁନ୍ ୬ ତାରିଖ ପ୍ରତ୍ୟୁଷରେ କେନ୍ଦ୍ରୀୟ ଅପରାଧ ଶାଖା ଦ୍ୱାରା ସୋସାଲେଙ୍କୁ ବିମାନବନ୍ଦରରୁ ଉଠାଇ ନିଆଯାଇଥିଲା । ଶୁକ୍ରବାର ଦିନ କର୍ଣ୍ଣାଟକ ହାଇକୋର୍ଟରେ ସୋସାଲେଙ୍କ ଓକିଲ ଗିରଫଦାରୀର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ କିନ୍ତୁ ମାମଲାକୁ ଏହି ସପ୍ତାହ ଆରମ୍ଭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ହାଇକୋର୍ଟ ବୁଧବାର ପର୍ଯ୍ୟନ୍ତ ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ ଏବଂ ଗୁରୁବାର (ଜୁନ୍ ୧୨) ଅପରାହ୍ନରେ ନିଷ୍ପତ୍ତି ଘୋଷଣା କରିଥିଲେ । ପୋଲିସ ଦ୍ୱାରା ଦାୟର କରାଯାଇଥିବା ଏଫଆଇଆର ଯାହା ଗିରଫଦାରୀକୁ ନେଇଥିଲା, ସେଥିରେ ଲେଖାଥିଲା: 'ପ୍ରାୟ ୩୫,୦୦୦ ଲୋକଙ୍କ ବସିବା କ୍ଷମତା ଥିବା ଷ୍ଟାଡିୟମକୁ କିପରି ପ୍ରବେଶ କରାଯିବ ସେ ବିଷୟରେ ଆୟୋଜକଙ୍କ ଦ୍ୱନ୍ଦ୍ୱ ଯୋଗୁଁ ଭିଡ଼ ଅନିୟନ୍ତ୍ରିତ ହୋଇଗଲା ।




# ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ପାଇଁ ଦାବି କରାଯାଇଥିବା ଅଭିଯୋଗ

**ଧାରା ୮୨ ସିଆର୍. ପି.ସି. ଦେଖନ୍ତୁ**

ଯେତେବେଳେ ମୋ ସମ୍ମୁଖରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ଯଥା : **ସୁନୟା ମଣ୍ଡଳ, ପୁଅ ସୁକୁ ମଣ୍ଡଳ, ଆବାସିକ ଗ୍ରାମ ଚୁଡଙ୍ଗପୁର, ପିଏସ୍-ଆଡଭା, ଜିଲ୍ଲା-ଗଜପତି, ଓଡ଼ିଶା ଦିଲ୍ଲୀର ପିଏସ୍ ନୂଆଦିଲ୍ଲୀ ରେଳ ଷ୍ଟେସନରେ ପଞ୍ଜିକୃତ ଏଫଆଇଆର୍ ନମ୍ବର ୭୩୭/୨୦୧୬ ୟୁ/ଏସ୍ ୨୦/୨୯ ଏନ୍‌ଡିପିଏସ୍ ଆକ୍ଟ** ଅନୁଯାୟୀ ଏକ ମାମଲାରେ ଅପରାଧ କରିଛନ୍ତି (ଅଥବା କରିଥିବା ସନ୍ଦେହ କରାଯାଉଛି) ଏବଂ ଏହା ପରେ ଜାରି ହୋଇଥିବା ଗିରଫ ପରୱାନା ଅନୁଯାୟୀ ଫେରସ୍ତ କରାଯାଇଛି ଯେ ଉକ୍ତ **ସୁନୟା ମଣ୍ଡଳ**ଙ୍କୁ ମିଳିପାରି ନାହିଁ ଏବଂ ମୋର ସନ୍ତୋଷ ପାଇଁ ଏହା ଦର୍ଶାଯାଇଛି ଯେ ଅଭିଯୁକ୍ତ **ସୁନୟା ମଣ୍ଡଳ** ପଳାତକ ଅଛନ୍ତି (ଅଥବା ଉକ୍ତ ୱାରେଣ୍ଟର ସେବାରୁ ବଞ୍ଚିବା ପାଇଁ ନିଜକୁ ଲୁଚାଉଛନ୍ତି) ।

ଏହି ଘୋଷଣା ଦ୍ୱାରା ଘୋଷଣା କରାଯାଉଛି ଯେ **ଏଫ୍ଆଇଆର୍ ନଂ.୭୩୭/୨୦୧୬ ୟୁ/ଏସ୍ ୨୦/୨୯ ଏନ୍‌ଡିପିଏସ୍ ଆକ୍ଟ ପି.ଏସ୍. ନୂଆଦିଲ୍ଲୀ** ରେଳ ଷ୍ଟେସନରେ ଅଭିଯୁକ୍ତ ଉକ୍ତ **ସୁନୟା ମଣ୍ଡଳଙ୍କୁ ୧୭.୦୭.୨୦୨୫**ରେ କିମ୍ବା ତା ପୂର୍ବରୁ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ କୋର୍ଟରେ ଉପସ୍ଥିତ ହେବାକୁ ପଡିବ ।

ଆଦେଶ ଅନୁଯାୟୀ, ଏକତା ଗୌବା ମାନ
ସ୍ୱତନ୍ତ୍ର ବିଚାରପତି ଏନ୍‌ଡିପିଏସ୍, କେନ୍ଦ୍ରୀୟ,
ରୁମ୍. ନଂ-୧, ତିସ୍ ହଜାରୀ କୋର୍ଟ, ଦିଲ୍ଲୀ

DP/7449/RLY/2025
(କୋର୍ଟ ମ୍ୟାଟର)

# ଡନ୍ ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିଲେ ଷ୍ଟିଭ୍ ସ୍ମିଥ୍




ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ପ୍ରମୁଖ ବ୍ୟାଟର ଷ୍ଟିଭ୍ ସ୍ମିଥ୍ ଦକ୍ଷିଣ ଆଫ୍ରିକା ବିପକ୍ଷେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲର ପ୍ରଥମ ଦିନରେ ଐତିହାସିକ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଜଣେ ବିଦେଶୀ ବ୍ୟାଟର ଭାବେ ସର୍ବାଧିକ ରନ୍ ସଂଗ୍ରହର ନୂଆ ରେକର୍ଡ ସ୍ଥାପନ କରିଛନ୍ତି । ୧୧୨ ବଲରୁ ୬୬ ରନର ଇନିଂସରେ, ଯେଉଁଥିରେ ୧୦ଟି ବାଉଣ୍ଡାରୀ ଥିଲା, ସ୍ମିଥ୍ ଅଷ୍ଟ୍ରେଲିଆର ଅନ୍ୟ ଖେଳାଳି ୱାରେନ୍ ବାର୍ଡସ୍ଲେଙ୍କ ୭ ଇନିଂସରେ ୫୭୫ ରନ୍ (ହାରାହାରି ୧୧୫) ରେକର୍ଡକୁ ଅତିକ୍ରମ କରି ଏହି ବିରାଟ କୃତିତ୍ୱ ହାସଲ କରିଛନ୍ତି, ଯାହା ଇତିହାସରେ 'କ୍ରିକେଟର ଘର' ଭାବେ ପରିଚିତ । ସ୍ମିଥ୍ ମଧ୍ୟ ଦିଗଜ ବ୍ୟାଟର ଡନ୍ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିଛନ୍ତି, ଯିଏ ଲର୍ଡସରେ ୮ ଇନିଂସରେ ୫୫୧ ରନ୍ ସଂଗ୍ରହ କରିଥିଲେ । ୱେଷ୍ଟ ଇଣ୍ଡିଜର ମହାନ ଖେଳାଳି ଗ୍ୟାରି ସୋବର୍ସଙ୍କ ସଂଗ୍ରହ ଥିଲା ୫୭୧ । ୫୯୧ ରନ୍ ସହିତ ସ୍ମିଥ୍ ବର୍ତ୍ତମାନ ୧୪୧ ବର୍ଷରେ (୧୮୮୪ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଲର୍ଡସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟକୁ ଆଧାର କରି) ପ୍ରଥମ ଅଣ-ଇଂରେଜ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି, ଯିଏ ଏହି ଗ୍ରାଉଣ୍ଡରେ ୫୯୦ ରନ୍ ଅତିକ୍ରମ କରିଛନ୍ତି । ୨୦୨୫ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ, ୩୬ ବର୍ଷୀୟ ସ୍ମିଥ୍ ଏହି ଐତିହାସିକ ଷ୍ଟାଡିୟମରେ ପୂର୍ବରୁ ତିନୋଟି ଅର୍ଦ୍ଧଶତକ ଓ ଦୁଇଟି ଶତକ ହାସଲ କରିଥିଲେ, ଯେଉଁଥିରେ ୨୦୧୫ରେ ଇଂଲଣ୍ଡ ବିପକ୍ଷେ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ୨୧୫ ରନର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରହିଛି । ୬୬ ରନର ଇନିଂସ ସହିତ ସ୍ମିଥ୍ ଗତ ୬ଟି ଟେଷ୍ଟରେ ଅଷ୍ଟ୍ରେଲିଆ ପାଇଁ ଚାରୋଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଇନିଂସ ସ୍ମିଥଙ୍କୁ ଡଞ୍ଜଉ ଫାଇନାଲରେ ଏକାଧିକ ୫୦-ରୁ ଅଧିକ ସ୍କୋର କରିଥିବା ପ୍ରଥମ ଓ ଏକମାତ୍ର ବ୍ୟାଟର ଭାବେ ପରିଚୟ ଦେଇଛି । ସ୍ମିଥ୍ ବର୍ତ୍ତମାନ ଇଂଲଣ୍ଡ ମାଟିରେ ଖେଳା ଯାଇଥିବା ଟେଷ୍ଟ ମ୍ୟାଚରେ ଅଣ-ଇଂରେଜ ବ୍ୟାଟର ଭାବେ ସର୍ବାଧିକ ୫୦-ରୁ ଅଧିକ ସ୍କୋରର ରେକର୍ଡ କରିଛନ୍ତି । ସ୍ମିଥଙ୍କ ନାମରେ ଇଂଲଣ୍ଡରେ ଟେଷ୍ଟରେ ୧୮ଟି ୫୦-ରୁ ଅଧିକ ସ୍କୋର ରହିଛି, ଯାହା ଦିଗଜ ବ୍ୟାଟର ଆଲାନ ବର୍ଡର ଓ ଭିଭ ରିଚାର୍ଡସଙ୍କ ୧୭ଟି ୫୦-ରୁ ଅଧିକ ଟେଷ୍ଟ ସ୍କୋରକୁ ଅତିକ୍ରମ କରିଛି ।

# ୨୨ରୁ ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା

ODISHA JU-JITSU ASSOCIATION

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡିଶା ଜୁ -ଜିତସୁ ସଂଘ ଆନୁକୂଲ୍ୟରେ ରାଜ୍ୟ କ୍ୟାଡେଟ, ଜୁନିଅର ଓ ସିନିୟରଙ୍କୁ ଜିତସୁ ପ୍ରତିଯୋଗୀତା ଚଳିତ ମାସ ୨୨ ତାରିଖ (ରବିବାର ) ରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗୀତାକୁ ଜାତୀୟ ଓ ରାଜ୍ୟ ସଂଘର ଅଧିକାରୀ ମାନେ ପରିଚାଳନା କରିବେ । ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ଓ ଓଜନ ବର୍ଗରେ ମହିଳା ଓ ପୁରୁଷ ତଥା ଛାତ୍ର ଓ ଛାତ୍ରୀ ଅଂଶ ଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳି ମାନେ ଜାତୀୟ ଜୁ ଜିତସୁ ପ୍ରତିଯୋଗୀତା ପାଇଁ ମନୋନିତ ହେବେ । ପ୍ରତିଯୋଗିତାରେ ଭାଗ ନେବାକୁ ବା ଏହି ରାଜ୍ୟ ପ୍ରତିଯୋଗୀତା ବିଷୟରେ ଅଧିକ ସୂଚନା ପାଇବା ପାଇଁ ଚାହୁଁଥିବା ଆଗ୍ରହୀ ପ୍ରତିଯୋଗୀମାନେ ରାଜ୍ୟ ସଂଘର କର୍ମ କର୍ତ୍ତାଙ୍କ ସହ ୯୮୨୭୮୭୨୭୨୦ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

**कार्यपालक अभियन्ता का कार्यालय**
**लघु सिंचाई प्रमंडल,राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक................../ राँची, दिनांक ......../......../2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का प्रखण्ड– चान्हो अन्तर्गत सिलागाई सोलर उद्भव सिंचाई योजना का निर्माण कार्य का समाचार पत्रों में प्रकाशित निविदा जिसका PR No.353106 Minor Irrigation (25-26)*D है। निम्नलिखित संशोधन किया गया है जो निम्नप्रकार है:–

| क्र०सं० | विवरणी | पूर्व की तिथि | संशोधित तिथि |
|---|---|---|---|
| 01 | Date of Publication of Tender on Website | Date: 12.06.2025 Time: 2.00 PM | Date: 20.06.2025 Time: 2.00 PM |
| 02 | Last Date/Time for downloading of bidding documents and Submission of Tender on Website | Date: 18.06.2025 Time: 5.00 PM | Date: 26.06.2025 Time: 5.00 PM |
| 03 | Submission of Tender Fee and EMD | Start Date:-12.06.2025 Time:- 2.00 PM Last Date:- 18.06.2025 Time:- 5.00 PM | Start Date:-20.06.2025 Time:- 2.00 PM Last Date:- 26.06.2025 Time:- 5.00 PM |
| 04 | Technical Bid Opening Date | Date: 18.06.2025 Time: 2.00 PM | Date: 28.06.2025 Time: 2.00 PM |

निविदा की शेष सभी शर्ते यथावत् रहेगी।
विश्वासभाजन
कार्यपालक अभियन्ता,लघु सिंचाई प्रमंडल, राँची
PR 354804 Minor Irrigation(25-26).D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जामताड़ा**

**ई–पुर्ननिविदा आमंत्रण सूचना**

ई0–पुर्ननिविदा संख्या :– 09/RI/2025-26/RWD/JAMTARA दिनांक–10.06.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि / अवधि |
|---|---|---|---|---|---|
| | | | अंक में | अक्षर में | |
| 1 | RWD /JAMTARA/ 28/RI/2024-25 | कालीपाथर मोड़ से सुगनीबासा पथ निर्माण कार्य –1.350 कि0मी0 (प्रखंड– कुण्डहित) | 12730000.00 | एक करोड़ सताईस लाख तीस हजार मात्र | 09 माह |

2. बेवसाईट में निविदा प्रकाशन की तिथि : 19.06.2025
3. ई–पुर्ननिविदा प्राप्ति की अंतिम तिथि एवं समय :– 03.07.2025 अपराहन् 5:00 बजे।
4. निविदा खोलने की तिथि एवं समय: 05.07.2025 अपराहन् 3:30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा, ब्लॉक–सी, प्रथम तल्ला, कम्बाईड बिल्डिंग, जामताड़ा, पिन–815351

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

कार्यपालक अभियंता
ग्रा0का0वि0, कार्य प्रमंडल, जामताड़ा
PR 354823 Building(25-26)#D



ଆଜିକାଲିର ବ୍ୟସ୍ତ ବହୁଳ ଜୀବନ ଭିତରେ ଅଣ୍ଟା ବିନ୍ଧା ସାଧାରଣ ସମସ୍ୟା। ପ୍ରତ୍ୟେକ ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ଆଘାତ, ଓଜନିଆ ଜିନିଷ ଉଠାଇବା, ଅଧିକ ସମୟ ନଇଁକି କାମ କରିବା, ଗୋଟିଏ ଜାଗାରେ ଅଧିକ ସମୟ ବସି ରହିବା ଯୋଗୁ ମଧ୍ୟ ଅଣ୍ଟା ବିନ୍ଧା ସମସ୍ୟା ହେଉଛି। ତେବେ ଏକ ରିସର୍ଚ୍ଚରୁ ଜଣା ପଡିଛି ଯେ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କର ଅଧିକ ଅଣ୍ଟା ବିନ୍ଧା ହୋଇଥାଏ।ମହିଳାମାନଙ୍କର ଅଣ୍ଟା ବିନ୍ଧା ପଛରେ ଅନେକ କାରଣ ରହିଛି। ତେବେ ଆସନ୍ତୁ ଜାଣିବା ସେହି କାରଣ ବିଷୟରେ।୪୦ ବର୍ଷ ଡେଇଁବା ପରେ ମହିଳାଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ୍ ସମସ୍ୟା ଦେଖାଯାଇଥାଏ। ଏହି ବୟସ ଅତିକ୍ରାନ୍ତ ହେବା ପରେ ପ୍ରାୟ ମହିଳାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ମହିଳାଙ୍କର ଅଣ୍ଟା, ପିଠିଓ ବେକରେ ଯନ୍ତଣା ହୋଇଥାଏ। ଏହା ସହ ଅଧିକ ସମୟ ନଇଁକି କାମ କରିବା ଓ ଗୋଟିଏ ଜାଗାରେ ଅଧିକ ସମୟ ବସି ରହିବା ଯୋଗୁ ମଧ୍ୟ ଅଣ୍ଟା ବିନ୍ଧା ହୋଇଥାଏ। ମୋଟାପଣ ମଧ୍ୟ ଅଣ୍ଟା ବିନ୍ଧା ହେବାର ଏକ ମୁଖ୍ୟ କାରଣ। ମହିଳାମାନେ ଅଧିକ ମୋଟା ହେବା ଦ୍ୱାରା ଠିକରେ ଚାଲିବୁଲି ପାରନ୍ତି ନାହିଁ। କୌଣସି କାର୍ଯ୍ୟ ଶୀଘ୍ର କରିପାରନ୍ତି ନାହିଁ। ଏଥିପାଇଁ ମହିଳା ଅଣ୍ଟା ଓ ଆଣ୍ଠୁ ବିନ୍ଧା ହୋଇଥାଏ। ବିଶେଷ କରି ବସିଥିବା ସମୟରେ ମେରୁଦଣ୍ଡକୁ ସିଧା ରଖିବା ବସିବା ଉଚିତ୍। ଏହା ସହିତ ପ୍ରତିଦିନ ବ୍ୟାୟାମ କରିବା ଉଚିତ୍ । ମହିଳାମାନଙ୍କ ଋତୁସ୍ରାବ ବା ପିରିୟଡ୍ ପାଇଁ ଅଣ୍ଟା ବିନ୍ଧା ହୋଇଥାଏ। ଠିକ୍ ସମୟରେ ଋତୁସ୍ରାବ ନହେଲେ ଅଣ୍ଟା ବିନ୍ଧା ହୋଇଥାଏ । ସେହିପରି ମହିଳାମାନଙ୍କର ବିଳମ୍ବିତ ଗର୍ଭଧାରଣ ମଧ୍ୟ ଅଣ୍ଟା ବିନ୍ଧିବାର ମୁଖ୍ୟ କାରଣ ହୋଇଥାଏ। ଏହାସହ ଗର୍ଭଧାରଣ ସମୟରେ ଅଣ୍ଟା ମଧ୍ୟ ବିନ୍ଧିଥାଏ ।



# ଅଜୀର୍ଣ୍ଣ ସମସ୍ୟା ଥିଲେ ଜାଣନ୍ତୁ...



*ଆଜିକାଲି ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ଅନେକେ ମନ ବଳାଇଥାଆନ୍ତି। ଏହି ସମୟରେ ନିଜ ଲୋଭକୁ ସମ୍ବରଣ କରି ନ ପାରି ଆମେ ଅଜୀର୍ଣ୍ଣ ସମସ୍ୟା ସମ୍ମୁଖୀନ ହୋଇଥାଉ। କାରଣ ସେତେବେଳେ ଜଣେ ଏଭଳି ଖାଦ୍ୟ ଖାଇଥାଆନ୍ତି ଯାହା ସହଜରେ ହଜମ ହୋଇ ନ ଥାଏ। ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଠାରୁ ନିଜକୁ ଦୂରେଇ ନ ରଖିଲେ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିବାର ଆଶଙ୍କା ରହିଛି....*

### ଅଜୀର୍ଣ୍ଣ ସମସ୍ୟାରୁ କେମିତି ଦୂରେଇବେ ?

■ ସବୁବେଳେ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

■ ଖାଇବାର ସମୟ ଠିକ୍ ରଖନ୍ତୁ। ସବୁବେଳେ ଠିକ୍ ସମୟରେ ଖାଆନ୍ତୁ।

■ ଖାଇବା ମଧ୍ୟରେ ଯଦି ଅଧିକ ବ୍ୟବଧାନ ରହିଲା, ତେବେ ତାହା ପେଟରେ ଏସିଡିଟି ସୃଷ୍ଟି କରିଥାଏ। ଏହାବ୍ୟତୀତ ଖାଉଥିବା ଖାଦ୍ୟ ମଧ୍ୟ ହଜମ ହୋଇ ନ ଥାଏ। ଏକାଥରେ ପୁଲାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଇଲେ ଭଲ।

■ ସବୁବେଳେ ସୁଖାଦ୍ୟ ଖାଆନ୍ତୁ। ଯଦି ବିଳମ୍ବିତ ରାତ୍ରଭୋଜନ ଅଭ୍ୟାସ ରହିଛି ତେବେ ତାହାକୁ ବଦଳାନ୍ତୁ। କାରଣ ଏହା ହେଉଛି ଅଜୀର୍ଣ୍ଣ ସମସ୍ୟାର ଆଉ ଏକ କାରଣ। ରାତ୍ରଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ।

# ମେଡେ' କଲ୍ କ'ଣ ?

## କେଉଁଠି ବ୍ୟବହାର କରାଯାଏ ଜାଣନ୍ତୁ?

ଯେତେବେଳେ ବିମାନର ଜଣେ ପାଇଲଟ କିମ୍ବା କ୍ୟାପ୍ଟେନ ବହୁତ ଗମ୍ଭୀର ସମସ୍ୟାରେ ପଡ଼ିଥାନ୍ତି, ଯେପରିକି ଯାନ୍ତ୍ରିକ ବିଫଳତା, ଅଗ୍ନିକାଣ୍ଡ କିମ୍ବା ଦୁର୍ଘଟଣାର ଆଶଙ୍କା, ସେତେବେଳେ ସେ ରେଡିଓରେ 'ମେଡେ, ମେଡେ, ମେଡେ' କୁହନ୍ତି। ଏହି କଲ ଅନ୍ତର୍ଜାତୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଛି, ଯାହା ଦର୍ଶାଏ ଯେ ଜୀବନ ପ୍ରତି ବିପଦ ଅଛି ଏବଂ ତୁରନ୍ତ ସାହାଯ୍ୟ ଆବଶ୍ୟକ।

ମେଡେ' ଶବ୍ଦର କାହାଣୀ କ'ଣ ?

ଏହି ଶବ୍ଦଟି ୧୯୨୩ ମସିହାରେ ଲଣ୍ଡନର କ୍ରୋଏଡନ ବିମାନବନ୍ଦରରୁ ଆରମ୍ଭ ହୋଇଥିଲା। ସେଠାକାର ଜଣେ ରେଡିଓ ଅଧିକାରୀ ଫ୍ରେଡେରିକ ମକଫୋର୍ଡ ଏହାକୁ ଆରମ୍ଭ କରିଥିଲେ। ସେ ଏହାକୁ ଫରାସୀ ଶବ୍ଦ ମେ' ଆଇଡରରୁ ନେଇଥିଲେ, ଯାହାର ଅର୍ଥ ହେଉଛି- "ମୋତେ ସାହାଯ୍ୟ କରନ୍ତୁ!" ପରେ ୧୯୪୮ ମସିହାରେ, ଏହାକୁ ଅନ୍ତର୍ଜାତୀୟ ନିୟମରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ପ୍ରତ୍ୟେକ ଦେଶର ପାଇଲଟ ଜରୁରୀକାଳୀନ ସ୍ଥିତିରେ ସମାନ ଶବ୍ଦ ବ୍ୟବହାର କରିପାରିବେ।

କେବଳ ପାଇଲଟ ନୁହେଁ, ଅନ୍ୟ କିଏ ଏହାକୁ ବ୍ୟବହାର କରନ୍ତି ?



ମେଡେ କେବଳ ବିମାନ ପାଇଁ ନୁହେଁ। ଅନେକ ଦେଶର ସିପ୍ଲେନ, ଅଗ୍ନିଶମ ବାହିନୀ, ପୋଲିସ ଏବଂ ସଡ଼କ ପରିବହନ ସଂସ୍ଥା ମଧ୍ୟ ଏହାକୁ ବ୍ୟବହାର କରନ୍ତି। କେତେକ ସମୟରେ ଏହା ମଧ୍ୟ ଘଟେ ଯେ ସମସ୍ୟାରେ ଥିବା ବିମାନ କିମ୍ବା ଜାହାଜର ରେଡିଓ କାମ କରୁନାହିଁ। ତା'ପରେ ଅନ୍ୟ ଏକ ବିମାନ କିମ୍ବା ଜାହାଜ ତାଙ୍କ ପକ୍ଷରୁ ମେଡେ ରିଲେ କଲ କରେ। ଆମେରିକା ଭଳି ଦେଶରେ, ଯଦି କେହି ମିଥ୍ୟା ମେଡେ କଲ କରନ୍ତି, ତେବେ ତାଙ୍କୁ ୬ ବର୍ଷ ଜେଲ ଏବଂ ୨.୫ ଲକ୍ଷ ଡଲାର (ପ୍ରାୟ ୨ କୋଟି ଟଙ୍କା) ପର୍ଯ୍ୟନ୍ତ ଜରିମାନା ହୋଇପାରେ।



# 'ବାଳିକା ବଧୂ'ଙ୍କର ସରିଲା ନିର୍ବନ୍ଧ

ଲୋକପ୍ରିୟ ଟିଭି ସିରିଏଲର 'ବାଳିକା ବଧୂ'ର ଅଭିନେତ୍ରୀ ଅବିକା ଗୋରଙ୍କୁ ନେଇ ବଡ ଅପଡେଟ୍ ଆସିଛି। ଅଭିନୟର ଝଲକରେ ଦର୍ଶକଙ୍କ ମନକୁ ଜିତିଥିବା ଅଭିନେତ୍ରୀ ଅବିକାଙ୍କ ନିର୍ବନ୍ଧ ଫଟୋ ଏବେ ସାମ୍ନାକୁ ଆସିଛି । ଯେଉଁ ଫଟୋରେ ତାଙ୍କ ସହ ପ୍ରେମିକ ମିଲିନ୍ଦ ଚାନ୍ଦୱାନୀଙ୍କର ନିର୍ବନ୍ଧ ହୋଇଥିବା ଦେଖିବାକୁ ମିଳୁଛି । ଯାହା ବର୍ତ୍ତମାନ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ଫ୍ୟାନ୍ସଙ୍କ ସହ ଖୁସିର ମୁହୂର୍ତ୍ତକୁ ସେୟାର କରିଛନ୍ତି । ସେୟାର ହୋଇଥିବା ଫଟୋକୁ ଦେଖି ଫ୍ୟାନ୍ସ ଅନେକ ଶୁଭେଚ୍ଛା ଜଣାଉଛନ୍ତି । ଯାହା ଏବେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଚହଳ ସୃଷ୍ଟି କରିଛି । ଏହି ଫଟୋରେ ଦୁହେଁ ସେମାନଙ୍କ ନିର୍ବନ୍ଧ ପାଇଁ ମ୍ୟାଚିଂ କରି ଗେଟଅପ୍ ନେଇଥିବା ଦେଖିବାକୁ ମିଳିଛି । ଯେଉଁଥିରେ ଦୁହେଁ ଖୁବ୍ ସୁନ୍ଦର ଦିଶୁଥିବା ନଜର ଆସିଛନ୍ତି । ନିର୍ବନ୍ଧ ପାଇଁ ଅବିକା ଗୋର୍ ଏକ ସୁନ୍ଦର ଗୋଲାପୀ ରଙ୍ଗର ଶାଢ଼ି ପିନ୍ଧିଥିଲେ। ଏହା ସହିତ ସେ ଏକ ସ୍ଲିଭଲେସ୍ ବ୍ଲାଉଜ୍ ପିନ୍ଧିଥିଲେ । ଗୋଲାପୀ ରଙ୍ଗର ହାର ଏବଂ କାନଫୁଲ ସହିତ ତାଙ୍କର ଲୁକଟିକୁ କମ୍ପ୍ଲିଟ୍ କରିଥିଲେ । ଏହା ସହିତ ଆହୁରି କିଛି ଫଟୋରୁ ମଧ୍ୟ ଦେଖିବାକୁ ମିଳିଥିଲା । ଯେଉଁଥିରେ ମିଲିନ୍ଦ ତାଙ୍କ ଆଙ୍ଗୁଠିରେ ମୁଦି ପିନ୍ଧୁଥିବାର ଦେଖିବାକୁ ମିଳିଥିଲା । ଅନ୍ୟଟିରେ ଅବିକା ମିଲିନ୍ଦଙ୍କ ଗାଲକୁ କିସ୍ କରୁଥିବାର ମଧ୍ୟ ନଜର ଆସିଥିଲା । ଏହା ଛଡା ଅବିକା ଫଟୋ ସେୟାର କରି ତାଙ୍କ ମନରେ ଥିବା ଭାବନାକୁ କ୍ୟାପସନରେ ଲେଖିଛନ୍ତି ଯେ, '' ମୁଁ ହସିଲି ଏବଂ ତା'ପରେ କାନ୍ଦିବାକୁ ଲାଗିଲି ଏବଂ ମୋ ଜୀବନର ସବୁଠାରୁ ସହଜ ''। ସେପଟେ ଅବିକା ଏବଂ ମିଲିନ୍ଦ ଚାନ୍ଦୱାନୀଙ୍କ ପ୍ରେମ କାହାଣୀ ହାଇଦ୍ରାବାଦରୁ ଆରମ୍ଭ ହୋଇଥିଲା । ଉଭୟ ପ୍ରଥମେ ହାଇଦ୍ରାବାଦରେ ଜଣେ ସାଧାରଣ ବନ୍ଧୁ ମାଧ୍ୟମରେ ଦେଖା ହୋଇଥିଲେ। ଏହିଠାରୁ, ଉଭୟ ପ୍ରଥମେ ବନ୍ଧୁ ହୋଇଥିଲେ ଏବଂ ପରେ ପରସ୍ପରକୁ ପ୍ରେମ କରିଥିଲେ। ଉଭୟ ୨୦୨୦ ମସିହାରୁ ପରସ୍ପରକୁ ଡେଟ୍ କରୁଛନ୍ତି । ଦୀର୍ଘ ପାଞ୍ଚ ବର୍ଷ ଡେଟିଂ ପରେ, ଏବେ ଉଭୟ ନିର୍ବନ୍ଧ କରି ସେମାନଙ୍କ ସମ୍ପର୍କର ସ୍ପଷ୍ଟିକରଣ କରିଛନ୍ତି ।





# 'ଚ୍ୟାଲେଞ୍ଜ୍' ସହ ଫେରିଲେ ଏଲିନା

ଓଡ଼ିଆ ଚଳଚ୍ଚିତ୍ରର ଅନ୍ୟତମ ଲୋକପ୍ରିୟ ନାୟିକା ଏଲିନାଙ୍କୁ ପୁଣି ଦର୍ଶକ କେବେ ବଡ଼ ପରଦାରେ ଦେଖିବାକୁ ପାଇବେ ସେ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥିଲା। ଗତବର୍ଷ ଏଲିନା ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ପ୍ରାୟ ବର୍ଷେ ହେବ ତାଙ୍କୁ କୌଣସି ସିନେମାରେ ଦେଖିବାକୁ ମିଳି ନଥିଲା। ବିବାହ ପରେ ଅବଶ୍ୟ ସେ ରିୟାଲିଟି ସୋ'ରେ ବିଚାରକ ଭାବେ ଅଂଶଗ୍ରହଣ କରିଥିଲେ। ଏଲିନାଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର ହେଲା, ପୁଣି ଏକ ଓଡ଼ିଆ ସିନେମାରେ ଅଭିନୟକୁ ଫେରିଛନ୍ତି ସେ। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ୍ ବ୍ୟାନରରେ ପ୍ରସ୍ତୁତ ଏହି ଓଡ଼ିଆ ଛବି 'ଚ୍ୟାଲେଞ୍ଜ୍'ରେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଏଲିନା। ଏହାର ପ୍ରଥମ ପର୍ଯ୍ୟାୟ ସୁଟିଂ ରାମୋଜି ଫିଲ୍ମସିଟିରେ ଶେଷହୋଇଛି। ଏହି ଛବିରେ ଏଲିନାଙ୍କ ନାୟକ ବନିଛନ୍ତି 'ଅ ଆ ହର୍ଷେଇ', 'ଟପୋରି', 'ବ୍ଲାକ୍‌ମେଲ୍', 'ମୁଁ ପରଦେଶୀ ଚଢ଼େଇ' ଓ 'ଭିଲେନ୍' ଫେମ୍ ଅର୍ଦ୍ଧେନ୍ଦୁ। ଆଗରୁ ବାବୁସାନ୍, ଅନୁଭବ, ଅରିନ୍ଦମ, ସବ୍ୟସାଚୀ ଓ ଆକାଶଙ୍କ ପରି ଆଗଧାଡ଼ିର ନାୟକଙ୍କ ସହ ପରଦାରେ ନଜର ଆସିଥିବା ଏଲିନା ପ୍ରଥମଥର ଲାଗି ଅର୍ଦ୍ଧେନ୍ଦୁଙ୍କ ସହ ନଜର ଆସିବେ। ଏଣେ ଆଗରୁ ଅନୁଭା ଓ ତମନ୍ନାଙ୍କ ଭଳି ଜଣାଶୁଣା ନାୟିକାଙ୍କ ସହ କାମ କରିଥିବା ଅର୍ଦ୍ଧେନ୍ଦୁ ଏଲିନାଙ୍କ ସହ ପ୍ରଥମକରି ଯୋଡ଼ି ବନାଇଛନ୍ତି। 'ଚ୍ୟାଲେଞ୍ଜ୍' ଏକ ଆକ୍‌ସନ୍ ଫିଲ୍ମ ହେଲେ ବି ଏଥିରେ ରୋମାନ୍ସର ତଡ଼କା ରହିଛି। ସାଇ ମଙ୍ଗରାଜ ଏହି ସିନେମାର ନିର୍ଦ୍ଦେଶକ। 'ସେଲ୍‌ଫିସ୍ ଦିଲ୍', 'କୁହୁଡ଼ି', 'ତ୍ରିକନ୍ୟା' ଓ 'କର୍ମ' ଫେମ୍ ମାନସ ପଢ଼ିଆରୀ ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ପ୍ରତାପ ରାଉତ ସିନେମାଟୋଗ୍ରାଫି କରିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଅର୍ଦ୍ଧେନ୍ଦୁ-ଏଲିନାଙ୍କ ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା 'ଚ୍ୟାଲେଞ୍ଜ୍' ରିଲିଜ୍ ହେବା ପରେ ଜଣାପଡ଼ିବ।

# କ୍ୟାନସରରର ଚତୁର୍ଥ ଷ୍ଟେଜରେ 'ଗୁଲାବ ଗ୍ୟାଙ୍ଗ୍' ଅଭିନେତ୍ରୀ

ବଲିଉଡ୍ ଅଭିନେତ୍ରୀ ଏବଂ ଫିଲ୍ମ ନିର୍ମାତା ତନିଷ୍ଠା ଚାଟାର୍ଜୀ ଆଜିକାଲି ବହୁତ କଷ୍ଟକର ସମୟ ଦେଇ ଗତି କରୁଛନ୍ତି। ନିଜ ଅଭିନୟ ଦ୍ୱାରା ଫିଲ୍ମ ଇଣ୍ଡଷ୍ଟ୍ରିରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ତନିଷ୍ଠା ଚତୁର୍ଥ ଷ୍ଟେଜ୍ ସ୍ତନ କର୍କଟ ରୋଗରେ ପୀଡିତ। ଏହି ଖରାପ ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ବହୁତ ଦୁଃଖିତ ହୋଇଯାଇଛନ୍ତି। କିନ୍ତୁ ଏହି ଦୁଃଖଦ ସମୟରେ ମଧ୍ୟ, ତନିଷ୍ଠା ନିଜକୁ ଭାଙ୍ଗିବାକୁ ଦେଇ ନାହାଁନ୍ତି। ଏକ ସାକ୍ଷାତକାରରେ, ତନିଷ୍ଠା ତାଙ୍କ ସଂଘର୍ଷ ଏବଂ ଏହି ରୋଗ ବିଷୟରେ ଖୋଲାଖୋଲି ଭାବରେ କହିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ଚାରି ମାସ ପୂର୍ବରୁ ଏହି ଖବର ମିଳିଥିଲା। ଯେତେବେଳେ ସେ କର୍କଟ ରୋଗ ବିଷୟରେ ଜାଣିବାକୁ ପାଇଲେ, ସେ ସମ୍ପୂର୍ଣ୍ଣ ମାନସିକ ଭାବରେ ଭାଙ୍ଗି ପଡ଼ିଥିଲେ। ଗତବର୍ଷ ସେ ତାଙ୍କ ବାପାଙ୍କୁ କର୍କଟ ରୋଗରେ ହରାଇଥିବାରୁ ତାଙ୍କ ଯନ୍ତ୍ରଣା ଆହୁରି ଗଭୀର ହୋଇଯାଇଥିଲା। ତନିଷ୍ଠା ଭାବପ୍ରବଣ ହୋଇଗଲେ ଏବଂ କହିଲେ ଯେ ସେ ତାଙ୍କ ବାପାଙ୍କ ମୃତ୍ୟୁର ଧକ୍କାରୁ ଏପର୍ଯ୍ୟନ୍ତ ବାହାରି ନାହାନ୍ତି, କିନ୍ତୁ ଜୀବନ ତାଙ୍କୁ ଆଉ ଏକ ବଡ଼ ଝଟକା ଦେଇଛି। ସେ କହିଛନ୍ତି ଯେ ଏହି ସମୟରେ ତାଙ୍କୁ ତାଙ୍କର ୭୦ ବର୍ଷୀୟା ମା' ଏବଂ ୯ ବର୍ଷୀୟା ଝିଅର ମଧ୍ୟ ଯତ୍ନ ନେବାର ଅଛି। ଏନେଇ ତାଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ରହିବାକୁ ପଡୁଛି। ସେ କହିଛନ୍ତି, "ପ୍ରଥମ ଥର ପାଇଁ ମୁଁ କ୍ଳାନ୍ତ ଅନୁଭବ କରୁଛି। ମୁଁ ସବୁବେଳେ ମଜବୁତ୍ ଥିଲି, କିନ୍ତୁ ଏବେ ଲାଗୁଛି ସବୁକିଛି ସରିଗଲା। ଏହି ରୋଗ ବିଷୟରେ ଜାଣିବା ପରେ, ମୁଁ ନିଜକୁ ପଚାରିଥିଲି ଯେ ଏହା ମୋ ସହିତ କାହିଁକି ହେଲା ?" ଏହି କଠିନ ସମୟରେ ମଧ୍ୟ ତନିଷ୍ଠା ଜଣେ ମା' ପରି ଚିନ୍ତା କରି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ଝିଅକୁ ଆମେରିକା ପଠାଇଦେଇଛନ୍ତି ଯାହା ଦ୍ୱାରା ତାଙ୍କ ପିଲାଦିନ ଏଭଳି ପରିସ୍ଥିତିର ଶିକାର ନହୁଏ। ସେ କହିଛନ୍ତି ଯେ ତାଙ୍କ ଝିଅ ତାଙ୍କଠାରୁ ଦୂରେଇ ଯିବାକୁ ଚାହୁଁ ନଥିଲା କିନ୍ତୁ ସେ ତାଙ୍କୁ ତାଙ୍କ ମାଉସୀଙ୍କ ପାଖକୁ ପଠାଇ ଦେଇଛନ୍ତି ଯାହା ଫଳରେ ସେ ଏକା ଅନୁଭବ କରିବନି ଏବଂ ଏହି ରୋଗର ପ୍ରଭାବ ମଧ୍ୟ ତା' ଜୀବନରେ ପଡିବ ନାହିଁ। ତନିଷ୍ଠା ଚାଟାର୍ଜୀ ହିନ୍ଦୀ ସହିତ ଇଂରାଜୀ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ 'ଦେଖ୍ ଇଣ୍ଡିଆନ୍ ସର୍କସ' ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ସେ ବସ୍ ୟୁନ୍ ହି, ଶେଡୋଜ୍ ଅଫ୍ ଟାଇମ୍, ବାହାର ଆନା, ଜଳ, ଗୁଲାବ ଗ୍ୟାଙ୍ଗ୍, ମାନ୍ ?ସୁନ୍ ଶୁଟ୍‌ଆଉଟ୍, ସିଦ୍ଧାର୍ଥ, ଭୋପାଳ-ପ୍ରେୟାର ଫର୍ ରେନ୍, ଆଇ ଲଭ୍ ନ୍ୟୁ ଇୟର' ଗୌର ହରି ଦାସ୍ତାନ୍, ବିୟଣ୍ଡ୍ ଦ କ୍ଲାଉଡ୍ ଭଳି ଫିଲ୍ମରେ କାମ କରିଛନ୍ତି। ସେ ଚଳିତ ବର୍ଷର ଫିଲ୍ମ 'ଦି ଷ୍ଟୋରିଟେଲର' ରେ ନଜର ଆସିଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବାଲିମେଲା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଲା ଏନଏସିରେ ୫ ଜଣଙ୍କୁ ଆଜି ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ଏହି ଅବସରରେ ବାଲିମେଲା ଏନଏସି ଅଧକ୍ଷ ପ୍ରଦୀପ କୁମାର ନାୟକ ଉପସ୍ଥିତ ରହି ଜଣେ ୮୦ ବର୍ଷୀୟ ବୃଦ୍ଧ ଏବଂ ୪ଜଣ ୮୦ ଶତକଡାରୁ ଅଧିକ ଥିବା ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ କରିଥିଲେ । ମଧୁବାବୁ ପେନସନ ଜରିଆରେ ବାଲିମେଲା ଏନଏସିର ସର୍ବମୋଟ ୧୫୮୩ ଜଣ ଭତ୍ତା ପାଉଥିବା ବେଳେ ଗତ ଦିନରେ ବାଲିମେଲା ଏନଏସିରେ ହୋଇଥିବା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଜରିଆରେ ଏହି ୫ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ତେବେ ଗୁରୁବାର ଠାରୁ ଏହି ୫ ଜଣଙ୍କୁ ସର୍ବାଧିକ ୩୫୦୦ ଟଙ୍କା ଲେଖାଏଁ ମାସିକ ଭତ୍ତା ପ୍ରଦାନ କରାଯିବ ବୋଲି ଏନଏସି ଅଧକ୍ଷ ନାୟକ କହିଛନ୍ତି । ୮୦ବର୍ଷୀୟ ବୃଦ୍ଧଙ୍କ ନାମ ତ୍ରିଲୋଚନ ମହାନ୍ତି ହୋଇଥିବା ବେଳେ ୮୦ ଶତକଡାରୁ ଅଧିକ ପାଇଥିବା ୪ ଭିନ୍ନକ୍ଷମ ହେଲେ ଡି ଶ୍ରୀନିବାସ, ସନ୍ତୋଷ ଖରା, ଆଲୋକ କୁମାର ସ୍ୱାଇଁ ଏବଂ ସନ୍ଧ୍ୟାରାଣୀ ସାହୁ । ଏହି ଅବସରରେ କାଉନ୍ସିଲର ମନୋଜ ଦେବ ପାଙ୍ଗି, ସିଇଓ ଆରତୀ ମୁଦୁଲିଙ୍କ ସମେତ ଏନଏସି ର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ମା' ରାମଚଣ୍ଡୀ ମନ୍ଦିର କମିଟି ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତଥା ଅନ୍ୟତମ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରର ବିବିଧ ସାମୁହିକ ଉନ୍ନୟନ ଉଦ୍ଦେଶ୍ୟରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ମା' ରାମଚଣ୍ଡୀ ମନ୍ଦିରର ପରିଚାଳନା କମିଟି ତରଫରୁ ଗୁରୁବାର ବ୍ରହ୍ମପୁର ଠାରେ ଗଞ୍ଜାମ ଗସ୍ତରେ ଆସିଥିବା ଓଡିଶାର ଉପ-ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କୁ ମା'ଙ୍କ ଫଟୋଚିତ୍ର ପ୍ରଦତ୍ତସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ସୋନ୍ଦର୍ଯ୍ୟକରଣ ଭିତ୍ତିରେ ଆଦର୍ଶ ଉଦ୍ୟାନ ପାଇଁ ୩ ଏକର ଜମିରେ ଏକ ସ୍ୱତନ୍ତ୍ର ଫୁଲବଗିଚା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହାକୁ ଉପ-ମୁଖ୍ୟମନ୍ତ୍ରୀ ଅନୁମୋଦନ ଲାଭ କରିଥିବା ସୂଚନା ଦିଆଯାଇଛି । ଉଦ୍ୟାନ ଗଠନ ହେଲେ ସାରା ଗଞ୍ଜାମ ଜିଲ୍ଲାର ସମସ୍ତ ଶକ୍ତିପୀଠ ଓ ଶୈବ ପୀଠକୁ ଆବଶ୍ୟକ ଫୁଲ, ବେଲପତ୍ର ଓ ତୁଳସୀପତ୍ର ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟରେ ପଠାଯାଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପିଙ୍କ ଛତ୍ରପୁର ଏନ୍‌ଏସି ପ୍ରତିନିଧି ଦିପ୍ତୀଶ ପଟ୍ଟନାୟକ, ରାଜେନ୍ଦ୍ର ପଲେଇ, ପୂଜାକମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, କୁଞ୍ଜ ନାୟକ, ସୁଧୀର ମହାରଣା, ବଂଶୀଧର ନାୟକ, ଦଣ୍ଡପାଣି ମହାରଣା, ବରୁଣ ଚୌଧୁରୀ, ଉତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପଥପ୍ରାନ୍ତ ନାଟକ 'ଦେଶ ଭବିଷ୍ୟ' ମଞ୍ଚସ୍ଥ ହୋଇଥିଲା । ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ଭାବେ ଦାୟିତ୍ୱ ନେଇ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଉପରେ ପ୍ରାଧିକରଣର ଭୂମିକା ଉପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ । ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋଇ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ବିଭୁତି ଭୂଷଣ ଦାସ, ସାମ୍ବାଦିକ ସତ୍ୟଜିତ ମିଶ୍ର ସେମାନଙ୍କ ଅଭିଭାଷଣ ମାଧ୍ୟମରେ ଶିଶୁ ଶ୍ରମିକ ଉଚ୍ଛେଦ ଉପରେ ସରକାର କରିଥିବା ବିଭିନ୍ନ ଯୋଜନା ଓ ଏହି କଳଙ୍କିତ କାର୍ଯ୍ୟର ବିଲୋପ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କରିଥିବା ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ତଥା ଏଡିଜେ ବିଜୟ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡିୟ ବିଚାରପତି ସୁମିତ୍ରା କୁମାରୀ ଦାସ, ଆରକ୍ଷୀ ପରିଦର୍ଶକ ଦେବକୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସଭା ପରିଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପ୍ରାୟୋଜିତ, ଆଇନଜୀବୀ ରବିନ୍ଦ୍ର କୁମାର ସେଠୀଙ୍କ ନିର୍ଦ୍ଦେଶିତ ଓ ଅକ୍ଷୟ କୁମାର ଚକ୍ରଙ୍କ ରଚିତ କ୍ଷୁଦ୍ର ପଥପ୍ରାନ୍ତ ନାଟକ 'ଦେଶ ଭବିଷ୍ୟ' ପରିବେଷଣ କରାଯାଇଥିଲା । ବିଭିନ୍ନ ଭୂମିକାରେ ଅର୍ଚ୍ଚନା ଦାଶ, ମମତାରାଣୀ ମହାନ୍ତ, ଲୋକନାଥ ବାରିକ, ଜସ୍ମିନ ନାଏକ, ଆରତୀ ତରାଇ, ଶିବନାଥ ନାଏକ, କେଶବ ପାତ୍ର, ବସନ୍ତ ବାରିକ, ମମତାମୟୀ ମହାନ୍ତ, ସୌମ୍ୟା ଜେନା, ମାଳତୀ ମୁଖୀ, ବିକାଶ ମହାନ୍ତ ଓ ସ୍ନେହା ହାଁସଦା ଅଭିନୟ କରିଥିଲେ । ଶବ୍ଦଗ୍ରହଣ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ମଞ୍ଚ ଆୟୋଜନ ଜିଲ୍ଲା ଶ୍ରମ ଅଧିକାରୀ ଦାୟୀତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସକାଳ ୭ଘଟିକାରେ ପ୍ରାଧିକରଣ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ, ସାଧାରଣ ନାଗରିକ, ବାର ଆଇନଜୀବୀ ତଥା ପ୍ରାଧିକରଣ ସଦସ୍ୟଙ୍କ ଦ୍ୱାରା ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଜିଲ୍ଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଗୋପଳ ଚନ୍ଦ୍ର ବେହେରା ଶୁଭାରମ୍ଭ କରିଥିଲେ । ପଦଯାତ୍ରା ନଗର ପରିକ୍ରମା କରି ଶିଶୁ ଶ୍ରମିକ ଉଚ୍ଛେଦ ଉପରେ ସ୍ଲୋଗାନ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକସମ୍ପର୍କ ବିଭାଗ, ଶ୍ରମ ବିଭାଗ, ଆରକ୍ଷୀ ବିଭାଗ, ବାର ସଂଘ ଓ କୋର୍ଟର କର୍ମକର୍ତ୍ତା । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହର ଢେଙ୍କାପୁର ଶାସନ ଜଣାଶୁଣା ବ୍ୟକ୍ତି କୃଷ୍ଣଚନ୍ଦ୍ର ପତିଙ୍କ ପତ୍ନୀ ଚନ୍ଦ୍ରମଣୀ ପତିଙ୍କ ପରଲୋକ ବୁଧବାର ଭୋରୁ ହୋଇଯାଇଛି । ମୃତ୍ୟୁବେଳେକୁ ତାଙ୍କୁ ୮୨ବର୍ଷ ହୋଇଥିଲା । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ସେ ଜଣେ ମିଷ୍ଟଭାଷୀ, ଅମାୟିକ, ଧାର୍ମିକ ତଥା ପରୋପକାରୀ ମହିଳା ଥିଲେ । ତାଙ୍କର ଦେହାନ୍ତରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ ଚିତ୍ତରଞ୍ଜନ, ବିଶ୍ୱରଞ୍ଜନ ଓ ଦୀପକ ସହିତ ବୋହୂ କୁନୁ, ଲିପି, ଗୀତା ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇଁ ଢେଙ୍କାପୁର ସ୍ଥିତ ବାସ ଭବନକୁ ଯାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଢେଙ୍କାପୁର ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି । ସାନପୁଅ ଦୀପକ କୁମାର ପତି ମୁଖାଗ୍ନୀ ଦେଇଥିଲେ ।

# ନବ ନିର୍ମିତ ନଦୀ ବନ୍ଧ ରାସ୍ତାରେ ଫାଟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସାଲେପୁର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଏକ ନବ ନିର୍ମିତ ନଦୀବନ୍ଧ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ସରକାରଙ୍କର କୋଟି କୋଟି ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ଦେଇ ଲୁଣାନଦୀ ପ୍ରବାହିତ ହେଉଛି । ଏହି ନଦୀର ବାମପାର୍ଶ୍ୱ ବନ୍ଧ ରାସ୍ତାର କୋଲଣପୁର ଠାରୁ ଅସୁରେଶ୍ୱର ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରାଯିବା ନିମନ୍ତେ ସରକାର କୋଟି କୋଟି ଟଙ୍କା ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ସାଲେପୁର ପୂର୍ତ୍ତ ବିଭାଗ ଏହି କାର୍ଯ୍ୟର ତଦାରଖ ଦାୟୀତ୍ୱ ନେଇଥିଲା । ତେବେ ଠିକାଦର ନିଜ ମର୍ଜିରେ ଓ ମନ୍ଥର ଗତିରେ ଏହି ରାସ୍ତା ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ଏପରିକି ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କରାଯାଉନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ଏହି ବ୍ଲକର କେଂଟାଲୋ ଗ୍ରାମପଂଚାୟତ ଲୋକନାଥପୁର ଲେଙ୍କାସାହି ନିକଟରେ ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା ବେଳେ ରାସ୍ତାର ଫାଟ ସୃଷ୍ଟି ହୋଇଛି । ଫଳରେ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ନଦୀରେ ପାଣି ଆସିଲେ ଏଠାରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେହିପରି ଭାବେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀ ଅସାଧୁ ମେଂଟ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେବା ନିମନ୍ତେ ମସୁଧା କରୁଥିବାର ଅଭିଯୋଗ ହୋଇଛି ।

# ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ନହଙ୍ଗ ପଞ୍ଚାୟତର ମା'ମଙ୍ଗଳାଙ୍କ ପୀଠରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆର୍ତ୍ତତ୍ରାଣ ପାତ୍ର ସଭାପତିତ୍ୱ କରି ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ । ସହ ସମ୍ପାଦକ ନିକୁଞ୍ଜ ବିହାରୀ ପୃଷ୍ଟି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ କେନ୍ଦ୍ର ସରକାରଙ୍କ ଅପରେସନ ସିନ୍ଦୂର ପାଇଁ ଭୂୟସୀ ପ୍ରଶଂସା କରାଯିବା ସହ ଭାରତୀୟ ସେନାର ଏଭଳି ସାହସିକତା କାର୍ଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ଏଥିସହିତ ଜିଲ୍ଲାରେ ଏକ ମେଡିକାଲ କଲେଜ ସ୍ଥାପନା କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ବୈଠକରେ କ୍ଷୀରୋଦ ଚନ୍ଦ୍ର ସାମଲଙ୍କ ସମେତ ସଙ୍ଘର ସମସ୍ତ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅସ୍ତରଙ୍ଗରେ ଗଡ଼ିଲା ବିକାଶ ବାହନ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିଜେପି ସରକାର ଯେଉଁଠି, ସେଇଠି ଗରିବ କଲ୍ୟାଣ ନିଶ୍ଚିତ । ନିର୍ବାଚନ ବେଳର ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ଗୋଟି ଗୋଟି କରି ପୂରଣ କରୁଛନ୍ତି ମୋହନ ସରକାର । ବର୍ଷକ ମଧ୍ୟରେ ବିଜେପି ସରକାର ଅନେକ ଐତିହାସିକ ପଦକ୍ଷେପ ନେଇଛି । ବିକଶିତ ଭାରତ, ବିକଶିତ ଓଡ଼ିଶା ୨୦୪୭ ଓ ୨୦୩୬ଲକ୍ଷ୍ୟ ନେଇ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି । କୃଷକ, ଶ୍ରମିକ, ଗରିବ, ଯୁବକ ଓ ମହିଳା ଙ୍କ ପାଇଁ ବିଜେପି ସରକାର ସମର୍ପିତ । ୧୧ବର୍ଷର ମୋଦୀ ସରକାର ସେବାକୁ ସଂକଳ୍ପ, ସୁଶାସନ କୁ ସଂସ୍କୃତି ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି -ଏହା ହିଁ ନୂଆ ଭାରତ, ଏହା ହିଁ ବିଶ୍ୱର ବିଶ୍ୱାସ । ଗୁରୁବାର ଦିନ ପୂର୍ବାହ୍ନ ରେ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ ଆୟୋଜିତ ବିକାଶ ବାହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପସ୍ଥିତ ଥିବା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ କହିଛନ୍ତି । ସେ କହିଛନ୍ତି ଯେ, ଜନକଲ୍ୟାଣୀ କାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରିବ ଏହି ବିକାଶ ବାହନ ରଥ । ଲୋକଙ୍କ ସେବାରେ ସମର୍ପିତ ଏକବର୍ଷରେ ନାରୀ ଶକ୍ତି, ଯୁବଶକ୍ତି, ଅନ୍ନଦାତା, ସାମାଜିକ ପ୍ରତିବଦ୍ଧତା ବାର୍ତ୍ତା ବାଣ୍ଟିବ । ସୁଭଦ୍ରା ଯୋଜନା ଭଳି ବିଭିନ୍ନ ବାର୍ତ୍ତା ବାଣ୍ଟିବ ଏହି ବିକାଶ ବାହନ ରଥ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଜାଗୁଲାଇ ପଡିଆରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ । ରଥ ନିକଟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ବଣ୍ଟନ, ଜବକାର୍ଡ ବଣ୍ଟନ, ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ରାସନ କାର୍ଡ ବଣ୍ଟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ହୋଇଥିଲା । ବ୍ଲକ କଳାସାଂସ୍କୃତିକ ସଂଘ ଦ୍ୱାରା ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା । ବ୍ଲକ ଅଧକ୍ଷା ଆରତୀ ନାଏକ କହିଥିଲେ ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରେ । ସୁଭଦ୍ରା, ପ୍ରତି ଗାଁ କୁ ବିକାଶ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମେତ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ଓଜେଇଇରେ ଚତୁର୍ଥ ସ୍ଥାନରେ ସୁଧାଂଶୁ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ପଲିଟେକନିକ କଲେଜର ଗରିବ ଛାତ୍ର ସୁଧାଂଶୁ ସାହୁ ଓଜେଇଇରେ ଚତୁର୍ଥ ର୍‍ୟାଙ୍କ ରଖି କଲେଜ ତଥା ଜିଲ୍ଲା ପାଇଁ ଗୌରବ ଅଣିଛନ୍ତି । ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନରେ ତାଙ୍କ ନାଁ ଆସିବା ପରେ କଲେଜ ସମେତ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି । ସ୍ଥାନୀୟ ଆଶୀର୍ବାଦ କଲେନିର ସୁଧାଂଶୁ ତାଙ୍କ ମାଉସୀ ଚୁମୁକି ବେହେରାଙ୍କ ଘରେ ରହି ପଲିଟେକନିକ କଲେଜ ଇଲେକ୍ଟ୍ରିକାଲ ଟେଡରେ ଅଧ୍ୟୟନ କରୁଛନ୍ତି । ଏଥର ସେ ଶେଷବର୍ଷର ଛାତ୍ର ଚଳିତ ଓଜେଇଇ ଏସି ବର୍ଗରେ ଚତୁର୍ଥ ର୍‍ୟାଙ୍କରେ ଥିବା ବେଳେ ସାଧାରଣବର୍ଗରେ ୮୨ର୍‍ୟାଙ୍କ ରଖିଛନ୍ତି । ଆଗାମୀ ଦିନରେ ଜଣେ ଭଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବା ପାଇଁ ଆଶା ରଖିଥିବା କହିଛନ୍ତି । ସୁଧାଂଶୁଙ୍କ ବାପା ସୁବାସ ସାହୁ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଓ ସେ କଟକରେ ଏକ ଘରୋଇ କମ୍ପାନିରେ ସିକ୍ୟୁରିଟି ଗାର୍ଡ ଭାବ କାମ କରୁଛନ୍ତି । ମା' ପ୍ରମିଳା ଛୋଟ ପିଲାଙ୍କୁ ଟିୟୁସନ କରି ପରିବାର ଚଳାଉଛନ୍ତି । ଘରେ ଅସୁବିଧା ହେତୁ ମାଉସୀଙ୍କ ଘରେ ରହି ସୁଧାଂଶୁ ପାଠ ପଢୁଛନ୍ତି । ଅଜିପର୍ଯ୍ୟନ୍ତ କୌଣସି ସ୍ଥାନରେ କୋଚିଂ ନନେଇ କେବଳ ୟୁଟୁବ ଦେଖି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ । ଏହି ସଫଳତା ପାଇଁ ଜିଲ୍ଲାବାସୀ ସ୍ୱାଗତ ସମ୍ବଦ୍ଧନା ଜଣାଇବା ସହ ତାଙ୍କ ସ୍ୱପ୍ନ ପୂରଣ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିକାଶ ମେଳା କାର୍ଯ୍ୟକ୍ରମ ପରିପେକ୍ଷିରେ 'ବର୍ଷ ଏକ ଉପଲବ୍ଧି ଅନେକ'ର ସଚେତନତା ବାର୍ତ୍ତା ଦେଇ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପଦ , ପୌରପାଳିକା ଅଧକ୍ଷ କୁନୁ ନାୟକ,ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ରହି ନବରଙ୍ଗପୁର ବିକାଶ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ପୂର୍ବରୁ ଆଭାସି ଲାଇଭ୍ ଷ୍ଟ୍ରିମିଙ୍ଗ ମାଧ୍ୟମରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବକ୍ତବ୍ୟ ଏବଂ ବିକାଶ ବାହନ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସମସ୍ତେ ଦେଖିଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ପଂଚାୟତ, ପୌରାଞ୍ଚଳରେ ୧୦ ଟି ବିକାଶ ବାହନ ଯାତ୍ରା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଜନ ସଚେତନତା ସୃଷ୍ଟି କରିବ । ଲୋକଙ୍କ ସେବାରେ ସମର୍ପିତ ଏକ ବର୍ଷରେ ରାଜ୍ୟ ସରକାର ଦ୍ୱାରା ବିକଶିତ ଗାଁ ବିକଶିତ ଓଡ଼ିଶା, ଆୟୁଷ୍ମାନ ଭାରତ ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ, ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା, ସରକାରୀ ଚାକିରୀ ବୟସ ସୀମା ୪୨କୁ ବୃଦ୍ଧି, ବ୍ଲକ୍ ସ୍ତରିୟ ଷ୍ଟାଡିୟମ ନିର୍ମାଣ, ସମୃଦ୍ଧ କୃଷକ ଯୋଜନା,ଶୀତଳ ଭଣ୍ଡାର,ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା ଭଳି ଅନେକ ଯୋଜନାର ଜନ ସଚେତନତା ସୃଷ୍ଟି ପାଇଁ ବିକାଶ ବାହନ ଯାତ୍ରା ଅନୁଷ୍ଠିତ ହେବ । ଏଥି ସହିତ ବିଭିନ୍ନ ବିଭାଗୀୟ ସ୍କୀମର ଜନ ସଚେତନତା ରଥ ମଧ୍ୟ ଜିଲ୍ଲାରେ ଗଡିବ ଓ ସଚେତନତା ସୃଷ୍ଟି କରିବ ।

# ଜାଲ୍ ନୋଟ ରାକେଟ୍ ସକ୍ରିୟ



ଗୋପ, (ଭାସ୍କର ନ୍ୟୁଜ୍): ଗୋପରେ ଏବେ କିଛି ଦିନ ହେଲା ଜାଲ୍ ନୋଟ ରାକେଟ୍ ସକ୍ରିୟ ହୋଇଉଠିଛନ୍ତି । ଶହେ ଟଙ୍କିଆ ଏବଂ ୫ ଶହ ଟଙ୍କିଆ ଜାଲ୍ ନୋଟ୍ ଏବେ ଗୋପ ବଜାର ସମେତ ଆଖପାଖ ବଜାରରେ ଘୁରି ବୁଲୁଛି । ବିଶେଷ କରି ସେମାନେ ବ୍ୟବସାୟୀମାନଙ୍କୁ ଟାର୍ଗେଟ କରୁଛନ୍ତି । ଫଳରେ ବ୍ୟବସାୟୀ ମାନେ ବହୁମାତ୍ରାରେ ଠକାମୀର ଶିକାର ହେଉଛନ୍ତି । ଦୋକାନ ଗହଳି ଥିବାର ସୁଯୋଗ ନେଇ ସେମାନେ ବ୍ୟବସାୟୀମାନଙ୍କୁ ଠକୁଛନ୍ତି । ଗତ ଦୁଇଦିନ ତଳେ ଏପରି ଠକାମୀର ଶିକାର ହୋଇଥିବା ଜଣେ ପରିବା ବ୍ୟବସାୟୀ ବାଦଲ ସାହୁ ଆଜି ସକାଳୁ ପୁଣି ଠକାମୀର ଶିକାର ହୋଇଛନ୍ତି । ଦୁଇ ଦିନ ତଳେ ତାଙ୍କ ଦୋକାନ ଗହଳି ଥିବା ବେଳେ କେହି ପରିବା କିଣି ୫ଶହ ଟଙ୍କିଆ ଜାଲ୍ ନୋଟ୍ ଦେଇ ପଳାଇ ଥିବା ବେଳେ ଆଜି ସକାଳୁ ଅନୁରୂପ ଭାବେ କେହି ପରିବା ନେଇ ଏକ ଶହେ ଟଙ୍କିଆ ଜାଲ୍ ନୋଟ୍ ଦେଇ ପଳାଇଛି । ପରେ ବାଦଲ ତାହା ଏକ ଜାଲ୍ ନୋଟ୍ ବୋଲି ଜାଣିଥିଲେ । ସେ ଏକା ନୁହନ୍ତି କିଛି ଦିନ ତଳେ ଜଣେ ଗ୍ରୋସରୀ ଦୋକାନୀ ଏବଂ ସୁଶାନ୍ତ ସାହୁ ନାମକ ଜଣେ ସାର ଦୋକାନୀ ଏହି ଜାଲ୍ ନୋଟ୍‌ର ଶିକାର ହୋଇଥିଲେ । ପ୍ରାୟ ସମୟ କେହି ନା କେହି ବ୍ୟବସାୟୀ ଏହି ରାକେଟ୍ ଦ୍ୱାରା ଠକାମୀର ଶିକାର ହେଉଛନ୍ତି । ଏହି ରାକେଟ୍‌ରେ ବାଂଲାଦେଶୀ ଥିବାର ସନ୍ଦେହ କରାଯାଉଛି । ଏଥିପ୍ରତି ପୋଲିସ ପ୍ରଶାସନ ସଜାଗ ରହି ଏହି ରାକେଟ୍‌କୁ ଧରିବାକୁ ସ୍ଥାନୀୟ ବ୍ୟବସାୟୀ ଦାବି କରିଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ଲହୁଣୀପଡ଼ା ଥାନା ଅନ୍ତର୍ଗତ ସୁନାହୁଡ଼ି ଗ୍ରାମର ଗମିୟା ମୁଣ୍ଡାରୀଙ୍କ ପୁଅ ରସାନନ୍ଦ ମୁଣ୍ଡାରୀ (୩୬) ବୁଧବାର ରାତମିରେ ନିଜ ଘର ଠାରୁ ପାଞ୍ଚ ସହ ମିଟର ଦୂରରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ରସାନନ୍ଦଙ୍କ ସ୍ତ୍ରୀ ଗୀତାଞ୍ଜଳି କେ ବଲାଙ୍ଗ ତାଙ୍କ ବଡ ଭଉଣୀ ଘରକୁ ଯାଇଥିବାବେଳେ ସେ ଆତ୍ମହତ୍ୟା କାହିଁକି କଲେ ତାହା ଜଣାପଡୁନି । ତେବେ ଗୀତାଞ୍ଜଳି ଖବର ପାଇ ଘରକୁ ଆସିବା ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ବ୍ୟବଛେଦ ପାଇଁ ପଠେଇଥିବା ବେଳେ ମାମଲା ରୁଜୁ ତଦନ୍ତ ଚଳାଇଛି ।

# ରାଜନୈତିକ ଗୋଷ୍ଠୀ ସଂଘର୍ଷ, ୩ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତର ଜୁଆଣିଆ ଛକ ଠାରେ ମଙ୍ଗଳବାର ସନ୍ଧ୍ୟା ସମୟରେ ରାଜନୈତିକ ଆକ୍ରୋଶକୁ ନେଇ ଗ୍ରାମରେ ମରଣାନ୍ତକ ଆକ୍ରମଣ ହୋଇଛି । ଏ ନେଇ ବୁଧବାର ମଧ୍ୟାହ୍ନରେ ସଞ୍ଜୟ ସାମଲ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏତଲା ଅନୁଯାୟୀ ଗତ ମଇ ମାସ ୧୮ତାରିଖ ଦିନ ଭାରତୀୟ ଜନତା ପାର୍ଟିର ଏକ ମିଶ୍ରଣ ପର୍ବ ଗୋବିନ୍ଦପୁର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳ ଛାଡି ବିଜେପିରେ ଯୋଗ ଦେଇଥିବା କର୍ମୀମାନଙ୍କୁ ଆକ୍ରୋଶ ମୂଳକ ଭାବେ ଆକ୍ରମଣ କରାଯାଉଛି । ପୂର୍ବରୁ ହଦୁଆ ଗ୍ରାମର ଶ୍ରୀଧର ନାୟକ (୭୧) ଗାଁ ମୁଣ୍ଡକୁ ଯାଇ ଫେରୁଥିବା ସମୟରେ ଉକ୍ତ ଗ୍ରାମର ଦୁଇ ଯୁବକ ଲୁହା ରଡ଼ ଓ ଭୁଜାଲି ଦ୍ୱାରା ଶ୍ରୀଧରଙ୍କୁ ଅଚାନକ ଆକ୍ରମଣ କରିବା ଫଳରେ ଶ୍ରୀଧରଙ୍କ ମୁହଁରେ ମୁଣ୍ଡରେ ଗଭୀର କ୍ଷତି ହୋଇଥିଲା । ସେହିପରି ଗତ ମଙ୍ଗଳବାର ସନ୍ଧ୍ୟାରେ ସଞ୍ଜୟ ସାମଲଙ୍କ ସମେତ ଦୁଇ ଜଣ ଜୈନିକ ଯୁବକ ଜୁଆଣିଆ ଛକରୁ କାର୍ଯ୍ୟ ସାରି ଫେରୁଥିବା ସମୟରେ ସେମାନଙ୍କୁ ଜୁଆଣିଆ ଗ୍ରାମର ୪ ଜଣ ବ୍ୟକ୍ତି ଲୁହା ରଡ଼ ରେ ମରଣାନ୍ତକ ଆକ୍ରମଣ କରିଛନ୍ତି । ସଞ୍ଜୟ ସାମଲ ଏବଂ ତାଙ୍କ ସାଥିମାନଙ୍କୁ ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିବା ବେଳେ ଖବର ଶେଷ ସୁଦ୍ଧା ସେମାନେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଏ ନେଇ ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ନେଇ ଆଳି ଥାନା ଅଧିକାରୀ ପୁର୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ଥାନା ଅଧିନ ଗୋପ ଗାଁ'ର ଜନୈକ ଆଦିବାସୀ ଯୁବତୀକୁ ସେହି ଗାଁର ଜନୈକ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଗୋପ ଗାଁର ଜନୈକ ଯୁବକ ନିଶାସକ୍ତ ଅବସ୍ଥାରେ ଗଲାବେଳେ ଗାଁ ଦାଣ୍ଡରେ ଯାଉଥିବା ଜଣେ ଆଦିବାସୀ ଯୁବତୀକୁ ଅସଦାଚରଣ କରିଥିବା ନେଇ ଜଳେଶ୍ୱର ଥାନରେ ଅଭିଯୋଗ ହୋଇଛି । ବୁଧବାର ସନ୍ଧ୍ୟାରେ ଯୁବତୀ ଜଣକ ଏକୁଟିଆ ଯାଉଥିବା ସୁଯୋଗ ନେଇ ପାଟି କରିବାରୁ ତାର ଘରଲୋକ ଓ ସାଇପଡିଶା ଦୌଡି ଆସିଥିଲେ । ଯୁବକ ଜଣକ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲା । ପୀଡ଼ିତାର ପରିବାର ଲୋକେ ଯୁବକର ଘରକୁ ପଚରାଉଚରା ପାଇଁ ଯାଇଥିବା ବେଳେ ଯୁବକ ଜଣକ ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେଇଥିଲା । ଗୁରୁବାର ଏ ନେଇ ଥାନାରେ ଅଭିଯୋଗ ପରେ ଜଳେଶ୍ୱର ପୋଲିସ୍ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଆଳି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମୁନିସିପାଲିଟି ଟାଉନ ହଲ ଠାରେ ଚଳିତ ରଥଯାତ୍ରା ୨୦୨୫ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସନ୍ଧ୍ୟା ୫ ଘଟିକାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ, ରାସ୍ତାଘାଟ ମରାମତି, ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପକ ବ୍ୟବସ୍ଥା,ଶାନ୍ତି ଶୃଙ୍ଖଳା, ସୂଚନା କେନ୍ଦ୍ର, ସାଂସ୍କୃତିକ, ଟ୍ରାଫିକ କଟକଣା, କାର୍ଯ୍ୟକ୍ରମ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ରଥଦାଣ୍ଡ ସଫେଇ, ଆପ୍ରଚ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡଦାଣ୍ଡରେ ରଥଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନବସିବା ପାଇଁ ବାରଣ କରାଯିବ,ବଡଦାଣ୍ଡରେ ଆମିଷ ସମ୍ପୂର୍ଣ ଭାବେ ବିକ୍ରି ବନ୍ଦ ରହିବ । ଏହାଛଡା ସିସି ଟିଭି ଲଗେଇବା, ଠାକୁରଙ୍କ ସାମ୍ନାରେ ସେବାୟତ ମାନେ ଭିଡ଼ ନ କରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ରଥଯାତ୍ରାକୁ ସଫଳ କରିବାକୁ ପ୍ରଶାସନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶସାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ପୌରାପରିଷଦ ଅଧକ୍ଷା ସରିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ ଦେବଉର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାର ୧ ବର୍ଷ ପୂରଣ ହୋଇଥିବା ବେଳେ ଏହି ସ୍ମରଣୀୟ ଦିନକୁ ପାଳନ ପାଇଁ ପ୍ରତି ବ୍ଲକ ସ୍ତରରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୧ ବର୍ଷର ଉପଲବ୍ଧି ଲୋକାଭିମୁଖୀ ଯୋଜନାକୁ ଗାଁ ଗାଁ ରେ ପହଞ୍ଚିବା ପାଇଁ ବିକାଶ ବାହାନ ଯାତ୍ରାର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡ଼ା ବ୍ଲକ ପ୍ରଶାସନ ଓ କୋଷାଗୁମୁଡ଼ା ଗ୍ରାମ ପଞ୍ଚାୟତ ପକ୍ଷରୁ କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଡ଼ିଓ ଆଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୋଷାଗୁମୁଡ଼ା ସାଂସଦ ପ୍ରତିନିଧି ଓ ବିଧାୟକ ପ୍ରତିନିଧି ଥିବା ବେଳେ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପଦକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିରେନ୍ଦ୍ର ପୂଜାରୀ, ତ୍ରିଲୋଚନ ଧାକୋଡ଼, ବିକାଶ, ଜଗା, ଚନ୍ଦନ, ଚିନ୍ମୟ ପଟନାୟକ, ହରିବନ୍ଧୁ ମାଝୀ, କାର୍ତ୍ତି ରଞ୍ଜନ ସାହୁଙ୍କ ସହ ବ୍ଲକ କର୍ମଚାରୀ, ଦଳୀୟ କର୍ମୀମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପକ୍ଷରୁ ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ବିକାଶ ରଥ କୋଷାଗୁମୁଡ଼ା ବ୍ଲକର ୨୬ଗୋଟି ପଞ୍ଚାୟତ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପିଇଓ ଅଜିତ କୁମାର ନନ୍ଦ କହିଛନ୍ତି।

## ଆଜି ରଜ ସଜବାଜ, ହାତଠାରି ଡାକିଲାଣି ଦୋଳି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ରଜ ଦୋଳି କୁଆଁରୀଙ୍କୁ ହାତ ଠାରି ଡାକିଲାଣି। ପାନର ଲାଲ ରଙ୍ଗ କୁଆଁରୀ ଦେହରେ ରଙ୍ଗ ମାଖିଲାଣି। ବଜାର, ଗହଳି, ରଜ ପାଇଁ ଭିଡ଼ ଜମିଛି। ଘରେ ଘରେ ଉତ୍ସାହର ସ୍ୱର ଗୁଞ୍ଜରିତ ହୋଇଥିବା ବେଳେ ଡ୍ରେସ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଭିଡ଼ ଜମିଲାଣି। ଭଉଣୀ ପାଇଁ ଭାଇଟିଏ ଦୋଳି ବାନ୍ଧିବାକୁ ସଜ ହେଲାଣି। ଲିଚୁ, ଜାମୁ, ଆମ୍ବ ଓ ପଣସ ଆଦି ଫଳ ବାପା ଆଣି ଝିଅ ଘରେ ରଜ ପାଇଁ ସାଇତିଛନ୍ତି। ମା'ମାନେ ପୋଡ଼ପିଠା, ଚକୁଳି, କାକରା ଓ ଆରିସା ଭଳିକି ଭଳି ପିଠା ପାଇଁ ଯୋଗାଡ଼ ଆରମ୍ଭ କରିଛନ୍ତି। ରାତି ପାହିଲେ ରଜ ଆଜି ସଜବାଜ ଥିବାରୁ ଘରେ ଘରେ ଏହି ଗଣପର୍ବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଜରେ କ'ଣ ଲିପିଷ୍ଟିକରେ କୁଆଁରୀ ଓଠ ଲାଲ ହେବ ନା ନା ସେମିତି କେମିତି। ପାନର ଲାଳିମା କୁଆଁରୀ ଓଠକୁ ରକ୍ତିମ କରିବ। ଖାସ ସେଥିପାଇଁ ବ୍ୟବସାୟୀ ମାନେ ପାନ, ଗୁଆ ଭଳି ଭଳିକି ଭଳିକି ମସଲା ଦୋକାନରେ ସଜେଇଲେଣି। ରଜ ଥିବାରୁ ଆରମ୍ଭ ହୋଇଯିବ ପାନ ପସରା। ରଜରେ ପାନ ବେପାର, ବିଶେଷ କରି ମିଠା ପାନର ଚାହିଦା ବଢିଥାଏ। ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ରଜରେ ବିଭିନ୍ନ ରକମର ପାନ ପ୍ରସ୍ତୁତ କରନ୍ତି। ବନ୍ଧୁ ପରିଜନ ଉପହାର ଦେବାକୁ ପାନର ଗିଫ୍ଟ ପ୍ୟାକିଙ୍ଗ ମଧ ଦେଇଥାନ୍ତି। ଚଳିତ ବର୍ଷ ଅସ୍ତରଙ୍ଗ ମାର୍କେଟ ସମେତ ଗାଁ ମାନଙ୍କରେ ମାର୍କେଟ କୁ ଆସିଛି 'ସ୍ମୋକ ପାନ'। ଅସ୍ତରଙ୍ଗ ଷ୍ଟେଟ୍ ବ୍ୟାଙ୍କ ସାମ୍ନାରେ ଥିବା ପାନ ବ୍ୟବସାୟୀ କୁହନ୍ତି ପାନରେ ଚୂନ ଲଗାଇ, ଏଥିରେ ଖଟା, ମୁଖବାସ, ଚମନବାହାର, ତରୁଣ ବାହାର, ପାନ ରସ୍ନା, ପାନ ମଧୁରୀ, ସଲଟେଡ଼ ଧନିଆ, ଗୁଲକୁନ୍ଦ, ପାନସୁପାରୀ, ଜାଇଫଳ, ପିପରମେଣ୍ଟ, ମୁଲେଠି, ଚେରି ଆଦି ଦେଇ ତିନି କୋଣିଆ ଆକାରରେ ଭଙ୍ଗାଯାଇ ତା ଉପରେ ଚେରି ଦେଇ ଏକ କାଠିରେ ସେଟ୍ କରିଦିଆଯାଏ। ତା ପରେ ଏହା ଉପରେ 'ଇଡେବୁଲ ଲିକ୍ୟୁଇଡି ନାଇଟ୍ରୋଜେନ' ବୋଲି ଏକ ତରଳ ପଦାର୍ଥ ଢଳାଯାଏ। ଏହି ତରଳ ପଦାର୍ଥ ପଡୁ ପଡୁ ପାନରୁ ଧୂଆଁ ବାହାରିବା ଆରମ୍ଭ ହୋଇଯାଏ। ରଜ କହିଲେ, ଦୋଳି ଖେଳ କଥା ଆପେ ଆପେ ମନକୁ ଆସେ। ଚଳିତ ବର୍ଷ ରଜକୁ ଧୁମଧାମରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଗାଁ ଗହଳି କେତେକାଂଶରେ ବଡ଼ବଡ଼ ଗଛରେ ଦୋଳି ଓହଳିଥିବା ବେଳେ ଘରମାନଙ୍କରେ ପ୍ଲାଷ୍ଟିକି ଦୋଳିର କ୍ରେଜ ଗତ କିଛି ବର୍ଷ ହେଲା ଯଥେଷ୍ଟ ବଢିଛି। ବଡ଼ ଦୋଳିର ମୂଲ୍ୟ ୧୦୦ରୁ ୧୨୦ଟଙ୍କା ଥିବା ବେଳେ ଛୋଟ ଦୋଳିର ମୂଲ୍ୟ ୮୦ରୁ ୧୦୦ଟଙ୍କା ରହିଛି। ରଜ ପାଇଁ ସବୁଠି ଆନନ୍ଦ ଓ ଉତ୍ସାହ।

## ବିକାଶ ରଥକୁ ସ୍ୱାଗତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡିବା ଆରମ୍ଭ କରିଛି। ଗୁରୁବାର ପୂର୍ବାହ୍ନରେ ଜଳେଶ୍ୱର ବ୍ଲକରେ ବିକାଶ ବାହନ କୁ ପତାକା ଦେଖାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଓ ବିଜେପି ନେତା ବ୍ରଜମୋହନ ପ୍ରଧାନ ମିଳିତ ଶୁଭ ଉଦଘାଟନ କରିଥିଲେ। ପରେ ଅର୍ଜୁନୀ ଠାରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା ନିତ୍ୟାନନ୍ଦ ଦାସଙ୍କ ପରିଚାଳନାରେ ସଭାକାର୍ଯ୍ୟ ଓ ଏଲିଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସମିତି ସଭ୍ୟ ତଥା ବିଜେପି ନେତା ବ୍ରଜମୋହନ ପ୍ରଧାନ, ସରପଞ୍ଚ ରାଜେଶ ଜେନା, ସାମାଜିକ ସୁରକ୍ଷା ଅଧିକାରୀଣୀ ସଲିମା ରାଉତ୍ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ବିକଳାଙ୍ଗ ଭତ୍ତା, ଅନ୍ତୋଦୟ ଗୃହନିର୍ମାଣ କାର୍ଯ୍ୟାଦେଶ, ଖାଦ୍ୟ ସୁରକ୍ଷା କାର୍ଡ, ଶ୍ରମିକ କାର୍ଡ ଆଦି ବଣ୍ଟନ କରିଥିଲେ। ୧ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଗୌତମ ନାୟକଙ୍କ ସମେତ ଅନ୍ୟ ପ୍ରମୁଖ ତଥା ଶତାଧିକ ମହିଳା ଗୋଷ୍ଠୀ, ସିଆରପି, ପଞ୍ଚାୟତବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସ୍ନାନଯାତ୍ରା ମହୋତ୍ସବ ଓ ଭକ୍ତ ଦାସିଆ ସେବା ଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭକ୍ତ ଦାସିଆ ଡ୍ୟାନ୍ସ ଏକାଡେମୀ ଓ ଭକ୍ତ ଦାସିଆ ସେବା ମହାସଂଘର ମିଳିତ ଆନୁକୁଲ୍ୟରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ତୁଳସୀକ୍ଷେତ୍ର ସ୍ନାନଯାତ୍ରା ମହୋତ୍ସବ ଓ ଭକ୍ତଦାସିଆ ସେବା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସକାଳେ ମହାସଂଘ ପକ୍ଷରୁ ଭକ୍ତ ଦାସିଆଙ୍କ ସେବା ସିଦ୍ଧ ଶ୍ରୀବଳଦେବଜୀଉଙ୍କୁ ଅର୍ପଣ କରାଯାଇଥିଲା। ଏହି ପବିତ୍ର ମହୋତ୍ସବକୁ ଶ୍ରୀବଳଦେଜୀଉଙ୍କ ସେବକ ତଥା ଟ୍ରଷ୍ଟବୋର୍ଡ ସଭ୍ୟ ନୃସିଂହଚରଣ ପତ୍ରୀ ଉଦଘାଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ପ୍ରାରମ୍ଭରେ ଭକ୍ତ ଦାସିଆ ଡ୍ୟାନ୍ସ ଏକାଡେମୀର ଅଧକ୍ଷ ବସନ୍ତ କୁମାର ଦାସ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହସଂଘର ମୁଖ୍ୟ ପରାମର୍ଶଦାତା ଓ ଆବାହକ ଅଭୟ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ଶଶଧର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଶ୍ରୀବଳଦେଜୀଉଙ୍କ ସେବକ ଜନାର୍ଦ୍ଦନ ସୁଆର, ବିଶିଷ୍ଟ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଶିକ୍ଷାବିତ୍ ନବ କିଶୋର ଦାସ, ଓଡିଶା ଭାଗବତ ଟୁଙ୍ଗୀ ପ୍ରଚାର ସମିତି ସଭାପତି ନଙ୍ଗୁଳି ବାବା ପ୍ରମୁଖ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରତିଭାମାନଙ୍କୁ ଭକ୍ତ ଦାସିଆ ସେବା ସମ୍ମାନ ଓ ତୁଳସୀକ୍ଷେତ୍ର ସମ୍ମାନରେ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବର ନିର୍ଦ୍ଦେଶକ ନୀର୍ଝରିକା ଦାସ ଓ ପ୍ରଦୀପ କୁମାର ବିହାରୀଙ୍କ ପରିଚାଳନା ଓ ସୁଶାନ୍ତ କୁମାର ପରିଡ଼ା,ବିଜୟ କେତନ ସାହୁ, ନିରାକାର ମହାରଣା, ସୁଶାନ୍ତ କୁମାର ଦାସ, ସଉରି ଦାସ ପ୍ରମୁଖଙ୍କ ସହଯୋଗରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିବା ବେଳେ କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ମୂର୍ଚ୍ଛନା ଭଜନମଞ୍ଚ ଓ ବାବା ତ୍ରିଲୋଚନ ଭଜନ ମଞ୍ଚର ଶିଳ୍ପୀମାନେ ସୁଲଳିତ କଣ୍ଠରେ ଭଜନ ପରିବେଷଣ କରିଥିଲେ।

## ବ୍ଲକ ମୁଖ୍ୟ ଗେଟ୍‌ରେ ତାଲା ପକାଇଲେ ଅଧକ୍ଷା

## ସାଧାରଣଲୋକଙ୍କ ଅଭିଯୋଗକୁ ନେଇ ପଡ଼ିଲା ତାଲା

ଗୋପ, (ଭାସ୍କର ନ୍ୟୁଜ୍): ଗୁରୁବାର ସକାଳ ୭ ଟା ୪୦ ମିନିଟ୍ ହଠାତ୍ ନିଜ ଚୌକିରୁ ଉଠି ଆସି ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଗୋପ ବ୍ଲକର ମୁଖ୍ୟ ଗେଟ୍‌ରେ ତାଲା ପକାଇଥିଲେ। କାହିଁକି ନା ସରକାରୀ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରି ସକାଳୁଆ ଅଫିସ ସମୟ ୭ ଟା ଥିବା ବେଳେ ବିଡ଼ିଓଙ୍କ ସମେତ କୌଣସି ବ୍ଲକ କର୍ମଚାରୀ ନ ଆସିଥିବାରୁ ଏପରି ତାଲା ପକାଇ ଥିବା ଅଧକ୍ଷା କହିଛନ୍ତି। ପ୍ରଚଣ୍ଡ ଖରାକୁ ଆଖିଆଗରେ ରଖି ରାଜ୍ୟ ସରକାର ଏପ୍ରିଲ୍ ୧୦ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁଆ କରିଛନ୍ତି। ସକାଳ ୭ଟାରୁ ଦିବା ୧ଘଣ୍ଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟାଳୟ ଖୋଲା ରହିବ ଏବଂ ଯଥା ସମୟ ପୂର୍ବରୁ ସମସ୍ତ କର୍ମଚାରୀ ନିଜନିଜ କାର୍ଯ୍ୟାଳୟରେ ଯୋଗ ଦେବେ ବୋଲି କଡା ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକ ମାନେ ସକାଳୁ ଆସି ତାଙ୍କର କାମ କରିବା ସହିତ ଖରା ପୂର୍ବରୁ ଘରେ ପହଞ୍ଚିବେ। କିନ୍ତୁ ଗୋପ ବ୍ଲକରେ ତା'ର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖା ଦେଇଛି। ବ୍ଲକ କର୍ମଚାରୀ ସରକାରଙ୍କ ଏହି ନିର୍ଦ୍ଦେଶକୁ ବାଁଏ ବାଁଏ ଉଡାଇ ଦେଉଛନ୍ତି। ଦିନେ ନୁହେଁ କି ଦୁଇଦିନ ନୁହେଁ। ପ୍ରାୟ ସବୁ ଦିନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକ କର୍ମଚାରୀମାନେ ଠିକ୍ ସମୟରେ ନ ଆସିବାରୁ ସାଧାରଣ ଲୋକମାନେ ନିରାଶରେ ଫେରୁଥିବା ଭଳି ଅଭିଯୋଗ ହେଉଥିଲା। ଗୁରୁବାର ସକାଳ ୮ଟାରେ କେତେକ ଗାଁ ଗହଳିର ମହିଳାମାନେ କୌଣସି କାର୍ଯ୍ୟରେ ଆସି ବିଡ଼ିଓଙ୍କ ସମେତ ଅନ୍ୟ ବ୍ଲକ କର୍ମଚାରୀ ମାନଙ୍କୁ ଖୋଜିଥିଲେ ମଧ ବ୍ଲକର ସମସ୍ତ ବିଭାଗ ସହିତ ବିଡ଼ିଓଙ୍କ କାର୍ଯ୍ୟାଳୟରେ ମଧ ତାଲା ଝୁଲୁଥିଲା। ସବୁ ସମୟରେ ଏପରି ଅଭିଯୋଗ ପାଉଥିବା ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଶେଷରେ ବ୍ଲକର ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ଅର୍ଥାତ୍ ସାଢ଼େ ଆଠଟା ବେଳକୁ କେତେକ ବ୍ଲକ କର୍ମଚାରୀ ଆସିଥିବା ବେଳେ ବିଡ଼ିଓ ଛବି ରାଣୀ ସାହୁ ମଧ ଆସିଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକଟି ଖୋଦ୍ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବେଳେ କେମିତି ଏମିତି ଖୁଲମଖୁଲା ଉଲଂଘନ ବ୍ଲକ ଅଧିକାରୀଙ୍କ ସହିତ ବ୍ଲକ କର୍ମଚାରୀ କରୁଛନ୍ତି ତାହା ମଧ ସମସ୍ତଙ୍କୁ ଚକିତ କରିଛି। ଏପଟେ ବ୍ଲକରେ ବିଜେପି ସରକାରଙ୍କ ୧ ବର୍ଷ ପୂର୍ତ୍ତୀ ପାଳନ ଲାଗି ବିକଶିତ ରଥ ବାହାରିବାକୁ କାର୍ଯ୍ୟକ୍ରମ ଥିବା ବେଳେ ତାହା ୮ ଟା ପରିବର୍ତ୍ତେ ୧୦ଟା ସୁଦ୍ଧା ବାହାରି ପାରିନାହିଁ। ଏପରି ଏକ ବ୍ୟତିକ୍ରମକୁ ନେଇ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ପୁରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି।

## ବିକାଶ ବାହନ ଶୁଭାରମ୍ଭ



କଣିହାଁ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ବିକାଶ ବାହାନ ରଥର ଶୁଭାରମ୍ଭ ହୋଇଛି। ଗୁରୁବାର କଣିହାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ଅଧକ୍ଷତାରେ ଆୟୋଜିତ କର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସାମଲ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଉପରେ ବଖାଣିବା ସହ ପତାକା ଦେଖାଇ ବିକାଶ ବାହନ ରଥର ଶୁଭାରମ୍ଭ କରିଥିଲେ। ପରେ ବିକାଶ ରଥ କଣିହାଁ ଏବଂ ବିଜିଗୋଳ ପଞ୍ଚାୟତ ପରିକ୍ରମା କରିଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ, ଏମବିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଟ୍ରାକ୍ଟର, ଜେସିବି ସହ ଦୁଇ ବାଇକ ଜବତ୍, ଜଣେ ଗିରଫ




ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ବାତୋ ଗ୍ରାମରେ ଗତ କାଲି ବିଳମ୍ବିତ ରାତିରେ କିଛି ଦୃବୃତ୍ତ ଜେସିବି ମେସିନ ଲଗାଇ ବେଆଇନ ଭାବେ ମାଟି ଉଠାଉ ଥିବା ଖବର ପାଇ ବଡ଼ଚଣା ଥାନାଧିକାରି ମଧୁସ୍ମିତା ବେହେରା ଏକ ପୁଲିସ ଟିମ ସହିତ ଘଟଣା ସ୍ଥଳକୁ ଯାଇ ସେଠାରୁ ଗୋଟିଏ ଜେସିବି ମେସିନ, ୪ଟି ଟ୍ରାକ୍ଟର ଓ ଦୁଇଟି ବାଇକ ଜବତ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁସାରେ ବଡ଼ଚଣା ଥାନା ଅଧିନସ୍ଥ ବାତୋ ଗାଁ'ର ଜଣେ ବ୍ୟକ୍ତିଙ୍କର କିଛି ମାଟି ଆବଶ୍ୟକ ପଡିବାରୁ ସେ ଜଣେ ଅନ୍ୟଜଣଙ୍କୁ ମାଟିଦେବାକୁ କହିଥିଲା। ସେହି ଅନୁସାରେ ସମ୍ପୃକ୍ତ ମାଟି ଦଲାଲ ୪ଟି ଟ୍ରାକ୍ଟର ଓ ଏକ ଜେସିବି ମେସିନ ଲଗାଇ ବିଳମ୍ବିତ ରାତିରେ ବେଆଇନ ଭାବେ ବେଆଇନ ମାଟି ଖାଦାନରୁ ମାଟି ଉଠାଉଥିଲେ। କୌଣସ ସୁତ୍ରରୁ ଖବର ପାଇ ବଡ଼ଚଣା ପୁଲିସ ଘଟନାସ୍ଥଳରେ ପହଞ୍ଚି ଉକ୍ତ ଗାଡି ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ତେବେ ଗୁରୁବାର ଅଭିଯୁକ୍ତ ଉକ୍ତ ଥାନା ଅନ୍ତର୍ଗତ ଚାଉଳଥଳି ଗ୍ରାମର ପ୍ରକାଶ ବେହେରାକୁ କେଶ୍ ନମ୍ବର ୧୮୩/୨୫ ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଥାନା ଅଧିକାରୀ ମଧୁସ୍ମିତା ବେହେରା ଅଧିକ ତଦନ୍ତ କରି ଥିବା ବେଳେ ଖୁବଶିଘ୍ର ଅନ୍ୟ ଆସାମୀ ମାନଙ୍କୁ ଗିରଫ କରାଯିବ ବୋଲି ଜଣାଇଛନ୍ତି। ବିଭିନ୍ନ ସ୍ଥାନରେ ଲଘୁ ଖଣିଜ ଦ୍ରବ୍ୟ ମାଫିଆ ମାନେ ବେଆଇନ ମାଟି, ମୋରମ, ମାଙ୍କଡ଼ା ପଥର ବାଲି ବିଳମ୍ବିତ ରାତ୍ରୀରେ ଚୋରା ଚାଲାଣ କରୁଛନ୍ତି ବୋଲି ଜଣାପଡିଛି।

## ଗୋ'ସେବକ ସନ୍ତୋଷଙ୍କ ମୃତ୍ୟୁ ମାମଲା

## ଶାନ୍ତି ବଜାୟ ରଖିବାକୁ ପୂର୍ବାଞ୍ଚଳ ଡିଆଇଜିଙ୍କ ନିବେଦନ

ଭଦ୍ରକ, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ଥାନା କୁବେରା ପଞ୍ଚାୟତ ଅଧିନ କଷଟି ଗ୍ରାମର ସନ୍ତୋଷ ପରିଡା (୪୦) ଭଦ୍ରକ ବ୍ଲକ ଗୁଜିଦରଡା ଗ୍ରାମର କେତକ ଗୁରୁ ବେପାରୀଙ୍କ ଆକ୍ରମଣରେ ଶିକାର ହୋଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧୁବାର ସନ୍ତୋଷର ମୃତ୍ୟୁ ହୋଇଥିଲା। ଗୁରୁବାର ସନ୍ତୋଷର ମୃତ ଶରୀର ଗାଁରେ ପହଞ୍ଚିଛି। ପୂର୍ବାଞ୍ଚଳ ଡି ଆଇ ଜି ଡ଼. ସତ୍ୟ ନାୟକ ଭଦ୍ରକରେ ପହଞ୍ଚି ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଦୃଢ ପଦକ୍ଷେପ ନେଇଛନ୍ତି। ଡିଆଇଜି ଡ଼. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭଦ୍ରକ ସମେତ ବିଭିନ୍ନ ଉତ୍ତେଜନାପ୍ରବଣ ଅଞ୍ଚଳରେ ୨୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସାମ୍ପ୍ରଦାୟିକ ସଦ୍ଭାବନା ଓ ଶାନ୍ତି ବଜାୟରଖିବା ଦିଗରେ ସହଯୋଗ କରିବାକୁ ଡ଼ିଆଇଜି ଡ଼. ନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୬ଜଣ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରାଯାଇଛି। ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ଘଣ୍ଟା ଧରି ଭଦ୍ରକ ମୁନିସିପାଲଟି, ଭଦ୍ରକ ବ୍ଲକ,ତିହିଡି ବ୍ଲକ, ଧାମନଗର ବ୍ଲକ ଓ ଧାମନଗର ବିଜ୍ଞାପିତ ଅଞ୍ଚଳରେ ଇଣ୍ଟରନେଟ ସେବା ନିଷିଦ୍ଧ କରାଯାଇଛି। ଏଥିସହ ଦମକଳ ବାହିନୀ, ଆମ୍ବୁଲାନ୍ସ ସେବା, ଭିଡିଓ ଗ୍ରାଫି ଇତ୍ୟାଦି ଜରୁରୀକାଳୀନ ସଂସ୍ଥାକୁ ସଜାଗ ରଖାଯାଇଛି। ଏହି ଘଟଣାରେ ତିହିଡି ପୋଲିସ ବିଭିନ୍ନ ଦଫାରେ ୧୯୭/୨୫ରେ ମାମଲା ରୁଜୁ କରି ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମାତ୍ର ସନ୍ତୋଷର ମୃତଦେହ ଭଦ୍ରକରେ ପହଞ୍ଚିବା ପରେ କିଛି ହିନ୍ଦୁ ସଂଗଠନ ଓ କଷଟି ଗ୍ରାମର ପୁରୁଷ, ମହିଳାମାନେ ନେହେରୁ ଷ୍ଟାଡିୟମ ସମ୍ମୁଖ ବାଲେଶ୍ୱର-ଭୁବନେଶ୍ୱର ରାସ୍ତାକୁ ମୃତ ପରିବାରଙ୍କୁ ୫୦ଲକ୍ଷ ଟଙ୍କା ଦାବିକରି ଅବରୋଧ କରିଛନ୍ତି। ଯାହା ଫଳରେ ଯାନବାହାନ ଚଳାଚଳରେ ବ୍ୟାହତ ହୋଇଥିବା ଜଣାପଡ଼ିଛି। ଡ଼ିଆଇଜି ଡ଼. ନାୟକ,ଏସପି ମନୋଜ କୁମାର ରାଉତ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ଶୀତାଂସୁ ଶେଖର ମହାପାତ୍ର ପ୍ରମୁଖ ରାସ୍ତା ଅବରୋଧକାରୀଙ୍କୁ ବୁଝା ସୁଝା କରିଥିଲେ। ସରକାର ୧୦ ଲକ୍ଷ ଓ ମୃତପରିବାରର ଜଣକୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଆଉ ୧୦ ଲକ୍ଷ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ କର୍ମଚାରୀଙ୍କର ଦେହାନ୍ତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣର ପୂର୍ବତନ କର୍ମଚାରୀ ଲକ୍ଷ୍ମୀଧର ନାଏକଙ୍କର ୫୧ ବର୍ଷ ବୟସରେ ମୟୁରଭଞ୍ଜ ଜିଲ୍ଲା ଉଦଳାଠାରେ ହୃଦଘାତରେ ଦେହାନ୍ତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ସରାସ ଗ୍ରାମରେ ସ୍ୱର୍ଗତ ନାଏକ ୧୯୭୪ ମସିହାରେ ଜନ୍ମଗ୍ରହଣ କରି ୧୯୯୭ ମସିହା ମେ ମାସରେ କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଯୋଗଦେଇ ଦୀର୍ଘ ୨୫ ବର୍ଷ ପରେ ମୟୁରଭଞ୍ଜ ଜିଲ୍ଲା ଉଦଳାରେ ତାଲୁକ ଆଇନ ସେବା ପ୍ରାଧିକରଣ ଅଫିସରେ ୨୦୨୨ ମସିହାରୁ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସାହାଯ୍ୟକାରୀ ଲୋକ ଥିଲେ। ତାଙ୍କର ଦେହାନ୍ତରେ କେନ୍ଦୁଝରର ପୂର୍ବତନ ଜିଲ୍ଲା ଜଜ୍ ଗୁରୁପ୍ରସାଦ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ପୂର୍ବତନ ରେଜିଷ୍ଟ୍ରାର ସିଭିଲ କୋର୍ଟ ପଦ୍ମଲୋଚନ ଶତପଥି, କ୍ଷୀରୋଦ କୁମାର ଦାଶ, ଉଦଳାର ପୂର୍ବତନ ସବ୍‌ଜଜ ନିହାର ରଞ୍ଜନ ଲେଙ୍କା ଶୋକବ୍ୟକ୍ତ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ୱର୍ଗତ ନାଏକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଦିଆଯାଇଥିଲା। ସ୍ୱର୍ଗତ ନାଏକ ଓଡିଶା ରାଜ୍ୟ ଫୁଟବଲ ଆସୋସିଏନ୍‌ର ପୂର୍ବତନ ଖେଳାଳୀ ସ୍ୱର୍ଗତ ବାବାଜି ଚରଣ ଦଳେଇଙ୍କର ଜ୍ୱାଇଁ ଅଟନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ପରିବାର ଲୋକ, ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଶବ ସଂସ୍କାର କରାଯାଇ ଥିଲା।

## ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ବ୍ୟାଙ୍କରୁ ଲୁଟ୍

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧିନ ତିହିଡି ବ୍ଲକ କାର୍ଯ୍ୟାଳୟ ନିକଟ ଭଦ୍ରକ - ଚାନ୍ଦବାଲି ରାସ୍ତାପାର୍ଶ୍ୱରେ ଥିବା ଏୟୁ ଫାଇନାନ୍ସ ବ୍ୟାଙ୍କରୁ ଦୁର୍ବୃତ୍ତ ମାନେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୭ଲକ୍ଷ ଟଙ୍କା ଲୁଟ କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ବ୍ୟାଙ୍କର ଶାଖା ପରିଚାଳକ ମଳୟ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ବୁଧବାର ରାତି ପ୍ରାୟ ୧୦ଟା ସମୟରେ ୪/୫ ଜଣ ଦୁର୍ବୃତ୍ତ ମୁଣ୍ଡରେ ହେଲମେଣ୍ଟ ଓ ମୁହଁରେ କଳା କପଡା ପିନ୍ଧି ବ୍ୟାଙ୍କ ଭିତରକୁ ପଶି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୭ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପ୍ରବୀଣ କୁମାର ଗିରି ଘଟଣାର ତଦନ୍ତ କରୁଛନ୍ତି।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ତଥା ଜିଲ୍ଲା ଜର୍ଜ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଚାଲାଣଗୁଡ଼ା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପ ଉପଲକ୍ଷେ ଅନୁଷ୍ଠିତ ସଭାରେ ଆଇନସେବା ପ୍ରାଧୂକରଣ ସଚିବ-ବିଚାରପତି ପତି ସୁଶ୍ରୀ ସଂଗୀତା ପାତ୍ର, ମୂଖ୍ୟ ଆଇନିସେବା ପ୍ରତିପକ୍ଷ ସେବା ଅଧୂବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନ ପ୍ରତିପକ୍ଷ ଅଧିବକ୍ତା ରାଜେଶ ପଟ୍ଟନାୟକ, ସହାୟକ ଆଇନ ସେବା ପ୍ରତିପକ୍ଷ ସାଗର ପାଣିଗ୍ରାହୀ, ଚାଲାଣଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଅରକ୍ଷିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଓ ଅନ୍ୟ ଅଧୂବକ୍ତା ଗଣ ତଥା ସରପଞ୍ଚ ଶିଶୁ ଶ୍ରମିକ ନିରୋଧ ଆଇନ, ଶିଶୁ ଶ୍ରମିକ ନିୟୋଜନ ଦ୍ୱାରା ଉପୁଜୁଥିବା ବିଭିନ୍ନ ଅସୁବିଧା ବିଷୟରେ ବୁଝାଇବା ସହ ଶିଶୁ ମାନଙ୍କ ଅଧିକାର ସୁରକ୍ଷିତ ରଖିବା ସେମାନଙ୍କୁ ଚିହ୍ନଟ କରି ଏକ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ଓ ମାଗଣା ଟୋଲ ଫ୍ରି ନମ୍ବର ୧୫୧୦୦ ର ଉପଯୋଗ ମାଧ୍ୟମରେ ନିଜର ସମସ୍ୟା ଗୁଡ଼ିକର ସମାଧାନ ହୋଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇ ଥିଲେ। କିଛି ବରିଷ୍ଠ ନାଗରିକ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ଭତ୍ତା ଓ ବିଧବା ଭତ୍ତା ପାଇପାରୁ ନଥିବା ବିଷୟରେ ଆଇନ ସେବା ସଚିବ ତଥା ବିଚାରପତିଙ୍କୁ ଅବଗତ କରାଇଥିଲେ। କିଛି ବରିଷ୍ଠ ନାଗରିକ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ଭତ୍ତା ଓ ବିଧବା ଭତ୍ତା ପାଇ ପାରୁ ନଥବବା ବିଷୟରେ ଆଇନସେବା ସଚିବ ତଥା ବିଚାରପତିଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ପଞ୍ଚାୟତରେ ଏହିପରି ଶତାଧିକ ଲୋକ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ସେମାନଙ୍କ ଭତ୍ତା ପାଇ ପାରୁନଥିବା କଥା ସରପଞ୍ଚ ଆଇନ ସେବା ପ୍ରାଧିକରଣଙ୍କ ନଜରକୁ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ଦୁଇ ଶହ ପୁରୁଷ ଓ ମହିଳା, ପଞ୍ଚାୟତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗଞ୍ଜେଇ ଜବତ, ସ୍ୱାମୀ-ସ୍ତ୍ରୀ ଗିରଫ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୋଲିସ ସହରରେ ଗଞ୍ଜେଇ କାରବାରରେ ବହୁ ଦିନରୁ ଲିପ୍ତ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଗିରଫ ସ୍ୱାମୀ, ସ୍ତ୍ରୀ ଦ୍ୱୟ ବେଲପାହାଡ ସହରର ଜାହାଜପଡା ଅଞ୍ଚଳର ପ୍ରତାପ ଚନ୍ଦ୍ର ରଣସିଂ (୫୮) ଓ ହେମଲତା ରଣସିଂ (୪୫)। ଜବତ ଗଞ୍ଜାଇର ପରିମାଣ ୨କିଲୋ ୨୨୮ଗ୍ରାମ ହେବ। ସୂଚନା ମୁତାବକ ବୁଧବାର ରାତିରେ ବେଲପାହାଡ ପୋଲିସ ଅଭିଯୁକ୍ତଙ୍କ ଗତି ବିଧିରେ ସନ୍ଦେହ କରି ପଦସ୍ଥ ଅଧିକାରୀଙ୍କୁ ଜଣେଇଥିଲା। ତେବେ ଏହି ପରିପ୍ରେକ୍ଷୀରେ ଖବର ପାଇ ତୁରନ୍ତ ବେଲପାହାଡ ପୋଲିସ ସ୍ଥାନୀୟ ଜାହାଜପଡା ସ୍ଥିତ ହେମଲତା ଓରଫ ଭାଉଜଙ୍କ ଘରେ ଖାନତଲାସ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଆଇଆଇସିଙ୍କ ନେତୃତ୍ୱରେ ଏସଆଇ ପ୍ରୀତିପ୍ରଭା କୁଲୁ, ଏସଆଇ ଗଲାଇ ବାର୍ଜୁ, ଅଜିତ ମହାପାତ୍ର, ଚିତରଞ୍ଜନ ମହାନନ୍ଦିଆ ପ୍ରମୁଖ ପୋଲିସ ଅଧିକାରୀମାନେ ଗଞ୍ଜେଇ ଧରପଗଡରେ ସାମିଲ ଥିଲେ। ତେବେ ଗୁରୁବାର ଅଭିଯୁକ୍ତ ଦ୍ୱୟ ସ୍ୱାମୀ ସ୍ତ୍ରୀଙ୍କୁ ବେଲପାହାଡ ପୋଲିସ କୋର୍ଟଚାଲାଣ କରିଥିବା ଜଣାପଡିଛି।

## ମନୋଜ ଦାସ ସ୍ମାରକୀ ସମ୍ମାନ ପ୍ରଦାନରେ ଟାଳଟୁଳ ନୀତି

## କ୍ଷୋଭ ପ୍ରକାଶ କଲେ ସ୍ମୃତି ସଂସଦ ସଦସ୍ୟ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରଖ୍ୟାତ ସାହିତ୍ୟିକ ତଥା ପ୍ରଥିତଯଶା କଥାକାର ସ୍ୱର୍ଗତ ମନୋଜ ଦାସଙ୍କ ଉଦ୍ଦେଶ୍ୟରେ 'ମନୋଜ ଦାସ ସ୍ମାରକୀ ସମ୍ମାନ' କେବଳ ଘୋଷଣାରେ ସୀମିତ ରହିଛି ଓ ଏପର୍ଯ୍ୟନ୍ତ କାହାକୁ ଏହି ସମ୍ମାନ ମିଳିନି। ଏମିତି କି କମିଟି ବୈଠକ ମଧ ହେଉନି। ସମ୍ମାନ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମନୋଜ ଦାସ ସ୍ମୃତି ସ୍ମୃତିସଂସଦ କର୍ମକର୍ତ୍ତା। ଏ ନେଇ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ଆଲୋଚନା କରାଯିବ ବୋଲି ସଂସଦର ବୈଠକରେ ସୂଚନା ଦିଆଯାଇଛି। ବୁଧବାର ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସଂସଦର ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ରହି ଆସନ୍ତା ନଭେ ମ୍ବରରେ ମନୋଜ ଦାସ ସ୍ମୃତି ସମାରୋହ ଆୟୋଜନ ହେବ ବୋଲି ସୂଚନା ଦେଇଛନ୍ତି। ସମାରୋହ ଅବସରରେ ସ୍ମାରକୀ ବକ୍ତୃତା ହେବ। ଏଥିପାଇଁ ପ୍ରକାଶକ ତଥା ସରୋଜ ବଳଙ୍କୁ କାର୍ଯ୍ୟନିର୍ବାହୀ ସମ୍ପାଦକ ଓ କବି ରକ୍ଷକ ନାୟକ ନାୟକଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଓ ସେହିପରି ଆସନ୍ତା ୨୫ ତାରିଖରେ ଗୀତ ଗୋବିନ୍ଦ ସଦନରେ କହ୍ନେଇଲାଲ ସ୍ମୃତି ସମାରୋହ ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କବି ସୂର୍ଯ୍ୟ ମିଶ୍ର, ହିରଣ୍ମୟୀ ମିଶ୍ର, ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ, ବେଣୁଧର ବିଶ୍ୱାଳ, ଅମୀୟବାଳା ପରିଡ଼ା, ମୌସୁମୀ ମହାନ୍ତି,ଶରତ କର, ମାୟାଧର ସାହୁ, ସାଗର ଦାଶ, ସରୋଜିନୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦାଦନ ଶ୍ରମିକ ସମ୍ପର୍କରେ ଆଲୋଚନାଚକ୍ର

## ଦାଦନ ଶିଶୁଙ୍କୁ ସୁରକ୍ଷା ପ୍ରଦାନ ମୁଖ୍ୟ ଲକ୍ଷ୍ୟ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସଂଗଠନ 'ଦାପ୍ତା', ଆରସିଡିସି ସଂଗଠନ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ଅଞ୍ଚଳ ବିଭାଗ ଗୁଡିକର ଏକ ସମନ୍ୱୟ ବୈଠକ ୧୧ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା 'ଜୀବିକାର ବିକାଶ ଏବଂ ଦାଦନ ଯାଉଥିବା ପରିବାରର ଶିଶୁଙ୍କ ସୁରକ୍ଷା'। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦଣ୍ଡପାଟ୍ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରୁପେଶ କୁମାର ହୋତା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ ବିଭାଗର ଜୀବିକା ଏକ୍ସପର୍ଟ କୁମୁଦିନୀ ମିଶ୍ର ଉପସ୍ଥିତ ଅତିଥି ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ ଦାଦନ ଖଟିବାକୁ ଯାଉଥିବା ପରିବାରଙ୍କ ଜୀବିକାର ବିକାଶ, ଦାଦନ ସଂଖ୍ୟା ହ୍ରାସ, ଯୁବକଙ୍କ ତାଲିମ ଓ କର୍ମସଂସ୍ଥାନ, ନିଜ ଅଞ୍ଚଳରେ ବ୍ୟବସାୟଗତ ତାଲିମ ଓ ସହାୟତା ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଭୁକ୍ତି, କୃଷି, ଗୋପାଳନ, କୁକୁଡ଼ାଚାଷ ଓ ଅନ୍ୟାନ୍ୟ ଯୋଜନାରେ ସାହାଯ୍ୟ, ଶିଶୁମାନଙ୍କ ପାଠ ପଢିବା, ନିୟମିତ ସ୍କୁଲକୁ ଯିବା, ସ୍କୁଲ ଶିକ୍ଷକଙ୍କୁ ଆନନ୍ଦମୟ କରିବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲାର ସମସ୍ତ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ସରକାରଙ୍କ ଯୋଜନା ଗୁଡିକରେ ପରସ୍ପର ସହିତ ଯୋଡି ଦାଦନ ପରିବାର ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦଣ୍ଡପାଟ୍ ପରାମର୍ଶ ଦେଇଥିଲେ। ଦାପ୍ତା ସଂଗଠନର ସମ୍ପାଦକ ଆଦର୍ଶ ଶର୍ମା ତାଙ୍କ ସଂଗଠନର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ପ୍ରୋଗ୍ରାମ ମ୍ୟାନେଜର ପ୍ରଶାନ୍ତ ମଣ୍ଡଳ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୧୮ଟି ବିଭାଗର ଅଧିକାରୀ ଓ ତାଙ୍କ ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେବାସହ ସେମାନଙ୍କ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପଦୀପ ସାହୁ, ଦାପ୍ତା ସଂଗଠନର ଗୋଲାପାନ୍ ଗୁଡ଼ିଆ, ମହେନ୍ଦ୍ର ହଂସ, ଶିବଲାଲ ବାଗ, ପଲ୍ଲବୀ ଖମାରୀ, ହରପ୍ରିୟା ମାଝୀ, ରାଜେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ଜନନୀ ଯନ୍ତ୍ରଣାର କରୁଣ ଚିତ୍ର

## ପୁଣି ଖଟିଆରେ ବୁହା ହେଲେ ଗର୍ଭବତୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଏବେ ବି ୭୫ବର୍ଷ ତଳ ଇତିହାସ ଭିତରେ ଚାପି ହୋଇ ରହିଛି ଅନେକ ଗାଁ। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ବି ଛୁଇଁ ପାରିନି ବିକାଶ। ସାମାନ୍ୟ ମୌଳିକ ସୁବିଧା ପାଇଁ ବ୍ୟାକୁଳ ହୋଇ ପଡିଛନ୍ତି ଲୋକେ। ହେଲେ ନା ଶୁଣୁଛି ସରକାର ନା ପ୍ରଶାସନ। ସଦା ସର୍ବଦା ଅବହେଳାର ଶିକାର ସାଜି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ତାର ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି। ତାହା ବି ଜନନୀ ଯନ୍ତ୍ରଣାର ମର୍ମସ୍ପର୍ଶୀ ଚିତ୍ର ଏବେ ଅଞ୍ଚଳରେ ଚର୍ଚ୍ଚା ପାଲଟିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଧନରପୁର ପଞ୍ଚାୟତ ଆମ୍ବଗୁଡ଼ା ମାଳପଡ଼ା ଗ୍ରାମର ଦାମୋଦର ମାଝୀଙ୍କ ସ୍ତ୍ରୀ ଗୋମତୀ ମାଝୀଙ୍କ ପ୍ରସବ ଯନ୍ତ୍ରଣା ଗତ ମଙ୍ଗଳବାର ରାତିରେ ହୋଇଥିଲା। ସାଙ୍ଗେ ସାଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସଟି ଗାଁକୁ ଯାଇ ନ ପାରି ଆମ୍ବଗୁଡ଼ା ମୁଖ୍ୟ ରାସ୍ତା ୨ କିଲୋମିଟର ଦୂରରେ ଅଟକି ରହିଥିଲା। ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଗର୍ଭବତୀ ମହିଳା ଅସହାୟ ହୋଇ ପଡ଼ିଥିଲେ। କୌଣସି ଉପାୟ ପରିବାର ଲୋକେ ନ ପାଇ ରାତି ଦଶ ଘଣ୍ଟା ସମୟରେ ଆଶାକର୍ମୀ ଓ ସମ୍ପର୍କୀୟଙ୍କ ସହଯୋଗରେ ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଭର୍ତ୍ତି କରାଯାଇଥିଲା। ଡ଼ାକ୍ତରଖାନାରେ ଏକ ଶିଶୁ କନ୍ୟା ଜନ୍ମ ପରେ ପରିବାର ଲୋକେ ଏକ ଭଡ଼ା ଗାଡ଼ିରେ ଗାଁକୁ ଫେରିଥିଲେ। ହେଲେ ସମାନ ଦଶା ଦେଖା ଦେଇଥିଲା। କାଦୁଅରେ ସେହି ଭଡ଼ା ଗାଡ଼ି ବି ଗାଁକୁ ଯାଇ ପାରି ନଥିଲା। ଠିକ୍ ସେହି ମୁଖ୍ୟ ରାସ୍ତାରେ ଛାଡି ଚାଲି ଯାଇଥିଲା। ପୁଣି ମାଆ ଓ ନବଜାତ ଶିଶୁକୁ ସେଠାରୁ ଖଟିଆରେ ବୋହି ଘରକୁ ନେଇଥିଲେ ପରିବାର ଲୋକେ। ଏହି ଘଟଣା ଏବେ ସୋସିଆଲ ମେଡ଼ିଆରେ ଘୁରିବୁଲୁଥିବା ବେଳେ ସରକାରୀ ଯୋଜନା ଉପରେ ପ୍ରଶ୍ନ ଉଠିଛି। ସରକାରଙ୍କ ଅଣଦେଖା ନା ପ୍ରଶାସନର ଅବହେଳା ଅଥବା ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ଅପାରଗତା ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗୋଟାଏ ପଟେ ଗ୍ରାମାଞ୍ଚଳ ବିକାଶ ଆଗେଇ ଚାଲିଥିବା ନେଇ ସରକାର ବିଭିନ୍ନ ସମୟରେ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବତା ଠାରୁ ଦୂରେଇ ରହୁଥିବା ଆଲୋଚନା ହୋଉଛି। ଗ୍ରାମାଞ୍ଚଳ ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଆସୁଛି ସତ ହେଲେ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନର ଆଡୁଆଳ ନୀତି ଯୋଗୁଁ ଆଜି ବି ଅନେକ ଗାଁ ଅବହେଳିତ ହୋଇ ପଡିଛି। ଏହି ଗାଁ ତାର ଜ୍ୱଳନ୍ତ ଉଦାହରଣ ଭାବେ ପ୍ରତିପାଦିତ କରୁଛି। ଗାଁ ଲୋକେ ପକ୍କା ରାସ୍ତା ଖଣ୍ଡକ ପାଇଁ ସ୍ଥାନୀୟ ବିଧାୟକ, ଜନ ପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳିନଥିବା ଗ୍ରାମର ରବି ମାଝୀ, ଧୁସାସନ ମାଝୀ, ମେଘନାଦ ମାଝୀ, ସସ୍ମିତା ଧାରୁଆ, ଓଷା ମାଝୀ, ଚନ୍ଦ୍ରକଳା ମାଝୀ କ୍ଷୁବ୍ଧ ସହ ପ୍ରକାଶ କରନ୍ତି। ଏହି ଘଟଣା ପରେ ଖଟିଆରେ ବୁହା ହେବା ଏହା ନୂଆ କଥା ନୁହଁ ଅତୀତରୁ ଏହି ସମଦଶା ଭୋଗି ଆସୁଥିବା ଗ୍ରାମବାସୀ କୁହନ୍ତି। ସବୁଠି ବଡ଼ କଥା ସତରେ ସ୍ୱାଧୀନତା ୭୫ବର୍ଷରେ ବି ସେହି ପୁରୁଣା ୭୫ବର୍ଷ ତଳ ଇତିହାସ ଭିତରେ ଜୀବନଯାପନ କରିବା ଘଟଣା ଉପରେ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ତତ୍‌କ୍ଷଣି ମରାମତି ପାଇଁ ନିର୍ଦ୍ଦେଶ ଦେଇ ଥିବା ପ୍ରକାଶ କରିଛନ୍ତି।

## ଭୋପାଲରେ ସମ୍ବର୍ଦ୍ଧିତ ହେଲେ ଲିପ୍ସା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭୋପାଳ ଠାରେ ରହୁଥିବା ଅଗଣିତ ପଶ୍ଚିମ ଓଡିଶାବାସୀଙ୍କ ପରିବାର ପକ୍ଷରୁ ସଂପ୍ରତି ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ପାଳିତ ହୋଇଥିଲା ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଏକ ୫୦ ଜଣିଆ କଳାକାର ଦଳ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରି ଶହଶହ ଦର୍ଶକଙ୍କ ହୃଦୟ ଜିତିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର 'ରୁମକୁ ଝୁମା' ସାଂସ୍କୃତିକ ଦଳ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ଲୋକପ୍ରିୟ କଣ୍ଠଶିଳ୍ପୀ ଲିପ୍ସା ମହାରଣାଙ୍କ ସଂଗୀତ ପାଇଁ ତାଙ୍କୁ ମଧ ସେଠାରେ ସମ୍ବଲପୁରୀ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡି.କେ. ଶତପଥୀ ଓ ସମ୍ମାନିତ ଅତିଥି ଭାବେ ପି.କେ. ଦାସ, ଜି.ଏନ୍.ସାହୁ ଓ ଏ.ସି. ହୋତା ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ବାର୍ଷିକ ସାଂସ୍କୃତିକ ପତ୍ରିକା 'କଉଁର'ର ଶୁଭ ଉନ୍ମୋଚନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ପ୍ରମୋଦ ମେହେର କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଭଳି ଏକ ନିଆରା ଭେଟଘାଟ୍‌କୁ ସଫଳ କରିବାରେ ଦିଲ୍ଲୀପ ମିଶ୍ର, ବିଶ୍ୱଜିତ୍ ମାଝୀ, ରୀନା ମାଝୀ ଓ ଜ୍ୟୋସ୍ନାମୟୀ ଧରୁଆଙ୍କ ସହ ସମସ୍ତ ସମ୍ବଲପୁରୀ ପରିବାରର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଭିଜିଲାନ୍ସ ରେଡ୍ ଘଟଣା ପରେ ପ୍ରଶାସନସ୍ତରରେ ଛନକା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ କିଛିଦିନ ଧରି ଧର୍ମଗଡ ଉପଜିଲ୍ଲାପାଳ ଭିଜିଲାନ୍ସ ପଞ୍ଜାରେ ଛନ୍ଦି ହେବା ଘଟଣା ରାଜ୍ୟରେ ଶିରୋନାମା ଖବର ପାଲଟିଛି। ସୋମବାର ଗିରଫ ସହ କୋର୍ଟଚାଲାଣ ହୋଇଛନ୍ତି ଉପଜିଲ୍ଲାପାଳ ଧୀମାନ ଚମକା। ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ମାଡି ବସିଥିଲା। ଯାଞ୍ଚ ବେଳେ ସରକାରୀ ଆବାସରୁ ୪୭ଲକ୍ଷ ଭିଜିଲାନ୍ସ ଜବତ କରିଛି। ଏହି ଘଟଣା ପରେ ଏବେ ବିଭିନ୍ନ ମହଲରୁ ଆଲୋଚନା ସମାଲୋଚନା ଲାଗି ରହିଛି। ଏପରିକି ଏତେ ଟଙ୍କା ସରକାରୀ ଆବାସରୁ ବାହାରିବା ଓ କ୍ରସର ବ୍ୟବସାୟୀ ଲାଞ୍ଚ ଦେବା ଏବେ ସସପେନ୍ସ ଘେରରେ ରହିଛି। ଲାଞ୍ଚ ଦେଇଥିବା ବ୍ୟବସାୟୀଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସାଧାରଣ ଭାବେ ମତ ପ୍ରକାଶ ପାଉଛି। ଅନ୍ୟପଟେ ଉପଜିଲ୍ଲାପାଳ ଭିଜିଲାନ୍ସ ଜାଲରେ ଛନ୍ଦି ହେବା ପରେ ଧର୍ମଗଡ଼ ସ୍ଥିତ ନାନା ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଛନକା ପଶିଛି। ବିଶେଷ କରି ଅଧିକାରୀଙ୍କ ଗହଣରେ ଏକ ପ୍ରକାର ଚିନ୍ତା ଗ୍ରାସ କରିଥିବା ଲୋକଙ୍କ ଭିତରେ ଆଲୋଚନା ହେଉଛି। ଆଗକୁ ଅନେକ ଅଫିସର ଅଧିକାରୀଙ୍କ ପାଳି ପଡ଼ିବା ସମ୍ଭାବନା ଥିବା ଲୋକେ ଚର୍ଚ୍ଚା କରୁଛନ୍ତି। ବିଶେଷ ଭାବେ ଧର୍ମଗଡ଼ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଦୁର୍ନୀତି ଯୋଡ଼ି ହୋଇଥିବା କାହାକୁ ଅଛପା ନ ଥିବା କୁହାଯାଏ। ସାଧାରଣରୁ ସାଧାରଣଲୋକଙ୍କ ଠାରୁ ଖୋଲମ ଖୋଲା ଲାଞ୍ଚ ନେଉଥିବା ଏକ ପେଷାରେ ପରିଣତ ହୋଇଥିବା ବେଳେ ଆଗକୁ କାହାର ପାଳି ପଡିବ ସମୟ ସାପେକ୍ଷ। ତେବେ ଉପଜିଲ୍ଲାପାଳଙ୍କ ଘଟଣା ପରେ ଅଧିକାରୀ ମାନେ ସୁଧୁରିବେ ନା ଭିଜିଲାନ୍ସ ମୁହଁରେ ପଡିବେ ଦେଖିବାକୁ ବାକି ରହିଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଦୁର୍ଗାମଣ୍ଡପ ଠାରେ ଜିଲ୍ଲାସଭାପତି ଯୁଗଳ କିଶୋର ପୋଢଙ୍କ ନେତୃତ୍ୱରେ ବିକଶିତ ଭାରତ ବିକଶିତ ଓଡ଼ିଶାର ସଂକଳ୍ପ ସଭା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ ବିଧାୟକ ସୁଧିର ପାଟଯୋଶୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ଏସି ମୋର୍ଚ୍ଚା ସଭାପତି ଗଣେଷ କୁମାର, ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ବିକଶିତ ଭାରତ, ବିକଶିତ ଓଡ଼ିଶାର ସଂକଳ୍ପ ସଭା କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ଓଡ଼ିଶାରେ ସରକାରର ୧ ବର୍ଷ ଭିତରେ ସରକାରଙ୍କ ସଫଳତା ଉପରେ ଜନସାଧାରଣଙ୍କ ଉପରେ ମତବ୍ୟକ୍ତ କରିଥିଲେ। ଏହା ପରେ ମନ୍ତ୍ରୀ ନୂତନ ନିର୍ମାଣଧୀନ ଡାକ୍ତରଖାନା ପରିଦର୍ଶନ କରି ଚାରାରୋପଣ କରିଥିଲେ।

## ଲାଞ୍ଜିଗଡ଼ ବ୍ଲକରେ ବିକାଶ ବାହନ ଉଦ୍‌ଘାଟିତ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ରାଜ୍ୟର ବିଜେପି ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଆଜି ରାଜ୍ୟ ବ୍ୟାପି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ କାର୍ଯ୍ୟାଳୟରେ ଏହି ସୁସଜ୍ଜିତ ବାହାନକୁ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର, ସିଡିପିଓ ବିଜୟଶ୍ରୀ ସିଂହ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଲକ୍ଷ୍ମୀଧର ସନ୍ତୋଷରାୟ, ତୁଳସୀ ମାଝୀ, ଅନନ୍ତ ପ୍ରଧାନୀ, ଭାଗିରଥୀ ଧଙ୍ଗଡ଼ାମାଝୀଙ୍କ ସହିତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ମିଶନଶକ୍ତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିକାଶ ବାହନ ଆଜି ପ୍ରଥମ ଦିନରେ ବ୍ଲକର ଚମ୍ପାଦେଇପୁର, ଛତ୍ରପୁର, ବାତେଲିମା ଆଦି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ।

## ଧାନ କିଣାରେ ଅବ୍ୟବସ୍ଥା , ସହ ସମ୍ପାଦକ ନିଲମ୍ବିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ନନ୍ଦଗାଁ ପ୍ରାଥମିକ କୃଷି ସମବାୟ ସମିତିର ସହ ସମ୍ପାଦକ ମନୋଜ କୁମାର ବଣିଆ କାର୍ଯ୍ୟରୁ ନିଲମ୍ବିତ। ଧାନ ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ହେତୁ ନନ୍ଦଗାଁ ପ୍ରାଥମିକ କୃଷି ସମବାୟ ସମିତିର କାର୍ଯ୍ୟରତ ଥିବା ସହ ସମ୍ପାଦକ ମନୋଜ କୁମାର ବଣିଆଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏଆର୍‌ସିଏସ୍ କଳାହାଣ୍ଡିଙ୍କ ନିଲମ୍ବନ ଆଦେଶ ପତ୍ର ସଂଖ୍ୟା-୭୭୧ ତାରିଖ ୧୦.୬.୨୦୨୫ ଅନୁଯାୟୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଜିଲ୍ଲାରେ ରବି ଚାଷ ଧାନ କ୍ରୟପାଇଁ ବିଭିନ୍ନ ଧାନମଣ୍ଡି ଖୋଲି ଥିବା ବେଳେ ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ବିଶେଷ କରି ମଣ୍ଡି ମାନଙ୍କରେ ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନର ତୀକ୍ଷ୍ଣ ଦୃଷ୍ଟି ରହିଛି।

## ୧ ବର୍ଷ ପୂର୍ତ୍ତୀର ବିବରଣୀ ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷଟିଏ ଶାସନ ଭିତରେ ଆମେ କଣ କରିଛୁ ବୋଲି ସୂଚନା ଦେବାପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭବାନୀପାଟଣା ସର୍କିଟ ହାଉସ୍ ଠାରେ ୧୧ତାରିଖ ବୁଧବାର ଦିନ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ସରକାରଙ୍କ ସଫଳତାର କାହାଣୀ ବଖାଣି ଥିଲେ। ନିର୍ବାଚନ ସମୟରେ ଦଳ ଜନସାଧାରଣଙ୍କୁ ୨୧ଟି ପ୍ରତିଶ୍ରୁତି ଦେଇଥିଲେ ଓ ସେ ମଧ୍ୟରୁ ମାତ୍ର ଏକ ବର୍ଷ ଭିତରେ ସେଥିରୁ ୧୧ଟି ପ୍ରତିଶ୍ରୁତି ପାଳନ କରାଯାଇଛି ବୋଲି ମନ୍ତ୍ରୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ। ଆଉ ୧୦ ଟି ପ୍ରତିଶ୍ରୁତିକୁ ଆସନ୍ତା ଏକ ବର୍ଷ ମଧ୍ୟରେ ଶେଷ କରାଯିବ ବୋଲି କହିଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପରେ ୫୨ କିଲୋମିଟର ଲାଇନିଂ କାମ, ୩୬ଶହ କୋଟି ଟଙ୍କା ବ୍ୟୟରେ ଛଅଶହ ମେଗା ୱାଟ୍ ପାୱାର ପ୍ଲାଣ୍ଟ ଅପର୍ ଇନ୍ଦ୍ରାବତୀରେ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ତେବେ ବର୍ଷକ ମଧରେ ନୂଆ ସରକାରଙ୍କ ଅମଳରେ କଳାହାଣ୍ଡି ଜିଲ୍ଲାରେ କଣ କଣ ବିକାଶ ହୋଇଛି ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର କୌଣସି ଉତ୍ତର ମନ୍ତ୍ରୀ ରଖି ନ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢଙ୍କ ସହ ବିଜେପିର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।


## କ୍ଷତିପୂରଣ ମିଳିବା ପରେ ହଟିଲା ରାସ୍ତା ଅବରୋଧ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ରାତ୍ର ସମୟରେ ନୂଆପଡା ଜିଲ୍ଲା ସିନାପାଲି ଠାରେ ଏକ ଘରୋଇ ବସ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ପରିବାର ଓ ସ୍ଥାନୀୟ ଲୋକେ ମିଶି ଧିଙ୍ଗିଆମୁଣ୍ଡା ନିକଟ ବିଜୁ ଏକ୍ସପ୍ରେସ ୱେରେ କ୍ଷତିପୁରଣ ଦାବିରେ ରାସ୍ତା ଅବରୋଧ କରିଥିବା ବେଳେ ସଂପୃକ୍ତ ବସ୍ ମାଲିକ କ୍ଷତିପୂରଣ ଦେବା ସହିତ ଅନ୍ୟାନ୍ୟ ସାହାଯ୍ୟ ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା । ପରିବାର ଲୋକଙ୍କ ଅଭିଯୋଗରୁ ଜଣାଯାଏ ଯେ ମହାଲିଙ୍ଗ ଗ୍ରାମର ପାର୍ଥବ କେତକୀ(୫୩) ଗ୍ରାମର ପବନ ଅଗ୍ରୱାଲଙ୍କ ରାସନ ଦୋକାନରେ କାମ କରନ୍ତି। ଗତକାଲି ସଂନ୍ଧ୍ୟା ସମୟରେ ରାସନ ସାମଗ୍ରୀ ଦେବା ପାଇଁ ନୂଆପଡ଼ା ଜିଲ୍ଲା ସିନାପାଲି ଗ୍ରାମକୁ ଯାଇଥିଲେ। ରାସ୍ତା କଡରେ ପିକ୍‌ଅପ୍ ଗାଡିରୁ ରାସନ ସାମଗ୍ରୀ ଅନଲୋଡ କରି ଦେଉଥିବା ସମୟରେ ପଛପଟୁ ସିନାପାଲିରୁ ସମ୍ବଲପୁର ଯାଉଥିବା ବିଜୟଲକ୍ଷ୍ମୀ ବସ ଧକ୍କା ଦେଇଥିଲା। ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ସେଠାରେ ଲାଗିଥିବା ଏକ ସିସିଟିଭିରୁ ମଧ ସ୍ପଷ୍ଟ ଦେଖାଯାଉଛି ଯେ ଉକ୍ତ ବସଟି ଧକ୍କା ଦେବାରୁ ସେ ତଳେ ଟଳିପଡିଥିଲେ। ଘଟଣାସ୍ଥଳରେ ସିନାପାଲି ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ବସଟିକୁ ଜବତ କରି ଥାନାରେ ଅଟକ ରଖିଥିଲା। ଏସଂକ୍ରାନ୍ତରେ ସିନାପାଲି ଥାନା କେସ୍୧୬୦/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ଆଜି ପରିବାରକୁ ଶବ ହସ୍ତାନ୍ତର କରିଥିଲା। ଆଜି ପରିବାର ଲୋକେ ପ୍ରଥମେ ଶବକୁ ଆଣି ସକାଳ ୧୧ ଘଣ୍ଟା ସମୟରେ ଗୋଲାମୁଣ୍ଡା ନିକଟସ୍ଥ କଦଳୀମୁଣ୍ଡା ନିକଟରେ କ୍ଷତିପୂରଣ ଦାବିରେ ଧର୍ମଗଡ଼-ସିନାପାଲି ମୁଖ୍ୟ ରାସ୍ତା ରସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଗୋଲାମୁଣ୍ଡା ପୋଲିସ ପହଞ୍ଚି ଘଟଣାଟି ନୂଆପଡ଼ା ଜିଲ୍ଲାରେ ଘଟିଥିବାରୁ ପୋଲିସ କେସ୍ ସିନାପାଲି ଥାନାରେ ହୋଇଥିବାରୁ ସ୍ଥାନୀୟ ପ୍ରଶାସନ ସାହାଯ୍ୟ କରିବାରେ ବିଳମ୍ବ ହୋଇ ପାରେ ବୋଲି କହିବା ପରେ ପରିବାର ଲୋକେ ଶବକୁ ନେଇ କଳାହାଣ୍ଡି-ନୂଆପଡା ଜିଲ୍ଲା ସୀମାନ୍ତ ଧିଙ୍ଗିଆମୁଣ୍ଡା ଠାରେ ରାସ୍ତା ରୋକ କରି ଧାରଣାରେ ବସିଥିଲେ। ଉକ୍ତ ରାସ୍ତା ଅବରୋଧକୁ ବ୍ଲକ ଯାଦବ ମହାସଭା ସମର୍ଥନ ଦେବା ସହିତ ବ୍ଲକ ସଭାପତି ଗିରିଧାରୀ ତେଜି ରାସ୍ତା ରୋକରେ ସାମିଲ ହୋଇଥିବା ବେଳେ ଜନ ସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜ ମଧ ସାମିଲ ହୋଇଥିଲେ। ପରବର୍ତ୍ତି ସମୟରେ ଘଟଣାସ୍ଥଳକୁ ସିନାପାଲି ଅତିରିକ୍ତ ତହସିଲଦାର ମନୋରଞ୍ଜ କେର୍କେଟା ଓ ସିନାପାଲି ଥାନା ଆଇଆଇସି ରଶ୍ମିତା ପ୍ରଧାନ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହିତ ବସ୍ ମାଲିକକୁ କ୍ଷତିପୂରଣ ବାବଦକୁ ନଗଦ ଏକ ଲକ୍ଷ ଟଙ୍କା ଓ ପରବର୍ତ୍ତି ସମୟରେ ବୀମା ଟଙ୍କା ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ। ରେଡକ୍ରସରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ଦୁଇ ହଜାର ଟଙ୍କା ସାହାର୍ଯ୍ୟ ପ୍ରଦାନ କରିବାପରେ ରାସ୍ତାରୋକ ହଟିଥିଲା।

## ରାଶିଫଳ


ଶୁକ୍ରବାର, ୧୩ ଜୁନ୍ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।




**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ। ମଧ୍ୟାହ୍ନ ଭୋଜନ ପରେ ଭଲ ଟ୍ରେଣ୍ଡ ଅଛି।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।




**ବିଛା:** ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ। ପରିବାର ସଦସ୍ୟଙ୍କ ସହିତ ପାର୍ଥକ୍ୟ ହୋଇପାରେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି। ପୁଞ୍ଜି ବିନିଯୋଗ ପାଇଁ ଷ୍ଟକ୍ ମାର୍କେଟ୍ ଆପଣଙ୍କ ପାଇଁ ଅନୁକୂଳ ହେବ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ । ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।




ଶ୍ରୀପତି ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯